
# ଧରିତ୍ରୀ
DHARITRI

ରାୟଗଡ଼ା, ଗୁରୁବାର, ଏପ୍ରିଲ ୧୧ /୨୦୧୯ (୧୬ ପୃଷ୍ଠା) Rayagada, Thursday, April 11 / 2019 ★

୯ମ ଭାଗ ୬୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-







"କଂଗ୍ରେସ ନେତାମାନଙ୍କୁ ଜେଲ୍‌ରେ ପୂରାଇବା ପାଇଁ ମୋତେ ଆଉ ୫ ବର୍ଷ ଦିଅ।"
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ




କୋଲକାତାର ରାସ୍ତାକଡ଼ କାନ୍ଥରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସପକ୍ଷରେ ପ୍ରଚାର କରାଯାଉଛି।



କର୍ଣ୍ଣାଟକସ୍ଥିତ ମହୀଶୂରର ନିର୍ବାଚନୀ ସଭାରେ ବିଏସ୍‌ପି ସୁପ୍ରିମୋ ମାୟାବତୀ।



ଆସାମର ଡିବ୍ରୁଗଡ଼ରେ ନିର୍ବାଚନର ଅବ୍ୟବହିତ ପୂର୍ବରୁ ନିର୍ବାଚନ ଅଧିକାରୀମାନେ ଇଭିଏମ୍ ନେଇ ବୁଥ୍‌କୁ ଯାଉଛନ୍ତି।

## ସଂକ୍ଷେପରେ

### ୫ମ ଥର ଲାଗି ପ୍ରଧାନମନ୍ତ୍ରୀ ହେଲେ ନେତାନ୍ୟାହୁ

**ଜେରୁଜେଲମ୍,୧୦।୪(ପି.ଟି.):** ବେଞ୍ଜାମିନ୍ ନେତାନ୍ୟାହୁ ୫ମ ଥର ଲାଗି ଇସ୍ରାଏଲ୍‌ର ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହୋଇଛନ୍ତି। ଦେଶର ସାଧାରଣ ନିର୍ବାଚନରେ ନେତାନ୍ୟାହୁଙ୍କ ଦଳ ରାଇଟ୍-ୱିଙ୍ଗ୍ ବ୍ଲକ୍ ୯୫% ଭୋଟ ପାଇବାପରେ ବୁଧବାର



ତାଙ୍କୁ ପ୍ରଧାନମନ୍ତ୍ରୀ ଭାବେ ଘୋଷଣା କରାଯାଇଥିଲା। ନେତାନ୍ୟାହୁଙ୍କ ରାଇଟ୍-ୱିଙ୍ଗ୍ ବ୍ଲକ୍‌ର ସଫଳତାରେ ପାଲେଷ୍ଟାଇନ୍ ଉଦ୍‌ବେଗ ପ୍ରକାଶ କରିଛି। ଅପରପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନେତାନ୍ୟାହୁଙ୍କ ପୁନଃ ବିଜୟ 'ଶାନ୍ତି ପାଇଁ ଶୁଭ ସଙ୍କେତ' ବୋଲି ବର୍ଣ୍ଣନା କରିଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନେତାନ୍ୟାହୁଙ୍କ ୫ମ ଥର ଲାଗି ବିଜୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି।

### ହସ୍ପିଟାଲ୍‌ରେ ଦଲାଇ ଲାମା



**ନୂଆଦିଲ୍ଲୀ,୧୦।୪(ପି.ଟି.):** ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମାଙ୍କୁ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ନେଇ ଦିଲ୍ଲୀସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୮୩ବର୍ଷ ବୟସ୍କ ଏହି ଆଧ୍ୟାତ୍ମିକ ନେତା ଧର୍ମଶାଳାରୁ ଚିକିତ୍ସା ପାଇଁ ସାକେତସ୍ଥିତ ମାକ୍ସ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଛନ୍ତି। ସେ ସାଧାରଣତଃ ନିୟମିତ ବ୍ୟବଧାନରେ ମାକ୍ସ ହସ୍ପିଟାଲ୍ ଆସି ସ୍ୱାସ୍ଥ୍ୟ ପରୀକ୍ଷା ନିରୀକ୍ଷା କରାଇଥାଆନ୍ତି ବୋଲି ହସ୍ପିଟାଲ୍ ସୂତ୍ରରୁ କୁହାଯାଇଛି।

### ମାଟି ଅତଡ଼ା ଧସିଲା ୧୦ ମହିଳା ଶ୍ରମିକ ମୃତ

**ହାଇଦ୍ରାବାଦ,୧୦।୪(ପି.ଟି.):** ତେଲେଙ୍ଗାନାର ନାରାୟଣପେଟ ଜିଲାରେ ମାଟି ଅତଡା ଧସିବା ଯୋଗୁ ୧୦ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏହି ମହିଳାମାନେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏ) ଯୋଜନାରେ କାମ କରୁଥିବାବେଳେ ମାଟି ଅତଡା ଧସିଯାଇଥିଲା। ଟିଲେରୁ ଗାଁର ୧୨ ମହିଳା ଶ୍ରମିକ କାମସାରି ଖାଇ ଦାଢ଼ରେ ବସି ରହିଥିଲେ। ସେମାନେ କିଛି ସମୟ ପରେ ମଧ୍ୟାହ୍ନଭୋଜନ କରିବାକୁ ଯାଇଥାଆନ୍ତେ। ସେମାନେ ଏମ୍‌ଜିଏନ୍‌ଆରଇଜିଏରେ ଏକ ଖାତ ଖୋଳିବା କାର୍ଯ୍ୟରେ ନିୟୋଜିତ ଥିବାବେଳେ ମାଟି ଅତଡା ଧସିବା ଯୋଗୁ ୬ରୁ ୮ ଫୁଟ କାଦୁଅ ଭିତରେ ପୋତିହୋଇ ପଡ଼ିଥିଲେ। ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ଏହି ଘଟଣାରେ ଗଭୀର ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।



# ଭାଜପା ଜିତିଲେ ଆଲୋଚନା ସମ୍ଭବ

## ଭୋଟ ପୂର୍ବରୁ ଇମ୍ରାନ୍‌ଙ୍କ ଚାଲାକି

**ଇସ୍‌ଲାମାବାଦ,୧୦।୪(ପି.ଟି.)**

ସାଧାରଣ ନିର୍ବାଚନ ପାଇଁ ଭାରତରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଥିବାବେଳେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ବୁଧବାର ଏକ ଚାଲାକ ମନ୍ତବ୍ୟ ଦେଇ ଝଡ଼ ସୃଷ୍ଟି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦଳ ଭାଜପା ନିର୍ବାଚନରେ ବିଜୟୀ ହେଲେ ଭାରତ ସହ ଶାନ୍ତି ଆଲୋଚନା ପାଇଁ ଭଲ ସୁଯୋଗ ସୃଷ୍ଟି ହେବ ଏବଂ କଶ୍ମୀର ସମସ୍ୟାର ସମାଧାନ ହୋଇପାରିବ ବୋଲି ଇମ୍ରାନ କହିଛନ୍ତି। ଏହାକୁ ନେଇ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ମୋଦି ଓ ଭାଜପାକୁ ଟାର୍ଗେଟ କରିଛନ୍ତି।



### ଘେରିଲେ ବିରୋଧୀ



ମୋଦିଙ୍କୁ ଭୋଟ ଦେଲେ ପାକିସ୍ତାନ ପାଇବ
–ରଣଦୀପ ସୁର୍ଜେୱାଲା

'ଚୌକିଦାର ଇମ୍ରାନ୍ ଖାନ୍' ସ୍ଲୋଗାନ୍ କେବେ ଦେଖିବାକୁ ମିଳିବ
–ଓମାର ଅବ୍‌ଦୁଲ୍ଲା





ଇମ୍ରାନ୍‌ଙ୍କୁ ପ୍ରଶଂସା କରିବେ କି ନାହିଁ ବୋଲି ଚିନ୍ତାରେ ଭକ୍ତ
–ମେହବୁବା ମୁଫ୍‌ତି

ମୋଦି ଜିତିଲେ ପାକିସ୍ତାନରେ ବାଣ ଫୁଟିବ
– ଅରବିନ୍ଦ କେଜ୍‌ରିୱାଲ



ପଡ଼ୋଶୀ ଦେଶ କାହାକୁ ଚାହୁଁଛି ଜଣାପଡ଼ିଲା
–ସୀତାରାମ ୟେଚୁରୀ



ଏପ୍ରିଲ ୧୧ରୁ ମେ ୧୯ ମଧ୍ୟରେ ଭାରତରେ ୭ ପର୍ଯ୍ୟାୟରେ ଭୋଟଗ୍ରହଣ କରାଯିବ। ପ୍ରଥମ ପର୍ଯ୍ୟାୟ ନିର୍ବାଚନର ଦିନକ ପୂର୍ବରୁ ଇମ୍ରାନ୍ କହିଛନ୍ତି, ଭାଜପା ନିର୍ବାଚନରେ ଜିତିଲେ ଭାରତ ସହ ଆଲୋଚନା ହୋଇପାରିବ। ଭାରତ–ପାକିସ୍ତାନ ମଧ୍ୟରେ ମୂଳ ପ୍ରସଙ୍ଗ କଶ୍ମୀରକୁ ନେଇ କିଛି ବନ୍ଦୋବସ୍ତ କରାଯାଇପାରିବ। କଶ୍ମୀର ପ୍ରସଙ୍ଗରେ ସମାଧାନ ପାଇଁ ଅନ୍ୟ ଦଳଗୁଡ଼ିକ ଦକ୍ଷିଣପନ୍ଥୀଙ୍କ ପ୍ରତିକ୍ରିୟାକୁ ଭୟ କରିବେ। ପ୍ରକାଶ ଯେ, ଭାରତ ଜମ୍ମୁ–କଶ୍ମୀରକୁ ନିଜ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଦାବି କରିବା ସହ ପାକିସ୍ତାନ ଏହାର କିଛି ଅଂଶ ଉପରେ ବେଆଇନ ଭାବେ ଦଖଲ କରୁଥିବା ଅଭିଯୋଗ ଆଣିଆସୁଛି। ଫେବୃୟାରୀ ୧୪ରେ ପୁଲ୍‌ୱାମା ଆକ୍ରମଣରେ ୪୯ ସିଆର୍‌ପିଏଫ୍ ଯବାନ ଶହୀଦ ହେବା ପରେ ବାଲାକୋଟସ୍ଥିତ ଆତଙ୍କବାଦୀ ଶିବିରରେ ୨୬ରେ ତାରିଖରେ ଭାରତୀୟ ବାୟୁସେନା ପକ୍ଷରୁ ବୋମାମାଡ଼ କରାଯାଇଥିଲା। ଏହାକୁ ନେଇ ଦୁଇଦେଶ ମଧ୍ୟରେ ବୃଦ୍ଧିପାଇଥିବା ଉତ୍ତେଜନା ସମ୍ପୂର୍ଣ୍ଣ ଭାବେ ପ୍ରଶମିତ ହୋଇନାହିଁ। ମୋଦି ଓ ଭାଜପା ନେତାମାନେ ବାଲାକୋଟ ଏୟାର ଷ୍ଟ୍ରାଇକ୍‌କୁ ନିର୍ବାଚନୀ ପ୍ରଚାର ବେଳେ ଭାଜପାର ପୁଞ୍ଜି ଭାବେ ବ୍ୟବହାର କରୁଥିବାବେଳେ ଇମ୍ରାନ୍‌ଙ୍କ ମନ୍ତବ୍ୟ ଏନ୍‌ଡିଏକୁ ଟାର୍ଗେଟ କରିବା ପାଇଁ ବିରୋଧୀଙ୍କୁ ସୁଯୋଗ ଦେଇଛି। କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା କହିଛନ୍ତି, ପ୍ରଥମେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ୍ ଶରିଫ୍‌ଙ୍କ ପ୍ରତି ମୋଦିଙ୍କ ପ୍ରେମ ଦେଖିବାକୁ ମିଳିଥିଲା। ଏବେ ଇମ୍ରାନ୍ ତାଙ୍କର ପ୍ରିୟବନ୍ଧୁ ପାଲଟିଛନ୍ତି। ସତ ଏବେ ସାମ୍ନାକୁ ଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଗୋଟିଏ ଭୋଟ ଦେଲେ ତାହା ପାକିସ୍ତାନକୁ ଦେବା ଭଳି ହେବ। ପାକିସ୍ତାନ ମୋଦିଙ୍କ ସହ ଆନୁଷ୍ଠାନିକ ଭାବେ ମେଣ୍ଟ କରିଥିବା ଇମ୍ରାନ୍‌ଙ୍କ ମନ୍ତବ୍ୟରୁ ସ୍ପଷ୍ଟ ହେଉଛି। ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ କହିଛନ୍ତି, ଭାରତର ସାଧାରଣ ନିର୍ବାଚନକୁ ପାକିସ୍ତାନ ପ୍ରଭାବିତ କରିବାକୁ ଉଦ୍ୟମ କରୁଛି। କେବଳ ପାକିସ୍ତାନ ମୋଦିଙ୍କ ନିର୍ବାଚନୀ ପ୍ରସଙ୍ଗ ପାଲଟିଛି ଓ ସେ ବିରୋଧୀଙ୍କ ସହ ପଡ଼ୋଶୀ ଦେଶକୁ ଯୋଡୁଛନ୍ତି। ଆଇଏସ୍‌ଆଇକୁ ପଞ୍ଜାବର ପଠାନ୍‌କୋଟ ବାୟୁସେନା ଘାଟିକୁ ନିମନ୍ତ୍ରଣ କରିଥିବା ଓ ଇସ୍‌ଲାମାବାଦ ଗସ୍ତ କରିଥିବା ପ୍ରଧାନମନ୍ତ୍ରୀଙ୍କ ସମର୍ଥନରେ ଏବେ ପାକିସ୍ତାନ ବାହାରିଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ପଡ଼ୋଶୀ ଦେଶ ଭାରତର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଭାବେ କାହାକୁ ଦେଖିବାକୁ ଚାହୁଁଛି ବୋଲି ୟେଚୁରୀ ଟୁଇଟ୍ କରିଛନ୍ତି। ସେହିପରି ନ୍ୟାଶନାଲ୍ କନ୍‌ଫରେନ୍ସ (ଏନ୍‌ସି) ଉପାଧ୍ୟକ୍ଷ ଓମାର ଅବ୍‌ଦୁଲ୍ଲା କହିଛନ୍ତି, ମୋଦିଙ୍କୁ ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ କରିବାକୁ ଇମ୍ରାନ୍ ଚାହୁଁଛନ୍ତି। ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ଟୁଇଟର୍ ହ୍ୟାଣ୍ଡଲରେ 'ଚୌକିଦାର ଇମ୍ରାନ୍ ଖାନ୍' ଲେଖାଥିବା ସ୍ଲୋଗାନ୍ କେତେ ଶୀଘ୍ର ଆମେ ଦେଖିବାକୁ ପାଇବୁ ବୋଲି ସେ ପ୍ରଶ୍ନ କରିଛନ୍ତି। ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଅଧ୍ୟକ୍ଷା ମେହବୁବା ମୁଫ୍‌ତି ଏହାକୁ ନାପସନ୍ଦ କରିଛନ୍ତି। ମୋଦିଙ୍କ ଭକ୍ତମାନେ ଇମ୍ରାନ୍‌ଙ୍କୁ ପ୍ରଶଂସା କରିବେ କି ନାହିଁ ସେନେଇ ଚିନ୍ତା କରୁଛନ୍ତି ବୋଲି ମେହବୁବା ଉପହାସ କରିଛନ୍ତି। ପାକିସ୍ତାନ ମୋଦିଙ୍କୁ କାହିଁକି ଜିତାଇବାକୁ ଚାହୁଁଛି। ପାକିସ୍ତାନ ସହ ତାଙ୍କର କେତେ ଗଭୀର ସମ୍ପର୍କ ତାହା ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରନ୍ତୁ। ମୋଦି ଜିତିଲେ ପାକିସ୍ତାନରେ ବାଣ ଫୁଟିବ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସମାଲୋଚନା କରିଛନ୍ତି। ଏହାକୁ ନେଇ ସୋସିଆଲ ମିଡିଆରେ ମଧ୍ୟ ଭାଜପା ଏବଂ ମୋଦିଙ୍କୁ ଟ୍ରୋଲ୍ କରାଯାଇଛି।

# ଆଜି ପ୍ରଥମ ପର୍ଯ୍ୟାୟ ନିର୍ବାଚନ

## ୨୦ ରାଜ୍ୟର ୯୧ ଆସନରେ ଭୋଟ

**ନୂଆଦିଲ୍ଲୀ,୧୦।୪(ପି.ଟି.)**

ଲୋକ ସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ଗୁରୁବାର ୨୦ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୯୧ ଆସନରେ ଭୋଟଗ୍ରହଣ କରାଯିବ। ସେଗୁଡ଼ିକ ହେଲା ଆନ୍ଧ୍ରପ୍ରଦେଶ (୨୫), ଅରୁଣାଚଳ (୨), ଆସାମ (୫), ବିହାର (୪), ଛତିଶଗଡ଼ (୧), ଜମ୍ମୁ ଓ କଶ୍ମୀର (୨), ମହାରାଷ୍ଟ୍ର (୭), ମଣିପୁର (୧), ମେଘାଳୟ (୨), ମିଜୋରାମ (୧), ନାଗାଲାଣ୍ଡ (୧), ଓଡ଼ିଶା (୪), ସିକିମ (୧), ତେଲେଙ୍ଗାନା (୧୭), ତ୍ରିପୁରା (୧), ୟୁପି (୮), ଉତ୍ତରାଖଣ୍ଡ (୫), ପଶ୍ଚିମବଙ୍ଗ (୨), ଆଣ୍ଡାମାନ (୧) ଏବଂ ଲାକ୍ଷାଦ୍ୱୀପର ଗୋଟିଏ ଆସନ।

ନିରପେକ୍ଷ ଓ ଅବାଧ ମତଦାନ ପାଇଁ ନିର୍ବାଚନ କମିଶନ (ଇସି) ଏବଂ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଅଧିକାଂଶ ରାଜ୍ୟରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ଯାଏ ଭୋଟଗ୍ରହଣ କରାଯିବ। ମାଓବାଦୀ ପ୍ରଭାବିତ ରାଜ୍ୟ ଓ ଉତ୍ତର–ପୂର୍ବ ରାଜ୍ୟଗୁଡ଼ିକରେ ସକାଳ ୭ଟାରୁ ଅପରାହ୍ନ ୫ଟା ଏବଂ ସ୍ଥଳବିଶେଷରେ ୪ଟା ପର୍ଯ୍ୟନ୍ତ ମତଦାନ ହେବ। ସେହିପରି କେତେକ ରାଜ୍ୟ ବିଧାନସଭା ପାଇଁ ମଧ୍ୟ ନିର୍ବାଚନ ହେବ। ସେଗୁଡ଼ିକ ହେଲା ଆନ୍ଧ୍ରପ୍ରଦେଶର ୧୭୫ ଆସନ, ସିକିମ୍‌ର ୩୨, ଅରୁଣାଚଳ ପ୍ରଦେଶ ବିଧାନସଭାର ୬୦ ଏବଂ ଓଡ଼ିଶାର ୨୮ ଆସନ। ଏହି ରାଜ୍ୟଗୁଡ଼ିକରେ ଲୋକ ସଭା ଓ ବିଧାନସଭା ନିମନ୍ତେ ସମାନ ସମୟରେ ଏକସଙ୍ଗେ ଭୋଟଗ୍ରହଣ କରାଯିବ।

## ସମର୍ଥନ ଲାଗି ମନ୍ତ୍ରୀଙ୍କ 'ନାଗିନ ନୃତ୍ୟ'

**ବେଙ୍ଗାଲୁରୁ,୧୦।୪(ପି.ଟି.)**

ଭୋଟରଙ୍କ ସମର୍ଥନ ହାସଲ ଲାଗି କର୍ଣ୍ଣାଟକ ଗୃହ ନିର୍ମାଣ ମନ୍ତ୍ରୀ ଏମ୍‌ଟିବି ନାଗରାଜ ହିନ୍ଦୀ ସିନେମା 'ନାଗିନ'ର ଲୋକପ୍ରିୟ ସ୍ୱର ତାଳେ ତାଳେ ନୃତ୍ୟ କରିଥିଲେ। ଏହି ଦୃଶ୍ୟ ଦେଖଣାହାରୀଙ୍କୁ ଖୁବ୍ ମୁଗ୍ଧ କରିବା ସହିତ ଏହାର ଭିଡିଓ ଭାଇରାଲ ହାଇଛି। ନାଗରାଜ ଟାଇଟଲ୍‌ଧାରୀ ଏହି ବ୍ୟକ୍ତି ତାଙ୍କ ସମର୍ଥକଙ୍କ ସହିତ ମଙ୍ଗଳବାର ସଂଧ୍ୟାରେ ହସ୍‌କୋଟସ୍ଥିତ କାଟିଗେନାହାଲି ଗାଁକୁ ଯାଇଥିଲେ। କଂଗ୍ରେସ ପ୍ରାର୍ଥୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ବୀରାପ୍ପା ମୋଇଲି ଚିକାବାଲାପୁରା ଲୋକ ସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ସେ କଂଗ୍ରେସ ପ୍ରାର୍ଥୀଙ୍କ ନିମନ୍ତେ ଭୋଟଭିକ୍ଷା କରିଥିଲେ। ମନ୍ତ୍ରୀଙ୍କର ସମର୍ଥକମାନେ ଏକ ମ୍ୟୁଜିକ୍ ବ୍ୟାଣ୍ଡର ନାଗିନ ସ୍ୱର ତାଳରେ ନୃତ୍ୟ କରୁଥିବା ଦେଖାଯାଇଥିଲା। ୧୦ ମିନିଟ୍‌ରେ ଏହି ନୃତ୍ୟର ଭିଡିଓ ଭାଇରାଲ୍ ହୋଇଛି।





# ଅମେଠିରୁ ପ୍ରାର୍ଥୀ ହେଲେ ରାହୁଲ

**ଅମେଠି,୧୦।୪(ପି.ଟି.)**


କେରଳର ୱାୟନାଡ୍ ପରେ ଉତ୍ତରପ୍ରଦେଶର ଅମେଠି ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ। ନାମାଙ୍କନପତ୍ର ଦାଖଲ ପୂର୍ବରୁ ପୂରା ଗାନ୍ଧୀ, ଭଦ୍ରା ପରିବାର ରାହୁଲଙ୍କ ସହ ରୋଡ୍ ଶୋ'ରେ ଜିଲାପାଳଙ୍କ ନିକଟକୁ ଯାଇଥିଲେ। ଗାନ୍ଧୀ ପରିବାରର ଦୁର୍ଗ ଭାବେ ପରିଚିତ ଅମେଠିରୁ ପ୍ରାର୍ଥୀ ହେବାବେଳେ ସମସ୍ତେ ରାହୁଲଙ୍କ ସହ ଅଛନ୍ତି ବୋଲି ଏହା ଏକ ସନ୍ଦେଶ। ଗାନ୍ଧୀ ପରିବାର ପାଇଁ ଏହି ଆସନ କେତେ ଗୁରୁତ୍ୱପୂର୍ଣ୍ଣ ଦଳର ସ୍ଥାନୀୟ ନେତାଙ୍କ ଉପସ୍ଥିତି ତାହା ଜଣାଇବା ଲାଗି ପର୍ଯ୍ୟାପ୍ତ ଥିଲା। ଅମେଠିରୁ ୩ ଥର ଏମ୍‌ପି ହୋଇଥିବା ରାହୁଲ କଂଗ୍ରେସ ସାଧାରଣ ସମ୍ପାଦକ ତଥା ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ବ୍ୟବସାୟୀ ତଥା ଭିଣୋଇ ରବର୍ଟ ଭଦ୍ରାଙ୍କ ସହ ରୋଡ୍ ଶୋ କରିଛନ୍ତି। ରୋଡ୍ ଶୋ ବେଳେ ପ୍ରିୟଙ୍କାଙ୍କ ଝିଅ ମିରାୟା ଓ ପୁଅ ରେହାନ ମଧ୍ୟ ଉପସ୍ଥିତ ଥିଲେ। ଏକ ଖୋଲା ଗାଡ଼ିରେ ୩ କି.ମି. ଯାତ୍ରା କରିବା ପରେ ରାହୁଲଙ୍କ ସହ ସେମାନେ ଜିଲାପାଳଙ୍କ ନିକଟକୁ ଯାଇଥିଲେ। ଉପା ଅଧ୍ୟକ୍ଷା ତଥା ମା' ସୋନିଆ ଗାନ୍ଧୀ ରୋଡ୍ ଶୋ'ରେ ସାମିଲ ନ ଥିଲେ ବି ରାହୁଲଙ୍କ ପାଇଁ ଜିଲାପାଳ ଅଫିସକୁ ଯାଇଥିଲେ। ସେଠାରେ ରାହୁଲ ନାମାଙ୍କନପତ୍ର ଦାଖଲ କରିଥିଲେ।

## ଇତିହାସର ଆଇନାରେ

### ଏପ୍ରିଲ ୧୧ର ପ୍ରମୁଖ ଘଟଣା

୨୦୦୬ ଏପ୍ରିଲ ୧୧ରେ ଇରାନ୍ ୟୁରାନିୟମ୍ ଦକ୍ଷତା ହାସଲ କରିଥିବା ଘୋଷଣା କଲେ ରାଷ୍ଟ୍ରପତି ମେହମୁଦ୍ ଅହମଦିନେଜାଦ୍। ଏହି ମୂଲ୍ୟବାନ ରାସାୟନିକ ଉପାଦାନକୁ ଆଣବିକ ଯୁଦ୍ଧାସ୍ତ୍ର ନିର୍ମାଣ ପାଇଁ ବ୍ୟବହାର କରାଯାଏ। ଏହାର ରାସାୟନିକ ପ୍ରତୀକ ଇଂଲିଶ ଅକ୍ଷର 'ୟୁ' ଏବଂ ଏହାର ପାରମାଣବିକ କ୍ରମାଙ୍କ ୯୨।

୨୦୦୭ ଏପ୍ରିଲ ୧୧ରେ ଆଲଜେରିଆର ରାଜଧାନୀ ଆଲଜିୟର୍ସରେ ଦୁଇଟି ଆତ୍ମଘାତୀ ବୋମା ବିସ୍ଫୋରଣ ଯୋଗୁ ୩୩ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୨୨୨ ଆହତ ହୋଇଥିଲେ। ଆଲଜେରିଆର ପ୍ରଧାନମନ୍ତ୍ରୀଙ୍କ ମୁଖ୍ୟ କାର୍ଯ୍ୟାଳୟକୁ ଲକ୍ଷ୍ୟକରି ଏହି ଆକ୍ରମଣ କରାଯାଇଥିଲା। ଆକ୍ରମଣର ଶବ୍ଦ ଏତେ ପ୍ରଚଣ୍ଡ ଥିଲା ଯେ, ଏହା ୧୦କିଲୋମିଟର ଦୂରତା ପର୍ଯ୍ୟନ୍ତ ଶୁଭିଥିଲା। ଆଉ ଏକ ବିସ୍ଫୋରଣ ଉକ୍ତ ନଗରୀର ପୂର୍ବ ଭାଗରେ ଏକ ଥାନାକୁ ଲକ୍ଷ୍ୟ କରି କରାଯାଇଥିଲା।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–**ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘମୁକ୍ତ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୦ | ୨୧.୪ |
| ଚାନ୍ଦବାଲି | ୩୬.୩ | ୨୭.୦ |
| କଟକ | ୩୬.୦ | ୨୨.୪ |
| ପାରାଦ୍ୱୀପ | ୩୧.୯ | ୨୭.୭ |
| ଭୁବନେଶ୍ୱର | ୩୬.୪ | ୨୩.୯ |
| ଗୋପାଳପୁର | ୩୧.୫ | ୨୪.୭ |
| ପୁରୀ | ୩୨.୮ | ୨୬.୮ |
| ଅନୁଗୋଳ | ୪୦.୧ | ୧୮.୬ |
| ବାରିପଦା | ୩୫.୦ | ୨୨.୫ |
| ଝାରସୁଗୁଡ଼ା | ୪୦.୨ | ୨୩.୨ |
| କେନ୍ଦୁଝର | ୩୫.୮ | ୨୨.୫ |
| ସମ୍ବଲପୁର | ୩୯.୦ | ୨୧.୧ |
| ସୁନ୍ଦରଗଡ଼ | ୩୮.୦ | ୨୨.୦ |
| ହୀରାକୁଦ | ୩୮.୯ | ୨୨.୦ |
| ତାଳଚେର | ୪୧.୧ | ୨୧.୭ |
| ଭବାନୀପାଟଣା | ୪୦.୩ | ୨୨.୦ |
| ବଲାଙ୍ଗୀର | ୪୧.୦ | ୨୦.୬ |
| କୋରାପୁଟ | ୩୫.୪ | ୧୬.୪ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୪୧.୫ | ୨୧.୦ |
| ମାଲକାନଗିରି | ୪୧.୨ | ୧୮.୫ |
| ସୋନପୁର | ୪୧.୨ | ୨୦.୦ |
| ଦାରିଙ୍ଗିବାଡ଼ି | ୩୫.୦ | --- |

ଡିଗ୍ରୀ ସେଲ୍‌ସିୟସ୍

# ଭାଜପା ସପକ୍ଷରେ ୯୦୦ କଳାକାର

## ମଜଭୁତ ସରକାର ପାଇଁ ଭୋଟ ଦେବାକୁ ନିବେଦନ

**ନୂଆଦିଲ୍ଲୀ,୧୦।୪(ପି.ଟି.):** ଭାରତୀୟ ଜନତା ପାର୍ଟି ସପକ୍ଷରେ ଭୋଟ ଦେବାକୁ ୯୦୦ରୁ ଅଧିକ କଳାକାର ଦେଶର ଜନସାଧାରଣଙ୍କୁ ନିବେଦନ କରିଛନ୍ତି। କଳାକାର ଗୋଷ୍ଠୀରେ ସାମିଲ ଅଛନ୍ତି ପଣ୍ଡିତ ଯଶ୍‌ରାଜ, ବିବେକ ଓବେରୟ ଏବଂ ରୀତା ଗାଙ୍ଗୁଲିଙ୍କ ସମେତ ଅନ୍ୟମାନେ। ସେମାନେ ବୁଧବାର ଏକ ମିଳିତ ବିବୃତି ଜାରି କରି ସେଥିରେ ଉଲ୍ଲେଖ କରିଛନ୍ତି ବର୍ତ୍ତମାନ ଦେଶ ଏକ 'ମଜବୁର ସରକାର' ନୁହେଁ ବରଂ 'ମଜଭୁତ ସରକାର' ଚାହେଁ। ଦେଶର ଜନସାଧାରଣ କୌଣସି ଚାପର ବଶବର୍ତ୍ତୀ ନ ହୋଇ ସେମାନଙ୍କ ମତାଧିକାର ସାବ୍ୟସ୍ତ କରନ୍ତୁ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ ସରକାର ଜାରି ରହିବା ବର୍ତ୍ତମାନ ସମୟରେ ଜରୁରୀ ହୋଇପଡିଛି। ଏତଦ୍‌ଭିନ୍ନ ଆତଙ୍କବାଦ ଭଳି ଆହ୍ୱାନ ଆମ ସମସ୍ତଙ୍କ ସମ୍ମୁଖରେ ଉଭା ହୋଇଥିବାବେଳେ ଏହାର ମୁକାବିଲା ପାଇଁ ଆମେ କେନ୍ଦ୍ରରେ ଦୁର୍ବଳ ସରକାର ନୁହେଁ ବରଂ ଏକ ମଜଭୁତ ସରକାର ଆବଶ୍ୟକ କରୁ। ସେହି ଦୃଷ୍ଟିରୁ ବର୍ତ୍ତମାନର ସରକାର ଜାରି ରହିବା ଆବଶ୍ୟକ। ଏଥିପାଇଁ ଏକ ମିଳିତ ବିବୃତି ଜାରି କରିଛନ୍ତି ଶଙ୍କର ମହାଦେବନ୍, ତ୍ରିଲୋକି ନାଥ ମିଶ୍ର, କୋଏନା ମିତ୍ର, ଅନୁରାଧା ପଡ଼ୱାଲ ଏବଂ ହଂସରାଜ ହଂସ ପ୍ରମୁଖ। ଏଥିରେ କୁହାଯାଇଛି, ବିଗତ ପାଞ୍ଚ ବର୍ଷ ମଧ୍ୟରେ ଭାରତ ଏଭଳି ସରକାର ଦେଖିଆସିଛି, ଯିଏ ଦୁର୍ନୀତିମୁକ୍ତ ତଥା ଭଲ ଶାସନ ପରିଚାଳନା ଏବଂ ବିକାଶମୁଖୀ ପ୍ରଶାସନ ଦେଇଆସିଛି।



ଧରିତ୍ରୀ
DHARITRI

ରାୟଗଡ଼ା, ଗୁରୁବାର, ଏପ୍ରିଲ ୧୧ /୨୦୧୯    Rayagada, Thursday, April 11 / 2019




## ବିଜୁ ଜନତା ଦଳ
## ଓଡ଼ିଶାବାସୀଙ୍କ ବଳ



ଏଠି ଲୋକ ହିଁ ହାଇକମାଣ୍ଡ ।
ସେମାନେ ହିଁ ନିଷ୍ପତ୍ତି କରନ୍ତି
ତାଙ୍କ ଭଲ ପାଇଁ କ'ଣ ଦରକାର ।

ସେମାନେ ହିଁ କରିଛନ୍ତି ନବୀନଙ୍କୁ ତାଙ୍କ ନେତା ।

ଏଠି ତାଙ୍କ ପାଇଁ କାମ କରୁଛନ୍ତି,
ସେଠି ଓଡ଼ିଶାର ସ୍ୱାର୍ଥ ପାଇଁ ଲଢୁଛନ୍ତି ।

ଏଠି ଚାଲିଛି ଲୋକଙ୍କ ସରକାର ।
ଲୋକେ ବୁଝିଛନ୍ତି
ଓଡ଼ିଶାର ପ୍ରଗତି ପାଇଁ ସ୍ଥିରତା ଦରକାର ।
ସ୍ଥିରତା ପାଇଁ ନବୀନ ଦରକାର ।

ନବୀନଙ୍କୁ ଭୋଟ୍ ଦେବା
ଓଡ଼ିଶାରେ ପ୍ରଗତିର ଧାରା ବଜାୟ ରଖିବା ।
ଓଡ଼ିଶାର ହକ୍ ପାଇଁ ଲଢ଼ିବା ।

# ନବୀନ ମୋର ପରିବାର
# 'ଶଙ୍ଖ' ମୋର ଚିହ୍ନ

'ଶଙ୍ଖ' ଚିହ୍ନରେ ଭୋଟ୍ ଦିଅନ୍ତୁ । ଦୁଇଥର । ଥରେ ଏମ୍.ପି.ପାଇଁ । ଥରେ ଏମ୍.ଏଲ୍.ଏ ପାଇଁ ।

Issued by: Biju Janata Dal, Odisha

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସୋନୁ
ପରିବାରବର୍ଗ


ସତ୍ୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



### ଶଙ୍କରାଚାର୍ଯ୍ୟଙ୍କ ମତ

# ଶ୍ରୀମନ୍ଦିର ଆଇନ ସଂଶୋଧନ ଲୋଡ଼ା

- ପରିଚାଳନା ଦାୟିତ୍ୱ ମଠକୁ ଦିଆଯାଉ
- ମଠ ଓ ଶଙ୍କରାଚାର୍ଯ୍ୟ ଉପେକ୍ଷିତ

ପୁରୀ ଅଫିସ,୧୦।୪

ଶ୍ରୀମନ୍ଦିରର ନିଜସ୍ୱ ସମ୍ବିଧାନ ନାହିଁ। ଶୁଣି ଶୁଣି ଯେଉଁ ସମ୍ବିଧାନ ପ୍ରସ୍ତୁତ କରାଯାଏ, ତାହା ସମ୍ବିଧାନ ନୁହେଁ। ଶ୍ରୀମନ୍ଦିର ରୀତିନୀତି, ବୈଦିକ ଓ ଆଧାତ୍ମିକ ପରମ୍ପରା ଅନୁସାରେ ହେବା ଦରକାର। କାହାଠାରୁ ଶୁଣି, ତାହାକୁ ପରମ୍ପରା ଭାବେ ଗ୍ରହଣ କରିବା ଉଚିତ ନୁହଁ। ତେଣୁ ଶ୍ରୀମନ୍ଦିରର ଆଇନ ସଂଶୋଧନ ହେବା ଆବଶ୍ୟକ ବୋଲି ଶ୍ରୀମନ୍ଦିର ସଂସ୍କାର ପ୍ରସଙ୍ଗ ନେଇ ବୁଧବାର ଗୋବର୍ଦ୍ଧନ ମଠରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜ ମତବ୍ୟକ୍ତ କରିଛନ୍ତି।


ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ

ସେ କହିଛନ୍ତି ଯେ, ଭଗବତ୍ ପାଦ ଶଙ୍କରାଚାର୍ଯ୍ୟ ଶ୍ରୀମନ୍ଦିରରେ ଦାରୁ ବିଗ୍ରହଙ୍କ ପୁନଃ ପ୍ରତିଷ୍ଠା କରି ସେବା ପରମ୍ପରା ଆରମ୍ଭ କରିଥିଲେ। ସେହି ସମୟରେ ଶ୍ରୀମନ୍ଦିର ପରିଚାଳନା ଲାଗି ଗୋବର୍ଦ୍ଧନ ମଠର ମଠାଧୀଶଙ୍କୁ ଦାୟିତ୍ୱ ଦେଇଥିଲେ। ମାତ୍ର ବର୍ତ୍ତମାନ ଶଙ୍କରାଚାର୍ଯ୍ୟଙ୍କୁ ସମ୍ପୂର୍ଣ୍ଣ ଭାବେ ଉପେକ୍ଷା କରାଯାଉଛି। ଶ୍ରୀମନ୍ଦିର ସଂସ୍କାର ପ୍ରସଙ୍ଗରେ ତାଙ୍କର କୌଣସି ମତ ନିଆଯାଉନାହିଁ। ଋଗ୍‌ବେଦ ସହ ଜଡିତ ଏହି ମଠର ଏକ ଐତିହ୍ୟ ପରମ୍ପରା ରହିଛି। ଅଥଚ ଏହି ପବିତ୍ର ପୀଠ ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅବହେଳା କରୁଛନ୍ତି। ଶ୍ରୀମନ୍ଦିର ଧାର୍ମିକ ଓ ଆଧାତ୍ମିକ ଦୃଷ୍ଟିରୁ ଏକ ପବିତ୍ର ସ୍ଥାନ। ଏହାର ପରମ୍ପରା ଧାର୍ମିକ ଓ ଆଧାତ୍ମିକ ବିଧିବିଧାନ ଅନୁସାରେ କରାଯିବା ଉଚିତ। କୌଣସି ସରକାର ଧାର୍ମିକ ସ୍ଥାନ ଉପରେ ହସ୍ତକ୍ଷେପ କରିବା ଅନୁଚିତ। ପୋପ୍ ଓ ଦଲାଇଲାମା କୌଣସି କଥା କହିଲେ, ତାହାକୁ ଗୁରୁତ୍ୱ ଦିଆଯାଉଛି, ମାତ୍ର ଏହି ପୀଠର ଶଙ୍କରାଚାର୍ଯ୍ୟଙ୍କୁ ଉପେକ୍ଷା କରାଯାଉଛି। ଏହା କେତେଦୂର ଯୁକ୍ତିଯୁକ୍ତ ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଲେ ଯେ, ରଥଯାତ୍ରାରେ ରଥାରୂଢ ଶ୍ରୀଜୀଉଙ୍କ ରଥକୁ କିଏ ଚଢିବା ଲାଗି ଅଧିକୃତ, କିଏ ଅନଧିକୃତ ତାହାର ବିଧିବିଧାନ ରହିଛି। ମାତ୍ର ତାହାକୁ କାର୍ଯ୍ୟକାରୀ କରାଯାଉନାହିଁ। ରଥାରୂଢ ଶ୍ରୀଜୀଉଙ୍କ ରଥକୁ ସୂର୍ଯ୍ୟାସ୍ତ ପରେ ଟାଣିବା ବିଧି ନ ଥିବାବେଳେ ଏଥିରେ ବ୍ୟତିକ୍ରମ ଘଟୁଛି। ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇ ରଥକୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଟାଣିନିଆଯାଉଛି। ବିଧି ବିଧାନ ଅନୁଯାୟୀ ଏହା ଅନୁଚିତ। ପୁରୀର ତତ୍କାଳୀନ ଜିଲାପାଳ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୁରେଶ ମହାପାତ୍ରଙ୍କ ସମୟରେ ଶ୍ରୀମନ୍ଦିର ସଂସ୍କାର କିମ୍ବା ପରିଚାଳନା କ୍ଷେତ୍ରରେ ଶଙ୍କରାଚାର୍ଯ୍ୟଙ୍କ ମତାମତ ନିଆଯାଇ ନ ଥିଲା। ଏହାଦ୍ୱାରା ତାଙ୍କୁ ଅପମାନିତ କରାଯାଇଛି। ଶ୍ରୀମନ୍ଦିର ସଂସ୍କାର ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ନିଜସ୍ୱ ମତ ରଖିଥିବା ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ କହିଛନ୍ତି। ଶ୍ରୀମନ୍ଦିରର ସମ୍ପୂର୍ଣ୍ଣ ପରିଚାଳନା ଭାର ତୁଲାଇବା ଲାଗି ଶଙ୍କରାଚାର୍ଯ୍ୟ ମଠ ସକ୍ଷମ। ଶଙ୍କରାଚାର୍ଯ୍ୟଙ୍କ ମାର୍ଗଦର୍ଶନରେ ପୁନଃ ଶ୍ରୀମନ୍ଦିର ପରିଚାଳନା ଶୃଙ୍ଖଳିତ ଢଙ୍ଗରେ ହୋଇପାରିବ। ଭୌତିକ ବିକାଶ ଦ୍ୱାରା ନୁହେଁ ବରଂ ବୈଦିକ ଓ ଆଧାତ୍ମିକ ବିକାଶ ହେଲେ ଦେଶର ପ୍ରଗତି ସମ୍ଭବ ବୋଲି ସେ କହିଛନ୍ତି।

### ଆଜି ପ୍ରଥମ ପର୍ଯ୍ୟାୟ ଭୋଟ




# ବିଜେଡିର ନିର୍ବାଚନୀ ଇସ୍ତାହାରରେ ସରକାରୀ କଳର ବ୍ୟବହାର ଅଭିଯୋଗ

- ମୁଖ୍ୟମନ୍ତ୍ରୀଙ୍କ ନାମରେ ଥାନାରେ ଏତଲା ଦେଲା ଭାଜପା
- ଅଭ୍ୟାସଗତ ଭାବେ ଭାଜପା ମିଛ କହି ଆସୁଛି: ବିଜେଡି

ଭୁବନେଶ୍ୱର ୧୦।୪ (ବ୍ୟୁରୋ)

ବିଜେଡି ତା'ର ନିର୍ବାଚନୀ ଇସ୍ତାହାରରେ ସରକାରୀ ଲୋଗୋ ଓ ୱେବ୍‌ସାଇଟ୍ ବ୍ୟବହାର କରିଛି। ସରକାରୀ ଅର୍ଥଖର୍ଚ୍ଚରେ ଇସ୍ତାହାର ପ୍ରସ୍ତୁତ କରାଯାଇଥିବା ଅଭିଯୋଗ ଆଣି ଭାଜପା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନାମରେ ଖାରବେଳନଗର ଥାନାରେ ଅଭିଯୋଗ କରିଛି।

ବୁଧବାର ଅପରାହ୍ନରେ ଭାଜପା ଉପସଭାପତି ସମୀର ମହାନ୍ତି, ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାରଙ୍କ ସମେତ କେତେଜଣ ନେତା ଥାନାରେ ପହଞ୍ଚି ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ସରକାରୀ ଅର୍ଥ ଖର୍ଚ୍ଚ କରାଯାଇ ଗତ ୮ ତାରିଖ ଦିନ ବିଭିନ୍ନ ଇଂଲିଶ ଗଣମାଧ୍ୟମରେ ବିଜ୍ଞାପନ ପ୍ରକାଶ ପାଇଛି। ଉକ୍ତ ବିଜ୍ଞାପନକୁ ଇସ୍ତାହାର ଆକାରରେ ବିଜେଡି ପ୍ରକାଶ କରିଛି। ସାଧାରଣ ଭୋଟରଙ୍କୁ ଆକୃଷ୍ଟ ତଥା ପ୍ରଭାବିତ କରିବା ପାଇଁ ବିଜେଡି ଇସ୍ତାହାରର ଦ୍ୱିତୀୟ ପୃଷ୍ଠାରେ ସରକାରୀ ଲୋଗୋ ରହିବା ସହ ସରକାରୀ ୱେବ୍‌ସାଇଟ୍‌କୁ ରେଫର କରାଯାଇଛି। ଏହା ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଛି। ଆଇପିସି ଦଫା ୪୬୩, ୪୬୪ ଅନୁସାରେ ଅପରାଧ। ତେଣୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତିଙ୍କ ନିକଟରେ ସେମାନେ କରିଛନ୍ତି।

ଭାଜପା ଉପସଭାପତି ମହାନ୍ତି କହିଛନ୍ତି, ବିଜେଡିର ନିର୍ବାଚନ ଇସ୍ତାହାର ହେଉଛି ସାଢ଼େ ୪ କୋଟି ଓଡ଼ିଆଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଥିବା ପ୍ରତାରଣାର ଶ୍ୱେତପତ୍ର। ଦୀର୍ଘ ୧୯ବର୍ଷ ହେଲା ମୁଖ୍ୟମନ୍ତ୍ରୀ କେବଳ ସୁନେଲି ସ୍ୱପ୍ନ ଦେଖେଇ ଓଡ଼ିଆ ଲୋକଙ୍କୁ ଠକି ଆସିଛନ୍ତି। ବିଜେଡି ପ୍ରକାଶ କରିଥିବା ନିର୍ବାଚନୀ ଇସ୍ତାହାର ତାହାର ନମୁନା। ମିଛ କହି ଓଡ଼ିଆଙ୍କୁ ଠକି ଆସିଥିବା ବିଜେଡି ଚଳିତ ନିର୍ବାଚନ ଇସ୍ତାହାରରେ ଆହୁରି ନୂଆ ଠକାମିର ରାସ୍ତା ପ୍ରସ୍ତୁତ କରିଛି। ବିଜେଡି ଇସ୍ତାହାରରେ ମହିଳା ସଶକ୍ତୀକରଣ କଥା କହୁଥିବାବେଳେ ନିଜେ ମୁଖ୍ୟମନ୍ତ୍ରୀ ହେଉଛନ୍ତି ମହିଳା ଉତ୍ପୀଡନକାରୀ ଅଭିଯାନର ସାରଥି ବୋଲି ମହାନ୍ତି କହିଛନ୍ତି। ଏହାର ଜବାବରେ ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ଅଭ୍ୟାସଗତ ଭାବେ ଭାଜପା ମିଛ କହି ଆସୁଛି। ତେଣୁ ତାଙ୍କୁ ଇସ୍ତାହାର ପୃଷ୍ଠା ଏବଂ ସରକାରୀ ୱେବ୍‌ସାଇଟ୍ ପୃଷ୍ଠା ମଧ୍ୟରେ ଫରକ ନଜର ଆସୁନାହିଁ। ବିଜେଡି ପକ୍ଷରୁ କୌଣସି ନିୟମ ଉଲ୍ଲଂଘନ ହୋଇନାହିଁ। ଏପରିକି ଭାଜପା ମିଛ ଅଭିଯୋଗ ଆଣିଥିବା ଦର୍ଶାଇ ସମୀର, ଲେଖାଶ୍ରୀ ଏବଂ ଗୋଲକଙ୍କ ନାମରେ ବିଜେଡି ପକ୍ଷରୁ ସସ୍ମିତ ଖାରବେଳନଗର ଥାନାରେ ଅଭିଯୋଗ କରିଛନ୍ତି।

## ନିର୍ବାଚନ ସମୟରେ ପରୀକ୍ଷା

# ଛାତ୍ରୀଛାତ୍ରଙ୍କୁ ମତଦାନରୁ ବଞ୍ଚିତ କରାଯାଉଛି

ଭୁବନେଶ୍ୱର,୧୦।୪(ବ୍ୟୁରୋ)

ମତଦାନ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କର ଅଧିକାର। ତେଣୁ ଏହି ସମୟରେ କୌଣସି ଶିକ୍ଷାନୁଷ୍ଠାନରେ ପରୀକ୍ଷା ରଖାଯିବା ଉଚିତ ନୁହେଁ। ଯଦି ରଖାଯାଏ, ତା'ହେଲେ ଉକ୍ତ ଶିକ୍ଷାନୁଷ୍ଠାନର ଯୋଗ୍ୟ ଛାତ୍ରୀଛାତ୍ରଙ୍କ ସହ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ମତଦାନରୁ ବଞ୍ଚିତ ରହିବେ। ତେବେ ଚଳିତ ନିର୍ବାଚନରେ ଓଡ଼ିଶାର କେତେକ ବଡ଼ ଶିକ୍ଷାନୁଷ୍ଠାନରେ ଦେଖାଦେଇଛି ବ୍ୟତିକ୍ରମ। ଭୁବନେଶ୍ୱରସ୍ଥିତ କିଟ୍ ଓ ସୋଆ, ଏନ୍‌ଆଇଟି ରାଉରକେଲା ଏବଂ ଜୟପୁରସ୍ଥିତ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ ଆଦି ୪ ଶିକ୍ଷାନୁଷ୍ଠାନରେ ନିର୍ବାଚନ ସମୟରେ ପରୀକ୍ଷା ରଖାଯାଇଥିବା ଜଣାପଡ଼ିଛି।

ସାରା ଭାରତରେ ଏପ୍ରିଲ ୧୧ରୁ ମେ ୧୯ ପର୍ଯ୍ୟନ୍ତ ୭ଟି ପର୍ଯ୍ୟାୟରେ ଭୋଟ ଗ୍ରହଣ ହେବ ବୋଲି ଇଲେକ୍ସନ କମିଶନ ଅଫ୍ ଇଣ୍ଡିଆ(ଇସିଆଇ) ଘୋଷଣା କରିଛି। ଓଡ଼ିଶାରେ ଏପ୍ରିଲ ୧୧ରୁ ୨୯ ପର୍ଯ୍ୟନ୍ତ ୪ଟି ପର୍ଯ୍ୟାୟରେ ଭୋଟ ଗ୍ରହଣ କରାଯିବ। ଏଠାରେ ଥିବା ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ କେବଳ ଓଡ଼ିଶାର ପିଲା ନୁହନ୍ତି, ବାହାର ରାଜ୍ୟରୁ ମଧ୍ୟ ପିଲାମାନେ ଆସି ପାଠ ପଢ଼ିଥାଆନ୍ତି। ହେଲେ ଏଥର ସାଧାରଣ ନିର୍ବାଚନରେ କେତେକ ଶିକ୍ଷାନୁଷ୍ଠାନରେ ପରୀକ୍ଷା ରଖାଯାଇଥିବାରୁ ଉକ୍ତ ଛାତ୍ରୀଛାତ୍ର ମତଦାନରୁ ବଞ୍ଚିତ ରହିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏନ୍‌ଆଇଟି ରାଉରକେଲା ଏପ୍ରିଲ ୨୩ରୁ ୩୦ ପର୍ଯ୍ୟନ୍ତ ପରୀକ୍ଷା ପାଇଁ କାର୍ଯ୍ୟସୂଚୀ ରଖିଥିବା ବେଳେ ସେପଟେ ଏପ୍ରିଲ ୨୩ରେ ଓଡ଼ିଶାର ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, କଟକ, ପୁରୀ ଓ ଭୁବନେଶ୍ୱରରେ ନିର୍ବାଚନ ରହିଛି। ସେହିପରି ୨୯ତାରିଖରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁରରେ ନିର୍ବାଚନ ରହିଛି। ତେଣୁ ନିର୍ବାଚନ ଥିବାରୁ ଏନ୍‌ଆଇଟି ରାଉରକେଲା ଛାତ୍ରୀଛାତ୍ରଙ୍କୁ କୁହାଯାଇଛି ଯେ, ସେମାନେ ଭୋଟ ଦେବା ପାଇଁ ଯିବାକୁ ଚାହିଁଲେ ଯାଇପାରିବେ। କିନ୍ତୁ ଯିବା ପୂର୍ବରୁ ଭୋଟର ତାଲିକାରେ ସେମାନଙ୍କ ନାମ ରହିଛି କି ନାହିଁ, ତା'ର ପ୍ରମାଣପତ୍ର, ନିଜର ଭୋଟର ପରିଚୟ ପତ୍ର ଏଠାରେ ଦାଖଲ କରିବେ। ନିକଟରେ ଏନ୍‌ଆଇଟି ରାଉରକେଲାର ଏକାଡେମିକ୍ ଡିନ୍ ଛାତ୍ରୀଛାତ୍ରଙ୍କ ପାଖକୁ ଏକ ମେଲ୍ ଜରିଆରେ ଜଣାଇଛନ୍ତି, କୌଣସି ବି ପରିସ୍ଥିତିରେ ଶେଷ ସେମିଷ୍ଟର ପରୀକ୍ଷାର ସମୟ ପରିବର୍ତ୍ତନ କରାଯାଇପାରିବ ନାହିଁ। ଯେଉଁମାନେ ଭୋଟ ଦେବାକୁ ଇଚ୍ଛୁକ ଥିବେ, ସେମାନେ ଆସୋସିଏଟ୍ ଡିନ୍ କିମ୍ବା ଡିନ୍‌ଙ୍କଠାରୁ ଅନୁମତି ଆଣି ଫାକଲ୍‌ଟି ଆଡ୍‌ଭାଇଜର ଓ ଏଚ୍‌ଓଡିଙ୍କ ମାଧ୍ୟମରେ ଆବେଦନ କରିପାରିବେ। ଏଥିସହିତ ଯିବା ପାଇଁ ନିଜର ଯାତ୍ରା ଟିକେଟର ଫଟୋ କପି ଉକ୍ତ ଆବେଦନ ପତ୍ର ସହ ସଂଲଗ୍ନ କରି ପଠାଇବେ।

ସେହିପରି ସୋଆ ବିଶ୍ୱବିଦ୍ୟାଳୟ ଅଧୀନ ଆଇଟିଇଆର୍‌ରେ ମଧ୍ୟ ନିର୍ବାଚନ ସମୟରେ ପରୀକ୍ଷା ରଖାଯାଇଛି। ଏହି ସମୟରେ ବି-ଟେକ୍ ପାଠ୍ୟକ୍ରମ ପାଇଁ ଦ୍ୱିତୀୟ ସେମିଷ୍ଟର ଓ ଶେଷ ସେମିଷ୍ଟର ପରୀକ୍ଷା ଅନୁଷ୍ଠିତ ହେବ। ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ଏପ୍ରିଲ ୧୫ରୁ ଆରମ୍ଭ ହୋଇ ମେ ୩ରେ ଶେଷ ହେବାକୁ ଥିବାବେଳେ ଶେଷ ସେମିଷ୍ଟର ପରୀକ୍ଷା ଏପ୍ରିଲ ୧୬ରୁ ମେ ୪ ପର୍ଯ୍ୟନ୍ତ ରହିଛି। ସେହିଭଳି ଏମ୍‌ସିଏ, ଏମ୍‌ଟେକ୍ ଓ ଏମ୍‌ଏସ୍‌ସି ଛାତ୍ରୀଛାତ୍ରଙ୍କର ମଧ୍ୟ ଏପ୍ରିଲ ୧୬ରୁ ମେ ୪ ଭିତରେ ପରୀକ୍ଷା ରହିଛି। ରାଜ୍ୟରେ ଜଣାଶୁଣା ଆଉ ଏକ ଶିକ୍ଷାନୁଷ୍ଠାନ କିଟ୍ ମଧ୍ୟ ଏହିଭଳି ପରୀକ୍ଷା ରଖିଛି। ବିଭିନ୍ନ ପାଠ୍ୟକ୍ରମ ପାଇଁ ଏପ୍ରିଲ ୧୩ରୁ ମେ ୪ ଭିତରେ ପରୀକ୍ଷା ଅନୁଷ୍ଠିତ ହେବ। ଏଠାରେ ଏମ୍‌ବିବିଏସ୍ ପରୀକ୍ଷା ଏପ୍ରିଲ ୨୫ରୁ ମେ ୧୪ ପର୍ଯ୍ୟନ୍ତ ଥିବାବେଳେ ସେପଟେ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଧ୍ୟ ଏପ୍ରିଲ ୧୭ରୁ ମେ ୫ ପର୍ଯ୍ୟନ୍ତ ସେମିଷ୍ଟର ପରୀକ୍ଷା ରହିଛି।

ଅନ୍ୟପକ୍ଷରେ ଏ ସମସ୍ତ ଶିକ୍ଷାନୁଷ୍ଠାନରେ ପରୀକ୍ଷା ସମୟକୁ ପରିବର୍ତ୍ତନ କରିବା ପାଇଁ ଅଲ୍ ଓଡ଼ିଶା ଟେକ୍ନିକାଲ ଆଣ୍ଡ ପ୍ରଫେଶନାଲ ଷ୍ଟୁଡେଣ୍ଟ୍ସ ଆସୋସିଏଶନ ଆବାହକ ବିପ୍ଳବ ପ୍ରକାଶ ମହାନ୍ତି ଦାବି କରିଛନ୍ତି। ଭାରତର ପ୍ରତ୍ୟେକ ନାଗରିକ ନିର୍ବାଚନରେ ଭାଗ ନେବା ଉଚିତ। ହେଲେ ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ନିର୍ବାଚନ ସମୟରେ ପରୀକ୍ଷା ରଖି ଛାତ୍ରୀଛାତ୍ରଙ୍କୁ ମତଦାନରୁ ବଞ୍ଚିତ କରୁଥିବା ବିପ୍ଳବ କହିଛନ୍ତି। ଓଡ଼ିଶା ଇଲେକ୍ସନ ୱାଚ୍‌ର ଆବାହକ ରଞ୍ଜନ ମହାନ୍ତି କହିଛନ୍ତି, ଭୋଟ ଦେବାର ଅଧିକାର ସମସ୍ତଙ୍କର ରହିଛି। ଛାତ୍ରୀଛାତ୍ର ଦେଶ ଗଠନ ପାଇଁ ନିଜର ମତ ସାବ୍ୟସ୍ତ କରିବା ଉଚିତ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ତୃତୀୟ ସ୍ଥାନରେ ମନକାରକ ଚନ୍ଦ୍ର ପାପଗ୍ରହ ରାହୁଯୁକ୍ତ ହେତୁ ବିଭିନ୍ନ କାରଣକୁ କେନ୍ଦ୍ରକରି ମାନସିକ ସ୍ଥିତି ଭଲ ରହିବ ନାହିଁ। ଚତୁର୍ଥ ଭାବାଧିପତି ସମ୍ପର୍କରୁ ପାରିବାରିକ କ୍ଷେତ୍ରରେ କୌଣସି ବ୍ୟତିକ୍ରମ ସୃଷ୍ଟିର ଆଶଙ୍କା ମଧ୍ୟ ରହିଛି। ନୂତନ ସ୍ଥାନ ବୁଲିଯିବାର ସୁଯୋଗ ସାଙ୍ଗକୁ ବନ୍ଧୁମିଳନ ହୋଇପାରେ।

**ବୃଷ** ଧନାଧିପ ରାହୁ ସଂଯୁକ୍ତ ଯୋଗୁ ଅନ୍ୟମନସ୍କ କିମ୍ବା ସତର୍କତାର ଅଭାବରୁ ଧନହାନି ଘଟିପାରେ। କିନ୍ତୁ ପ୍ରାପ୍ୟ ଅର୍ଥ କୌଣସି ବିଶିଷ୍ଟବ୍ୟକ୍ତିଙ୍କ ସହାୟତାରେ ପ୍ରାପ୍ତ ହେବାର ସୂଚନା ରହିଛି। ସପ୍ତମ ସ୍ଥାନ ଗ୍ରହଶୂନ୍ୟ କାରଣରୁ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟଲାଭ କରିବେ ଓ ମଙ୍ଗଳ ଦୃଷ୍ଟ ହେତୁ ବ୍ୟବସାୟ, ପରିବହନ ମଧ୍ୟ ସନ୍ତୋଷଜନକ ରହିବ।

**ମିଥୁନ** ଦଶମ ଭାବସ୍ଥ ରବି ଭାଇ,ବନ୍ଧୁ ଓ ପଡୋଶୀଙ୍କ ସହ ସମ୍ପର୍କକୁ ନଷ୍ଟ କରିପାରେ। ଅବଶ୍ୟ ବୃହସ୍ପତି କ୍ଷେତ୍ର ପ୍ରଭାବରେ ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ବିଭିନ୍ନ ସୂତ୍ରରୁ ଧାର, କରଜ କରି ଆବଶ୍ୟକତା ପୂରଣ କରିବାରେ ସମର୍ଥ ହେବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସହ ରୋଗପୀଡ଼ା ନିୟନ୍ତ୍ରଣ ମଧ୍ୟରେ ରହିବ।

**କର୍କଟ** କର୍କଟ ସହ ଚାରୋଟି କେନ୍ଦ୍ରସ୍ଥାନ ଗ୍ରହଶୂନ୍ୟ ହେତୁ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ହେତୁକ ନିରାଶ ହେବାକୁ ପଡ଼ିପାରେ। କିନ୍ତୁ ପୁନର୍ବସୁ ନକ୍ଷତ୍ର ସକାଶେ ବିଶେଷ କିଛି ଅସୁବିଧା ରହିବ ନାହିଁ। କର୍ମକ୍ଷେତ୍ରର ଅବ୍ୟବସ୍ଥା ମାନସିକ ସ୍ଥିତିକୁ ନିରୁତ୍ସାହିତ କରିବ। ନିଜ ଲୋକଙ୍କ ଅନାଦର ଓ ଖାପଛଡ଼ା ମନୋଭାବରୁ ସାମୟିକ ଦୁଃଖୀ ହୋଇପାରନ୍ତି।

**ସିଂହ** ରାଶ୍ୟାଧିପତି ଅଷ୍ଟମ ଭାବସ୍ଥ ହେତୁ ସ୍ୱାସ୍ଥ୍ୟ, ରାଜନୀତି, ବିଶିଷ୍ଟବ୍ୟକ୍ତିଙ୍କ ସହ ବିବାଦୀୟ ସ୍ଥିତି ଦେଖାଦେବ। ତଥାପି ସାମୟିକ ମନରେ ଅଶାନ୍ତି ସୃଷ୍ଟି ହେଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। ଅଫିସ କାମରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ। ବନ୍ଧୁଙ୍କ ଆର୍ଥିକ ସହାୟତାରେ କାମ ହାସଲ କରିପାରିବେ।

**କନ୍ୟା** ଧନାଧିପ ଶତ୍ରୁଭାବସ୍ଥ ହେତୁ ଅର୍ଥପ୍ରାପ୍ତିରେ କୌଣସି ବ୍ୟକ୍ତି ପ୍ରତିରୋଧ କରିବେ। ନିଜ ପରିବାରର ବ୍ୟକ୍ତିଙ୍କ ଅସହଯୋଗ ମନୋଭାବରୁ ବ୍ୟଥିତ ହେବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କଷ୍ଟକର ହୋଇପାରେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚପ୍ରଶଂସା ପାଇବେ।

**ତୁଳା** ରାହୁ କର୍ମାଧିପତିଙ୍କ ସହ ଭାଗ୍ୟଭାବସ୍ଥ ହେତୁ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଲାଗି ରହିବ। କିଛି ଅସୁବିଧା ନ ଥିଲେ ମଧ୍ୟ କର୍ମକ୍ଷେତ୍ରରେ କିଛିନା କିଛି କାରଣକୁ ନେଇ ଟେନ୍‌ସନ ଲାଗିରହିବ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ। କଳା, ସାହିତ୍ୟ, ସଙ୍ଗୀତ, ରାଜନୀତି, ଆଇନ ଓ ଅଦାଲତ କ୍ଷେତ୍ରରୁ ଶୁଭଫଳ ପାଇବେ।

**ବିଛା** ମଙ୍ଗଳଙ୍କ ରାଶି ପ୍ରତି ପୂର୍ଣ୍ଣଦୃଷ୍ଟି ସାଙ୍ଗକୁ ବୃହସ୍ପତିଙ୍କ ଭାଗ୍ୟାବଲୋକନ କେତେକାଂଶରେ ସଙ୍କଟମୁକ୍ତ କରାଇବ। ପାରିବାରିକ କ୍ଷେତ୍ରରେ ମତାନ୍ତର ହଠାତ୍ ବଦଳିବା ଆଶା ରହିଛି। ରାଜନୀତି, ଅଧ୍ୟୟନ ଓ ଅଧ୍ୟାପନା, ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା, ଚଳଚ୍ଚିତ୍ର ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ।

**ଧନୁ** ରାଶିରେ ବୃହସ୍ପତି ରହିଥିବାରୁ ଅଷ୍ଟମାଧିପତିଙ୍କ କୁପ୍ରଭାବ ବିଶେଷ ପଡି ନ ପାରେ। ପ୍ରତ୍ୟେକ କ୍ଷେତ୍ରରେ ଭାଙ୍ଗିଯିବେ ପଛକେ ନଇଁବେ ନାହିଁ କାରଣକୁ ନେଇ ଅନ୍ୟମାନଙ୍କର ଭଲ ଧାରଣା କ୍ରମଶଃ ବଦଳିଯିବ। ମନ ଭଲ ନ ରହିଲେ ସୁଦ୍ଧା ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ତାଙ୍କ ସାଙ୍ଗରେ ଯିବାକୁ ବାଧ ହେବେ। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି।

**ମକର** ଦୈହିକ ଓ ମାନସିକ ସ୍ଥିତି ଭଲ ନ ରହିବା କାରଣରୁ କୌଣସି କାମରେ ମନ ଲାଗି ନ ପାରେ। ମନ ଚାହୁଁଥିବା ପ୍ରକାରେ କୌଣସି ଜିନିଷ ପାଇବା ଦୁଷ୍କର ହୋଇପଡିବ। ବହୁକଷ୍ଟରେ ସାଇତି ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ। ଆନୁଷ୍ଠାନିକ କାମ, ସଭାସମିତି, ସଙ୍ଗଠନ, ରାଜନୈତିକ ସ୍ଥିତି ପ୍ରାୟତଃ ଭଲ ରହିବ।

**କୁମ୍ଭ** କର୍ମାଧିପତିଙ୍କ ଶୁଭ ପ୍ରଭାବରୁ ଆପଣଙ୍କର କୌଣସି କାମ ଅଟକି ରହିବ ନାହିଁ। ସମସ୍ତ ପ୍ରକାର ସୁବିଧା ଥାଇ ମଧ୍ୟ କାମଟିକୁ ପୂରା କରିବା କଷ୍ଟକର ହୋଇପାରେ। ଯାହାକୁ ନିଜର ବୋଲି ମନେ କରିବେ ସେ ହିଁ ଧୋକା ଦେବାର ବହୁ ସମ୍ଭାବନା ରହିଛି। ବାଣିଜ୍ୟ, ବ୍ୟବସାୟ, ଯାତ୍ରା ଓ ନୂତନ କର୍ମାରମ୍ଭ କ୍ଷେତ୍ରରେ ପ୍ରତିକୂଳତା ଦୂରେଇଯିବ।

**ମୀନ** ଧନାଧିପତି ତୃତୀୟସ୍ଥ ଯୋଗୁ ନିକଟ ଅତୀତରେ ଗୁଡାଏ ଟଙ୍କା ଖର୍ଚ୍ଚ କରିଥିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲ କରିବେ। ବ୍ୟବସାୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। କୌଶଳ କରି ଭାଙ୍ଗିପଡ଼ିଥିବା ସମ୍ପର୍କକୁ ପୁଣି ଯୋଡ଼ିବାରେ ସମର୍ଥ ହେବେ।

ଆଜି ଚୈତ୍ର ଶୁକ୍ଳ ଷଷ୍ଠୀଯୁକ୍ତ ସପ୍ତମୀ ଗୁରୁବାର, ଶ୍ରୀମନ୍ଦିରରେ ଚୈତ୍ର ଗୁଣ୍ଡିଚା ଯାତ୍ରା, ପୀଠେ ବାସନ୍ତିକ ମହାସପ୍ତମୀ ପୂଜା, ଏପ୍ରିଲ ୧୧ ତାରିଖ, ନିରାପଦ ମାତୃତ୍ୱ ଦିବସ, ରାଶି ନକ୍ଷତ୍ର-ଦିବା ଘ୧୦।୫୬ମି. ଗତେ, ଆରଦ୍ରା/ମିଥୁନ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ସପ୍ତମୀର ପାର୍ବଣ ପୂଜା, ଦିବା ଘ୧୦।୧୧ମି. ଗତେ ଘ୧୧।୪୩ମି. ମଧ୍ୟେ, ଘ୧।୧୫ମି. ଗତେ ଘ୨।୪୭ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୦୭ମି. ମଧ୍ୟେ ଘ୧୧।୪୩ମି. ଗତେ, ଘ୧।୧୫ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୧।୨୧ମି. ଗତେ ଘ୨।୫୪ମି. ମଧ୍ୟେ ରାହୁକାଳ।

## ଦକ୍ଷିଣ, ଉପକୂଳ ଓଡ଼ିଶାରେ ଝଡ଼ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୦।୪(ବ୍ୟୁରୋ)

ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ମାଲକାନଗିରି, ରାୟଗଡା, ଗଜପତି, ଗଞ୍ଜାମ, ନୟାଗଡ, ବାଲେଶ୍ୱର,ସୁନ୍ଦରଗଡ, ଭଦ୍ରକ, ଖୋର୍ଦ୍ଧା, କେନ୍ଦୁଝର, କଳାହାଣ୍ଡି, ମୟୂରଭଞ୍ଜ ଆଦି ଜିଲାର ଅଳ୍ପ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ସମ୍ଭାବନା ରହିଛି। ଏହାଛଡା ରାଜ୍ୟର ଅନ୍ୟାନ୍ୟ ଭାଗରେ ପାଗ ଶୁଖିଲା ରହିବ। ଏହି ସମୟରେ ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି, ଗଞ୍ଜାମ, କନ୍ଧମାଳ, ବୌଦ୍ଧ, ନୟାଗଡ ଖୋର୍ଦ୍ଧା, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଏବଂ ଭଦ୍ରକ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ସହ ପ୍ରବଳ ଝଡବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ କରାଯାଇଛି। ଗୋଟିଏ ପଟେ ଆକାଶ ମେଘାଚ୍ଛନ୍ନ ରହୁଥିବା ବେଳେ ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡିଶାରେ ତାତି ବେହାଲ କରୁଛି। ରାଜ୍ୟର ୮ଟି ସହରରେ ବୁଧବାର ପାରଦ ୪୦ ଡିଗ୍ରୀ ଉପରକୁ ଟପି ଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଅନୁଗୋଳରେ ସର୍ବୋଚ୍ଚ ତାପମାତ୍ରା ୪୦.୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡାରେ ୪୦.୨, ସମ୍ବଲପୁରରେ ୩୯, ମାଲକାନଗିରି ୪୧.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।


# classifieds


real estate

**SALE**

Bhubaneswar GITA College ଠାରେ 1200 sqft. 4,50,000/-ରେ de-marcated plot ମିଳୁଅଛି। 9937823228. D-66306

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

ସ୍ଥିତିବାନ ଘରବାରି ପ୍ଲଟ ରେଡଙ୍ଗ ଷ୍ଟେସନ ପାଖରେ କିଣି ଘର କରନ୍ତୁ। 9938066403. D-66329

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66075

Bhubaneswar Infocity-II boundary କୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66336

NH 316କୁ ଲାଗି 54,000 sqft. plot ବିକ୍ରିହେବ। Contact: 9778928492. D-65636

Residential plot at Ghatikiya, Sankarpur, Bhubaneswar 2000 sqft. (15nos) electric, Govt. Supply water, 30' road available: 7381564227, 8114744495. D- 66428

ଫୁଲନଖରାରେ ନିର୍ମିତ ବୃହତ୍ତମ ମାର୍କେଟ୍ **(Grand Bazar) NH-5ରୁ** ଅଳ୍ପ ଦୂରତାରେ ଘରବାରି ବାସୋପଯୋଗି **plot** କିଣନ୍ତୁ। **7749090720.** D- 66327


to-let

4BHK with all facilities available at Kailash Vihar, Contact No. 9437284089. D- 65631

Godown space available 4500 sqft near Cuttack Road. Contact: 9937066789. D-12068

Commercial/ residential space/ Office/ Godown, 2500 sqft. four units. Bapuji Nagar, Bhubaneswar. 9556700943. D- 65635

**LOST**

ମୁଁ ପଦ୍ମାଳୟା ଦାସ (୫୧), ସ୍ୱାମୀ- ଚନ୍ଦ୍ରକାନ୍ତ ବେହେରା, ସା-କୁଆଁସ, ଟାଉନଥାନା, ଜିଲ୍ଲା- ଭଦ୍ରକ, ସୂଚିତ କରେ କି ମୋର ଦଲିଲ ୪୦୫୫ ଓ ଏହାର ଖତିଆନ- ୭୨୩/୨୨୪୭ ହଜିଯାଇଛି। କେହି ଏହା ପାଇଲେ ମୋ ଫୋନ ନମ୍ବରରେ ଯୋଗାଯୋଗ କରିବେ। ମୋ- 9853506530. D-12072

**AFFIDAVIT**

By virtue of an affidavit I, Santosh Kumar Patnaik, S/o Bharat Bhusan Patnaik declare that my and parents correct surname is "Patnaik" which is wrongly mentioned as "Patanaik" in passport which needs to be verified. Santosh Kumar Patnaik. D-12067

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**


(ସତ୍ୟ)
ସତ୍ୟମ୍ ନାୟକ
ବେଗୁନିଆ,ଖୋର୍ଦ୍ଧା

ତୋର ଚଲାପଥ କୁସୁମିତ ହେଉ, ଏହା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ। ଅମାବାସ୍ୟାର ଅନ୍ଧକାର ନୁହେଁ, ପୂର୍ଣ୍ଣିମାର ଔଜଲ୍ୟତା ରହୁ। ଶୁଭେଚ୍ଛା ସହ: ପିତା-ସୁରେଶ ଚନ୍ଦ୍ର ନାୟକ, ମାତା-ରୁବି ନାୟକ, ଜେଜେମା, ଅପା, ପିଇସା, ଅଜା, ଆଈ, ମାମୁଁ, ମାଈଁ, ପିଙ୍କି ମାଉସୀ, ମୁନାଭାଇ, ଲିଟନଭାଇ, ବବୁଲ ଭାଇ, ଜିତୁ ଭାଇ। ଧ-୧୨୦୩୪

**ଜନ୍ମଦିନ ଶୁଭେଚ୍ଛା**


(ସୋନୁ)
ଚନ୍ଦ୍ରଶେଖର ଭୋଇସାଗର
ବୁର୍ଦ୍ଦା ହାଇସ୍କୁଲପଡ଼ା, ଭେଡ଼େନ, ବରଗଡ଼

ଆଜି ତୋର ଷଷ୍ଠ ଜନ୍ମଦିନ ଶୁଭ ଅବସରରେ ମାଁ ସମଲେଶ୍ୱରୀ ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ତୋର ଚଲାପଥ ସରସ ସୁଗମ ଓ ଦୀର୍ଘାୟୁ କରନ୍ତୁ, ବିଦ୍ୟା ବୁଦ୍ଧି ପ୍ରଦାନ କରନ୍ତୁ। ଶୁଭେଚ୍ଛା ସହ: ମା-ମେନକା ଭୋଇସାଗର, ପିତା-ପଦ୍ମଲୋଚନ ଭୋଇସାଗର (ପଶ୍ଚିମ ଓଡ଼ିଶା ଟ୍ରାଫିକ ସଚେତନତା ସଂଯୋଜକ, ୯୩୩୭୬୦୩୫୫୯) ଓ ଭୋଇସାଗର ପରିବାରବର୍ଗ, ବନ୍ଧୁବାନ୍ଧବ। ଧ-୧୨୦୭୧

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI

ରାୟଗଡ଼ା, ଗୁରୁବାର, ଏପ୍ରିଲ ୧୧ /୨୦୧୯ | Rayagada, Thursday, April 11 / 2019 | ପୃଷ୍ଠା-୧




## କୋହଲି 'କ୍ରିକେଟର ଅଫ୍ ଦି ଇୟର'

ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି କ୍ରମାଗତ ତୃତୀୟ ବର୍ଷ ପାଇଁ ଓ୍ୱିସଡେନ କ୍ରିକେଟର ଅଫ ଦି ଇୟର ପୁରସ୍କାର ପାଇଛନ୍ତି।

୧୧ | ୦୮

## ସଲମାନଙ୍କ ସିନେମାରେ ସୋନାକ୍ଷୀ

ସଲମାନଙ୍କ ହୋମ ବ୍ୟାନରରେ ନିର୍ମିତ ହେବାକୁ ଥିବା 'ରାଧା କ୍ୟୁଁ ଗୋରା ମେଁ କ୍ୟୁଁ କାଲାରେ' ଭୁଲିୟା ଆଉଟ୍ ହେବା ପରେ ସୋନାକ୍ଷୀଙ୍କୁ ସୁଯୋଗ ମିଳିଛି।



**ଆଜିର ସମ୍ପାଦକୀୟ**

### ଅଣ୍ଡାର ଲିଙ୍ଗ ନିର୍ଣ୍ଣୟ

**ଆଜିର ମନ୍ତବ୍ୟ**

"ମୋ ବାପାଙ୍କ କର୍ମଭୂମି ଆମେଠି ଆମ ପାଇଁ ପବିତ୍ର ଭୂମି।
–ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦକ

**କିଛି ତଥ୍ୟ**

୨୦୧୮–୧୯ ଆର୍ଥିକ ବର୍ଷ ଏପ୍ରିଲ–ଫେବୃୟାରୀ ସମୟରେ କୃଷି ଏବଂ ପ୍ରକ୍ରିୟାକୃତ ଖାଦ୍ୟ ରପ୍ତାନି ୨.୨୭% ହ୍ରାସ ଘଟି ୧୬.୨୭ ବିଲିୟନ ଡଲାର ରହିଛି। –କୃଷି ମନ୍ତ୍ରଣାଳୟ

### ୨୭ଲକ୍ଷ ଟଙ୍କା ପିଙ୍ଗି ଦେଇ କାର ନେଇ ଦୁର୍ବୃତ୍ତ ଚମ୍ପଟ୍

........୬........


NECC NATIONAL EGG CO-ORDINATION COMMITTEE 10.04.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 89 | 144 | 154 |
| DKL | 88 | 142 | 152 |
| BDK | 91 | 146 | 156 |
| BLS | 93 | 149 | 159 |
| ANG | 89 | 144 | 154 |

*Conditions Apply
Eggs Retail Price- 41/-Dozen
Issued in the Interest of Consumers


# ଦୋହରା ଝଟକା

■ ସୁପ୍ରିମକୋର୍ଟରେ କେନ୍ଦ୍ରର ଆବେଦନ ଖାରଜ

## ରାଫାଲ ଦସ୍ତାବିଜ ଗ୍ରହଣଯୋଗ୍ୟ

ରାଫାଲ ଚୁକ୍ତିରେ ଦୁର୍ନୀତି ମାମଲାର ଶୁଣାଣି କରୁଥିବା ସୁପ୍ରିମକୋର୍ଟ ବୁଧବାର କେନ୍ଦ୍ରର ପିଟିଶନକୁ ଖାରଜ କରିଦେଇଛନ୍ତି। 'ଚୋରି ଦସ୍ତାବିଜ'କୁ ସର୍ବୋଚ୍ଚ ଅଦାଲତ ଗ୍ରହଣଯୋଗ୍ୟ ବୋଲି ଅଭିହିତ କରିବା ସହ ଏହାକୁ ଆଧାର କରି ବିଚାର କରାଯାଇପାରିବ ବୋଲି କହିଛନ୍ତି। ସେପଟେ ପ୍ରଧାନମନ୍ତ୍ରୀଙ୍କ ଜୀବନୀ ଉପରେ ପର୍ଯ୍ୟବସିତ 'ପିଏମ୍ ନରେନ୍ଦ୍ର ମୋଦି'ର ରିଲିଜ୍ ଉପରେ ନିର୍ବାଚନ କମିଶନ (ଇସି) କଟକଣା ଜାରି କରିଛନ୍ତି। ସାଧାରଣ ନିର୍ବାଚନ ଶେଷ ନ ହେବା ଯାଏ ଏହି ବାୟୋପିକ୍ ମୁକ୍ତିଲାଭ କରିପାରିବ ନାହିଁ ବୋଲି ଇସି ସ୍ପଷ୍ଟ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ଲୋକ ସଭା ନିର୍ବାଚନର ଦିନକ ପୂର୍ବରୁ ଉଭୟ ସୁପ୍ରିମକୋର୍ଟ ଓ ନିର୍ବାଚନ କମିଶନଙ୍କ ନିଷ୍ପତ୍ତି ଭାଜପା ଏବଂ କେନ୍ଦ୍ର ସରକାରଙ୍କୁ ଝଟ୍କା ଦେଇଛି।

**ନୂଆଦିଲ୍ଲୀ,୧୦।୪(ପି.ଟି.)**



ରାଫାଲ ଚୁକ୍ତି ପ୍ରସଙ୍ଗରେ ବୁଧବାର କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟରେ ବଡ଼ ଝଟ୍କା ଲାଗିଛି। ରାଫାଲ ରାୟର ପୁନର୍ବିଚାର କରିବା ସମୟରେ 'ପ୍ରଘଟ' ଦସ୍ତାବିଜକୁ ଗ୍ରହଣ କରାଯିବ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି। କଂଗ୍ରେସ ଏହାକୁ ସ୍ୱାଗତ କରିଛି। ଦୁର୍ନୀତି ଧୀରେ ଧୀରେ ପଦାକୁ ଆସିବାରେ ଲାଗିଛି ଏବଂ ଚୁକ୍ତିକୁ ନେଇ ଏବେ ତଦନ୍ତ ହେବ।

**ବିତର୍କ ପାଇଁ ମୋଦିଙ୍କୁ ଚ୍ୟାଲେଞ୍ଜ ଦେଲେ ରାହୁଲ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଫାଲ ଦୁର୍ନୀତି ପ୍ରସଙ୍ଗରେ ତାଙ୍କ ସହ ବିତର୍କ ପାଇଁ ସ୍ଥାନ ଓ ତାରିଖ ବାଛନ୍ତୁ ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଚ୍ୟାଲେଞ୍ଜ ଦେଇଛନ୍ତି।

ଫ୍ରାନ୍ସରୁ ୩୬ ଯୁଦ୍ଧବିମାନ କିଣା ଚୁକ୍ତିରେ ଦୁର୍ନୀତି ହୋଇଥିବା ଦର୍ଶାଇ ରାଫାଲ ଡିଲ୍‌କୁ ରଦ୍ଦକରିବା ପାଇଁ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। କେନ୍ଦ୍ର ପକ୍ଷରୁ ଏକ ବନ୍ଦ ଲଫାପାରେ ଦିଆଯାଇଥିବା ତଥ୍ୟ ଭୁଲ ବୋଲି ଏଥିରେ ଦର୍ଶାଯାଇଥିଲା।

୨୦୧୮ ଡିସେମ୍ବର ୧୪ରେ ଶୀର୍ଷ ଅଦାଲତ ସମସ୍ତ ଆବେଦନକୁ ଖାରଜ କରିଦେଇଥିଲେ। ୨୦୧୯ ଜାନୁୟାରୀ ୩ରେ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅରୁଣ ଶୌରୀ ଓ ଯଶୱନ୍ତ ସିହ୍ନା ଉକ୍ତ ରାୟର ପୁନର୍ବିଚାର ପାଇଁ ରିଭ୍ୟୁ ପିଟିଶନ ଦାଏର କରିଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଟର୍ନି ଜେନେରାଲ କୋର୍ଟରେ ଯୁକ୍ତି ବାଢ଼ିଥିଲେ ଯେ, ସେମାନେ ଦାଖଲ କରିଥିବା ଦସ୍ତାବିଜ ପ୍ରତିରକ୍ଷା ମନ୍ତ୍ରଣାଳୟରୁ ବେଆଇନ ଭାବେ ନିଆଯାଇଛି। ରାଫାଲ ଚୁକ୍ତିର ଗୋପନୀୟ ଫାଇଲ ଆଧାରରେ 'ଦି ହିନ୍ଦୁ'ରେ ପ୍ରକାଶିତ ରିପୋର୍ଟ ଭିତ୍ତିରେ ଦାଖଲ ଦସ୍ତାବିଜକୁ ରେକର୍ଡ ଭାବେ ଗ୍ରହଣ କରା ନ ଯାଉ। ☞ପୃଷ୍ଠା–୪

## ମୋଦିଙ୍କ ବାୟୋପିକ୍ ରିଲିଜ୍ ସ୍ଥଗିତ

■ ନିର୍ବାଚନ ସରିବା ଯାଏ ମୁକ୍ତିଲାଭ କରିପାରିବ ନାହିଁ: ଇସି

■ ନମୋ ଟିଭିର ପ୍ରସାରଣ ମଧ ବନ୍ଦ

**ନୂଆଦିଲ୍ଲୀ, ୧୦।୪(ପି.ଟି.)**

ସାଧାରଣ ନିର୍ବାଚନ ଶେଷ ନ ହେବା ଯାଏ ପ୍ରଧାନମନ୍ତ୍ରୀଙ୍କ ଜୀବନୀକୁ ନେଇ ନିର୍ମିତ ଫିଲ୍ମ 'ପିଏମ୍ ନରେନ୍ଦ୍ର ମୋଦି' ମୁକ୍ତିଲାଭ କରିପାରିବ ନାହିଁ। କୌଣସି ରାଜନୈତିକ ଦଳ ବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟକୁ ପୂରଣ କରୁଥିବା ସିନେମାକୁ ଇଲେକ୍ଟ୍ରୋନିକ୍ ମିଡିଆରେ ପ୍ରଦର୍ଶନ ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ବୁଧବାର ନିର୍ବାଚନ କମିଶନ (ଇସି) ସ୍ପଷ୍ଟ କରିଛନ୍ତି। ଫଳରେ ମୋଦିଙ୍କ ବାୟୋପିକ୍‌କୁ ନେଇ ଲାଗିରହିଥିବା ବିବାଦରେ ବର୍ତ୍ତମାନ ପାଇଁ ପୂର୍ଣ୍ଣଚ୍ଛେଦ ପଡ଼ିଛି ବୋଲି କୁହାଯାଇପାରେ। ☞ପୃଷ୍ଠା–୪

# ପ୍ରଥମ ପର୍ଯ୍ୟାୟ ଭୋଟ ଆଜି

■ ୪ ଲୋକ ସଭା, ୨୮ ବିଧାନସଭାର ହେବ ମତଦାନ

■ ୨୧୭ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ ୬୦ ଲକ୍ଷ ଭୋଟର

■ ଆଶା ଆଶଙ୍କାରେ ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀ, ଏମପି, ୭୨୩୩ ବୁଥ୍‌ରେ ହେବ ମତଦାନ

**ଭୁବନେଶ୍ୱର,୧୦।୪(ବ୍ୟୁରୋ)**

ଗୁରୁବାର ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ୪ ଲୋକ ସଭା ଓ ଏହା ଅଧୀନ ୨୮ ବିଧାନସଭା ଆସନ ପାଇଁ ପ୍ରାୟ ୬୦ ଲକ୍ଷ ଭୋଟର ୨୧୭ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ। ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ରାଜନୈତିକ ଦଳର ତୁଙ୍ଗ ନେତାମାନଙ୍କ ଭାଗ୍ୟ ଇଭିଏମରେ ସିଲ୍ ହୋଇଯିବ। ସେମାନଙ୍କ ମଧ୍ୟରେ ବହୁ ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀ,ଏମପିଙ୍କର ଭାଗ୍ୟ ପରୀକ୍ଷା ହେବ। ସେମାନେ ହେଲେ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର, ଉଷା ଦେବୀ, ରମେଶ ମାଝି, ପୁଷ୍ପେନ୍ଦ୍ର ସିଂଦେଓ, ପ୍ରଦୀପ ନାଏକ, ଭୂପିନ୍ଦର ସିଂ, ପ୍ରଦୀପ ପାଣିଗ୍ରାହୀ, ରବି ନାରାୟଣ ନନ୍ଦ, ବିରୋଧୀ ଦଳ ମୁଖ୍ୟ ସଚେତକ ତାରା ପ୍ରସାଦ ବାହିନୀପତି, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ପୁତ୍ର ଶିଶିର ଗମାଙ୍ଗ। ଭାଜପା ରାଜ୍ୟ ସଭାପତି ☞ପୃଷ୍ଠା–୪

## ମତଦାନ ପୂର୍ବରୁ ବିସ୍ଫୋରଣ, ମିଳିଲା ବୋମା



ନନ୍ଦପୁର ବ୍ଲକ୍ ଜଲାପୁଟ ନିକଟରେ ବୋମା ଖଞ୍ଜା ଯାଇଥିବା ପୋଲ।


**କୋରାପୁଟ/ କଲ୍ୟାଣସିଂହପୁର/ ମାଲକାନଗିରି ୧୦।୪ (ସ୍ୱ.ପ୍ର./ଡି.ଏନ୍.ଏ.)**

**ଶୃଙ୍ଖଳିତ ନିର୍ବାଚନ ପାଇଁ ଚ୍ୟାଲେଞ୍ଜ**

■ ଭୋଟ୍ ବର୍ଜନ ପାଇଁ ଅଡିଓ ଟେପ୍ ଜାରିକଲେ ମାଓବାଦୀ

■ ପ୍ରାର୍ଥୀଙ୍କୁ ଏସ୍‌ଓପି ପାଳନ କରିବାକୁ କଡ଼ା ନିର୍ଦ୍ଦେଶ

ସାଧାରଣ ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ଗୁରୁବାର ଭୋଟ୍ ଗ୍ରହଣ ପୂର୍ବରୁ ମାଓବାଦୀ ଉପଦ୍ରୁତ ତଥା ସୀମାନ୍ତ ଜିଲାରେ ଶୃଙ୍ଖଳିତ ନିର୍ବାଚନ ପ୍ରଶାସନ ପାଇଁ ଏକ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଗତ ମଙ୍ଗଳବାର ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡ଼ାରେ ମାଓବାଦୀମାନେ ବିସ୍ଫୋରଣ ଘଟାଇ ଜଣେ ଭାଜପା ନେତାଙ୍କ ସମେତ ୫ ଜଣଙ୍କୁ ହତ୍ୟା କରିଥିଲେ। ଭୋଟ୍ ଗ୍ରହଣ ପୂର୍ବରୁ ବୁଧବାର ଅବିଭକ୍ତ କୋରାପୁଟରେ ମଧ ମାଓବାଦୀମାନେ ସେମାନଙ୍କ ଉପସ୍ଥିତି ଜାହିର କରିଛନ୍ତି। କୋରାପୁଟ ଜିଲା ଲମତାପୁଟ ବ୍ଲକ ବାଲେଲ ପଞ୍ଚାୟତ ଲୁଗୁମ ଗ୍ରାମରେ ବୁଧବାର ମଧ୍ୟାହ୍ନରେ ☞ପୃଷ୍ଠା–୪

ତୁମେ କୌଣସି ଗୁଣ ବା ଦୋଷର ଅଧୀନସ୍ଥ ହୋଇ ରହିବା ଉଚିତ ନୁହଁ। ଯେ ପର୍ଯ୍ୟନ୍ତ ତୁମେ କୌଣସି ସଦ୍‌ଗୁଣ ପାଇଁ ଆତୁରତା ଦେଖାଉ ଥିବ- ସେ ପର୍ଯ୍ୟନ୍ତ ତା'ର ବିପରୀତ ବଦ୍‌ଗୁଣଟିଏ ତୁମ ଭିତରେ କେଉଁଠି ଚେକାମାଡି ବସିଥିବ। -ଶ୍ରୀମା



# ଅଣ୍ଡାର ଲିଙ୍ଗ ନିର୍ଣ୍ଣୟ



## ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ଜଣେ ଭାରତୀୟ ସଫ୍ଟୱେର ଇଞ୍ଜିନିୟର ଏକ ବ୍ଲଗ୍ ଲେଖିଛନ୍ତି ଯେ, ପିଲାଦିନୁ ସେ ଅଣ୍ଡା ଖାଇନାହାନ୍ତି, କାରଣ ସେ ଜଣେ ନିରାମିଷାଶୀ ହିନ୍ଦୁ। ତେବେ କୌତୂହଳବଶତଃ ସେ ଏହା ଉପରେ କିଛି ଗବେଷଣା କରି ସିଦ୍ଧାନ୍ତରେ ପହଞ୍ଚିଲେ ଯେ ଅଣ୍ଡା ଖାଇବାରେ କିଛି ଦୋଷ ନାହିଁ, କାରଣ ଏହାଦ୍ୱାରା କୁକୁଡ଼ାଙ୍କୁ ମରାଯାଉନାହିଁ ବା ଜୀବହତ୍ୟା ହେଉନାହିଁ। ପୁନଶ୍ଚ ଅଣ୍ଡାଟା ଯେହେତୁ ପ୍ରାଣୀର ମାଂସ ନୁହେଁ, ତେଣୁ ତାହା ନିରାମିଷ ଖାଦ୍ୟ। ଅଣ୍ଡା ଖିଆ ଆରମ୍ଭ କରିବା ପାଇଁ ଏହା ଥିଲା ତାଙ୍କର ଯୁକ୍ତି ଏବଂ ତା' ସତ୍ତ୍ୱେ ସେ ନିରାମିଷାଶୀ ବୋଲାଇପାରିବେ। ଜଣେ ମହିଳାଙ୍କର ମାସିକ ଋତୁସ୍ରାବ ଯାହା, କୁକୁଡ଼ା ଅଣ୍ଡାଦେବା ଠିକ୍ ସେହିପରି। ଏହାର ଅର୍ଥ ଅଣ୍ଡା ଦେବା ପାଇଁ କୁକୁଡ଼ାଙ୍କୁ ଗର୍ଭବତୀ ହେବାକୁ ପଡ଼େ ନାହିଁ। ପ୍ରତ୍ୟେକ ମାଈ କୁକୁଡ଼ା ଆଦ୍ୟ ଯୌବନରୁ ପ୍ରତି ସପ୍ତାହରେ ନିର୍ଦ୍ଦିଷ୍ଟ ସଂଖ୍ୟକ ଅଣ୍ଡା ଦିଏ ଏବଂ ଏହି ଧାରା ୨-୩ ବର୍ଷ ପର୍ଯ୍ୟନ୍ତ ସମାନ ଗତିରେ ଚାଲେ। ଏହାପରେ ତା'ର ଅଣ୍ଡା ଦେବା ସଂଖ୍ୟା କମି କମି ଯାଏ, ଯଦିଚ ଏହା ପାଞ୍ଚବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହେ। ଉକ୍ତ ଯୁବକ ଜଣକ ଶେଷରେ ଦାବି କରିଛନ୍ତି ଯେ, ଧର୍ମ ବଦଳରେ ଆମେ ବିଜ୍ଞାନକୁ ମାନିବା ଉଚିତ। ଦୁର୍ଭାଗ୍ୟର କଥା ସେ ଲେଖିଥିବା ପ୍ରତ୍ୟେକ ଶବ୍ଦ ହେଉଛି ବାଜେ।

ତାହା ହେଉଛି ପ୍ରକୃତ ବିଜ୍ଞାନ ଯାହାକୁ ମଣିଷ ପ୍ରତିଥର ଅଣ୍ଡା ଆମ୍‌ଲେଟ୍ ଖାଇଲା ବେଳେ ହତ୍ୟା କରୁଛି। ଆମେ ଯେଉଁ ଅଣ୍ଡା ଖାଉଛୁ, ତାହା ବଡ଼ ବଡ଼ ହ୍ୟାଚେରିରୁ ଆସୁଛି। କିନ୍ତୁ ଯେତେବେଳେ ଫଳପ୍ରସୂ ଅଣ୍ଡାଗୁଡ଼ିକ ଫୁଟି ଛୁଆ ବାହାରେ, ସେଥିମଧ୍ୟରୁ ପ୍ରାୟ ୫୦% ଅଣ୍ଡିରା ଓ ୫୦% ମାଈ ହୋଇଥାନ୍ତି। କିନ୍ତୁ ଅଣ୍ଡା ବ୍ୟବସାୟୀମାନଙ୍କର ଅଣ୍ଡିରା ଛୁଆଙ୍କ ପାଖରେ କିଛି କାମ ନ ଥାଏ। ଅଣ୍ଡାଦିଆ କୁକୁଡ଼ା ଓ ମାଂସ ପାଇଁ କୁକୁଡ଼ା ହେଉଛି ଅଲଗା। ଅଣ୍ଡାଦିଆ କୁକୁଡ଼ା ଅଣ୍ଡା ଦିଅନ୍ତି, କିନ୍ତୁ ମାଂସ ଉପଯୋଗୀ କୁକୁଡ଼ାଙ୍କୁ ନାନା ଉପାୟରେ ମୋଟାସୋଟା କରି ବଢ଼ାଯାଇଥାଏ।

ଅଣ୍ଡାଦିଆ କୁକୁଡ଼ା ହ୍ୟାଚେରିଗୁଡ଼ିକ ଅଣ୍ଡା ଶିଳ୍ପକୁ ଅଣ୍ଡାଦିଆ କୁକୁଡ଼ା ଯୋଗାନ୍ତି। ଅଣ୍ଡାଗୁଡ଼ିକରୁ ଇନ୍‌କ୍ୟୁବେଟର (ଅଣ୍ଡାରୁ ଛୁଆଫୁଟା ଯନ୍ତ୍ର)ରେ ଛୁଆ ଫୁଟନ୍ତି। ତା'ପରେ ସେ ଛୁଆମାନଙ୍କର ଲିଙ୍ଗ ନିର୍ଣ୍ଣୟ କରି ଅଣ୍ଡିରା ଓ ମାଈଙ୍କୁ ଅଲଗା ଅଲଗା କରାଯାଏ। ଛୋଟ ଓ ଦୁର୍ବଳ ମାଈ କୁକୁଡ଼ାଛୁଆ ସହ ସମସ୍ତ ଅଣ୍ଡିରା ଛୁଆଙ୍କୁ ମାରିଦିଆଯାଏ। ଅଣ୍ଡିରାଗୁଡ଼ିକ ଅଦରକାରୀ, କାରଣ ସେମାନେ ଅଣ୍ଡା ଦେଇପାରିବେନି। ସେମାନେ ମାଂସଦିଆ କୁକୁଡ଼ା ପାଇଁ ବି ଯୋଗ୍ୟ ନୁହନ୍ତି, କାରଣ ବ୍ରୟେଲର କୁକୁଡ଼ାଙ୍କ ପରି ସେମାନେ ଶୀଘ୍ର ବଢ଼ିପାରିବେନି। ବ୍ରୟେଲର କୁକୁଡ଼ା ଛଅ ସପ୍ତାହରେ ବଢ଼ି ମାଂସ ଉପଯୋଗୀ ହୋଇଥାଏ। ପ୍ରତିବର୍ଷ ୭ ଶହ କୋଟି ଅଣ୍ଡିରା କୁକୁଡ଼ା ଛୁଆଙ୍କୁ ହତ୍ୟା କରାଯାଉଛି। ସେମାନଙ୍କୁ ଟିକି ଟିକି କରି ମାଈ କୁକୁଡ଼ା ଛୁଆଙ୍କୁ ଖାଇବାକୁ ଦିଆଯାଉଛି କିମ୍ବା ଅନ୍ୟ ପ୍ରାଣୀଙ୍କ ଖାଦ୍ୟରୂପେ ବ୍ୟବହାର କରାଯାଉଛି। ଅଣ୍ଡା ଶିଳ୍ପରେ ଏକ ଅଣ୍ଡିରା କୁକୁଡ଼ାଛୁଆର ହାରାହାରି ଜୀବନକାଳ ହେଉଛି ଗୋଟିଏ ଦିନ।

ସେମାନଙ୍କୁ କିପରି ମରାଯାଏ? ଅଣ୍ଡିରା କୁକୁଡ଼ା ଛୁଆମାନଙ୍କୁ ଏକ ଗ୍ୟାସ୍ ଚାମ୍ବରରେ ପକାଇ ଦିଆଯାଏ। ତା'ପରେ ତା' ଭିତରକୁ ଉଚ୍ଚମାତ୍ରାର ଅଙ୍ଗାରକାମ୍ଳ ଛାଡ଼ିଦିଆଯାଏ। ଦୁଇ ମିନିଟ୍ ଭିତରେ କୁକୁଡ଼ାଛୁଆମାନେ ମରିଯାନ୍ତି। ହିଟଲର ଯେତେବେଳେ ମଣିଷମାନଙ୍କୁ ଏପରି ଭାବେ ମାରୁଥିଲେ, ସାରା ବିଶ୍ୱ କିପରି ପ୍ରତିବାଦ କରିଥିଲା, ମନେ ପକାନ୍ତୁ। ସେ ସମ୍ଭବତଃ କୁକୁଡ଼ା ଶିଳ୍ପରୁ ଏହା ଶିକ୍ଷା କରିଥିଲେ। ସେମାନଙ୍କୁ ମାରିବାର ଦ୍ୱିତୀୟ ଉପାୟ ହେଉଛି: ଏକ ହାଇସ୍ପିଡ୍ ଗ୍ରାଇଣ୍ଡିଂ ମେଶିନ ଭିତରକୁ ସେମାନଙ୍କୁ ପୂରା ସଚେତନ ଅବସ୍ଥାରେ ଫୋପାଡ଼ି ଦିଆଯାଏ। ଛୋଟ ଛୋଟ କୁକୁଡ଼ା ଶିଳ୍ପରେ ଛୁଆମାନଙ୍କର ବେକ ମୋଡ଼ି ମାରିଦିଆଯାଏ। ନିଜେ ଲିଙ୍ଗ ନିର୍ଣ୍ଣୟ କଲାବାଲା ଅଣ୍ଡିରା ବୋଲି ଜାଣିବା ପରେ ସଙ୍ଗେ ସଙ୍ଗେ ତା'ର ବେକ ମୋଡ଼ି ମଲା କୁକୁଡ଼ାଛୁଆଙ୍କ ଗଦା ଭିତରକୁ ଫୋପାଡ଼ିଦିଏ। କୁକୁଡ଼ାଛୁଆଙ୍କୁ ମାରିବାର ଆଉ ଗୋଟିଏ ଉପାୟ ହେଉଛି ବିଦ୍ୟୁତ୍ ଆଘାତ ଦେବା। ବିଦ୍ୟୁତ୍‌ଶକ୍ତି ପ୍ରବାହିତ ହେଉଥିବା ପାଣି ଭିତରକୁ ଜିଅନ୍ତା କୁକୁଡ଼ାଛୁଆମାନଙ୍କୁ ଫିଙ୍ଗିଦିଆଯାଏ। ଦିନ ଶେଷରେ ବିଦ୍ୟୁତ୍ ପ୍ରବାହ ବନ୍ଦ କରି ମଲାଦେହଗୁଡ଼ିକୁ ସେଥିରୁ କଢ଼ାଯାଏ। କେତେକ କୁକୁଡ଼ା ଶିଳ୍ପରେ ଜିଅନ୍ତା ଛୁଆମାନଙ୍କୁ ପ୍ଲାଷ୍ଟିକ୍ ଥଳି ଭିତରେ ପୂରାଇ ଥଳି ଭର୍ତ୍ତି ହୋଇଗଲେ ମୁହଁ ବନ୍ଦ କରିଦିଆଯାଏ। ଫଳରେ ଅଣନିଃଶ୍ୱାସୀ ହୋଇ ସେମାନେ ମରନ୍ତି। କୁକୁଡ଼ାଛୁଆଙ୍କୁ ମାରିବାର ଏ ସମସ୍ତ ପଦ୍ଧତି ସାରା ବିଶ୍ୱରେ ଆଇନସମ୍ମତ। ବ୍ରିଟିଶ ଏଗ୍ ଇଣ୍ଡଷ୍ଟ୍ରି ମୁଖପାତ୍ରଙ୍କ କହିବା ଅନୁଯାୟୀ ଅଣ୍ଡିରା କୁକୁଡ଼ାଛୁଆଙ୍କୁ ମାରିବା ପ୍ରଥା ଏ ଶିଳ୍ପ ଆରମ୍ଭ ହେବା ଦିନଠାରୁ ସାରା ବିଶ୍ୱରେ ଚାଲିଛି।

୨୦୧୬ରେ ଆମେରିକାରେ ଅଣ୍ଡା ଶିଳ୍ପର ପ୍ରତିନିଧିତ୍ୱ କରୁଥିବା 'ୟୁନାଇଟେଡ୍ ଏଗ୍ ପ୍ରଡ୍ୟୁସର୍ସ' ଘୋଷଣା କଲା ଯେ, ଏହା ୨୦୨୦ ସୁଦ୍ଧା ଏକ ନୂଆ ପ୍ରଯୁକ୍ତିର ବିକାଶ ଘଟାଇବାକୁ ପ୍ରତିଶ୍ରୁତିବଦ୍ଧ, ଯାହାଫଳରେ ଏଭଳି ହତ୍ୟା ଆଉ କରିବାକୁ ପଡ଼ିବନି। ଆମେରିକା ଓ ୟୁରୋପର ପ୍ରାଣୀ କଲ୍ୟାଣ ସଂସ୍ଥାଗୁଡ଼ିକର ପ୍ରବଳ ଚାପରେ ସେମାନେ ହିଁ ଘୋଷଣା କରିଛନ୍ତି। ୨୦୧୫ରେ ଇସ୍ରାଏଲର ଜଣେ ପ୍ରାଣୀ ଅଧିକାର କର୍ମୀ କୁକୁଡ଼ାଛୁଆଙ୍କୁ କିପରି ହତ୍ୟା କରାଯାଉଛି ତାହାର ଏକ ଭିଡିଓ ଭାଇରାଲ କରିଦେଇଥିଲେ। ତାହା ସେତେବେଳେ ପ୍ରବଳ ପ୍ରତିକ୍ରିୟା ସୃଷ୍ଟି କରିଥିଲା। କିନ୍ତୁ କିଛି ହେଲା ନାହିଁ। ତେବେ ଏକ ନୂଆ ପ୍ରଯୁକ୍ତିବିଦ୍ୟା ବଳରେ ଅଣ୍ଡିରା କୁକୁଡ଼ାଛୁଆଙ୍କୁ ମୂଳରୁ ଜନ୍ମ ହେବାକୁ ନ ଦେଇ ଏଭଳି ହତ୍ୟାକୁ ବନ୍ଦ କରାଯାଇପାରେ। ଜର୍ମାନ ଓ ଡଚ୍ ବୈଜ୍ଞାନିକମାନେ ଏକ ପଦ୍ଧତି ବାହାର କରିଛନ୍ତି, ଯାହାଦ୍ୱାରା ଅଣ୍ଡିରା କୁକୁଡ଼ା ଅଣ୍ଡାକୁ ଚିହ୍ନଟ କରାଯାଇପାରିବ। କିଛିବର୍ଷ ତଳେ ଲିପଜିଗ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଆବିଷ୍କାର କରିଥିଲେ ଯେ, ମାଈ ଅଣ୍ଡାରେ ଏଷ୍ଟ୍ରୋନ୍ ସଲ୍‌ଫେଟ୍ ନାମକ ଏକ ହର୍ମୋନ୍ ଅଛି। ଏହି ହର୍ମୋନ୍‌କୁ ଅଣ୍ଡାଟି ୯ ଦିନର ହୋଇଥିବା ବେଳେ ଦେଖାଯାଏ। ଅଣ୍ଡା ଛୁଆ ଫୁଟିବାକୁ ୨୧ ଦିନ ଲାଗେ। ଡଚ୍ ଟେକ୍ନୋଲୋଜି କମ୍ପାନୀ ହ୍ୟାଚ୍ ଟେକ୍ ଏକ ଅଟୋମେଟେଡ୍ ମେଶିନ୍ ବାହାର କରିଛି, ଯାହାଦ୍ୱାରା ଅଣ୍ଡାର ଲିଙ୍ଗ ନିର୍ଣ୍ଣୟ କରିହେବ। ଏକ ଲେଜର ବିମ୍ ଅଣ୍ଡାରେ ୦.୩ମିମି କଣା କରି ସେଥିରେ ଥିବା ରସର ଗୋଟିଏ ବିନ୍ଦୁ ବାହାର କରିଦେବ। ସେହି ରସକୁ ପରୀକ୍ଷା କରି ଅଣ୍ଡାର ଲିଙ୍ଗ ନିର୍ଣ୍ଣୟ କରିହେବ। ଏହି ପ୍ରକ୍ରିୟାରେ ଗୋଟିଏ ଅଣ୍ଡାର ଲିଙ୍ଗ ନିର୍ଣ୍ଣୟ କରିବାକୁ ଏକ ସେକେଣ୍ଡ ଲାଗିବ। ଲିଙ୍ଗ ଚିହ୍ନଟ ପରେ ଅଣ୍ଡିରା ଅଣ୍ଡାଗୁଡ଼ିକରୁ ଆଉ ଛୁଆ ଫୁଟା ନ ଯାଇ ତାହାକୁ ପ୍ରାଣୀ ଖାଦ୍ୟ ପାଇଁ ପ୍ରକ୍ରିୟାକରଣ କରାଯିବ। ୨୦୧୮ ନଭେମ୍ବର ମାସରୁ ବର୍ଲିନ ସୁପରମାର୍କେଟ୍ ଏହି ଅଣ୍ଡା ବିକ୍ରି ଆରମ୍ଭ କରିଛି। ଏହି ଅଣ୍ଡା ୨୦୧୯ରେ ସାରା ଜର୍ମାନୀରେ ଏବଂ ୨୦୨୦ ସୁଦ୍ଧା ସାରା ୟୁରୋପରେ ବିକ୍ରି ହେବ। ଫଳରେ ଯେଉଁସବୁ ଅଣ୍ଡାରୁ ଛୁଆ ଫୁଟାଯିବ, ସେଗୁଡ଼ିକରୁ କେବଳ ମାଈ କୁକୁଡ଼ାଛୁଆ ହିଁ ଜନ୍ମ ନେବେ। ଏହି ପ୍ରକଳ୍ପକୁ ଜର୍ମାନୀ ସରକାର ପାଣ୍ଠି ଯୋଗାଉଛନ୍ତି। ଭାରତରେ କିନ୍ତୁ ଅଣ୍ଡିରା କୁକୁଡ଼ାଛୁଆଙ୍କ ହତ୍ୟା ବଳବତ୍ତର ରହିଛି। ତେଣୁ ଯେଉଁମାନେ ବି ଅଣ୍ଡା ଖାଉଛନ୍ତି, ସେମାନେ ଅଣ୍ଡିରା କୁକୁଡ଼ାଛୁଆଙ୍କ ହତ୍ୟା ବ୍ୟତିରେକେ ଏହି ଅଣ୍ଡା ପାଉନାହାନ୍ତି।

ତେବେ ଉକ୍ତ ଅଣ୍ଡା ଉତ୍ପାଦନ ପ୍ରକ୍ରିୟାରେ କେବଳ ଅଣ୍ଡିରା କୁକୁଡ଼ାଛୁଆ ବଳିପଡୁ ନାହାନ୍ତି। ମାଈ କୁକୁଡ଼ା ବି ବର୍ଷେ ଅଣ୍ଡା ଦେବା ପରେ ଯେତେବେଳେ ସେମାନଙ୍କ ଅଣ୍ଡା ଦେବା ସଂଖ୍ୟା କମିଯାଉଛି, ସେମାନଙ୍କୁ ବି ହତ୍ୟା କରାଯାଉଛି। ଅଥଚ ଏକ କୁକୁଡ଼ାର ଜୀବନକାଳ ହେଉଛି ହାରାହାରି ୧୫ ବର୍ଷ। କୁକୁଡ଼ାମାନଙ୍କୁ କାର୍ଡବୋର୍ଡ, ମକା, ହର୍ମୋନ ଓ ଅନ୍ୟ କୁକୁଡ଼ାଙ୍କ ଦେହାବଶେଷ ଖାଇବାକୁ ଦିଆଯାଉଛି। ପ୍ରତିବର୍ଷ ୫ ହଜାର କୋଟି ମାଈ କୁକୁଡ଼ାଙ୍କୁ ହତ୍ୟା କରାଯାଉଛି। ଅଣ୍ଡା ଖାଉଥିବା ପ୍ରତ୍ୟେକ ବ୍ୟକ୍ତି ଏହି ହତ୍ୟା ସହ ପରୋକ୍ଷଭାବେ ସଂଶ୍ଳିଷ୍ଟ। ୟୁଟ୍ୟୁବ୍‌ରେ ଏସବୁର ଅନେକ ଫିଲ୍ମ ଦେଖିବାକୁ ମିଳୁଛି। ଆପଣ ଯଦି ଅଣ୍ଡା ଖାଉଥାନ୍ତି, ତେବେ ଏ ଭିଡିଓ ସବୁ ଦେଖିବା ଉଚିତ।

Email: gandhim@nic.in

## ପ୍ୟାଡ୍‌ମ୍ୟାନ୍ ଓ ମହିଳାଙ୍କ ସ୍ୱାସ୍ଥ୍ୟ



ଡା. ସୁରେନ୍ଦ୍ର ନାଥ ପତି

ମହିଳାମାନେ ସାଧାରଣତଃ ନିଜ ବାସଗୃହ, ପରିବେଶ, ବଗିଚା ଇତ୍ୟାଦି ପ୍ରତ୍ୟହ ପରିଷ୍କାର କରନ୍ତି। ସକାଳେ ଘର ଝାଡୁମାରିବା, ପିଣ୍ଡା ଧୋଇବା, ବର୍ଜ୍ୟବସ୍ତୁ ଦୂରରେ ନିର୍ଦ୍ଦିଷ୍ଟ ସ୍ଥାନରେ ପକାଇବା ଆଦି କାମ କରନ୍ତି। ପୂଜା, ଓଷା ଦିନରେ ଝୋଟି ଚିତା, ମୁରୁଜ ପକାନ୍ତି, ଦାଣ୍ଡଦୁଆରେ ଆମ୍ବଡାଳ ବାନ୍ଧନ୍ତି । ସହରରେ ଗୃହର ବର୍ଜ୍ୟବସ୍ତୁକୁ ସଫାଇ କର୍ମଚାରୀ ନେଇ ଟ୍ରଲିରେ, ଟ୍ରକରେ ପକାନ୍ତି। ସହରର ରାସ୍ତା, ପରିବା ବଜାର, ଆମିଷ ବଜାର ମଧ୍ୟ ସେମାନେ ପ୍ରତ୍ୟହ ସଫା କରନ୍ତି। ପୁରୁଷ କର୍ମଚାରୀ ମଧ୍ୟ ମହିଳା ସଫାଇ କର୍ମଚାରୀଙ୍କୁ ସାହାଯ୍ୟ କରନ୍ତି। ଗାଁରେ ମହିଳାମାନେ ଖୋଲାପଡ଼ିଆ, ପୋଖରୀ ହୁଡ଼ା, ନଦୀକୂଳ, ରେଳଲାଇନ କଡ଼ରେ ମୁକ୍ତ ପରିବେଶରେ ମଳତ୍ୟାଗ କରନ୍ତି। ସ୍ୱଚ୍ଛଳ ବର୍ଗର ପରିବାରରେ ପାଇଖାନା, ଗାଧୁଆଘରର ବ୍ୟବସ୍ଥା ଏବକୁ ହେଲାଣି।

ସାଧାରଣ ସ୍ୱାସ୍ଥ୍ୟରକ୍ଷା ଜ୍ଞାନ ଗାଁ ଗହଳିରେ ନ ଥାଏ। ପୂର୍ବରୁ ଚଳିଆସୁଥିବା ପ୍ରଥାକୁ ସେମାନେ ଅନୁସରଣ କରିଥାନ୍ତି। ଅନ୍ୟ ରାଜ୍ୟ ଓ ବିଦେଶରୁ ଆସୁଥିବା ପର୍ଯ୍ୟଟକମାନେ ଯଦି ଗ୍ରାମ୍ୟ ଜୀବନ ବିଷୟରେ ଜ୍ଞାନଲାଭ କରିବାକୁ ଆସନ୍ତି, ସେମାନେ ଏସବୁ ସ୍ୱଚକ୍ଷୁରେ ଦେଖି ଘୃଣାଭାବ ପୋଷଣ କରନ୍ତି। ଭାରତ ଏକ ଗରିବ ଦେଶ ଥିଲା। ଓଡ଼ିଶା ଅଶିକ୍ଷିତ, ଦୁଃସ୍ଥ ରାଜ୍ୟ ଭାବେ ପରିଗଣିତ। ଅଧୁନା ଭାରତ ସରକାର ସମଗ୍ର ଦେଶରେ ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ କରିଛନ୍ତି। ପୂର୍ବରୁ ଏହି କାର୍ଯ୍ୟକ୍ରମ ଧୀର, ମନ୍ଥର ଗତିରେ ଚାଲୁଥିବା ବେଳେ ୨୦୧୪ରୁ ଏହା ଦ୍ରୁତଗତିରେ ଚାଲିଲାଣି। ପାଇଖାନା ନିର୍ମାଣ ପାଇଁ ଅର୍ଥଦାନ କରୁଛନ୍ତି କେନ୍ଦ୍ର ସରକାର। ରାଜ୍ୟ ସରକାରଙ୍କ ସହଯୋଗ ଓ ପରିଚାଳନା ଯୋଗୁ ପ୍ରତି ଗୃହରେ ପ୍ରାୟତଃ ପାଇଖାନା ନିର୍ମିତ ହେଲାଣି। ୨୦୧୯ ଅକ୍ଟୋବର ସୁଦ୍ଧା ଭାରତ ଓଡିଏଫ୍ (ଓପନ ଏୟାର ଡିଫେକ୍‌ଶନ) ଭାରତ ହେବାର ଲକ୍ଷ୍ୟ ରଖାଯାଇଛି। ଖୋଲା ସ୍ଥାନରେ ମଳତ୍ୟାଗ କରିବା ଦ୍ୱାରା ମହିଳା ଓ ବାଳିକାମାନେ ବଳାତ୍କାର ଓ ହତ୍ୟାର ଶିକାର ହେଉଥିଲେ। ନିର୍ଜନ ସ୍ଥାନ, ଅନ୍ଧକାର ପରିବେଶର ସୁଯୋଗ ନେଇ ବଳାତ୍କାରୀମାନେ ଏପରି କରିବାକୁ ସୁଯୋଗ ପାଉଥିଲେ। ଏବେ ସେ ସବୁର ସଂଖ୍ୟା ଧୀରେ ଧୀରେ କମିବାକୁ ଆରମ୍ଭ କଲାଣି।

ଆମ ଦେଶରେ ମହିଳାମାନେ ଅନ୍ୟ ଏକ ପ୍ରକାର ଭୟଙ୍କର ଅସ୍ୱଚ୍ଛତାର ଶିକାର ହୁଅନ୍ତି। ଏହା ପ୍ରାଚୀନ କାଳରୁ ଚାଲି ଆସୁଥିଲା। ସେମାନଙ୍କର ମାସିକ ଋତୁସ୍ରାବ କାଳରେ ଦେହରୁ ନିର୍ଗତ ରକ୍ତ ଓ ତରଳ ପଦାର୍ଥକୁ କିପରି ପୋଛାପୋଛି କରି ଶରୀରକୁ ପରିଷ୍କାର ରଖିବେ, ସେ ବିଷୟରେ କେହି ଅଧିକ ଧ୍ୟାନ ଦେଉ ନ ଥିଲେ। ଗତାନୁଗତିକ ଭାବେ ମା, ଭଉଣୀଙ୍କଠାରୁ ଶିଖିଥିବା ସୂତାକପଡ଼ାକୁ ଭାଙ୍ଗି ମୋଟାକରି ପିନ୍ଧନ୍ତି। ଏହା ରକ୍ତକୁ ଶୋଷିନିଏ। ଦିନକୁ ଏକାଧିକ ଥର ବଦଳାଇବାକୁ ପଡେ। ଧୋଇକରି ଗୁପ୍ତ ସ୍ଥାନରେ ଶୁଖାଇ ପୁନଃ ବ୍ୟବହାର କରନ୍ତି। ଅପରିଷ୍କାର ପରିବେଶ ଯୋଗୁ ଏହି କପଡ଼ା ଜୀବାଣୁ ଦ୍ୱାରା ସଂକ୍ରମିତ ହୋଇ ଯୌନାଙ୍ଗ ସଂକ୍ରମଣ କରେ। ଏହାଦ୍ୱାରା ମହିଳାଙ୍କର ପରିସ୍ରାନଳୀ, ଗର୍ଭାଶୟ, ଓଭାରୀ ଆଦିରେ ରୋଗ ସୃଷ୍ଟି ହୁଏ। ଯନ୍ତ୍ରଣା, ଜ୍ୱର, କମ୍ପ ଆଦି ଦେଖାଯାଏ। ସମ୍ପୂର୍ଣ୍ଣ ସୁସ୍ଥ ହେବାକୁ ଅର୍ଥବ୍ୟୟ କରିବାକୁ ହୁଏ ଓ ଅଧିକ ସମୟ ଲାଗେ। ଅଧୁନା ଶିକ୍ଷାର ବିସ୍ତାର ହେବାରୁ ଝିଅମାନେ ଆଉ ପୂର୍ବପରି କପଡ଼ା ବ୍ୟବହାର କରୁନାହାନ୍ତି। ମା, ଭଉଣୀମାନେ ଯାହା କରୁଥିଲେ ତାକୁ ସ୍ୱାସ୍ଥ୍ୟପକ୍ଷରେ କ୍ଷତିକାରକ କହି ସମ୍ପୂର୍ଣ୍ଣ ବର୍ଜନ କରିସାରିଲେଣି। ନୂତନ ସାନିଟାରୀ ପ୍ୟାଡ୍ ବା ନାପକିନ ବହୁଳଭାବେ ବଜାରରେ ବିକ୍ରି ହେଉଛି। ଏହା ବିଭିନ୍ନ ସାଇଜର, ସୁଗନ୍ଧଯୁକ୍ତ, ଶସ୍ତାଠାରୁ ଦାମିକା ମଧ୍ୟ ଉପଲବ୍ଧ। ବଲିଉଡର ସିନେମା ପ୍ୟାଡମ୍ୟାନ ଏ ଦିଗରେ ମହିଳାମାନଙ୍କୁ ସଚେତନ କରିବାରେ ସର୍ବପ୍ରଥମ ପଥପ୍ରଦର୍ଶକ ହୋଇଛି। ସ୍ତ୍ରୀଲୋକ, ବାଳିକାମାନେ ଅଙ୍ଗେ ନିଭାଉଥିବା ଅଥଚ ଲଜ୍ଜାବଶତଃ ପୁରୁଷମାନଙ୍କ ସମକ୍ଷରେ ପ୍ରକାଶ କରିପାରୁ ନ ଥିବା ଋତୁସ୍ରାବଜନିତ ପ୍ରାକୃତିକ ଘଟଣାକୁ ଲୋକଲୋଚନକୁ ଆଣିଛି। ଏହି ସିନେମାର ରାଇଟର, ପ୍ରଡ୍ୟୁସର, ଡାଇରେକ୍ଟର, ଆର୍ଟିଷ୍ଟମାନେ ଧନ୍ୟବାଦ ପାଇବାର ଯୋଗ୍ୟ। ସାମାଜିକ ନିନ୍ଦା, ଭର୍ତ୍ସନା, ତିରସ୍କାରକୁ ସାମ୍ନା କରି କିପରି ନାରୀ ସମାଜର ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାକୁ ସରଳ ପନ୍ଥାରେ ସମାଧାନ କରିଛନ୍ତି, ପ୍ରମାଣ ସହ ପ୍ରଦର୍ଶନ କରିଛନ୍ତି ଏହି ପ୍ୟାଡମ୍ୟାନ ଚଳଚ୍ଚିତ୍ର ସମ୍ପାଦନାମଣ୍ଡଳୀ।

ସାନିଟାରୀ ପ୍ୟାଡ ବା ନାପକିନକୁ ମହିଳାମାନେ ଅଣ୍ଡରୱେର ବା ପ୍ୟାଣ୍ଟି ତଳେ ପିନ୍ଧନ୍ତି ଋତୁସ୍ରାବ ସମୟରେ। ସାଧାରଣତଃ ଏହା କଟନ ଓ ପ୍ଲାଷ୍ଟିକ ଦ୍ରବ୍ୟରେ ତିଆରି ହୋଇଥାଏ। ପ୍ଲାଷ୍ଟିକ ଅଂଶ ବ୍ୟାକ୍‌ସିଟରେ ରହେ। ଏଥିରେ ତରଳ ପଦାର୍ଥ ବହିର୍ଗତ ହୁଏ ନାହିଁ। ପଲିମର ପାଉଡର, ଯାହାର ଶୋଷଣ କରିବାର କ୍ଷମତା ଅଧିକ ଏଥିରେ ଦିଆ ହୋଇଥାଏ। ଗୋଟିଏ ପ୍ୟାଡ କେବଳ ଥରେ ମାତ୍ର ବ୍ୟବହାରଯୋଗ୍ୟ। କିନ୍ତୁ ତୁଳା କପଡାରେ ତିଆରି ହୋଇଥିବା ପ୍ୟାଡକୁ ଧୋଇ ଶୁଖାଇ ବ୍ୟବହାର କରିହେବ। ବିଭିନ୍ନ କମ୍ପାନୀ ବିଭିନ୍ନ ପ୍ରକାର ପ୍ୟାଡ୍ ନିର୍ମାଣ କରୁଛନ୍ତି, ଯଥା ପ୍ୟାଣ୍ଟି ଲାଇନର, ଅଲଟ୍ରାଥିନ, ମ୍ୟାକ୍‌ସି, ଓଭରନାଇଟ୍, ମ୍ୟାଟର୍ନିଟି ଆଦି। ସର୍ବପ୍ରଥମେ କପଡ଼ାରେ ନିର୍ମିତ ପ୍ୟାଡ୍ ୧୯୭୦ରେ ଆରମ୍ଭ ହୋଇ ବହୁଳ ଭାବରେ ବ୍ୟବହୃତ ହେଲା। ଏହା ଶସ୍ତା, ଆରାମଦାୟକ ଓ ସ୍ୱାସ୍ଥ୍ୟ ପାଇଁ ଉତ୍ତମ। ଉଲ୍ଲେଖଯୋଗ୍ୟ ଯେ, ପ୍ୟାଡ ତିଆରି ପାଇଁ ପେଟ୍ରୋଲିୟମଜାତ ପଦାର୍ଥ, ଜଙ୍ଗଲଜାତ ପଦାର୍ଥ, ଉଡ୍‌ପଲ୍‌ପ, ପଲି ଆକ୍ରିଲେଟ ଜେଲ ଆଦି ବ୍ୟବହୃତ ହୁଏ। ସ୍ୱାସ୍ଥ୍ୟକର, ଶସ୍ତା, ବିଶୁଦ୍ଧ ପ୍ୟାଡ୍ ନିର୍ମାଣ ପାଇଁ କୋଏମ୍ବାଟୁରର ଅରୁଣାଚଳମ୍ ନାମକ ଜଣେ ବ୍ୟକ୍ତି ଗୋଟିଏ ମେଶିନ ନିର୍ମାଣ କରିଛନ୍ତି। ଅନ୍ୟ ସ୍ଥାନରେ ମଧ୍ୟ ଶସ୍ତା ପ୍ୟାଡ୍ ତିଆରି ହୋଇ ଭେଣ୍ଡିଂ ମେଶିନରେ ଉପଲବ୍ଧ ହେଲାଣି। ଏହାକୁ କିଣିବା ଆଉ ଲଜ୍ଜାକର କାର୍ଯ୍ୟ ହୋଇନାହିଁ। ମହିଳାମାନଙ୍କୁ ସମ୍ମାନ ଦେଇ ଭାରତ ସରକାର ଏଥିରେ ଜିଏସ୍‌ଟି ଲାଗୁ କରିନାହାନ୍ତି।

ରେଣୁକା ଏନକ୍ଲେଭ, ବଡ଼ଶଙ୍ଖ,
ପୁରୀ, ମୋ-୯୪୩୭୪୯୪୭୭୬

## ଏଇ ଭାରତରେ

ରାଜନୀତିରେ ସୁଧାର ଦାବି କରି ଜଣେ ଯୁବକ ପାଣିଟାଙ୍କିରେ ଚଢ଼ି ଡେଇଁବାକୁ ଧମକ ଦେବା ଘଟଣାର ଭିଡିଓ ଭାଇରାଲ ହୋଇଛି। ଆନ୍ଧ୍ରପ୍ରଦେଶ କ୍ରିଷ୍ଣା ଜିଲାର ଅମରାବତୀ ଅଞ୍ଚଳରେ ଏପରି ଏକ ଅଭାବନୀୟ ଘଟଣା ଘଟିଛି। ଦେଶରେ ପ୍ରଚଳିତ ରାଜନୈତିକ ବିଧିବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଜଣେ ୨୧ ବର୍ଷ ବୟସ୍କ ଯୁବକ ଆତ୍ମହତ୍ୟା କରିବାକୁ ଅଡି ବସିଥିଲେ। ସ୍ଥାନୀୟ ଆର୍ଯ୍ୟବାଣୀଗୁଡେମ୍ ଗାଁରେ ବାସକରୁଥିବା ବିଜୟ ରାଜୁ ପାଣିଟାଙ୍କିରେ ଚଢ଼ି ରାଜନୀତିରେ ସୁଧାର ଦାବି କରିଥିଲେ। ଦାବିପୂରଣ ନ ହେଲେ ସେ ଟାଙ୍କିରୁ ଡେଇଁ ଆତ୍ମହତ୍ୟା କରିବାକୁ ଧମକ ମଧ୍ୟ ଦେଇଥିଲେ। ଆଶ୍ୱାସନା ମିଳିଲେ ସେ ପାଣିଟାଙ୍କିରୁ ଓହ୍ଲାଇବେ ବୋଲି କହିଥିଲେ। ସ୍ଥାନୀୟ ଲୋକଙ୍କ ବୁଝାଶୁଝା ପରେ ମଧ୍ୟ ବିଜୟ ବୁଝି ନ ଥିଲେ। ଏହାପରେ ପୋଲିସକୁ ଖବର ଦିଆଯାଇଥିଲା। ସର୍କଲ ଇନ୍ସପେକ୍ଟର ରବି କୁମାର ଏବଂ ସବ୍ ଇନ୍ସପେକ୍ଟର ଶ୍ରୀନିବାସ ଘଟଣାସ୍ଥଳରେ ପହଞ୍ଚି ବହୁକଷ୍ଟରେ ବିଜୟଙ୍କୁ ତଳକୁ ଆଣିଥିଲେ। ତାଙ୍କୁ ଥାନାରେ ଅଟକ ରଖାଯାଇ ତଦନ୍ତ ଜାରି ରହିଛି। ଏହାର ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ଚିରନ୍ତନୀ

ମୁଖଶାଳା ପରେ ତାର
ଉଭାହୋଇ କିଏ ଉଠେ ଡାକି
ଖେଳିଯାଏ ସେ ଶବଦ
ଦଶ ଦିଗପାଳେ କରି ସାକ୍ଷୀ।
ଧରଣୀର ତନ୍ତ୍ରୀ ଥରେ
ତୃଣ ସମ ଦୋହଲେ ଅଚଳ!
ସେ ଶବଦେ ଉଠେ କମ୍ପି
ସକଳ ବିଶ୍ୱର ବକ୍ଷସ୍ଥଳ।

(ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | E | | 5 | | A | 1 | | | 0 | | 4 | | | 6 |
| | 7 | 2 | 1 | | | 3 | | | | 6 | | | | D |
| C | | 3 | D | | | | | | | | | 4 | | 2 |
| 4 | | | | B | | 5 | | | | | | | | |
| A | 0 | | 3 | 6 | | | | | | E | | C | | B |
| | | | 9 | 3 | | 4 | 2 | | | | D | | 6 | 0 |
| 7 | 9 | 4 | | 2 | | | 0 | | | | | 8 | | |
| | C | D | | | 4 | | 8 | | | | 6 | | | |
| | | | | | 6 | B | 7 | | | | C | | 2 | |
| E | | | 0 | | | | | | | | 7 | 9 | | 3 |
| | | 9 | 8 | 0 | | 6 | | | | | B | | | |
| 5 | | | | D | B | C | | | | 4 | | | | |
| | 2 | | | | | | 9 | | | | 5 | | | |
| | B | | A | | 5 | | | | E | | | 3 | | C |
| 8 | | A | | | | 0 | | | 1 | D | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | C | 1 | D | 2 | 7 | 0 | 8 | 5 | B | E | 3 | 9 | 4 | 6 |
| 7 | 9 | 4 | 1 | E | 3 | C | A | D | 6 | 5 | 8 | B | 2 | 0 |
| D | 5 | B | C | 4 | 0 | 9 | 2 | 6 | A | 1 | 7 | 3 | E | 8 |
| 0 | 6 | 2 | 8 | 9 | B | E | 1 | 3 | C | D | 4 | 7 | 5 | A |
| 8 | E | 3 | 6 | A | 5 | B | 7 | 4 | 9 | 2 | 0 | C | 1 | D |
| E | 8 | A | 9 | 1 | C | 3 | D | 2 | 0 | B | 5 | 6 | 7 | 4 |
| 4 | 1 | 7 | 3 | 6 | D | 5 | 0 | B | 2 | C | A | E | 8 | 9 |
| 9 | 2 | 5 | 0 | 7 | A | 8 | 6 | 1 | 3 | 4 | E | D | B | C |
| B | 3 | C | 4 | 5 | 8 | A | E | 7 | D | 6 | 9 | 1 | 0 | 2 |
| 6 | D | 0 | E | B | 2 | 4 | 9 | C | 8 | 7 | 1 | 5 | A | 3 |
| 2 | 0 | D | 7 | 3 | 1 | 6 | 5 | E | 4 | 8 | C | A | 9 | B |
| 1 | 7 | 6 | 2 | 0 | 9 | D | C | 8 | 5 | A | B | 4 | 3 | E |
| 5 | A | 9 | B | C | E | 2 | 4 | 0 | 7 | 3 | 6 | 8 | D | 1 |
| C | B | E | A | 8 | 4 | 7 | 3 | 9 | 1 | 0 | D | 2 | 6 | 5 |
| 3 | 4 | 8 | 5 | D | 6 | 1 | B | A | E | 9 | 2 | 0 | C | 7 |

ଗତକାଲିର ଉତ୍ତର

# ଭୋଟର ହୁଡ଼ିଲେ ପାଞ୍ଚ ବରଷ



ବିଚିତ୍ର ବିଶ୍ୱାଳ

ନିର୍ବାଚନର ବିଗୁଲ୍ ବାଜି ସାରିଲାଣି ସାରା ଦେଶରେ। ଏପ୍ରିଲ୍ ମାସର ତାତିରେ ଆହୁରି ଉଷ୍ମତା ଭରିଦେଇଛି ନିର୍ବାଚନର ଗରମ ହାୱା। ନିର୍ବାଚନ ଘୋଷଣା ପରେ ନେତାମାନଙ୍କର ନାଟକବାଜି ଦେଖି ସାଧାରଣ ଲୋକେ ଅସ୍ତବ୍ୟସ୍ତ ହୋଇଗଲେଣି। କେଉଁଠି ବାହାସ୍ଫୋଟିଆ ଭାଷଣ ଶୁଭିଲାଣି ତ କେଉଁଠି ମିଥ୍ୟା ପ୍ରତିଶ୍ରୁତି। ଦଳଡିଆଁ ତ ଏବର୍ଷ ସବୁ ରେକର୍ଡ ଭାଙ୍ଗିଦେଇଛି। କେଉଁଠି ପ୍ରାର୍ଥୀମାନେ ଲୋକଙ୍କ ଜମିକୁ ଯାଇ ଗହମ କାଟୁଛନ୍ତି, କେଉଁଠି ଲୋକଙ୍କ ପଖାଳ କଂସା ପାଖରେ ବସି ତାଙ୍କ ସହିତ ଖାଉଛନ୍ତି ତ କେଉଁଠି ଖୁଆଇ ଦେଉଛନ୍ତି। ପୁଣି ଲୋକଙ୍କ ଗୋଡ଼ ଧୋଇ ଦେଉଥିବା ପରି ଦୃଶ୍ୟ ମଧ୍ୟ ଦେଖିବାକୁ ମିଳୁଛି। ଏସବୁ ଘଟଣା କେବଳ ହାସ୍ୟାସ୍ପଦ ନୁହେଁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏବେ ବି ନେତାମାନେ ନିଶ୍ଚିତ ଯେ, ଅଳ୍ପ ଟିକେ ଅଭିନୟ ବା ବାହାନାବାଜି କରି ଲୋକମାନଙ୍କୁ ଭୁଆଁ ବୁଲେଇ ତାଙ୍କ ଭୋଟ ହାତେଇ ହେବ।

କଥାରେ ଅଛି, ଚାଷୀ ହୁଡ଼ିଲେ ବରଷେ, ଭୋଟର ହୁଡ଼ିଲେ ପାଞ୍ଚ ବରଷ। କାରଣ ପାଞ୍ଚବର୍ଷରେ ଥରେ ଭୋଟ ଆସିଥାଏ, ଏ ବେଳେ ଯଦି ଭୋଟର ହୁଡ଼ିବେ ବା କାହା ବାହାନାରେ ଭଳିଯିବେ କିମ୍ବା ଟଙ୍କାର ପ୍ରଲୋଭନରେ ଭୋଟ ଦେବେ ତେବେ ତାଙ୍କୁ ପାଞ୍ଚବର୍ଷ ଯାଏ ପସ୍ତେଇବାକୁ ପଡ଼ିବ। ଯଦିଓ ଭୋଟ ଦେବାଟା ଆମକୁ ଅତି ସାଧାରଣ କର୍ମ ଭଳି ଲାଗୁଛି, କିନ୍ତୁ ଗୋଟିଏ ଭୋଟ ହିଁ ଆମର ଆଗାମୀ ପାଞ୍ଚବର୍ଷର ଭବିଷ୍ୟତ ନିର୍ଦ୍ଧାରଣ କରିବ। ତେଣୁ ଆଜିର ପରିସ୍ଥିତିରେ ଭୋଟରମାନେ ଆଦୌ ସୁଯୋଗ ଛାଡ଼ିବା କଥା ନୁହେଁ।

ସାମ୍ପ୍ରତିକ ସମୟରେ ଭୋଟରଙ୍କୁ ଭୁଆଁ ବୁଲେଇବା ପାଇଁ ନେତାମାନେ ନାନା ଫନ୍ଦିଫିକର କରୁଛନ୍ତି। ଏହି ସବୁ ଫନ୍ଦିଫିକର ଏତେ ସୀମା ଟପୁଛି ଯେ, ବିଚରା ସାଧାରଣ ଲୋକଟିଏ ଅଭିନୟକୁ ଠଉରାଇଲେ ମଧ୍ୟ ଅନେକ ସମୟରେ ସତ କ'ଣ ଜାଣିବା କଷ୍ଟକର ହୋଇପଡୁଛି। ନିର୍ବାଚନ ଘୋଷଣା ହେଉ ହେଉ ଆମ ଦେଶରେ ଏପରି ଦେଶପ୍ରେମର ପବନ ବହିଲା ଯେ, ସାଧାରଣ ଲୋକେ ଭୁଲିଗଲେ ନିର୍ବାଚନରେ ସେମାନଙ୍କର ଜୀବନଜୀବିକା ଯଥା ଚାଷବାସ, ରୋଜଗାର, ଗରିବୀ, ଦରଦାମ୍ ବୃଦ୍ଧି ଆଦି ପ୍ରସଙ୍ଗ ଉଠିବା କଥା। ଏସବୁ କଥା ଜମା ବି ଆଜିର ନିର୍ବାଚନରେ ଆଲୋଚନା ହେଉନାହିଁ। କେବଳ ଛଳନାତ୍ମକ ଭାବେ ଦେଶପ୍ରେମର କଥା ବାରମ୍ବାର ଦୋହରାଯାଉଛି। ଏହାଦ୍ୱାରା ସାଧାରଣ ଲୋକଙ୍କ ଭୋଟକୁ ନେତାମାନେ ନିଜ ବାଗରେ ମୋଡ଼ିଦେବେ, କିନ୍ତୁ ଲୋକମାନଙ୍କ ନିତିଦିନିଆ ସମସ୍ୟା ଯେଉଁଠି ଅଛି ସେଇଠି ହିଁ ରହିବ। ତେଣୁ ଭୋଟରମାନେ ଏସବୁ ଘଟଣାକୁ ବୁଝି, ଏଥିରେ ଭଳି ନ ଯାଇ ନିଜ ଭୋଟକୁ ଉପଯୁକ୍ତ ବ୍ୟକ୍ତିଙ୍କୁ ଦେବା ଉଚିତ। ସେହିପରି ଆଜି ଦେଖାଯାଉଛି, ଜଣେ ପରେ ଜଣେ ନେତା ସାଧାରଣ ଲୋକମାନଙ୍କ ସହିତ ଏପରି ମିଶିବାର ଅଭିନୟ କରୁଛନ୍ତି, ଯେମିତି ଗୋପବନ୍ଧୁ ତାଙ୍କ ପାଖରେ ସମାଜସେବାରେ ହାର୍ ମାନିଯିବେ। ତେଣୁ ଏବେ ଲୋକମାନଙ୍କ ପାଳି। ଲୋକମାନେ ମିଥ୍ୟା ଅଭିନୟରେ ଭଳି ନ ଯାଇ ଉପଯୁକ୍ତ ପ୍ରାର୍ଥୀଙ୍କୁ ନିଜ ବିବେକସମ୍ମତ ଭାବେ ବାଛିବାର ଅଛି।

ଏବେ ସବୁ ଟିଭିରେ ପ୍ରାୟ ଚବିଶ ଘଣ୍ଟିଆ ନିର୍ବାଚନ ଖବର ଆସୁଛି। ଲୋକମାନେ ଆଖି କାନ ଡେରି ସେହି ସବୁ ଖବରକୁ ପିଇ ଯାଉଛନ୍ତି। ଟିଭିଗୁଡ଼ିକରେ ନିର୍ବାଚନ ବିଷୟରେ ଭବିଷ୍ୟବାଣୀ କରାଯାଉଛି। କିଏ କହୁଛି, ଭାଜପା ବଢ଼ୁଛି ତ କିଏ କହୁଛି କଂଗ୍ରେସ ବଢ଼ୁଛି। ଗୋଟିଏ ଚ୍ୟାନେଲ୍‌ର ଗୋଟିଏ କଥା ତ ଆଉ ଗୋଟିଏ ଚ୍ୟାନେଲ୍‌ର ଆଉ ଗୋଟିଏ କଥା। ଅନେକ କ୍ଷେତ୍ରରେ ଏହି ଚ୍ୟାନେଲ୍‌ଗୁଡ଼ିକରେ ଦେଖାଯାଉଥିବା ପ୍ରାୟୋଜିତ ଭବିଷ୍ୟବାଣୀ ବି ଲୋକମାନଙ୍କ ଭୋଟକୁ ପ୍ରଭାବିତ କରୁଛି। କିନ୍ତୁ ଲୋକମାନେ ଭୁଲିଯିବା ଉଚିତ ନୁହେଁ, ଏହି ଭୋଟ ଦେବାର ସୁଯୋଗ ସେମାନଙ୍କ ପାଖକୁ ଆଉ ଥରେ ପାଞ୍ଚବର୍ଷ ଭିତରେ ଆସିବ ନାହିଁ। ଟିଭି ଚ୍ୟାନେଲ୍‌ମାନେ ତାଙ୍କ ବେପାରରେ ଅଛନ୍ତି। ଅନେକ ଟିଭି ଚ୍ୟାନେଲ୍ ତ ଖୋଦ ନେତାଙ୍କ ଦ୍ୱାରା ପରିଚାଳିତ ହେଉଛି। ତେଣୁ ପାଞ୍ଚବର୍ଷରେ ଥରେ ଆସିଥିବା ଏହି ସୁଯୋଗକୁ ଲୋକେ ଟିଭିବାଲାଙ୍କ ପ୍ରରୋଚନାରେ ନଷ୍ଟ କରନ୍ତୁ ନାହିଁ। କାରଣ ଟିଭିରେ ଦେଖାଯାଉଥିବା ଅନେକ ନିର୍ବାଚନୀ ଭବିଷ୍ୟବାଣୀ ସମ୍ପୂର୍ଣ୍ଣ ଭାବେ ପ୍ରାୟୋଜିତ ଅର୍ଥାତ୍ ତାହା ରାଜନୈତିକ ଦଳମାନଙ୍କର ଏକ ରଣକୌଶଳ। ସେହି ଟିଭିର ଖବର ବା ଭବିଷ୍ୟବାଣୀ ମାଧ୍ୟମରେ ନେତାମାନେ ଲୋକମାନଙ୍କୁ ଶିକାର କରିବା ଯୋଜନାରେ ଅଛନ୍ତି। ତେଣୁ ଲୋକମାନେ ଶିକାର ନ ହୋଇ ନିଜେ ଶିକାର କରିବାକୁ ପ୍ରସ୍ତୁତ ହୁଅନ୍ତୁ।

ଏତଦ୍‌ବ୍ୟତୀତ ସାମ୍ପ୍ରତିକ ସମୟରେ ଆଉ ଗୋଟିଏ କୌଶଳର ପ୍ରୟୋଗ କରାଯାଉଛି, ଯାହାର ନାମ 'ହାୱା'। ଏହି ହାୱାକୁ ଏପରି ପ୍ରଚାର କରାଯାଉଛି ଯେ, ଯେମିତି ଲୋକମାନେ ଭାବିବେ ଅମୁକର ହାୱା ଚାଲିଛି, ସେ ହିଁ ଜିତିବ। ତେଣୁ ତା' ସପକ୍ଷରେ ହିଁ ଭୋଟ ଦେବେ। କିନ୍ତୁ ଅସଲରେ ଏ ହାୱା ବି ନେତାମାନଙ୍କର ନିର୍ବାଚନ ଜିତିବାର ଏକ ରଣକୌଶଳ। ତେଣୁ ଲୋକମାନେ ଯେତେଦୂର ସମ୍ଭବ କୌଣସି ହାୱାରେ ଉଡ଼ିଯାଆନ୍ତୁ ନାହିଁ। ଅସଲରେ ହାୱା କିଛି ନାହିଁ, ହାୱା ତିଆରି କରାଯାଉଛି, ଲୋକଙ୍କ ମୂଲ୍ୟବାନ୍ ଭୋଟକୁ ହାତେଇବା ପାଇଁ।

ସେହିପରି ଏଥର ଅନେକ ପ୍ରାର୍ଥୀ କହିଛନ୍ତି, ଲୋକଙ୍କ ସେବା କରିବା ପାଇଁ, ନିଜ ବିବେକର ଆହ୍ୱାନରେ ସେମାନେ ଦଳ ବଦଳ କଲେ। ସମାଜସେବା ଓ ବିବେକର ଆହ୍ୱାନ ଆଦି ଏମିତି ଅନେକ ଗାଲୁଆ କଥାମାନ କହି ସେମାନେ ଲୋକଙ୍କୁ ଜାଲରେ ଫସେଇବାକୁ ଚେଷ୍ଟା କରୁଛନ୍ତି। ସେମାନଙ୍କର ଏହି କୁମ୍ଭୀରକାନ୍ଦଣାରେ ଭୋଟର ଭାଇମାନେ ଆଦୌ ଭଳିଯିବା ଉଚିତ ନୁହେଁ। ଭୋଟରମାନେ ନିଷ୍ପତ୍ତି ନିଅନ୍ତୁ ନେତାଙ୍କ ଗାଲୁଆମିରେ ଭାସିଯାଇ ଭବିଷ୍ୟତ ପାଞ୍ଚବର୍ଷ ପାଇଁ ପସ୍ତେଇବେ ନା ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେବେ। ଯଦି ଉପଯୁକ୍ତ ପ୍ରାର୍ଥୀ କେହି ନାହାନ୍ତି, ତେବେ ନିର୍ବାଚନ କମିଶନ ଆମ ପାଇଁ 'ନୋଟା'ର ବିକଳ୍ପ ବି ରଖିଛନ୍ତି।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର

## ପାଠକ ଶ୍ରେଷ୍ଠ ବିଚାରକ

### ସବୁ ଦଳରେ ବିରୋଧର ସ୍ୱର

ମହାଶୟ,

ଲୋକ ସଭା ଓ ବିଧାନସଭା ପାଇଁ ବିଭିନ୍ନ ଦଳ ପ୍ରାର୍ଥୀ ତାଲିକା ପ୍ରକାଶ କରିବା ପରେ ସବୁଦଳରେ ବିରୋଧର ସ୍ୱର ଶୁଣିବାକୁ ମିଳିଛି। ଟିକେଟ ନ ପାଇ ଆଶାୟୀ ପ୍ରାର୍ଥୀମାନେ ଦଳର ନେତୃତ୍ୱଙ୍କ ବିରୋଧରେ ବିଷୋଦ୍‌ଗାର କରିଛନ୍ତି। ଏହାର ମୁଖ୍ୟ କାରଣ ହେଉଛି ଦୀର୍ଘଦିନ ଧରି ଦଳ ପାଇଁ କାର୍ଯ୍ୟ କରିଆସୁଥିବା ନେତାମାନଙ୍କୁ ଟିକେଟ ନ ଦେଇ ସଦ୍ୟ ଗୋଟିଏ ଦଳରୁ ଅନ୍ୟ ଦଳକୁ ଡେଇଁଥିବା ନେତାମାନଙ୍କୁ ଟିକେଟ ମିଳିଛି। ଫଳରେ ଦଳବଦଳକାରୀ ଟିକେଟ ପାଇ ଖୁସି ହେଉଥିବା ବେଳେ ଦୀର୍ଘଦିନ ଧରି କାମ କରିଥିବା ଆଶାୟୀମାନେ ନିରାଶ ହୋଇଛନ୍ତି। ତେଣୁ ଭୋଟ୍‌ଦାତାମାନଙ୍କୁ ଅନୁରୋଧ, ସେମାନେ ସବୁ ଦିଗକୁ ବିଚାର କରି ଭୋଟ ଦେଲେ ନେତାମାନେ ଠିକଣା ଜବାବ ପାଆନ୍ତେ।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### ଟିକସଦାତାଙ୍କ ଅର୍ଥ ଅପବ୍ୟୟ ନ ହେଉ

ଜଗତ୍‌ସିଂହପୁର, କଟକ ଓ ଭୁବନେଶ୍ୱର ମହାନଗରର ନିର୍ବାଚିତ ପ୍ରତିନିଧିମାନଙ୍କ କାର୍ଯ୍ୟକାଳ ଇତିମଧ୍ୟରେ ଶେଷ ହୋଇଛି। ନିର୍ବାଚିତ ପ୍ରତିନିଧିମାନେ ମହାନଗର ନିଗମର ରାସ୍ତାଘାଟ, ନାଳନର୍ଦ୍ଦମା ମରାମତି, ନିର୍ମାଣ ଇତ୍ୟାଦି ଆୟବ୍ୟୟର ହିସାବ ଜନସାଧାରଣଙ୍କ ଜାଣିବା ନିମନ୍ତେ 'ନେଟ୍'ରେ ଛାଡ଼ିବାର ନଜିର ନାହିଁ। ଅବଶ୍ୟ ବିଳମ୍ବରେ ହେଲେ ମଧ୍ୟ ଯେଉଁ ଅଞ୍ଚଳରେ କାମ କରାଯାଇଥାଏ, ସେହି ଅଞ୍ଚଳର ଗୋଟିଏ ସ୍ଥାନରେ କାମର ଅଟକଳ, ଠିକାଦାରଙ୍କ ନାମ ଏବଂ କାର୍ଯ୍ୟର ଅବଧି ଲେଖାଯାଉଛି। ମାତ୍ର ଦୁଃଖର କଥା, ନିମ୍ନମାନର କାମ କାରଣରୁ କାର୍ଯ୍ୟଟି ୧/୨ ବର୍ଷ ମଧ୍ୟରେ ନଷ୍ଟ ହୋଇଯାଉଛି। ଏ କ୍ଷେତ୍ରରେ ସମ୍ପୃକ୍ତ ଠିକାଦାରଙ୍କ ପ୍ରତି ୱାରେଣ୍ଟି ବ୍ୟବସ୍ଥା ଲଗାଯିବା ଆବଶ୍ୟକ। ଫଳରେ ରାସ୍ତାର ମରାମତି ଅଥବା ବିକାଶମୂଳକ କାର୍ଯ୍ୟ ମଜଭୁତ ହେବ ଏବଂ ଲୋକଙ୍କ ଟିକସ ଅର୍ଥର ସଦୁପଯୋଗ ହୋଇପାରିବ। କେଉଁ କାମ କେବେ ହୋଇଥିଲା, କେତେବର୍ଷ ପରେ ପୁନର୍ବାର କାମ କରିବାକୁ ବିଚାର କରାଗଲା, କେତେ ଖର୍ଚ୍ଚ ହୋଇଥିଲା ସେ ସବୁ ନେଟ୍‌ରେ ପ୍ରକାଶ ପାଇବା ଆବଶ୍ୟକ। ନିମ୍ନମାନର କାମ ପାଇଁ କାର୍ଯ୍ୟାନୁଷ୍ଠାନ ହେବା ଦରକାର। ସମସ୍ତପ୍ରକାର ଆୟବ୍ୟୟ ୱେବ୍‌ସାଇଟ୍‌ରେ ପ୍ରକାଶ କରାଯିବା ଉଚିତ।

ଦେବେନ୍ଦ୍ର କୁମାର ପରିଡ଼ା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଏପ୍ରିଲ ୧୯୯୪


- ବିଶ୍ୱ ବାଣିଜ୍ୟ ସଂକ୍ରାନ୍ତ ଗାଟ୍ ରାଜିନାମାର ଚୂଡ଼ାନ୍ତ ଦଲିଲରେ ସ୍ୱାକ୍ଷର ପାଇଁ ମରକ୍କୋର ମାରାକେଶଠାରେ ମନ୍ତ୍ରୀସ୍ତରୀୟ ବୈଠକ ଆରମ୍ଭ।
- ପଞ୍ଜାବର ଗୁରଦାସ୍‌ପୁର-ପଠାନକୋଟ ରାସ୍ତାର ଧାରା ନିକଟରେ ଏକ ଟ୍ରାକ୍ଟର ଟ୍ରଲି କେନାଲ ଭିତରକୁ ଖସିପଡିବା ଫଳରେ ୩୯ ଜଣଙ୍କର ପ୍ରାଣହାନି।

ବିଜୁ ଜନତା ଦଳ
ଯୁବବର୍ଗଙ୍କ ବଳ

# ଯୁବ ସଶକ୍ତିକରଣ

| | |
|---|---|
| ଶିକ୍ଷାନୁଷ୍ଠାନ | : ୭୫% ସ୍ଥାନୀୟ ନିଯୁକ୍ତି |
| ୱାର୍ଲ୍ଡ ସ୍କିଲ୍ ସେଣ୍ଟର | : ୧.୫ ଲକ୍ଷ ଯୁବକଯୁବତୀଙ୍କ ଦକ୍ଷତା ବିକାଶ |
| ସ୍କିଲ୍ଡ୍ ଇନ୍ ଓଡିଶା | : ୫ ବର୍ଷରେ ୧୫ ଲକ୍ଷ ଯୁବକଯୁବତୀ |
| ୧୦ ଲକ୍ଷ ଟଙ୍କା ଷ୍ଟାର୍ଟ ଅପ୍ ସହାୟତା | : ୧୦ ହଜାର ଯୁବକଯୁବତୀ |
| 'ମେକ୍ ଇନ୍ ଓଡିଶା' | : ୩୦ ଲକ୍ଷ ନିଯୁକ୍ତି |
| ଉଚ୍ଚଶିକ୍ଷା | : ୦% ସୁଧରେ ଶିକ୍ଷାଋଣ |
| କଲେଜ ଏବଂ ୟୁନିଭରସିଟି | : ମାଗଣା ୱାଇ-ଫାଇ |
| କଲେଜ ଛାତ୍ରଛାତ୍ରୀ | : ମାଗଣା ୧ଜିବି ଇଣ୍ଟରନେଟ୍ ଡାଟା |
| ନିଯୁକ୍ତି ପରୀକ୍ଷା | : ସବୁ ଫିସ୍ ଛାଡ |

## ନବୀନ ଓଡ଼ିଶା
## ସଶକ୍ତ ଓଡ଼ିଶା



## ନବୀନ ମୋର ପରିବାର
## 'ଶଙ୍ଖ' ମୋର ଚିହ୍ନ

'ଶଙ୍ଖ' ଚିହ୍ନରେ ଭୋଟ୍ ଦିଅନ୍ତୁ। ଦୁଇଥର। ଥରେ ଏମ୍.ପି.ପାଇଁ। ଥରେ ଏମ୍.ଏଲ୍.ଏ ପାଇଁ।

Issued by Biju Janata Dal, Odisha

## ପ୍ରଥମ ରଥଯାତ୍ରା ସମନ୍ୱୟ ବୈଠକ

# ଡ୍ରେନ୍ ସଫେଇ ଉପରେ ଗୁରୁତ୍ୱ

- ନିୟୋଜିତ ହେବ ୩୦ ଆମ୍ବୁଲାନ୍ସ
- ୧୫ ଜାଗାରେ ପାର୍କିଂ ବ୍ୟବସ୍ଥା
- ୨୦୦ ଅସ୍ଥାୟୀ ଷ୍ଟାଣ୍ଡପୋଷ୍ଟ ହେବ

**ପୁରୀ ଅଫିସ,୧୦।୪**

ପୁରୀ ସହରର ପ୍ରମୁଖ ସମସ୍ୟା ହେଉଛି ଡ୍ରେନରେ ଆବର୍ଜନା। ଠିକ୍ ଭାବେ ଡ୍ରେନ୍ ସଫେଇ ହେଉ ନ ଥିବାରୁ ବର୍ଷା ହେଲେ ବଡଦାଣ୍ଡରେ ମଇଳା ପାଣିର ସୁଅ ଛୁଟେ। ଭକ୍ତ ଓ ପର୍ଯ୍ୟଟକ ହନ୍ତସନ୍ତ ହୁଅନ୍ତି। ଗତବର୍ଷ ରଥଯାତ୍ରା ସମୟରେ ପ୍ରବଳ ବର୍ଷା ଯୋଗୁ ମହାପ୍ରଭୁଙ୍କ ରଥ ଗଡିଥିଲା ନଳା ପାଣିରେ। ତେଣୁ ଚଳିତ ବର୍ଷର ରଥଯାତ୍ରା ନିମନ୍ତେ ଡ୍ରେନ୍ ସଫେଇକୁ ଗୁରୁତ୍ୱ ଦେଇଛି ପ୍ରଶାସନ। ବୁଧବାର ସ୍ଥାନୀୟ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମେଳନ କକ୍ଷରେ ଅନୁଷ୍ଠିତ ରଥଯାତ୍ରା ପ୍ରଥମ ସମନ୍ୱୟ କମିଟି ବୈଠକରେ ଏ ନେଇ ସରଗରମ ଆଲୋଚନା ହୋଇଛି। ବୈଠକରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ ସାମଲ ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ରଥ କାଠ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଞ୍ଚଳିକ ବନ ସଂରକ୍ଷକ ଦିବାକର ମିଶ୍ର କହିଥିଲେ, ଏଥର ମୋଟ ୬୭୦ ଖଣ୍ଡ କାଠ ଯୋଗାଇବାକୁ ନୟାଗଡ଼ ଓ ବୌଦ୍ଧ ବନ ମଣ୍ଡଳକୁ କୁହାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଏହି ଦୁଇଟି ଜାଗାରୁ ୩୨୩ଖଣ୍ଡ କାଠ ରଥଖଳା ଏବଂ କଟକ ଖପୁରିଆ ସ' ମିଲରେ ପହଞ୍ଚିଛି। ଶ୍ରୀମନ୍ଦିର ନୀତି କନ୍‌ସଲଟାଣ୍ଟ ରବୀନ୍ଦ୍ର ନାଥ ଦାଶ କହିଥିଲେ, ରଥ ଦଉଡ଼ି ପାଇଁ ଓଡ଼ିଶା କତା ନିଗମକୁ ଅର୍ଡର ଦିଆଯାଇଛି। ଚଳିତବର୍ଷ ୧୨ଟି ଟଣା ଦଉଡି ଏବଂ ୪ଟି ଘେର ଦଉଡ଼ି ଆସିବ। ଝୁଣା ୪ କୁଇଣ୍ଟାଲ ମହଜୁଦ୍ ଅଛି। ଚନ୍ଦନ କାଠ ୪ କୁଇଣ୍ଟାଲ ଅଛି, ଆହୁରି ତାମିଲନାଡୁରୁ ଆସିବ। ସେହିପରି କସ୍ତୁରୀ, ବାସୁଙ୍ଗାପାଟ ପ୍ରଭୃତି ବିଷୟରେ ସେ ସୂଚନା ଦେଇଥିଲେ। ସିଡିଏମ୍‌ଓ ରାମଚନ୍ଦ୍ର ରାଉତ କହିଥିଲେ, ପ୍ରଶାସନ ପକ୍ଷରୁ ଏଥର ୩୧ଫାଷ୍ଟଏଡ୍ ସେଣ୍ଟର ଖୋଲାଯିବ। ୪ଜଣ ଫୁଡ୍ ଇନ୍ସପେକ୍ଟର ବାହାରୁ ଆସିବେ। ୩୦ ଆମ୍ବୁଲାନ୍ସ ନିୟୋଜିତ କରାଯିବ। ହିଟ୍ ଷ୍ଟ୍ରୋକ୍ ରୁମ୍ ଖୋଲାଯିବ। କାଜୁଆଲିଟିରେ ୬ଟି ବେଡ୍ ରହିଛି, ଆଉ ୪ଟି ପଡ଼ିବ। ପୁରୀ ପୌରନିର୍ବାହୀ ଅଧିକାରୀ ହରିଶ୍ଚନ୍ଦ୍ର ନାୟକ କହିଥିଲେ, ଆଗାମୀ ରଥଯାତ୍ରାକୁ ଦୃଷ୍ଟିରେ ରଖି ଡ୍ରେନ୍ ସଫେଇ କାର୍ଯ୍ୟ ଚାଲିଛି। ଆଲୋକୀକରଣ, ଅସ୍ଥାୟୀ ପାଇଖାନା, ପରିଶ୍ରାଗାର ବ୍ୟବସ୍ଥା ସହ ୧୫ଟି ସ୍ଥାନରେ ପାର୍କିଂ ବ୍ୟବସ୍ଥା ହେବ। ବଡ଼ଦାଣ୍ଡରେ ୨୦୦ ଅସ୍ଥାୟୀ ଷ୍ଟାଣ୍ଡପୋଷ୍ଟ ରହିବ। ଜିଲାପାଳ ଜ୍ୟୋତି ପ୍ରକାଶ ଦାସ କହିଥିଲେ, ରଥଯାତ୍ରା ପୂର୍ବରୁ ସହରର ସମସ୍ତ ଡ୍ରେନ୍ ସଫା ହୋଇଯିବ। ଏସ୍‌ପି ଉମାଶଙ୍କର ଦାଶ କହିଥିଲେ, ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ପୋଲିସ ବ୍ୟବସ୍ଥା କରାଯିବ। ରଥଯାତ୍ରାରେ ଯେପରି କୌଣସି ବିଶୃଙ୍ଖଳା ନ ହୁଏ ସେଥିପ୍ରତି ବିଭାଗ ଧ୍ୟାନ ଦେବ।

### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୁଧ ଯଦି ଖାଇ ବସିବ,**
**ଘରେ ଥିବ ଗାଇ;**
**କଳି ଯଦି କରି ବସିବ,**
**ସଙ୍ଗେ ଥିବ ଭାଇ ।**

ଘରେ ଗାଇଟିଏ ଥିଲେ ମନଭରି ଦୁଗ୍ଧପାନ କରିବାରେ କୌଣସି ଅସୁବିଧା ରହି ନ ଥାଏ। ସେହିପରି ଭାଇ ବଳ ଦିଏ ଭାଇକୁ। କେବେ କୌଣସି ଅସୁବିଧା ବା ବିପଦ ପଡ଼ିଲେ ଭାଇ ହିଁ ନିଜ ଭାଇ ପ୍ରତି ଅକୁଣ୍ଠ ସାହାଯ୍ୟ ସମର୍ଥନ ଯୋଗାଇ ଦେବାରେ ହେଳା କରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦାରୀ କାହାର ମାଇପ ନା,**
**ଗଣ୍ଠିଆ କାହାର ଘଇତା ?**

ପତ୍ନୀ ଏକ ପବିତ୍ରତା ନାରୀ ପରନ୍ତୁ ଦାରୀ ବା ବିଟପୀ ନାରୀର ପତି ଅନେକ ଓ କ୍ଷଣିକ। ସେମାନେ କେବେ ଗୋଟିଏ ପତିରେ ସନ୍ତୁଷ୍ଟ ହୋଇପାରି ନ ଥାନ୍ତି। ସେହିପରି ଗଣ୍ଠିଆ ବା କୃପଣ ସ୍ୱଭାବ ବ୍ୟକ୍ତି ହାତରୁ ପଇସାଟିଏ ମଧ୍ୟ ଛାଡ଼ିବାକୁ ଉଚିତ ମଣି ନ ଥାଏ। ଫଳସ୍ୱରୂପ ସେ ନିଜ ସ୍ତ୍ରୀର ଭଲମନ୍ଦ ବୁଝିବାରେ ଅବହେଳା କରିଥାଏ। ଏପରିସ୍ଥଳେ ତା'ପାଖରେ ରହିବାକୁ କେହି ଚାହୁଁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## କଟକରେ ଉତ୍ତରପ୍ରଦେଶର ୩୦ ପୋଲିସ କର୍ମଚାରୀ

# ସବୀରଙ୍କ ପାଖରେ ଶିଖିବେ ସ୍କୁବା ଡାଇଭିଂ

**କଟକ ଅଫିସ,୧୦।୪**

ଉତ୍ତରପ୍ରଦେଶର ୩୦ଜଣ ପୋଲିସ କର୍ମଚାରୀ ସ୍କୁବା ଡାଇଭିଂ ପ୍ରଶିକ୍ଷଣ ନେବା ନିମନ୍ତେ ବୁଧବାର ରାତିରେ କଟକରେ ପହଞ୍ଚିଛନ୍ତି। ପାଣି ଭିତରୁ ଲୋକଙ୍କୁ ଉଦ୍ଧାର କରିବାର ସ୍ୱତନ୍ତ୍ର କୌଶଳ ଶିଖାଇବେ ଭାରତର ଖ୍ୟାତିସମ୍ପନ୍ନ ସ୍କୁବା ଡାଇଭର ତଥା ଲିମ୍‌କା ବୁକ୍ ରେକର୍ଡଧାରୀ ସବୀର ବକ୍ସ। ମଠସାହି ସ୍ଥିତ ରାମକୃଷ୍ଣ ଭବନରେ ପୋଲିସ କର୍ମଚାରୀମାନଙ୍କ ରହଣି ବ୍ୟବସ୍ଥା କରାଯାଇଛି। ଗୁରୁବାର ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରାଯିବା ସହ ସ୍ୱାଗତ ଉତ୍ସବ କରାଯାଇ ଶୁକ୍ରବାର ଠାରୁ ମହାନଦୀରେ ପ୍ରାଥମିକ ପ୍ରଶିକ୍ଷଣ ଆରମ୍ଭ ହେବ। ପ୍ରଶିକ୍ଷଣର ଅବଧି ୬ ସପ୍ତାହ ରହିଛି।

କଳିଙ୍ଗ ଡାଇଭର୍ସ ଫାଉଣ୍ଡେଶନ ଓ ଉତ୍ତରପ୍ରଦେଶର ଷ୍ଟେଟ ଡିଜାଷ୍ଟର ରେସପନ୍ସ ଫଣ୍ଡ(ଏସ୍‌ଡିଆର୍‌ଏଫ୍) ମଧ୍ୟରେ ଗତ ମାର୍ଚ୍ଚରେ ଏକ ଏମ୍‌ଓୟୁ ସ୍ୱାକ୍ଷର କରାଯାଇଥିଲା। ଏମ୍‌ଓୟୁ ଅନୁଯାୟୀ କଳିଙ୍ଗ ଡାଇଭର୍ସ ଫାଉଣ୍ଡେଶନ ଉତ୍ତରପ୍ରଦେଶର ୩୦ଜଣ ପୋଲିସ କର୍ମଚାରୀଙ୍କୁ ସ୍କୁବା ଡାଇଭିଂ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଫାଉଣ୍ଡେଶନର ମୁଖ୍ୟ ସବୀର ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଶିକ୍ଷଣ ନେବାକୁ ଥିବା ପୋଲିସ କର୍ମଚାରୀମାନେ ହେଲେ ମିଥିଲେଶ ସିଂ, ଦେବେନ୍ଦ୍ର ବାହାଦୁର, ସ୍ୱପ୍ନିଲ ଉପାଧ୍ୟାୟ, ଅଜୟ ସିଂ ଯାଦବ, ବଳବନ୍ତ ସିଂ, ତହସିଲଦାର ଯାଦବ, ପ୍ରବୀଣ କୁମାର ପାଣ୍ଡେ, ତୋୟଜ ସିଂ, ଅଜୟ କୁମାର, ଦିଲୀପ କୁମାର, ଆକାଶ, ଅମ୍ବୁଜ କୁମାର, ଦୀପକ ଜ୍ୟୋତି ଶୁକ୍ଲା, ପଙ୍କଜ କୁମାର ସିଂ, ପ୍ରଦୀପ କୁମାର, ମୋହିତ ଅଗସ୍ତି, ଉଦୟ ରାଜ, ଅଶ୍ୱିନୀ ସିଂ, ଜୟନାଥ ବର୍ମା, ପ୍ରେମଚାନ୍ଦ, ଜ୍ଞାନ ସିଂ ଗୌର, ସନି ସିଂ, ଅମିତ କୁମାର, ଯୋଗେନ୍ଦ୍ର କୁମାର, ପବନ କୁମାର, ନିଲେଶ କୁମାର, ବୃଜେନ୍ଦ୍ର କୁମାର, ବିମଲେଶ କୁମାର, ଛବିନାଥ ଯାଦବ ଓ ଆଲୋକ ସିଂ। ରାଜେଶ ଯାଦବ ଉତ୍ତରପ୍ରଦେଶରୁ ପ୍ରଶିକ୍ଷଣ ନେବାକୁ ଆସିଥିବା ପୋଲିସ କର୍ମଚାରୀଙ୍କ ନେତୃତ୍ୱ ନେଉଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ସୁଇମିଂ ପୁଲ୍‌ରେ ସେମାନଙ୍କୁ ପ୍ରଥମେ ପହଁରା ଶିକ୍ଷା ଦିଆଯିବ। ପରେ ଯୋବ୍ରାସ୍ଥିତ ମହାନଦୀ ପଠାରେ ସ୍କୁବା ଡାଇଭିଂ ପ୍ରଶିକ୍ଷଣ ଆରମ୍ଭ ହେବ। ପୂର୍ବତନ ନେଭି ଅଧିକାରୀ ପୀତବାସ ସାମଲ ଓ ପ୍ରଣବ ବିଶ୍ୱାଳ ମଧ୍ୟ ପ୍ରଶିକ୍ଷଣ ଦାୟିତ୍ୱରେ ଅଛନ୍ତି। ପରବର୍ତ୍ତୀ ସମୟରେ ଚିଲିକା ଓ ରାମଚଣ୍ଡୀ ମୁହାଣ ନିକଟରେ ଉକ୍ତ ପୋଲିସ କର୍ମଚାରୀମାନେ ଅତ୍ୟାଧୁନିକ ପ୍ରଶିକ୍ଷଣ ଲାଭ କରିବେ ବୋଲି ସବୀର କହିଛନ୍ତି। ମହମ୍ମଦ ଗାଜି ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସଂଯୋଜକ ରହିଛନ୍ତି। ଡ. ସଲିମ ସ୍ୱତନ୍ତ୍ର ଭାବେ ପୋଲିସ କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଧ୍ୟାନଦେବେ। ଏହାଛଡ଼ା ଜିଲା ପ୍ରଶାସନ ପକ୍ଷରୁ ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

## କମିଶନରେଟ ପୋଲିସର ସ୍ପେଶାଲ ଡ୍ରାଇଭ

# ୧୦ ଗିରଫ: ବନ୍ଧୁକ, ଅଳଙ୍କାର, ଗାଡ଼ି ଜବତ

**ଭୁବନେଶ୍ୱର ୧୦।୪ (ବ୍ୟୁରୋ)**

କମିଶନରେଟ ପୋଲିସ ଇଲାକାରେ ବଢ଼ିଚାଲିଛି ଲୁଟ୍ ଓ ଡକାୟତି। ଏହାକୁ ରୋକିବାକୁ ପୋଲିସ ପକ୍ଷରୁ ଚଢ଼ାଉ ଆରମ୍ଭ ହୋଇଛି। ଶହୀଦନଗର, ବଡଗଡ ଓ କ୍ୟାପିଟାଲ ଥାନା ଅଞ୍ଚଳରେ ଘଟିଥିବା ଲୁଟ ଓ ଡକାୟତି ମାମଲାରେ ସମ୍ପୃକ୍ତ ୧୦ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ପୋଲିସ କମିଶନର ସତ୍ୟଜିତ ମହାନ୍ତି ସୂଚନା ଦେଇଛନ୍ତି। ବୁଧବାର କମିଶନରେଟ ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କମିଶନର ମହାନ୍ତି କହିଛନ୍ତି, ନିର୍ବାଚନକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଦିନରାତି ବ୍ଲକିଂ ସହ ସ୍ପେଶାଲ ଡ୍ରାଇଭ ଚାଲିଛି। ଧରାପଡିଥିବା ୧୦ଜଣଙ୍କ ନାମରେ ବିଭିନ୍ନ ଥାନାରେ ଲୁଟ୍ ଓ ଡକାୟତି ମାମଲା ରହିଛି। ସେମାନଙ୍କଠାରୁ ମଧ୍ୟ ସୁନା ଅଳଙ୍କାର, ବାଇକ ଓ ମାରଣାଅସ୍ତ୍ର ଜବତ କରାଯାଇଛି। ମଙ୍ଗଳବାର ରାତିରେ ବ୍ଲକିଂ ସମୟରେ ଦୁଇ ଲୁଟେରାଙ୍କୁ ଏସ୍‌ଆଇ ଚନ୍ଦ୍ରମଣୀ ବେହେରା ଓ ଏଲ୍‌ଏନ୍‌କେ ଅମ୍ବିକା ପ୍ରସାଦ ରଥ ଗୋଡାଇ କାବୁ କରିଥିଲେ। ଏହି ସାହସିକତା ପାଇଁ ସେମାନଙ୍କୁ ଏହି ଅବସରରେ କମିଶନର ମହାନ୍ତି ପୁରସ୍କୃତ କରିଥିଲେ। ସମ୍ମିଳନୀରେ ଡସିପି ଅନୁପ ସାହୁଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

### ପ୍ରଥମ ପୃଷ୍ଠାରୁ...

## ରାଫାଲ ଦସ୍ତାବିଜ ...

ଏହାକୁ ପୂର୍ବ ରାୟର ପୁନର୍ବିଚାର ଲାଗି ପ୍ରମାଣ ବୋଲି ବିବେଚନା କରା ନ ଯାଉ ବୋଲି କେନ୍ଦ୍ର ସର୍ବୋଚ୍ଚ ଅଦାଲତଙ୍କୁ ଅନୁରୋଧ କରିଥିଲା। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଏସ୍.କେ. କୌଲ ଏବଂ କେ.ଏମ୍. ଜୋସେଫ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି ବୁଧବାର କହିଛନ୍ତି, କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରାରମ୍ଭିକ ଭାବେ ଉଠାଯାଇଥିବା ଆପତ୍ତିକୁ ଅଦାଲତ ଖାରଜ କରୁଛନ୍ତି। ଦେଶର ସମ୍ବିଧାନ ଅଭିବ୍ୟକ୍ତି ସ୍ୱାଧୀନତା ସୁନିଶ୍ଚିତ କରୁଥିବାରୁ ଗଣତନ୍ତ୍ରରେ ପ୍ରେସ୍ ସ୍ୱାଧୀନତାକୁ ଗୁରୁତ୍ୱ ଦିଆଯିବ। 'ଗୋପନୀୟ ଦସ୍ତାବିଜ'ର ପ୍ରକାଶନ ଉପରେ ରୋକ ଲଗାଇବା ପାଇଁ ପାର୍ଲାମେଣ୍ଟକୁ ସ୍ୱତନ୍ତ୍ର କ୍ଷମତା ଦିଆଯାଇଥିବା ଭଳି ଅଫିସିଆଲ୍ ସିକ୍ରେଟ୍ ଆକ୍ଟରେ ଏଭଳି କୌଣସି ଆଇନ ନାହିଁ ଏବଂ ଏପରି ଅନ୍ୟ କୌଣସି ଆଇନ ସମ୍ପର୍କରେ ମଧ୍ୟ ଆମକୁ ଅବଗତ କରାଯାଇନାହିଁ। ଜଷ୍ଟିସ୍ ଜୋସେଫ୍ ଏଥିରେ ସହମତି ପ୍ରକାଶ କରି ଏକ ସ୍ୱତନ୍ତ୍ର ରାୟ ପ୍ରକାଶ କରିଛନ୍ତି। ଏଥିରେ ସେ ପ୍ରେସ୍ ସ୍ୱାଧୀନତାକୁ ଗୁରୁତ୍ୱ ଦେଇ ଉଲ୍ଲେଖ କରିଛନ୍ତି, ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ଭାରତରେ ପ୍ରେସ୍ ସ୍ୱାଧୀନତାର ବହୁତ ଅବଦାନ ରହିଛି। ତେଣୁ ପୂର୍ବ ରାୟ ବିରୋଧରେ ରିଭ୍ୟୁ ପିଟିଶନର ଶୁଣାଣି ଯୋଗ୍ୟତା ଆଧାରରେ କରାଯିବ। ଏଥିପାଇଁ ଅଦାଲତ ନୂଆ ତାରିଖ ଧାର୍ଯ୍ୟ କରିବେ।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅରୁଣ ଶୌରୀ କୋର୍ଟଙ୍କ ରାୟକୁ ସ୍ୱାଗତ କରିଛନ୍ତି। ଦସ୍ତାବିଜର ଗ୍ରହଣୀୟତାକୁ ନେଇ କେନ୍ଦ୍ର ସରକାରଙ୍କ ଅଦ୍ଭୁତ ଯୁକ୍ତିକୁ ଅଦାଲତ ଖାରଜ କରିଦେଇଥିବାରୁ ଆମେ ଖୁସି ବୋଲି ସେ କହିଛନ୍ତି। ସେହିପରି ରାଫାଲ ରାୟର ପୁନର୍ବିଚାର ଲାଗି ସୁପ୍ରିମକୋର୍ଟଙ୍କ ରାୟକୁ 'ଭାରତର ବିଜୟ' ବୋଲି କଂଗ୍ରେସ ଅଭିହିତ କରିଛି। ଏହାସହ 'ସତ୍ୟମେବ ଜୟତେ' ବୋଲି ଦଳର ଅଫିସିଆଲ ଟୁଇଟର୍ ହ୍ୟାଣ୍ଡେଲରେ ଟୁଇଟ୍ କରାଯାଇଛି। କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲ କହିଛନ୍ତି, ରାଫାଲ ଦୁର୍ନୀତିର ଗୋଟିଏ ପରେ ଗୋଟିଏ କଙ୍କାଳ ଉଠିବାରେ ଲାଗିଛି। ଅଫିସିଆଲ୍ ସିକ୍ରେଟ୍ ଆକ୍ଟର ଦ୍ୱାହି ଦେଇ ପ୍ରଧାନମନ୍ତ୍ରୀ ସତ ପଦାକୁ ଆସୁ ବୋଲି ଚାହୁଁ ନ ଥିଲେ। ହେଲେ ସୁପ୍ରିମକୋର୍ଟ ଆଇନଗତ ସିଦ୍ଧାନ୍ତକୁ ଗ୍ରହଣ କରିଛନ୍ତି। ସେହିପରି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ରାଫାଲ ସମ୍ପର୍କରେ ବିତର୍କ ପାଇଁ ଆହ୍ୱାନ ଦେଇଛନ୍ତି। ଅନ୍ୟପକ୍ଷରେ ରାହୁଲଙ୍କ ବିରୋଧରେ ଭାଜପା ଅଦାଲତ ଅବମାନନା ଅଭିଯୋଗ ଆଣିଛି। ଏକ ଖବରଦାତା ସମ୍ମିଳନୀରେ ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀଥାରାମନ୍ କହିଛନ୍ତି, କଂଗ୍ରେସ ଅଧ୍ୟକ୍ଷ ସମ୍ଭବତଃ ସୁପ୍ରିମକୋର୍ଟ ରାୟର ଏକ ପାରାଗ୍ରାଫ୍‌କୁ ନ ପଢ଼ି 'ଚୌକିଦାର ଚୋର୍ ହେ' ବୋଲି କହୁଛନ୍ତି।

## ମୋଦିଙ୍କ ବାୟୋପିକ୍ ...

ଏପ୍ରିଲ ୧୧ରେ ପ୍ରଥମ ପର୍ଯ୍ୟାୟରେ ୨୦ ରାଜ୍ୟର ୯୧ ଆସନରେ ନିର୍ବାଚନ ହେବାକୁ ଥିବାବେଳେ ମୋଦିଙ୍କ ବାୟୋପିକ୍ ମଧ୍ୟ ଏହି ଦିନ ମୁକ୍ତିଲାଭ କରିବାର ଥିଲା। ଏହାର ରିଲିଜ୍ ଉପରେ ସ୍ଥଗିତାଦେଶ ଜାରି କରିବାକୁ କଂଗ୍ରେସ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ହେଲେ ସୁପ୍ରିମକୋର୍ଟ କଂଗ୍ରେସ ପକ୍ଷରୁ ଦାଏର ପିଟିଶନକୁ ଖାରଜ କରିଦେବା ସହ ଆବେଦନକାରୀଙ୍କୁ ଇସିଙ୍କ ଦ୍ୱାରସ୍ଥ ହେବାକୁ ପରାମର୍ଶ ଦେଇଥିଲେ। ଏହି ଫିଲ୍ମ ଦର୍ଶକ ଓ ମତଦାତାଙ୍କୁ ପ୍ରଭାବିତ କରିପାରେ ବୋଲି ଅଭିଯୋଗ ଆଣି କଂଗ୍ରେସ ଇସିଙ୍କ ଦ୍ୱାରସ୍ଥ ହୋଇଥିବାବେଳେ କମିଶନ ଏହା ଉପରେ କଟକଣା ଜାରି କରିଛନ୍ତି। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି କିମ୍ବା ହାଇକୋର୍ଟର ଜଣେ ପୂର୍ବତନ ମୁଖ୍ୟ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯିବ। ଫିଲ୍ମର ପ୍ରଦର୍ଶନ ଯୋଗୁ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ହେଉଥିବା ନେଇ ଅଭିଯୋଗର ଯାଞ୍ଚ କରି ଉକ୍ତ କମିଟି କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତାବ ଦେବ। ସମ୍ବିଧାନର ଅନୁଚ୍ଛେଦ ୩୨୪ ଅନୁସାରେ ଆଚରଣ ବିଧି ଲାଗୁ ହୋଇଥିବାବେଳେ କୌଣସି ଜୀବନୀ ବା ପ୍ରଚାର ସଂକ୍ରାନ୍ତ ଫିଲ୍ମକୁ ମୁକ୍ତିଲାଭ ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ନିୟମ ରହିଛି। ତେଣୁ ଅନ୍ୟାଦେଶ ପର୍ଯ୍ୟନ୍ତ ଇସି ଏହାର ରିଲିଜ୍ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ସେହିପରି କିଛି ଦିନ ତଳେ ଆରମ୍ଭ ହୋଇଥିବା ନମୋ ଟିଭିର ପ୍ରସାରଣକୁ ମଧ୍ୟ ଇସି ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ପ୍ରଥମ ପର୍ଯ୍ୟାୟ ...

ବସନ୍ତ ପଣ୍ଡା ଏବଂ ପୂର୍ବତନ ଏମପି ତଥା ରାଜ୍ୟ କଂଗ୍ରେସର କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି, ପୂର୍ବତନ ଏମପି ଜୟରାମ ପାଙ୍ଗୀ, ବଳଭଦ୍ର ମାଝି, ଭକ୍ତ ଚରଣ ଦାସଙ୍କ ରାଜନୈତିକ ଭାଗ୍ୟ ମଧ୍ୟ ନିର୍ଦ୍ଧାରଣ କରିବେ ମତଦାତା। ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୨୮ ବିଧାନସଭା ଆସନ ପାଇଁ ୧୯୧ ଏବଂ ୪ ଲୋକ ସଭା ଆସନ ପାଇଁ ୨୬ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି।

ଏହି ପର୍ଯ୍ୟାୟ ନିର୍ବାଚନ ସକାଶେ ମଙ୍ଗଳବାର ଅପରାହ୍ନରୁ ପ୍ରଚାର ଶେଷ ହୋଇଛି। ମତଦାନ ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ମାଓବାଦୀ ଉପଦ୍ରୁତ ଜିଲା ଏବଂ ସମ୍ବେଦନଶୀଳ ବୁଥ୍‌ଗୁଡ଼ିକରେ ଅଧିକ ସତର୍କତା ଅବଲମ୍ବନ କରାଯାଇଛି। ସେହିସବୁ ବୁଥ୍‌ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ମାଓବାଦୀ ଆକ୍ରମଣ ଭୟ ରହିଥିବାରୁ ପୋଲିଂ କର୍ମଚାରୀମାନଙ୍କୁ ନିର୍ବାଚନ ସାମଗ୍ରୀ ସହ ହେଲିକପ୍ଟରରେ ନିଆଯାଇଛି। ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀମାନେ ନିଜର ବୁଥ୍‌ଗୁଡ଼ିକରେ ବୁଧବାର ସନ୍ଧ୍ୟା ସୁଦ୍ଧା ପହଞ୍ଚି ଯାଇଛନ୍ତି। ସକାଳ ୭ଟାରୁ ଅପରାହ୍ନ ୬ଟା ଯାଏ ମତଗ୍ରହଣ କରାଯିବ। ଭାରତର ନିର୍ବାଚନ କମିଶନ(ଇସିଆଇ)ଙ୍କ ନିର୍ଦ୍ଦେଶାନୁମତେ ମତଦାନର ଦେଢ଼ ଘଣ୍ଟା ପୂର୍ବରୁ ମକ୍‌ପୋଲ(ଛାୟା ମତଦାନ) ଅନୁଷ୍ଠିତ ହେବ। ଏଥିପ୍ରତି ଧ୍ୟାନଦେବାକୁ ସମସ୍ତ ନିର୍ବାଚନ ଅଧିକାରୀଙ୍କୁ ବୁଧବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ନିର୍ଦ୍ଦେଶ ଦେଇଛନ୍ତି।

ଚଳିତ ନିର୍ବାଚନରେ ୬୦ ଲକ୍ଷ ୩ ହଜାର ୭୦୭ ଭୋଟର ନିଜର ମତଦାନ ସାବ୍ୟସ୍ତ କରିବେ। ମତଦାନ ପରିଚାଳନା ପାଇଁ ୪୭ ହଜାର ୮୦୫ ଜଣ(୬୯୦ ମହିଳା ସମେତ) ପୋଲିଂ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ପ୍ରଥମ ପର୍ଯ୍ୟାୟ ମତଦାନ ସକାଶେ ୭୨୩୩ ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି। ସେଥି ମଧ୍ୟରୁ ୨୩୭୫ଟି ସମ୍ବେଦନଶୀଳ ବୁଥ୍ ରହିଥିବାବେଳେ ୩୦ଟି ମହିଳା ବୁଥ୍ ଖୋଲାଯାଇଛି। ସମସ୍ତ ବୁଥ୍‌ରେ ପିଇବା ପାଣିର ବ୍ୟବସ୍ଥା କରାଯାଇଛି। ୨୫ଟି ବୁଥ୍ ବ୍ୟତୀତ ଅନ୍ୟ ସବୁ ବୁଥ୍‌ରେ ବିଦ୍ୟୁତ୍ ବ୍ୟବସ୍ଥା କରାଯାଇଛି।

## ମତଦାନ ପୂର୍ବରୁ ବିସ୍ଫୋରଣ...

ମାଓବାଦୀମାନେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ କରିଛନ୍ତି। ଲୁଗୁମରେ ହୋଇଥିବା ଏକ ମତଦାନ କେନ୍ଦ୍ରରେ ପୋଲିଂ ପାର୍ଟିକୁ ଛାଡ଼ି ଏକ ମିନି ବସ୍ ଲମତାପୁଟ ଆସୁଥିବାବେଳେ ଏହି ବିସ୍ଫୋରଣ ଘଟିଥିବା କୁହାଯାଉଛି। କିନ୍ତୁ କୌଣସି କ୍ଷୟକ୍ଷତିର ତଥ୍ୟ ମିଳିପାରି ନାହିଁ। ଘଟଣାସ୍ଥଳକୁ ଅନକାଡେଲିସ୍ଥିତ ବିଏସ୍‌ଏଫ୍ ୧୫ ନଂ ବାଟାଲିୟନର ଯବାନମାନେ ପହଞ୍ଚି ତଲାସି ଚଳାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ନନ୍ଦପୁର ବ୍ଲକ ଜଲାପୁଟ ଗ୍ରାମ ନିକଟ ବିଏସ୍‌ଏଫ୍ କ୍ୟାମ୍ପଠାରୁ ୫୦୦ ମିଟର ଦୂର ଲୁହାବ୍ରିଜ ନିକଟସ୍ଥ ପମ୍ପ ହାଉସ୍‌ରୁ ଲ୍ୟାଣ୍ଡମାଇନ ଥିବା ଜଣାପଡ଼ିଥିଲା। ଏହାପରେ ବିଏସ୍‌ଏଫ୍ ଯବାନମାନେ ସମ୍ପୃକ୍ତ ଅଞ୍ଚଳକୁ ସିଲ୍ କରିବା ସହ ଲ୍ୟାଣ୍ଡମାଇନ୍ ଉଦ୍ଧାର କରି ତାକୁ ନିଷ୍କ୍ରିୟ କରିଛନ୍ତି। ସେହିପରି ରାୟଗଡ଼ା ଜିଲା କଲ୍ୟାଣସିଂହପୁରରେ ମାଓବାଦୀଙ୍କ ବାଘୁମା-ବଂଶଧାରା-ଘୁମୁସର-ନାଗାବଳୀ ଡିଭିଜନ ପକ୍ଷରୁ ଅଡିଓ ଟେପ୍ ଜାରି କରାଯାଇ ଭୋଟ୍ ବର୍ଜନ କରିବା ପାଇଁ ଆହ୍ୱାନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ମାଓବାଦୀ ଉପଦ୍ରୁତ ବୁଥ୍ ପାଇଁ ସୁରକ୍ଷା ବଢ଼ାଇ ଦିଆଯାଇଛି। ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ସମସ୍ତ ପ୍ରାର୍ଥୀମାନଙ୍କୁ ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଶନ ପ୍ରୋସିଜିଓର) ପାଳନ କରିବା ପାଇଁ ମଧ୍ୟ କୁହାଯାଇଛି । ମାଲକାନଗିରି ଜିଲାର ମାଓବାଦୀ ଉପଦ୍ରୁତ ତଥା ସ୍ୱାଭିମାନ ଅଞ୍ଚଳ ଅଧୀନ ଅଣ୍ଡ୍ରାପାଲ୍ଲୀ, ଯନ୍ତ୍ରୀ, ଧୂଳିପୁଟ, ଯୋଡ଼ାମ୍ବ, ପଣସପୁଟ ପଞ୍ଚାୟତର ୯ଟି ବୁଥ୍‌ର ପୋଲିଂ ପାର୍ଟିକୁ ବୁଧବାର ବାୟୁସେନାର ହେଲିକପ୍ଟର ଯୋଗେ ସେଠାକୁ ପଠାଯାଇଛି। ବିଭିନ୍ନ ଜିଲାର ସୀମାନ୍ତ ସିଲ୍ କରାଯିବା ସହ ବିଏସ୍‌ଏଫ୍, ଏସ୍‌ଓଜି ଏବଂ ଡିଭିଏଫ୍ ପକ୍ଷରୁ କୋମ୍ବିଂ ଜୋରଦାର କରାଯାଉଛି। ଏଥିସହ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ ସହ ମିଳିତ କୋମ୍ବିଂ ଅପରେଶନ ଚାଲିଛି।

CLASSIFIED DISPLAY

ALL EDITION - B/W (Every Day)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE GROUP LTD.
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

BUSINESS BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114, 2nd Lane, PI Colony Bangalore, Karnataka 570001
9407808604
7310568553

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

LOAN
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି
ପର୍ସନାଲ, ବ୍ୟବସାୟ
ରାଶନ କାର୍ଡ, ଆଧାର କାର୍ଡ
ଚାଷ, ଏଗ୍ରିକଲ୍ଚର୍
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668
8395864708
SCO- 106, Second Floor, Vishal Tower, Cannaught Place, Delhi.

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ASTROLOGY ASTROLOGY

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Finance
(Registration- BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ପର୍ସନାଲ, ସବୁ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। 2% ସୁଧ, 40% ରିହାତି ସହିତ। ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି।
Helpline:
9499135756
Sadheisasan, Anakhia, Jagatsinghpur, Odisha. PIN-754102

VINAYAK FINANCE
VINAYAK ଋଣ ଲିମିଟେଡ୍ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ ଆଧାରକାର୍ଡ, ସମ୍ପତି, ବ୍ୟକ୍ତିଗତ, ପଶୁପାଳନ କୃଷି, ଋଣ ମାତ୍ର ୩୬ ଘଣ୍ଟାରେ । ୨% ସୁଧ ୫୦% ଛାଡ।
ଘରେ ବସି ପାଆନ୍ତୁ
(ବିଦ୍ୟାର୍ଥୀ / ମହିଳା ମାନଙ୍କ ପାଇଁ ବିଶେଷ ରିହାତି)
ଖର୍ଚ୍ଚ ଲୋନ ପାସ ହେଲା ପରେ
LEWIS ROAD, PATNA, BIHAR
RAJ KUMAR
7577028197

FINANCE
ସ୍ୱୀକୃତୀପ୍ରାପ୍ତ ମୁଦ୍ରା ଯୋଜନା ଦ୍ୱାରା ମାର୍କସିଟ, କୃଷି, ଆଧାରକାର୍ଡ, ସମ୍ପତି, ଗୃହ ଓ ବ୍ୟକ୍ତିଗତ, BPL ଋଣ ମାତ୍ର ୪୫୦/- ଟଙ୍କାରେ ଘରେ ବସି ପାଆନ୍ତୁ ।
ବାର୍ଷିକ 1% ସୁଧ 50% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
8698663544
8956667461

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୂଠ ଯାଦୁ ଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ପରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କାରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851

ଲକ୍ଷ୍ମୀ ଫାଇନାନ୍ସ (ରେଜି.)
କମ୍ପାନୀ ସବୁ ସରକାରୀ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଏବଂ ସମସ୍ତ ଋଣ ମାତ୍ର ୧୮ ଘଣ୍ଟାରେ, ୨% ସୁଧ, ୫୦% ରିହାତି।
(ମହିଳାଙ୍କୁ ବିଶେଷ ରିହାତି)
9511074590
9511074774
H.No. 249, Vill- SISWALA, Teh.- DADRI, Dist.- BHIWANI

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କଳସୀ ଯାତ୍ରାରେ ଦୁଲୁକୁଛି ରାଇଘର

ରାଇଘର,୧୦।୪(ନି.ପ୍ର)

ନବରଙ୍ଗପୁର ଜିଲା ରାଇଘରଠାରେ କଳସୀ ଯାତ୍ରା ମଙ୍ଗଳବାର ଆରମ୍ଭ ହୋଇଛି । ୯ଦିନ ଧରି ହୋଇଥିବା ଏହି ଯାତ୍ରାରେ ମା’ଗଙ୍ଗାଦେଇ ଠାକୁରାଣୀଙ୍କ ପ୍ରସିଦ୍ଧ କଳସୀ ଯାତ୍ରାରେ ରାଇଘର ଅଞ୍ଚଳ ଉତ୍ସବମୁଖର ହୋଇ ଉଠିଛି। ଚଳିତ ବର୍ଷ ମଙ୍ଗଳବାର ଏହି ଯାତ୍ରା ଆରମ୍ଭ ହୋଇଛି। ରାଇଘର ଅଞ୍ଚଳର ପ୍ରସିଦ୍ଧ ପର୍ବ କହିଲେ ରାଇଘର ମଣ୍ଡେଇ ଯାତ୍ରା। ବର୍ଷକୁ ଥରେ ଚୈତ୍ର ମାସରେ ହେଉଥିବା ଏହି ଯାତ୍ରା ରାଇଘର ସ୍ଥିତ ଭିତରଗଡ ଗଜଭାରଣ୍ଡଠାରେ ଶତାଧିକ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି । କଳସ ବନ୍ଧା କାର୍ଯ୍ୟରୁ ଏହି ଯାତ୍ରା ଆରମ୍ଭ ହୋଇଥାଏ । ସ୍ୱତନ୍ତ୍ର ଭାବେ ଜଣେ କୁମ୍ଭାର ଉପବାସ ରହି ନଦୀରୁ ମାଟି ଆଣି କଳସ ତିଆରି କରିଥାନ୍ତି। ଚଳିତ ବର୍ଷ କଳସ ଯାତ୍ରା ଆରମ୍ଭ ପୂର୍ବ ଦିନ ସୋମବାର ଠାକୁରାଣୀ ମନ୍ଦିରରେ ଠାକୁରାଣୀ ପୂଜାରୀ, ପେଣ୍ଡ୍ରାଣୀ ପୂଜାରୀ, ମାଟି ଦେବତା ପୂଜାରୀ, ଠାକୁରାଣୀ ଶୀରା, କମଳ ସିଂ ରାଜପୁତ ଗାଉଁଟିଆ (ମୁଖିଆ),ବିଲୁସିଂ ରାଜପୁତ,ମାଳିସିଂ ପାତ୍ର, ଇନ୍ଦୋଲ ରାଜଗଣ୍ଡ, ମହେନ୍ଦ୍ର ରାଜପୁତଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ରହି ମା’ଙ୍କ ପାଇଁ ଆସିଥିବା ବସ୍ତ୍ର, ଅଳଙ୍କାର, ପୂଜା ସାମଗ୍ରୀ, କଳସକୁ ରୀତିନୀତି ଅନୁଯାୟୀ ପୂଜା କରିଥିଲେ। ପରେ ସେହି କଳସକୁ ଭିତରଗଡକୁ ଅଣାଯାଇ ସେଥିରେ ନେଗିକୁଳ, ପାତ୍ରକୁଳ, ଦଣ୍ଡସେନାକୁଳ,ଗଇଁତାକୁଳ, ସୋମରଥକୁଳ, ଶ୍ୟାମପୁରିଆ,ଧୁରୁଆ ଓ ଡେଙ୍ଗୁରମୁଣ୍ଡିଆର ପୂଜାରୀଙ୍କ ଘରୁ ଆସିଥିବା ଧାନ ଓ ଅନ୍ୟ ପୂଜା ସାମଗ୍ରୀ ଆଣି ରଖାଯାଇଥାଏ । ଧାନ,ଗୁଆ,ଫୁଲ ଓ ଦୁବ ପକାଇ କଳସ ବନ୍ଧାଯିବା ପରେ ତାହାକୁ ପୂଜା କରାଯାଇଥାଏ । ଠାକୁରାଣୀଙ୍କ ପୂଜାରୀ ଓ ମାଉଲୀ ମା’ଙ୍କ ପୂଜାରୀ କଳସକୁ ୯ଖିଅ ସୂତାରେ ବାନ୍ଧି ଖଜୁରିପତ୍ରରେ ତିଆରି ହୋଇଥିବା ମୁକୁଟ ଲଗାଇ ସେଥିରେ କାଠଚମ୍ପା ଫୁଲ ମାଳ ଦେଇ ସଜାଇଥାନ୍ତି। ପୂଜାରଣୀ ପିଙ୍ଗଲ ରାଜଗଣ୍ଡ ଏହି କଳସ ଧରୁ ଥିବାରୁ ତାଙ୍କ ପିନ୍ଧିବା ପାଇଁ ଘାଗରା, କଉଡି ସମସ୍ତ ପ୍ରକାର ଅଳଙ୍କାର ଭିତରଗଡରୁ ପୂଜା ପୀଠକୁ ଅଣାଯାଇଥାଏ । ସେଠାରୁ ପୂଜାରିଣୀ ବସ୍ତ୍ର ଓ ଅଳଙ୍କାର ଧାରଣ କରି ଭିତରଗଡକୁ ଯାଇଥାନ୍ତି। ସେଠାରେ ସୁସଜ୍ଜିତ କଳସକୁ ପୂଜାର୍ଚ୍ଚନା କରିବା ପରେ ପୂଜାରିଣୀ କଳସ ଧରିଥାନ୍ତି। କଳସ ଧରିବା ପରେ ପୂଜାରଣୀ ଓ ପୂଜାରୀଙ୍କ ଉପରେ ହଳଦୀ ପାଣି ଢାଳିବା ପରେ ଗାଁଦାଣ୍ଡ ବୁଲିବାକୁ ବାହାରିଥାନ୍ତି। ସାତପାଲିର ଗାଁ ଲୋକେ ଉପସ୍ଥିତ ରହି ଏହି କଳସ ଯାତ୍ରାର ଶୁଭାରମ୍ଭ କରିଥାନ୍ତି । ଯାତ୍ରାର ମାହାତ୍ମ୍ୟ ପୂଜାରିଣୀ କଳସ ଧରିବା ପରେ ଦୁଇ ଆଖି ବନ୍ଦ କରି ସୁସଜ୍ଜିତ କଳସ ମୁଣ୍ଡରେ ଧରି ଗାଁ ଦାଣ୍ଡରେ ବୁଲନ୍ତି । ପୂଜାରୀ ପରଦେଶୀ ରାଜଗଣ୍ଡ ଓ କଳସ ଧରିଥିବା ପୂଜାରିଣୀ ପ୍ରଥମ ଦିନ ୭ଘର ସାହି ପରିକ୍ରମା କରିଥାନ୍ତି । ତାହା ପର ଠାରୁ ଠାକୁରାଣୀ ସାହି ପରିକ୍ରମା କରିଥାନ୍ତି । ପ୍ରତିଦିନ ସାହି ପରିକ୍ରମା କରିବା ପୂର୍ବରୁ ଠାକୁରାଣୀ ରାଇଘର ଥାନାରେ ପ୍ରଥମେ ପୂଜା ପାଇଥାନ୍ତି। କାରଣ ପୂର୍ବରୁ ଏଠାରେ ପେଣ୍ଡ୍ରାଣୀ ଠାକୁରାଣୀଙ୍କ ମନ୍ଦିର ରହିଥିଲା। ସାତ ଦିନ ବୁଲିବା ପରେ ୮ମ ଦିନ ବିଶ୍ରାମ ନେଇଥାନ୍ତି। ନବମ ଦିନ ଗାଁ ବୁଲିବା ପରେ ଠାକୁରାଣୀ ତାଙ୍କ ପୀଠକୁ ଫେରିଥାନ୍ତି। ପୀଠରେ କଳସ ଦୁଇ ଦିନ ରହିବା ପରେ ସେହି କଳସକୁ ମା’ଙ୍କ ପୋଖରୀକୁ ପୂଜାରୀ ଓ ୭ଜଣ ସେବାୟତ କନ୍ୟା ନେଇ ଦହି ପଣା, ଫୁଲ ଦୂବ ଓ ଫଳ ପୂଜା କରିବା ପରେ ବିସର୍ଜନ କରିଥାନ୍ତି । କିମ୍ବଦନ୍ତୀ ରହିଛି ସେହି କଳସ ବିସର୍ଜନ ସମୟରେ ମା’ ଗଙ୍ଗାଦେଇଙ୍କ ଭାଇ ସେଠାରେ ଉପସ୍ଥିତ ରହି ଏହାର ତଦାରଖ କରିଥାନ୍ତି। ପୀଠରେ ତଳେ ମା’ଙ୍କ ଆସ୍ଥାନ ତା ଉପରେ କଳସ ଓ ତା’ ଉପରେ ଶିଳା (ଯାହାକୁ ଲିଙ୍ଗ କୁହାଯାଏ) ରହିଥିବା ପୂଜାରୀ କହିଛନ୍ତି । ତାହା ଉପରେ ସବୁ ବେଳେ ମାଟି ଲେପନ କରି ପୂଜା କରାଯାଉଛି । କଳସ ଯାତ୍ରା ସରିବା ପରେ ସେହି ସ୍ଥାନରେ ତିନିଦିନ ଧରି ମଣ୍ଡେଇ ଯାତ୍ରା ବସିଥାଏ । ଚଳିତ ବର୍ଷ ୧୬ ତାରିଖରେ ଏହି ଯାତ୍ରା ଆରମ୍ଭ ହେବ। ଏଥିରେ ଦୋକାନ ବଜାର ଖୋଲିବା ସହ ମିନାବଜାର ବସିଥାଏ। ଏହି ତିନି ଦିନ ରାଇଘର ଅଞ୍ଚଳ ସମେତ ବାହାର ରାଜ୍ୟ ଛତିଶଗଡ ଓ ଆନ୍ଧ୍ରପ୍ରଦେଶ ବେପାରୀ ଆସିଥାନ୍ତି । ରାଇଘର ଅଞ୍ଚଳବାସୀ ବିଭିନ୍ନ ସାମଗ୍ରୀ କଣିବା ସହ ଏହି ଯାତ୍ରାକୁ ମନଭରି ଉପଭୋଗ କରିଥାନ୍ତି।



କଳସୀ ଠାକୁରାଣୀଙ୍କ ପୀଠ।



ପୂଜାରିଣୀ କଳସୀ ମୁଣ୍ଡାଇ ଗ୍ରାମ ପରିକ୍ରମା କରୁଛନ୍ତି।

## ଟ୍ରାକ୍ଟର ଓଲଟି ଜଣେ ମୃତ, ରାସ୍ତାରୋକୋ

ଖଜୁରିପଡା,୧୦।୪(ଡି.ଏନ୍.ଏ.)

ଖଜୁରିପଡା ବ୍ଲକ ସୁଦ୍ରୁକୁମ୍ପା ପଞ୍ଚାୟତ ଅଧିନସ୍ତ ବାଘିଆଣ୍ଟ ଠାରେ ଏକ ଟ୍ରାକ୍ଟର ଡାଲା ଅଲଗା ହୋଇ ଓଲଟି ପଡିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବାବେଳେ ୨ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ପରିଚୟ ମିଳିପାରିନାହିଁ। ପ୍ରକାଶ ଯେ, ବୁଧବାର ସନ୍ଧ୍ୟାରେ ଚାରିଛକରୁ ଫୁଲବାଣୀ ଅଭିମୁଖେ ଯାଉଥିବା ସିମେଣ୍ଟ ଓ ଲୁହାଛଡ ବୋଝେଇ ଏକ ନମ୍ବରବିହୀନ ଟ୍ରାକ୍ଟରରୁ ଡାଲା ଅଲଗା ହୋଇ ବାଘିଆଣ୍ଟଠାରେ ଓଲଟି ପଡିଥିଲା। ସିମେଣ୍ଟ ଓ ଲୁହାଛଡ ଡାଲାରେ ବସିଥିବା ୩ଜଣ ଶ୍ରମିକଙ୍କ ଉପରେ ଅଜାଡି ହୋଇ ପଡିଥିଲା। ସ୍ଥାନୀୟଲୋକେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ। ମାତ୍ର ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଯାଇଥିବାବେଳେ ଅନ୍ୟ ୨ଜଣ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ବିଶିପଡା ସଦର ଥାନାଅଧିକାରୀ ରାଧାକାନ୍ତ ସାହୁ ଓ ପୋଲିସ କର୍ମଚାରୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଅବରୋଧ ହଟିଥିଲା। ମୃତଦେହ ଓ ଟ୍ରାକ୍ଟର ଜବତ କରି ପୋଲିସ ତଦନ୍ତ ଚଳାଇଛନ୍ତି।

## ସଂକ୍ଷେପରେ

### ଦୁଇ ବାଇକ୍ ଧକ୍କା: ୪ ଆହତ

କାଶୀପୁର, ୧୦।୪(ଡି.ଏନ୍.ଏ.): ରାୟଗଡା ଜିଲା କାଶୀପୁର ବ୍ଲକ ନକଟିଗୁଡି ମନ୍ଦିର ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୪ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଝିରୁଗୁମା ଗ୍ରାମର ଲକ୍ଷ୍ମଣ ନାଏକ, ପୂର୍ଣ୍ଣଚନ୍ଦ୍ର ମୁଦୁଲି, ପ୍ରତାପ ଝୋଡିଆ, ଭାବେନ୍ଦ୍ର ଝୋଡିଆ। ଆହତଙ୍କୁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଘଟଣା ସମ୍ପର୍କରେ କାଶୀପୁର ପୋଲିସ ତଦନ୍ତ ଚଳାଇଛି।

### ୬୧ ବୁଥ୍‌ରେ ମତଦାନ କରିବେ ୩୭,୧୮୯ ଭୋଟର

ରାମନାଗୁଡ଼ା, ୧୦।୪(ଡି.ଏନ୍.ଏ.): ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକରେ ୩୭,୧୮୯ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧୭,୮୨୭ ପୁରୁଷ, ୧୯,୩୪୩ ମହିଳା ଓ ୧୯ କିନ୍ନର ଯ୍ୟ ରହିଛନ୍ତି। ରାମନାଗୁଡ଼ା ବ୍ଲକରେ ମୋଟ ୬୧ଟି ବୁଥ୍ ରହିଛି। ଉକ୍ତ ବୁଥ୍‌ଗୁଡିକ ମଧ୍ୟରୁ ନିଳାମଗୁଡ଼ା ପଞ୍ଚାୟତର ସୁବାଇ, ଗୋଗୁପାଡ଼ ପଞ୍ଚାୟତର ପାଇକିଡାଙ୍ଗ, କାଟିକି, ସୁଲୁପିକୁ ଅତି ସମ୍ବେଦନଶୀଳ ବୁଥ୍‌ଭାବେ ବିବେଚନା କରାଯାଇଛି। ଉକାମ୍ବା, ଭାମିନୀ, ଗୁମଡାଲକ୍ଷ୍ମୀପୁର, ଦେଉଳା, ଗୁଲୁମୁଣ୍ଡା, ରାମନାଗୁଡ଼ା ବୁଥ୍ ସମ୍ବେଦନଶୀଳ ଭାବେ ବିବେଚନା କରାଯାଉଛି। ଦିବ୍ୟାଙ୍ଗ ଓ ଅସହାୟ ଭୋଟରଙ୍କ ପାଇଁ ଗାଡ଼ି ଓ ହ୍ୱଇଲ୍ ଚେୟାର ବ୍ୟବସ୍ଥା କରାଯାଇଛି। ସେମାନଙ୍କ ପାଇଁ ପ୍ରତି ବୁଥ୍‌ରେ ୨ଜଣ ଲେଖାଏଁ ନାବାଳକ ସ୍ୱେଚ୍ଛାସେବୀ ଦାୟିତ୍ୱରେ ରହିବେ। କିଛି ଭୋଟରଙ୍କ ନାମ ନିଜ ବୁଥ୍‌ରେ ନଥାଇ ଅନ୍ୟ ଆଡ଼େ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। କଣ୍ଡାକେଶରୀ ଗାଁରେ କିଛି ଭୋଟରଙ୍କ ଚିରୁକୁଟି ପହଞ୍ଚି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### ଆଜି ଭୋଟ: ୬ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା

ଗୁଣପୁର,୧୦।୪(ଡି.ଏନ୍.ଏ.): ଗୁରୁବାର ପ୍ରଥମ ପର୍ଯ୍ୟାୟ ମତଦାନ। ଗୁଣପୁର ନିର୍ବାଚନମଣ୍ଡଳୀର ସମସ୍ତ ମତଦାନ କେନ୍ଦ୍ରରେ ପୋଲିଂ ଦଳ ପହଞ୍ଚିଛନ୍ତି। ଗୁଣପୁର ଏବଂ ବିଷମକଟକ ନିର୍ବାଚନମଣ୍ଡଳୀର ଅତି ସମ୍ବେଦନଶୀଳ ମତଦାନ କେନ୍ଦ୍ରରେ ସିସି ଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଛି। ସେପଟେ ଗୁଣପୁର ବିଧାନସଭା ନିର୍ବାଚନ ପାଇଁ ମହିଳା ୧ଲକ୍ଷ ୭ହଜାର ୬୫୮ ଏବଂ ୧ଲକ୍ଷ ୪୯୫ ଜଣ ପୁରୁଷ ଭୋଟର ମତଦାନ କରିବେ। ଭାଜପାର ଶିଶିର ଗମାଙ୍ଗ, ବିଜେଡିରୁ ଇସ୍ତଫା ଦେଇ ସ୍ୱାଧୀନ ଭାବେ ଲଢୁଥିବା ତ୍ରିନାଥ ଗମାଙ୍ଗ,ବିଜେଡିର ରଘୁନାଥ ଗମାଙ୍ଗ, କଂଗ୍ରେସର ପୁରୁଷୋତ୍ତମ ଗମାଙ୍ଗ, ଭାଜପାର ବିଦ୍ରୋହୀ ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ରାମମୂର୍ତ୍ତି ମୁଛିକା ଏବଂ ବିଏସ୍‌ପିର କୈଳାସ ଶବରଙ୍କ ଭାଗ୍ୟ ଗୁରୁବାର ଇଭିଏମ୍‌ରେ ବନ୍ଦ ହେବ।

■ମାଓବାଦୀ ପ୍ରବଣ ଅଞ୍ଚଳରେ ମତଦାନ ପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି

## ରାଇଘର ବ୍ଲକରେ ୧୮ ବୁଥ ସମ୍ବେଦନଶୀଳ

ରାଇଘର,୧୦।୪(ଡି.ଏନ.ଏ)

ନବରଙ୍ଗପୁର ଜିଲା ଅନ୍ତର୍ଗତ ଛତିଶଗଡ ଶେଷ ସୀମାରେ ଅବସ୍ଥିତ ଉମରକୋଟ ନିର୍ବାଚନମଣ୍ଡଳୀର ରାଇଘର ବ୍ଲକରେ ୧୮ଟି ସମ୍ବେଦନଶୀଳ ବୁଥ ରହିଛି। ମାଓବାଦୀ ପ୍ରବଣ ଅଞ୍ଚଳରେ ଥିବା ବୁଥଗୁଡିକରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ମତଦାନ ସୁରୁଖୁରୁରେ ହେବା ପାଇଁ ପୋଲିସ ସହ ସିଆରପିଏଫ ଓ ବିଏସଏଫ ଯବାନ ଏହି ସବୁ ବୁଥ ନିକଟରେ ନିୟୋଜିତ କରାଯାଇଛି।

ଉମରକୋଟ ନିର୍ବାଚନମଣ୍ଡଳୀ ରାଇଘର ବ୍ଲକର ୨୬ଟି ପଞ୍ଚାୟତ, ଉମରକୋଟ ବ୍ଲକର ୧୧ ପଞ୍ଚାୟତ ସହ ଉମରକୋଟ ମ୍ୟୁନିସିପାଲିଟିକୁ ନେଇ ଗଠିତ । ରାଇଘର ବ୍ଲକରେ ମୋଟ ୧,୨୨,୨୨୬ ଭୋଟରଙ୍କ ମଧ୍ୟରୁ ୬୧, ୫୭୦ଜଣ ପୁରୁଷ, ୬୦,୬୪୬ଜଣ ମହିଳା ଭୋଟର ରହିଥିବାବେଳେ ୧୦ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। ଉମରକୋଟ ନିର୍ବାଚନମଣ୍ଡଳୀ ପାଇଁ ମୋଟ ୨୨୦ଟି ବୁଥରେ ମତଦାନ ହେବ। ରାଇଘର ବ୍ଲକରେ ମୋଟ ୧୪୫ଟି ବୁଥ ରହିଥିବାବେଳେ ଉମରକୋଟରେ ୭୫ଟି ବୁଥ୍ ରହିଛି । ରାଇଘର ବ୍ଲକରେ ୧୮ଟି ସମ୍ବେଦନଶୀଳ ବୁଥ ରହିଛି। ସେଥିରୁ ୧୨ଟି ବୁଥରେ ୱେବକ୍ୟାମେରା ଲାଗିଥିବାବେଳେ ୫ଟି ବୁଥରେ ସିସିଟିଭି କ୍ୟାମେରା ଲାଗିଛି । ଗୋଟିଏ ବୁଥରେ ଷ୍ଟିଲ କ୍ୟାମେରାରେ ଫଟୋ ଉଠାଇବା ବ୍ୟବସ୍ଥା କରାଯାଇଛି । ରାଇଘର ବ୍ଲକ ନିମନ୍ତେ ୬ଜଣ ପର୍ଯ୍ୟବେକ୍ଷକ ନିଯୁକ୍ତି ପାଇଥିବାବେଳେ ଭିଡିଓ ରେକର୍ଡିଂ ପାଇଁ ୩ଜଣ ଓ କ୍ୟାମେରାରେ ଫଟୋ ଉଠାଇବା ପାଇଁ ଜଣକୁ ଦାୟିତ୍ୱ ଦିଆଯାଇଛି । ସେକ୍ଟର ଅଫିସର ଭାବେ ୧୨ଜଣଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ୧୪୫ଜଣ ପ୍ରିଜାଇଡିଂ ଅଫିସର ଓ ୭୨୫ଜଣ ପୋଲିଂ ଅଫିସର ଏହି ନିର୍ବାଚନ ଦାୟିତ୍ୱରେ ରହିଛନ୍ତି। ରାଇଘର ବ୍ଲକରେ ଗତ ଦିନରେ ମାଓବାଦୀମାନେ ବାରମ୍ବାର ବ୍ୟାନର ଓ ପୋଷ୍ଟର ମାରି ଜନସାଧାରଣଙ୍କୁ ଭୋଟ ବର୍ଜନ କରିବାକୁ ନିବେଦନ କରିଥିବାରୁ ଭୋଟଗ୍ରହଣ କେନ୍ଦ୍ରଗୁଡିକରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ତେବେ ଦିବ୍ୟାଙ୍ଗମାନଙ୍କୁ ମତଦାନ କେନ୍ଦ୍ରକୁ ନେବା ଆଣିବା ପାଇଁ ୧୯ଟି ଅଟୋ ବ୍ୟବସ୍ଥା କରାଯାଇଛି। ଏହି ଅଟୋ ନବରଙ୍ଗପୁର ଓ କୋରାପୁଟ ଜିଲା ବୋରିଗୁମ୍ମା ଅଞ୍ଚଳରୁ ମଙ୍ଗଳବାର ରାଇଘର ବ୍ଲକକୁ ଆସିଛି। ତେବେ ଅଟୋ ଡ୍ରାଇଭରଙ୍କ ରହିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ସେମାନେ ମଙ୍ଗଳବାର ରାତିରେ ଅଟୋରେ ଶୋଇଥିଲେ ବୋଲି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ଦେବୀ ପ୍ରସାଦ ଟାଲିଙ୍କୁ ପଚାରିବାରୁ ସେ କହିଥିଲେ ଯେ ସେମାନଙ୍କ ରହିବା ପାଇଁ ବ୍ୟବସ୍ଥା କରାଯାଉଛି।

## ଝରିଗାଁ ବ୍ଲକରେ ୧୧୭ ବୁଥରେ ହେବ ମତଦାନ

ଝରିଗାଁ,୧୦।୪(ସ୍ୱ.ପ୍ର)

■ମତଦାନ କେନ୍ଦ୍ରକୁ ଯିବା ଲାଗି ଦିବ୍ୟାଙ୍ଗ ପାଇଁ ଅଟୋର ବ୍ୟବସ୍ଥା

■ସମ୍ବେଦନଶୀଳ ବୁଥରେ ସିସିଟିଭି, ଭିଡିଓଗ୍ରାଫି, ଫଟୋଗ୍ରାଫି ବ୍ୟବସ୍ଥା

ନବରଙ୍ଗପୁର ଜିଲା ଝରିଗାଁ ନିର୍ବାଚନ ମଣ୍ଡଳୀରେ ୨ଲକ୍ଷ୧୨ହଜାର୪ଶହ ୯ ଭୋଟର ରହିଥିବା ବେଳେ ଝରିଗାଁ ବ୍ଲକରେ ୯୯ ହଜାର ୧ଶହ ୮୫ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରୁ ପୁରୁଷ ଭୋଟର ସଂଖ୍ୟା ୪୯ ହଜାର ୨୦ ରହିଥିବା ବେଳେ ମହିଳାଙ୍କ ଭୋଟର ସଂଖ୍ୟା ୫୦ ହଜାର୧ଶହ ୬୩ ରହିଛି। ଏହି ବ୍ଲକର ମୋଟ ୧୧୭ଟି ବୁଥ୍‌ରେ ପ୍ରିଜାଇଡିଂ ଅଫିସର, ପୋଲିଂ ଅଫିସରଙ୍କ ସମେତ ପୋଲିସ କର୍ମଚାରୀ ନିଜ ନିଜ ଭୋଟ ଗ୍ରହଣ କେନ୍ଦ୍ରରେ ପହଞ୍ଚି ମତଦାନ ପାଇଁ ପ୍ରସ୍ତୁତି କାର୍ଯ୍ୟ ସାରି ଦେଇଛନ୍ତି। ଝରିଗାଁ ବ୍ଲକରେ ୨୭ଟି ବୁଥ୍ ସମ୍ବେଦନଶୀଳ ହୋଇଥିବା ବେଳେ କଂଗ୍ରା, ଇଛାପୁର, କାଦମଲ୍ଲୀ, ଝରିଗାଁ-୧, ଝରିଗାଁ-୨, ଝରିଗାଁ-୩, ତାଲିଆମ୍ବା, ବଡଟେମରା, ପଡାଲଗୁଡା, ଚେପଟିଆମ୍ବା-୨ ଆଦି ସମ୍ବେଦନଶୀଳ ବୁଥ୍‌ରେ ସିସି ଟିଭି ଲଗାଯାଇଛି। ସେହିପରି ଆକଟ୍‌ସିଲ,ଦୋବାଦରା, ତେଲନଦୀ, ଭାଲୁଝରଣ, ଚକଲାପଦର, ଧୂମାମ, କେବଡି, ନୂଆଗାଁ, କୁହୁରାକୋଟ ଏବଂ ମୁଣ୍ଡାପଦର ଆଦି ସମ୍ବେଦନଶୀଳ ବୁଥ୍‌ରେ ୧୦ ଜଣ ପର୍ଯ୍ୟବେକ୍ଷକଙ୍କ ନିୟୋଜିତ କରାଯାଇଛି। ସେହିପରି ଚକଲାପଦର ପଞ୍ଚାୟତର ବାହାରକରମରୀ ଏବଂ ଲହଣ୍ଡାସିଲ ଆଦି ବୁଥ୍‌ରେ ଭିଡିଓଗ୍ରାଫି ଏବଂ ସାନଟେମରା, ତାରାବେଡା, ଧଙ୍ଗଡାମାଲ, ହାତୀବାଡି ଏବଂ ଗୁଡିପଦର ବୁଥ୍‌ରେ ଫଟୋ କ୍ୟାମେରାର ବ୍ୟବସ୍ଥା କରାଯାଇଛି। ଚଳିତ ନିର୍ବାଚନରେ ଭିନ୍ନକ୍ଷମ ଭୋଟରଙ୍କ ପାଇଁ ବ୍ୟାପକ ସୁବିଧା ଯୋଗାଇ ଦିଆଯାଇଛି। ଝରିଗାଁ ବ୍ଲକରେ ୮୭୧ ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ଭୋଟ କେନ୍ଦ୍ରକୁ ଯାଇ ସୁବିଧାରେ ଭୋଟ ଦେବା ସକାଶେ ୧୫ଟି ଅଟୋର ବ୍ୟବସ୍ଥା ରହିଥିବା ବେଳେ ୧୧୭ ଭଲ୍ୟୁଏଣ୍ଟର ରହିଛନ୍ତି । ସେହିପରି ସମସ୍ତ ବୁଥ୍ ମାନଙ୍କରେ ହ୍ୱିଲ ଚେୟାର ଦିଆଯାଇଥିବା ନେଇ ବିଡିଓ ଦେବେନ୍ଦ୍ର ବାହାଦୂରସିଂ ଧରୁଆ ପ୍ରକାଶ କରିଛନ୍ତି।




ଝରିଗାଁଠାରେ ହୋଇଥିବା ଆଦର୍ଶ ମତଦାନ କେନ୍ଦ୍ର।

## ଡାକ୍ତରଙ୍କୁ ଆକ୍ରମଣ ଅଭିଯୋଗ ନେଇ ମାମଲା ରୁଜୁ


ଛତ୍ରପୁର,୧୦।୪(ଡି.ଏନ.ଏ)

ଛତ୍ରପୁର ହସ୍ପିଟାଲରେ କାର୍ଯ୍ୟରତ ସର୍ଜରୀ ସ୍ପେଶାଲିଷ୍ଟ ଡାକ୍ତର ଯଶୋବନ୍ତ ଦାଶଙ୍କୁ ବୁଧବାର ଅପରାହ୍ନରେ ଆକ୍ରମଣ ହୋଇଥିବା ନେଇ ଅଭିଯୋଗ ହୋଇଛି । ଏ ସମ୍ପର୍କରେ ସନ୍ଧ୍ୟାରେ ଡାକ୍ତର ଦାଶ ଛତ୍ରପୁର ଥାନାରେ ଲିଖିତ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତିକରି ଛତ୍ରପୁର ପୋଲିସ ଏକ ମାମଲା (ନଂ-୮୧/୧୯) ରୁଜୁ କରିଥିବା ଯୋଗାଯୋଗ ବେଳେ ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ସୂଚନା ଦେଇଛନ୍ତି। ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି । ହସ୍ପିଟାଲରେ ସିସି କ୍ୟାମେରା ଲାଗିଥିବାରୁ ଏହାର ଯାଞ୍ଚ କରିପାରିବେ ବୋଲି ଡା. ଦାଶଙ୍କ ପକ୍ଷରୁ ପୋଲିସକୁ କୁହାଯାଇଥିଲା। ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସୁରକ୍ଷା ଯୋଗାଇଦେବାକୁ ଡାକ୍ତର ଦାଶ ନିବେଦନ କରିଛନ୍ତି । ଡାକ୍ତର ଦାଶଙ୍କ ଅଭିଯୋଗ ପ୍ରକାରେ ଅପରାହ୍ନରେ ୨ ଟାରେ ଛତ୍ରପୁର ହସ୍ପିଟାଲରେ ଅନ୍ୟ ରୋଗୀଙ୍କ ଚିକିତ୍ସା କରୁଥିବାବେଳେ ଆହତ ଶିଶୁଙ୍କୁ ନେଇ ଜଣେ ବ୍ୟକ୍ତି ସେଠାକୁ ଆସିଥିଲେ । ଏହାପୂର୍ବରୁ ସାପ କାମୁଡାରେ ଜଣେ ଆହତଙ୍କୁ ଚିକିତ୍ସା କରିବାରେ ବ୍ୟସ୍ତ ଥିଲି । ପରେ ଶିଶୁଙ୍କ ଚିକିତ୍ସା କରିବା ସହ ତାର ଛୋଟ ଅପରେଶନ କରିବାକୁ ପଡିବ ଏବଂ ଆନେସ୍‌ଥେସିଆ ଡାକ୍ତର ନ ଥିବା କହିଥିବା ଡାକ୍ତର ଦାଶ କହିଛନ୍ତି। ଅପରାହ୍ନ ପ୍ରାୟ ୨ଟା ୩୦ରେ କେତେକ ଲୋକ କାଜୁଆଲଟିକୁ ଆସିଥିଲେ । ସେମାନଙ୍କ ମଧ୍ୟରୁ ଜଣେ ମତେ ଆକ୍ରମଣ ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ ବୋଲି ଡାକ୍ତର ଦାଶ ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି। ଅପରପକ୍ଷରେ ଆହତ ଶିଶୁର ଚିକିତ୍ସାରେ ଡାକ୍ତର ଦାଶ ଅବହେଳା କରିଥିବା ଏବଂ ଆକ୍ରମଣ ଘଟଣା ମିଥ୍ୟା ବୋଲି ତାଙ୍କର ସମ୍ପର୍କୀୟମାନେ କହିଛନ୍ତି ।

## ପାଳଗଦା ଜଳିଗଲା

ଶଙ୍କରାଖୋଲ,୧୦।୪(ଡି.ଏନ.ଏ.)

ଚକାପାଦ ବ୍ଲକ ଶଙ୍କରାଖୋଲ ଗ୍ରାମ ପଞ୍ଚାୟତର ଟପଡିଙ୍ଗିଆ ଗ୍ରାମର ବୈରାଗୀ କହଁରଙ୍କ ଘର ନିକଟରେ ଥିବା ପାଳ ଓ ନଡାଗଦାରେ ବୁଧବାର ମଧ୍ୟାହ୍ନରେ ଅଚାନକ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳି ଯାଇଥବବା ବେଳେ ପାଖରେ ଥିବା ଚାଳଘରଗୁଡିକ ବର୍ତ୍ତି ଯାଇଛି । ଖବର ପାଇ ଟିକାବାଲି ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ସଂକ୍ଷେପରେ

### ପ୍ରଚାର ବନ୍ଦ ବେଳେ ଭାଜପାର ପ୍ରେସମିଟ୍

ସିଇଓଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କଲା ବିଜେଡି

**ଭୁବନେଶ୍ୱର,୧୦।୪(ବ୍ୟୁରୋ):** ନିର୍ବାଚନ ଆଦର୍ଶ ଆଚରଣ ବିଧିର ବାରମ୍ବାର ଉଲ୍ଲଂଘନ କରି ଚାଲିଥିବା ଭାଜପା ଶେଷରେ ନିର୍ବାଚନ କମିଶନଙ୍କ ଆଦେଶକୁ ବି ଦଳି ମକଚି ଦେଇଛି। ଗୁରୁବାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେବାକୁ ଯାଉଥିବା ବେଳେ ଭାଜପା ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛି ବିଜୁ ଜନତା ଦଳ। ନିର୍ବାଚନ କମିଶନଙ୍କ ବାରଣ ସତ୍ତ୍ୱେ ବୁଧବାର ଭାଜପା ଏକ ଖବରଦାତା ସମ୍ମିଳନୀ କରି ନିର୍ବାଚନ ନୀତିନିୟମକୁ ଜଳାଞ୍ଜଳି ଦେଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ବିଜେଡ଼ିର ଏକ ପ୍ରତିନିଧି ଦଳ ଆପତ୍ତି କରିଛି। ମତଦାନର ୪୮ ଘଣ୍ଟା ପୂର୍ବ ସମୟରେ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କ ଉପରେ ପ୍ରଚାର କଟକଣା ରହିଛି। ଚଳିତବର୍ଷ ନିର୍ବାଚନ କମିଶନ ଏଥିରେ ଆଉ ଏକ କଟକଣା ଲଗାଇଛନ୍ତି। ଏହି ସମୟରେ (ସାଇଲେନ୍ସ ପିରିୟର୍ଡ) ଷ୍ଟାର ପ୍ରଚାରକ ଏବଂ ଅନ୍ୟନେତାମାନେ କୌଣସି ସାମ୍ବାଦିକ ସମ୍ମିଳନୀ କିମ୍ବା ନିର୍ବାଚନ ସମ୍ପର୍କରେ ଗଣମାଧ୍ୟମକୁ ସାକ୍ଷାତକାର ଦେଇପାରିବେ ନାହିଁ ବୋଲି କଡ଼ାକଟକଣା ଜାରି ହୋଇଛି। ମାର୍ଚ୍ଚ ୧୫ ତାରିଖରେ ନିର୍ବାଚନ କମିଶନଙ୍କ ପକ୍ଷରୁ ସଚିବ ଏନ.ଟି.ଭୂଟିଆ ଚିଠି ନମ୍ବର ୩/ ଇଆର/ ୨୦୧୮/ ଏସଡିଆର/ ଭଲ୍ୟୁମ୍-୧ ରେ ସବୁ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକୁ ଏହାର ଆଦେଶନାମା ପଠାଇଛନ୍ତି। ମାତ୍ର ଆଶ୍ଚର୍ଯ୍ୟର ବିଷୟ, ଉକ୍ତ ଆଦେଶକୁ ଭାଜପା ବେଖାତିର କରି ଆଜି ଏକ ଖବରଦାତା ସମ୍ମିଳନୀ କରିଥିଲା। ନିର୍ବାଚନ କମିଶନଙ୍କ ଆଦେଶ ଏବଂ ନିର୍ବାଚନ ଗାଇଡଲାଇନର ଏହା ସାଙ୍ଘାତିକ ଉଲ୍ଲଂଘନ ବୋଲି ବିଜେଡ଼ି ପକ୍ଷରୁ ଦର୍ଶାଯିବା ସହ ଭାଜପା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ବିଜେଡ଼ି ମୁଖପାତ୍ର ସସ୍ମିତ୍ ପାତ୍ର, ଲେଲିନ୍ ମହାନ୍ତି, ସୁଲତା ଦେଓ ଏବଂ ସୁଲୋଚନା ଦାସ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏହି ଦାବି ଜଣାଇଥିଲେ।

ନିମାପଡ଼ା, କାକଟପୁର ନିର୍ବାଚନମଣ୍ଡଳୀ

### ୧୩ ପ୍ରାର୍ଥିପତ୍ର କାଏମ୍

**ପୁରୀ ଅଫିସ, ୧୦।୪:** ପୁରୀ ଜିଲାର ୬ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ କାକଟପୁର ଓ ନିମାପଡ଼ା ଜଗତ୍‌ସିଂହପୁର ଲୋକ ସଭା ଅଧୀନରେ ରହିଛି। ଆସନ୍ତା ୨୯ତାରିଖରେ ଏହି ଦୁଇ ନିର୍ବାଚନମଣ୍ଡଳୀରେ ମତଦାନ ହେବ। ଏଥିଲାଗି ମଙ୍ଗଳବାର ପାର୍ଥିପତ୍ର ଦାଖଲ ପ୍ରକ୍ରିୟା ସରିଥିଲା। ବୁଧବାର ପ୍ରାର୍ଥୀମାନଙ୍କ ନାମାଙ୍କନପତ୍ର ଯାଞ୍ଚ ସରିଛି। ନିମାପଡ଼ା ପାଇଁ ୭ ଏବଂ କାକଟପୁର ଲାଗି ୬ଜଣ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଯାଞ୍ଚ ପରେ ସମସ୍ତ ୧୩ଜଣଙ୍କ ପ୍ରାର୍ଥିପତ୍ର କାଏମ୍ ରହିଛି। ନିମାପଡ଼ାରୁ ବିଜେଡି ପ୍ରାର୍ଥୀ ସମୀର ରଞ୍ଜନ ଦାଶ, ଭାଜପାର ପ୍ରଭାତୀ ପରିଡ଼ା, କଂଗ୍ରେସର ଦିଲୀପ ନାୟକ, ବିଏସ୍‌ପିର ଶଙ୍କର ପ୍ରସାଦ ଭୋଇ, ଓଡ଼ିଶା ପ୍ରଗତି ଦଳର ଦେବାଶିଷ ମିଶ୍ର, ଅଖିଳ ଭାରତ ହିନ୍ଦୁ ମହାସଭାର ମିହିର ପ୍ରସାଦ ଭୋଇ, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକର ମିଟୁ ମହାପାତ୍ର ପ୍ରାର୍ଥୀ ରହିଛନ୍ତି। ସେହିପରି କାକଟପୁରରୁ ବିଜେଡିର ତୁଷାରକାନ୍ତି ବେହେରା, କଂଗ୍ରେସର ବିଶ୍ୱଭୂଷଣ ଦାସ, ଭାଜପାର ରବି ମଲ୍ଲିକ, ବିଏସ୍‌ପିରୁ ଛବି ମଲ୍ଲିକ, ଓଡ଼ିଶା ପ୍ରଗତି ଦଳରୁ ଶୁକଦେବ ବେହେରା ଏବଂ ଆମ୍ବେଦକର ରାଇଟ୍ ପାର୍ଟି ଅଫ୍ ଇଣ୍ଡିଆର ରତ୍ନାକର କାଣ୍ଡି ପ୍ରାର୍ଥୀ ରହିଛନ୍ତି।

■ ରାଇକିଆ, କୁଲାଡ଼ରେ ବିଜୟ ସଂକଳ୍ପ ସମାବେଶ

# କନ୍ଧମାଳ ବିକାଶ ସମ୍ପୂର୍ଣ୍ଣ ଅଣଦେଖା: ଧର୍ମେନ୍ଦ୍ର

**ରାଇକିଆ/ଭଞ୍ଜନଗର, ୧୦।୪(ଡି.ଏନ.ଏ.)**

କନ୍ଧମାଳ ଜିଲା ରାଇକିଆ ଓ ଗଞ୍ଜାମ ଭଞ୍ଜନଗର ନିର୍ବାଚନ ମଣ୍ଡଳୀର କୁଲାଡ଼ରେ ବୁଧବାର ଭାଜପା ପକ୍ଷରୁ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ରାଜ୍ୟରେ ୧୯ ବର୍ଷ ହେଲା ବିଜେଡ଼ି ସରକାର ଥିଲେ ମଧ୍ୟ କନ୍ଧମାଳ ବିକାଶକୁ ସଂପୂର୍ଣ୍ଣ ଅଣଦେଖା କରାଯାଇଛି । ସାରା ବିଶ୍ୱରେ ପରିଚିତ କନ୍ଧମାଳ ହଳଦୀ ନିକଟରେ ଜିଆଇ ମାନ୍ୟତା ହାସଲ କରିଛି। କନ୍ଧମାଳରେ ପର୍ଯ୍ୟାପ୍ତ ସୁଯୋଗ ଥିବା ସତ୍ତ୍ୱେ ରାଜ୍ୟ ସରକାରଙ୍କ ଉଦାସୀନତାରୁ ହଳଦୀ ଉଦ୍ୟୋଗ ପ୍ରତିଷ୍ଠା ହୋଇପାରୁନି। ସ୍ଥାନୀୟ ଯୁବକଙ୍କୁ କେରଳ ଯାଇ ଦାଦନ ଖଟିବାକୁ ପଡୁଛି। ରାଜ୍ୟରେ ଭାଜପା ସରକାର କଲେ ସବୁ ଯୁବକଙ୍କ ପାଇଁ ରୋଜଗାର ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ। ରାଜ୍ୟରେ ବ୍ୟାପକ ପିସି କାରବାର ଚାଲିଛି, କାଳିଆ ଯୋଜନାରେ ପ୍ରକୃତ ଚାଷୀ ଟଙ୍କା ପାଉ ନାହାନ୍ତି, ପାନୀୟ ଜଳଠାରୁ ଆରମ୍ଭ କରି ଚାଷ ଜମିକୁ ଜଳ ଯୋଗାଣ, ଡାକ୍ତର ନିଯୁକ୍ତି ଆଦିରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଜି.ଉଦୟଗିରି ବିଧାନସଭା ନିର୍ବାଚନ ମଣ୍ଡଳୀର ଦଳୀୟ ପ୍ରାର୍ଥୀ ଅର୍ଚ୍ଚନା ପ୍ରଧାନ ଏବଂ କନ୍ଧମାଳ ଲୋକ ସଭା ପ୍ରାର୍ଥୀ ଖାରବେଳ ସ୍ୱାଇଁଙ୍କ ପ୍ରଚାର ପାଇଁ ଆସିଥିବା କେନ୍ଦ୍ରମନ୍ତ୍ରୀ ପ୍ରଧାନ ଗୁମୁଡୁମାହାରେ ପୋଲିସ ଗୁଳିରେ ନିରୀହ ଆଦିବାସୀଙ୍କ ଜୀବନ ଯାଇଥିବା ପ୍ରସଙ୍ଗ ଉଠାଇଥିଲେ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଆଦୌ ଭୁଲ ମାଗି ନ ଥିବା ସେ କହିଥିଲେ। ନିର୍ବାଚନ ପରେ ପ୍ରଥମ ଦୁଇ ବର୍ଷ ମଧ୍ୟରେ କନ୍ଧମାଳରେ ମେଡ଼ିକାଲ କଲେଜ ଏବଂ ରେଳ ଲାଇନ ବ୍ୟବସ୍ଥା କରାଯିବ ବୋଲି ଏମ୍‌ପି ପ୍ରାର୍ଥୀ ଖାରବେଳ କହିଥିଲେ। ତେଣୁ ଭାଜପାକୁ ଭୋଟ ଦେବାପାଇଁ ସେ ନିବେଦନ କରିଥିଲେ। ସମାବେଶରେ କନ୍ଧମାଳ ସଂସଦୀୟ କ୍ଷେତ୍ର ପ୍ରଭାରୀ ଅଶୋକ ମିଶ୍ର, ଜିଲା ସଭାପତି ଲିଙ୍ଗରାଜ ଦଳ ବେହେରା, ଉପସଭାପତି ମାନଗୋବିନ୍ଦ ପ୍ରଧାନ, ଜିଲା ପରିଷଦ ସଭ୍ୟା ଜୁଲିମା ଦଳବେହେରା, ଅମର ସିଂ ନାୟକ, ନେତ୍ର ମାନସେଠ, ରାମବିଶ ଦିଗାଳ, କମଳାକାନ୍ତ ପାଣ୍ଡେ, ବସନ୍ତ ପ୍ରଧାନ, ଅବନେଶ୍ୱର ପ୍ରଧାନ, ଯାଜ୍ଞ ପ୍ରଧାନ, ଶରତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।



ରାଇକିଆରେ ଉଦବୋଧନ ଦେଉଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

- ■ ଗୁମୁଡୁମାହା ପ୍ରସଙ୍ଗ ଉଠାଇଲେ
- ■ ଗଞ୍ଜାମ ଜିଲାର ରେଳପଥର ବିକାଶ ହେବ
- ■ ନାବାଳିକା ବଳାତ୍କାରୀଙ୍କୁ ଫାଶି ଦେବାକୁ ଆଇନ ଅଣାଯିବ

ସେହିପରି କୁଲାଡ଼ ସମାବେଶରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ, ରାଜ୍ୟରେ ନାରୀ ନିର୍ଯାତନା ବଢ଼ିବାରେ ଲାଗିଛି। ନବାଳିକା ବଳାତ୍କାରର ଶିକାର ହେଲେ ନ୍ୟାୟ ମିଳୁନି। ଭାଜପା ଆସିଲେ ୧୫ରୁ କମ୍ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରୁଥିବା ଅଭିଯୁକ୍ତଙ୍କୁ ଫାଶି ଦେବାପାଇଁ ଆଇନ ଅଣାଯିବ। ମୁଖ୍ୟମନ୍ତ୍ରୀଙ୍କ ଜେଜେ ବାପାଙ୍କ ଗ୍ରାମ ଭଞ୍ଜନଗର ଅଞ୍ଚଳରେ। ହେଲେ ଏଠାରେ ବିକାଶ ହୋଇପାରିନି। ରାଜ୍ୟସାରା ଏବେ ପରିବର୍ତ୍ତନର ହାୱା ବହୁଛି। ନିର୍ବାଚନ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରାଜୟ ସ୍ୱୀକାର କରି ଦିଲ୍ଲୀସ୍ଥିତ ନିଜ ଘରକୁ ଫେରିଯିବେ। ଉଭୟ ରାଜ୍ୟ ଓ କେନ୍ଦ୍ରରେ ଭାଜପା କ୍ଷମତା ହାସଲ କରିବ। ଗଞ୍ଜାମ ଜିଲାରେ ରେଳପଥର ବିକାଶ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ଉଭୟ ରାଜ୍ୟ ଓ କେନ୍ଦ୍ରରେ ଭାଜପା କ୍ଷମତା ହାସଲ କରିବ। ଗଞ୍ଜାମ ଜିଲାରେ ରେଳପଥର ବିକାଶ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ସମାବେଶରେ ଭାଜପା ଜିଲା ସମ୍ପାଦକ ନୀଳମାଧବ ପାତ୍ର ଅଧ୍ୟକ୍ଷତା କରିଥିଲେ। ଭଞ୍ଜନଗର ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ପ୍ରଦ୍ୟୁମ୍ନ ନାୟକ, କନ୍ଧମାଳ ଲୋକ ସଭା ପ୍ରାର୍ଥୀ ଖାରବେଳ ସ୍ୱାଇଁ ଯୋଗଦେଇ ବିଜେଡି ନେତାମାନେ କିଭଳି ଦୁର୍ନୀତି କରୁଛନ୍ତି କହିବା ସହ ନିଜ ପାଇଁ ଭୋଟ ଭିକ୍ଷା କରିଥିଲେ। ଭାଜପା ନେତା ବିନାୟକ ତ୍ରିପାଠୀ, ପ୍ରଦୀପ ସାହୁ, ସନ୍ତୋଷ ତିଆଡ଼ି, ସନ୍ତୋଷ ପାଳ, କବିରାଜ ବେହେରା, ମନୋଜ ପ୍ରଧାନ, ଅଭିମନ୍ୟୁ ଭୂୟାଁ, ଶିବ ଶଙ୍କର ପ୍ରଧାନ, ରାଜୁ ପ୍ରଧାନ, ରବୀନ୍ଦ୍ର ଶତପଥୀ, ସଞ୍ଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଭାକର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସମାବେଶସ୍ଥଳରେ ଲାଲସିଂ ପଞ୍ଚାୟତର କେତେଜଣ ସ୍ୱାଧୀନ ନେତା, ଗୋଲାପଡ଼ରେ ଜଣେ କଂଗ୍ରେସ ନେତା ଉପସ୍ଥିତ ଥିବା ଦେଖାଯାଇଥିଲା।

# ୨୭ ଲକ୍ଷ ଟଙ୍କା ଫିଙ୍ଗି ଦେଇ କାର ନେଇ ଦୁର୍ବୃତ୍ତ ଚମ୍ପଟ୍

**ସୁନ୍ଦରଗଡ଼/ବିଶ୍ରା,୧୦।୪(ଡି.ଏନ୍.ଏ.)**

ବୁଧବାର ସୁନ୍ଦରଗଡ଼ ଜିଲା ବିଶ୍ରା ଥାନା ଅନ୍ତର୍ଗତ ମହିପାଣି ଲେଭଲକ୍ରସିଂ ରାସ୍ତାରୁ ଫ୍ଲାଇଂ ସ୍କ୍ୱାଡ୍ ୨୭ ଲକ୍ଷ ୪୯ ହଜାର ୫ଶହ ଟଙ୍କା ଜବତ କରିଛି। ଏକ ନମ୍ବର ବିହୀନ କାରରେ କେତେକ ବ୍ୟକ୍ତି ଆସୁଥିଲେ । ସେମାନେ ଫ୍ଲାଇଂ ସ୍କ୍ୱାଡ୍‌କୁ ଦେଖି ଦ୍ରୁତଗତିରେ କାର ଚଳାଇ ଫେରାର ହେବାକୁ ଚେଷ୍ଟା କରିଥିଲେ । ହେଲେ ଫ୍ଲାଇଂ ସ୍କ୍ୱାଡ୍ ଦାୟିତ୍ୱରେ ଥିବା ଅଧିକାରୀମାନେ ଅନ୍ୟ ଏକ ଗାଡ଼ିରେ ଉକ୍ତ କାର ପିଛା କରିଥିଲେ । ଏହା ଦେଖି କାରରେ ଥିବା ଜଣେ ବ୍ୟକ୍ତି ଟଙ୍କା ବ୍ୟାଗ୍ ଫିଙ୍ଗି ଦେଇ ଫେରାର ହୋଇଯାଇଥିଲେ । ଫ୍ଲାଇଂ ସ୍କ୍ୱାଡ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ବିଶ୍ରା ଏବିଡିଓ ଶରତ ଚନ୍ଦ୍ର ପ୍ରଧାନ କହିଛନ୍ତି, ଯାନବାହନ ଯାଞ୍ଚବେଳେ ଏକ ନମ୍ବରବିହୀନ କାରରେ ଟଙ୍କା ଥିବା ଜଣାପଡିଥିଲା। ଚାଳକ କାରକୁ ଦ୍ରୁତଗତିରେ ନେଇ ମହିପାଣି ଲେଭଲକ୍ରସିଂ ଆଡକୁ ଚାଲି ଯାଇଥିଲେ। କାରରେ ଥିବା ଜଣେ ବ୍ୟକ୍ତି ଟଙ୍କା ବ୍ୟାଗକୁ ଏକ ବୁଦାମୂଳେ ଲୁଚାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଫ୍ଲାଇଂ ସ୍କ୍ୱାଡ୍ ସେଠାରେ ପହଞ୍ଚି ଯିବାରୁ ସଂପୃକ୍ତ ବ୍ୟକ୍ତି ଟଙ୍କା ବ୍ୟାଗକୁ ଫୋପାଡି ଦେଇ କାର ସହ ଚମ୍ପଟ ମାରିଥିଲେ। ପରେ ବ୍ୟାଗକୁ ଜବତ କରାଯାଇଥିଲା। ସେଥିରେ ୨୭ଲକ୍ଷ ୪୯ ହଜାର ୫ଶହ ଟଙ୍କା ଥିଲା। ଉକ୍ତ ଟଙ୍କାକୁ ରାଉରକେଲା ଟ୍ରେଜେରିରେ ରଖାଯାଇଛି। ଏତେ ପରିମାଣରେ ଟଙ୍କା କିଏ, କେଉଁ ଉଦ୍ଦେଶ୍ୟରେ ନେଉଥିଲେ ତାହା ଜଣା ପଡିନାହିଁ। ଏଥିରେ କୌଣସି ଏକ ରାଜନୈତିକ ଦଳର ସମ୍ପୃକ୍ତି ଥିବା କୁହାଯାଉଛି।

ସୂଚନାଯୋଗ୍ୟ, ଆସନ୍ତା ୧୮ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଭୋଟ ଗ୍ରହଣ ହେବାକୁ ଯାଉଛି। ନିର୍ବାଚନ କମିଶନଙ୍କ କଟକଣା ଓ ନିୟମକୁ ଧୂଳିଦେଇ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀମାନେ ଅର୍ଥ ଓ ବାହୁବଳକୁ ପ୍ରୟୋଗ କରିବାକୁ ପଛାଉ ନାହାନ୍ତି। ଯାହାର ପ୍ରମାଣ ବୁଧବାର ୨୭ଲକ୍ଷ ୪୯ ହଜାର ୫ଶହ ଟଙ୍କା ଜବତ ଘଟଣାରୁ ଜଣାପଡ଼ିଛି ବୋଲି ଏଠାରେ ଚର୍ଚ୍ଚା ହେଉଛି ।

### ବିଜେଡି ବିଧାୟକ ପ୍ରାର୍ଥୀଙ୍କ ଗାଡ଼ିରୁ ୨ ଲକ୍ଷ ଟଙ୍କା ଜବତ

**ଭବାନୀପାଟଣା,୧୦।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ନିର୍ବାଚନମଣ୍ଡଳୀର ବିଜେଡି ବିଧାନସଭା ପ୍ରାର୍ଥୀ ପ୍ରଦୀପ ଦିଶାରୀଙ୍କ ଗାଡିରୁ ନଗଦ ୨ ଲକ୍ଷ ଟଙ୍କା ଜବତ କରାଯାଇଛି। ପୋଲିସ ସେହି ଟଙ୍କା ବିଷୟରେ ଦିଶାରୀଙ୍କୁ ପଚରାଉଚୁରା କରୁଛି। ବୁଧବାର ଜୟପାଟଣାରେ ଫ୍ଲାଇଂ ସ୍କ୍ୱାଡ ଯାନବାହନ ଯାଞ୍ଚ କରୁଥିଲା। ଏହି ସମୟରେ ପ୍ରଦୀପ ତାଙ୍କ ସହଯୋଗୀଙ୍କ ସହିତ ଏକ ଇନୋଭା କାରରେ ଯାଉଥିଲେ। ପୋଲିସ ତାଙ୍କ ଗାଡିକୁ ଅଟକାଇ ଯାଞ୍ଚ କରିବା ସମୟରେ ୪ଟି ୫୦୦ ଟଙ୍କିଆ ନୋଟ୍ ବିଡା ଜବତ କରିଥିଲା। ଏହା ୨ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି। ସେହି ଗାଡିରେ ପ୍ରଦୀପଙ୍କ ସହିତ ତାଙ୍କ ୪ ସହଯୋଗୀ ଥିଲେ। ନିର୍ବାଚନ ପାଇଁ ଟଙ୍କା ନିଆଯାଉଥିବା ସନ୍ଦେହ କରାଯାଉଛି। ପୋଲିସ ସମସ୍ତଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

■ ଗୋଟିଏ ଦିନରେ ଭୋଟିଂ, ଅକଳରେ କୋଟିଆବାସୀ

# ସକାଳେ ଓଡ଼ିଶା, ମଧ୍ୟାହ୍ନ ପରେ ଆନ୍ଧ୍ରକୁ ଭୋଟ୍

**ପଟ୍ଟାଙ୍ଗି,୧୦।୪(ଡି.ଏନ୍.ଏ.)**

ଓଡ଼ିଶା ଓ ଆନ୍ଧ୍ରରେ ଗୁରୁବାର ଏକାସାଙ୍ଗରେ ଗୋଟିଏ ଦିନରେ ଭୋଟ୍ ଗ୍ରହଣ ହେଉଛି। ଏହା କୋରାପୁଟ ଜିଲା ପ୍ରଶାସନ ପାଇଁ ଚିନ୍ତାର କାରଣ ପାଲଟିଛି। କାରଣ ସୀମାନ୍ତ ଗ୍ରାମର ଭୋଟର, ବିଶେଷ କରି ବିବାଦୀୟ କୋଟିଆ ଗ୍ରାମପୁଞ୍ଜର ମତଦାତା କାହାକୁ ଭୋଟ୍ ଦେବେ, ସେନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ସେମାନେ ଗୁରୁବାର ସକାଳେ ଓଡ଼ିଶାରେ ଭୋଟ୍ ଦେଇ ମଧ୍ୟାହ୍ନରୁ ଅପରାହ୍ନ ଯାଏଁ ଆନ୍ଧ୍ରରେ ମତଦାନ କରିବା ପାଇଁ ନିଷ୍ପତ୍ତି ନେଇଥିବା ଲୋକଙ୍କ ମୁହଁରୁ ଶୁଣିବାକୁ ମିଳୁଛି।

ସୂଚନା ଅନୁଯାୟୀ, ପଟ୍ଟାଙ୍ଗି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋଟିଆ ପଞ୍ଚାୟତ ଆନ୍ଧ୍ର ସୀମାନ୍ତରେ ରହିଛି। କୋଟିଆ ଗ୍ରାମପୁଞ୍ଜକୁ ନେଇ ଦୀର୍ଘ ଦଶନ୍ଧି ଧରି ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ବିବାଦ ଲାଗି ରହିଆସିଛି। ପ୍ରତି ନିର୍ବାଚନରେ କୋଟିଆବାସୀ ଉଭୟ ରାଜ୍ୟକୁ ଭୋଟ୍ ଦେଇଆସିଛନ୍ତି। କିନ୍ତୁ ଏଥର ଗୋଟିଏ ଦିନରେ ଉଭୟ ରାଜ୍ୟରେ ଭୋଟ୍ ଗ୍ରହଣ ହେଉଥିବାରୁ ନିଜ ମୂଲ୍ୟବାନ ଭୋଟ୍ କାହାକୁ ଦେବେ, ତାହା ସେମାନଙ୍କୁ ଅକଳରେ ପକାଇଛି। କୋଟିଆ ପଞ୍ଚାୟତ ଉପରେ ଜିଲା ପ୍ରଶାସନର ଯେତିକି ନଜର ରହିଛି, ତାଠାରୁ ଦଳୀୟ କର୍ମୀ ଓ ପ୍ରାର୍ଥୀ ଅଧିକ ସତର୍କ ଦୃଷ୍ଟି ରଖିଛନ୍ତି। କୋଟିଆ ପଞ୍ଚାୟତରେ କୋରାପୁଟ ଜିଲା ଓ ବ୍ଲକ ପ୍ରଶାସନ ୯ଟି ବୁଥ୍ ବ୍ୟବସ୍ଥା କରିଛି। ସେଥିରେ ରଣାସଂଗ, ଟାଉପଦର, ଥୁରିଆ, ଗୁମେଲପଦର, ଗଞ୍ଜେଇ ପଦର, ମାଡକାର, ଫଗୁଣସିନେରି, ତଳକାଣ୍ଟି ଓ କୋଟିଆ ରହିଛି। ସେହିପରି ଆନ୍ଧ୍ର ସରକାର କୋଟିଆ ପଞ୍ଚାୟତର ସୀମାନ୍ତବର୍ତ୍ତୀ ଗ୍ରାମ ନେରଡିବାଲସାରେ ଅସ୍ଥାୟୀ ବୁଥ୍ ନିର୍ମାଣ କରିଛନ୍ତି। ଉକ୍ତ ବୁଥ୍ ଉପରେ ଗଞ୍ଜେଇପଦର, କୋଟିଆ, ତଳ ଗଞ୍ଜେଇ ପଦର, ଦିଗୁବାରୁଡି, କାଗୁରୁଡି, ସିମାଗାଡା, ସୁଲାରି, ଧୂଳିପଦର, ରଣାସଙ୍ଗ, ସାପାଇଙ୍ଗିପାଡୁ, ପାନୁକୁବାଲସା, ନେରଡିବାଲସା, ଗୋଟିପାଡୁ, ଉମାପାଡୁ, ଗାଡିବାଲସା, ରାବଡାବାଲସା, ବାଟିବାଲସା, ବେଖିପାଡୁ, କୁରୁଡିପଦର, ଉପରସେମ୍ଭି, ପୁଲିବାଲସା, ତଳସେମ୍ଭି, ଝୁଗୁବାରୁଡି ଓ ପନିକି ଗ୍ରାମବାସୀ ନିଜ ଭୋଟ୍ ଦେବେ। କୋଟିଆ ପଞ୍ଚାୟତରେ ୯୬ ପ୍ରତିଶତ କନ୍ଧ ସମ୍ପ୍ରଦାୟର ଭୋଟର ରହିଥିବା ବେଳେ ପଛୁଆ ବର୍ଗ ୩ ଏବଂ ଅନୁସୂଚିତ ଜନଜାତି ବର୍ଗରୁ ୧ ପ୍ରତିଶତ ଭୋଟର ରହିଛନ୍ତି। ପଞ୍ଚାୟତର ୯ଟି ବୁଥ୍ ଅଧୀନରେ ୨,୮୮୬ ଜଣ ମହିଳା ଓ ୨,୪୮୯ ପୁରୁଷ ଭୋଟର ଅଛନ୍ତି। ୯ଟି ବୁଥ୍ ମଧ୍ୟରୁ ରଣାସଙ୍ଗକୁ ଯାତାୟତ ପାଇଁ ରାସ୍ତା ସମ୍ପୂର୍ଣ୍ଣ ହୋଇନାହିଁ।

■ କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ

# ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବେ ସିପ୍ରା ମଲ୍ଲିକ


ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପାଇଁ ଆସିଥିବା ସିପ୍ରା ମଲ୍ଲିକ ଓ ଅନ୍ୟ ନେତାମାନେ।

**ଭୁବନେଶ୍ୱର,୧୦।୪(ବ୍ୟୁରୋ)**

କେନ୍ଦ୍ରାପଡ଼ା ସଂରକ୍ଷିତ ବିଧାନସଭା ଆସନକୁ ନେଇ ବିଜେଡିର ଚିନ୍ତା ଦୂର ହୋଇଛି। ଦଳୀୟ ପ୍ରାର୍ଥୀ ତଥା ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ବିରୋଧରେ ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ ନାମାଙ୍କନପତ୍ର ଦାଖଲ କରିଥିଲେ। ଏହା ଦ୍ୱାରା ସେହି ଆସନରେ ବିଜେଡି ଭୋଟ୍ ବିଭାଜନର ଆଶଙ୍କା ରହୁଥିଲା। ଯାହା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଚିନ୍ତାରେ ପକାଇଥିଲା। ଶଶିଭୂଷଣ ମୂଳତଃ କେନ୍ଦ୍ରାପଡ଼ା ବାସିନ୍ଦା ହୋଇ ନ ଥିବାରୁ ତାଙ୍କ ଗ୍ରହଣୀୟତାକୁ ନେଇ ପ୍ରଶ୍ନ ଉଠିଥିଲା। ତେଣୁ ସେଠାରେ ଦଳୀୟ କନ୍ଦଳକୁ ପ୍ରଶମିତ କରିବା ପାଇଁ ସ୍ଥାନୀୟ ସମସ୍ତ ନେତାଙ୍କୁ ବୁଧବାର ନବୀନ ନିବାସ ଡକାଯାଇଥିଲା। ଏଥିରେ ସିପ୍ରା ମଲ୍ଲିକ, ବର୍ତ୍ତମାନ କେନ୍ଦ୍ରାପଡ଼ା ବିଧାୟକ ଥିବା କିଶୋର ତରାଇ ଏବଂ ବରିଷ୍ଠ ବିଜେଡି ନେତା ଅତନୁ ସବ୍ୟସାଚୀ ନାୟକ ଉପସ୍ଥିତ ଥିଲେ। ଆଲୋଚନା ପରେ ସିପ୍ରା କହିଛନ୍ତି, ଦଳର ନେତାଙ୍କ ପରାମର୍ଶକ୍ରମେ ସେ ନିଃସର୍ତ୍ତ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବେ। ସେଠାରୁ ଦଳୀୟ ପ୍ରାର୍ଥୀ ହୋଇଥିବା ଶଶିଭୂଷଣ ବେହେରାଙ୍କୁ ସମର୍ଥନ କରିବେ। ଶଶୀ ବାବୁ ପ୍ରାର୍ଥୀ ହୋଇଥିଲେ ବି, ସେ ପୂର୍ବପରି ଲୋକଙ୍କ ସହ ରହିବେ। ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ମୋର ପ୍ରାଥମିକତା ହେବ ।

ସେହିପରି ବିଜେଡି ପ୍ରାର୍ଥୀ ଶଶିଭୂଷଣ କହିଛନ୍ତି, ସିପ୍ରା ପୂର୍ବରୁ ବିଧାୟିକା ଥିବାରୁ ତାଙ୍କ ପ୍ରତି ଜନସମର୍ଥନ ରହିଛି। ସେ ଜଣେ ଦକ୍ଷ ବିଜେଡି ନେତ୍ରୀ। ଅନ୍ୟପକ୍ଷେ କେନ୍ଦ୍ରାପଡ଼ା ବିଜେଡିର ଗଡ଼ ଭାବେ ପରିଚିତ। ସବୁ ସମୟରେ କେନ୍ଦ୍ରାପଡ଼ା ସ୍ୱର୍ଗତ ବିଜୁ ପଟ୍ଟନାୟକ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସାଥ୍ ଦେଇଛି। ତେଣୁ ସମସ୍ତଙ୍କ ସହଯୋଗ ଏବଂ କେନ୍ଦ୍ରାପଡ଼ାବାସୀଙ୍କ ଆଶୀର୍ବାଦ ମୋ ପାଇଁ ସଫଳତା ଆଣିବ।

# ଗୁରୁତ୍ୱ ହରାଉଛନ୍ତି ଛାତ୍ରନେତା

- ■ ବିଜେଡି, ଭାଜପା ସମାନ ଅବସ୍ଥା
- ■ ଟିକେଟ ପାଇଲେନି ଛାତ୍ର ବିଜେଡି ଉପଦେଷ୍ଟା, ସଭାପତି
- ■ ଲୋକନାଥ, ଟଙ୍କଧରଙ୍କୁ ମିଳିଲାନି ସୁଯୋଗ

**ଭୁବନେଶ୍ୱର, ୧୦।୪(ବ୍ୟୁରୋ)**

ରାଜନୀତିରେ ପରବର୍ତ୍ତୀ ପିଢି ପାଇଁ ବାଟ ଛାଡିବା ଆବଶ୍ୟକ। ସବୁ ଦଳ ଅଧିକାଂଶ ଯୁବ ଏବଂ ଛାତ୍ର ନେତୃତ୍ୱକୁ ଗୁରୁତ୍ୱ ଦେବା ପାଇଁ କହିଥାନ୍ତି। ହେଲେ ଟିକେଟ ବଣ୍ଟନରେ ତାହା ପ୍ରତିଫଳିତ ହେଉନାହିଁ, ଯାହାକି ଚଳିତ ନିର୍ବାଚନରେ ବିଜେଡି ଓ ଭାଜପାରେ ଦେଖିବାକୁ ମିଳିଛି। ଶାସକ ବିଜେଡି ଛାତ୍ର ନେତୃତ୍ୱକୁ ସମ୍ପୂର୍ଣ୍ଣଭାବେ ଅଣଦେଖା କରିଥିବା ସବୁଆଡ଼େ ଆଲୋଚନା ହେଉଛି। କଂଗ୍ରେସ ଟିକେଟ ନେଇ ବିବାଦ ଦେଖାଦେଇଛି, ମାତ୍ର ଦଳ ଛାତ୍ର ଓ ଯୁବ ନେତୃତ୍ୱକୁ ଯଥେଷ୍ଟ ଗୁରୁତ୍ୱ ଦେଇଛି। ଭାଜପାରେ ମଧ୍ୟ ବିଜେଡି ଭଳି ଛାତ୍ର ନେତୃତ୍ୱକୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି।

ବିଜେଡି ପକ୍ଷରୁ ଛାତ୍ର ସଙ୍ଗଠନ ଉପଦେଷ୍ଟା ଥିବା ଚିନ୍ମୟ ସାହୁ, ଛାତ୍ର ସଭାପତି ରାଣାପ୍ରତାପ ପାତ୍ରଙ୍କୁ ଟିକେଟ ଦେଇନାହିଁ। ୨୦୧୪ ସାଧାରଣ ନିର୍ବାଚନ ଫଳାଫଳର କିଛିମାସ ପରେ ଚିନ୍ମୟ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ। ଆରମ୍ଭରୁ ରାଜଧାନୀର ଅନ୍ୟତମ ପ୍ରମୁଖ ବିଧାନସଭା ନିର୍ବାଚନମଣ୍ଡଳୀ ଭୁବନେଶ୍ୱର-ଉତ୍ତରରେ ସାଙ୍ଗଠନିକ କାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ଶେଷ ମୁହୂର୍ତ୍ତରେ ଚର୍ଚ୍ଚାରେ ନ ଥିବା ସୁଶାନ୍ତ ରାଉତ ଟିକେଟ ହାତେଇଥିଲେ। ତେଣୁ ଛାତ୍ର କଂଗ୍ରେସ ରାଜନୀତିରେ ସର୍ବାଧିକ ଚର୍ଚ୍ଚାରେ ରହୁଥିବା ଚିନ୍ମୟଙ୍କ ରାଜନୈତିକ ଭବିଷ୍ୟତ ନେଇ ବର୍ତ୍ତମାନ ଅନିଶ୍ଚିତତା ସୃଷ୍ଟି ହୋଇଛି। ବିଜେଡିର ଶୀର୍ଷ ଉପଦେଷ୍ଟା ବୋଲାଉଥିବା କେତେଜଣ ହାତଗଣତି ନେତାଙ୍କ ଗୋଷ୍ଠୀଭୁକ୍ତ ନ ହେବା କାରଣରୁ ଚିନ୍ମୟଙ୍କୁ ଟିକେଟ ମିଳି ନ ଥିବା ଚର୍ଚ୍ଚା ହେଉଛି। ୨୦୦୪ରେ ଅରୁଣ ସାହୁ ଓ ୨୦୧୪ରେ ବ୍ୟୋମକେଶ ରାୟ ଛାତ୍ର ବିଜେଡି ସଙ୍ଗଠନ ଦାୟିତ୍ୱରେ ଥାଇ ଟିକେଟ ହାତେଇ ପାରିଥିଲେ। ହେଲେ ଏହା ୨୦୦୯ରେ ସମ୍ଭବ ହୋଇ ନ ଥିଲା। ଛାତ୍ର ବିଜେଡି ସଭାପତି ରାଣାପ୍ରତାପ ପାତ୍ର କୌଣସି ନିର୍ବାଚନମଣ୍ଡଳୀରେ ସ୍ୱତନ୍ତ୍ର ସଙ୍ଗଠନ କରି ନ ଥିଲେ। ଶେଷ ମୁହୂର୍ତ୍ତରେ ଟିକେଟ ପାଇବା ପାଇଁ ଚାପ ପକାଇଥିଲେ। ହେଲେ ଏହାକୁ ବିଜେଡି ନେତୃତ୍ୱ ଗୁରୁତ୍ୱ ଦେଇ ନ ଥିଲା। ସେହିପରି ଭାଜପାରେ ମଧ୍ୟ ଛାତ୍ର ନେତୃତ୍ୱକୁ ଅଣଦେଖା କରାଯାଇଛି। ଭାଜପା ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀଙ୍କୁ ଏଥର ଟିକେଟ ମିଳିନାହିଁ। ଅନ୍ୟପକ୍ଷରେ ବିଜେଡି ଓ ଭାଜପା ଅପେକ୍ଷା କଂଗ୍ରେସ ଅଧିକ ସଂଖ୍ୟକ ଛାତ୍ରଙ୍କୁ ଟିକେଟ ଦେଇଛି। ଦଳୀୟ ଟିକେଟରେ ଚଳିତଥର ନିର୍ବାଚନ ଲଢୁଥିବା ପ୍ରମୁଖ ପ୍ରାର୍ଥୀମାନେ ହେଉଛନ୍ତି ଭୁବନେଶ୍ୱର-ଉତ୍ତରରୁ ପ୍ରାର୍ଥୀ ହୋଇଥିବା ଇତିଶ୍ ପ୍ରଧାନ (ପୂର୍ବତନ ଛାତ୍ର କଂଗ୍ରେସ ସଭାପତି), ମଧ୍ୟରୁ ରାଜୀବ ପଟ୍ଟନାୟକ (ଏନ୍‌ଏସ୍‌ୟୁଆଇ ସାଧାରଣ ସମ୍ପାଦକ), ପୁରୀରୁ ପ୍ରାର୍ଥୀ ହୋଇଥିବା ଅରୋପ୍ରସାଦ ମିଶ୍ର (ନ୍ୟାଶନାଲ ଡେଲିଗେଟ୍, ଏନ୍‌ଏସ୍‌ୟୁଆଇ), ପାଲଲହଡାରୁ ସୁବ୍ରତ ଗଡନାୟକ (ଯୁବ କଂଗ୍ରେସ ନେତା)। ହେଲେ ମହାକାଳପଡାରୁ ଦଳୀୟ ଟିକେଟ ଆଶାୟୀ ଥିବା ଯୁବ କଂଗ୍ରେସ ସଭାପତି ଲୋକନାଥ ମହାରଥୀଙ୍କୁ ଟିକେଟ ମିଳିନାହିଁ। ଅନ୍ୟମାନଙ୍କ ମଧ୍ୟରେ ସିପିଆଇ ପକ୍ଷରୁ ଅବକାଶ ସାହୁଙ୍କୁ ବୌଦ୍ଧ ବିଧାନସଭା ପାଇଁ ପ୍ରାର୍ଥୀ କରାଯାଇଛି। ହେଲେ ବିଭିନ୍ନ ନେତାଙ୍କ ପୁତ୍ରକନ୍ୟାମାନଙ୍କୁ ବିଜେଡି, କଂଗ୍ରେସରେ ବ୍ୟାପକ ଗୁରୁତ୍ୱ ଦିଆଯାଇଛି।

ତେଣୁ ଏହି ପରମ୍ପରା ଛାତ୍ରମାନଙ୍କୁ ରାଜନୀତିକୁ ଆକର୍ଷିତ କରିବାରେ ଅନ୍ତରାୟ ସୃଷ୍ଟି କରିବ ବୋଲି ସମୀକ୍ଷକମାନେ ମତ ଦେଇଛନ୍ତି। ସେହିପରି ବିଭିନ୍ନ ନେତାଙ୍କ ଦାୟାଦଙ୍କୁ ଟିକେଟ ମିଳିବା ଭଳି ଦକ୍ଷ ଛାତ୍ର ଏବଂ ଯୁବକଙ୍କୁ ନିର୍ବାଚନ ରାଜନୀତିରେ ସୁଯୋଗ ମିଳିବା ଉଚିତ ବୋଲି ବିଶ୍ଳେଷକମାନେ ମତ ରଖିଛନ୍ତି। ଏଭଳି ସ୍ଥିତିରେ ଟିକେଟ୍ ନ ପାଇଥିବା ଛାତ୍ରନେତାଙ୍କ ମନରେ କ୍ଷୋଭ ରହିଥିବା ବେଳେ, ଦଳର ନେତୃତ୍ୱ ବିରୋଧରେ ମୁହଁ ଖୋଲିବାକୁ ସାହାସ କରିପାରୁ ନାହାନ୍ତି ବୋଲି ନିଜ ନାମ ଗୋପନ ରଖି ଜଣେ ଛାତ୍ର ନେତା କହିଛନ୍ତି।

# ହେଲିକପ୍ଟରରେ ଗଲେ ପୋଲିଂ ପାର୍ଟି

ମାଲକାନଗିରି,୧୦।୪(ଡି.ଏନ.ଏ.)

ଗୁରୁବାର ନବରଙ୍ଗପୁର ଲୋକ ସଭା ଆସନ ସହ ମାଲକାନଗିରି ଜିଲାର ୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ମାଲକାନଗିରି ଓ ଚିତ୍ରକୋଣ୍ଡାରେ ମତଦାନ ହେବ। ମତଦାତାମାନେ ପ୍ରାର୍ଥୀମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଏନେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ସ୍ୱାଭିମାନ ଅଞ୍ଚଳକୁ ପୋଲିଂ ପାର୍ଟିମାନଙ୍କୁ ଏକ ହେଲିକପ୍ଟର ଯୋଗେ ପଠାଯାଇଛି। ସ୍ୱାଭିମାନ ଅଞ୍ଚଳର ଅଣ୍ଡ୍ରାପାଲି, ଯନ୍ତ୍ରୀ, ଧୂଳିପୁଟ, ଯୋଡ଼ାମ୍ବ, ପଣସପୁଟ ପଞ୍ଚାୟତର ୯ଟି ବୁଥର ପୋଲିଂ ପାର୍ଟିଙ୍କୁ ବାୟୁସେନାର ହେଲିକପ୍ଟର ନେଇଯାଇଛି । ପ୍ରତ୍ୟେକ ବୁଥ ପାଇଁ ୬ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ମୋଟ ୬୩ ଜଣ କର୍ମଚାରୀଙ୍କୁ ପଠାଯାଇଛି। ଏହି ପୋଲିଂ ଅଧିକାରୀମାନେ ଯୋଡ଼ାମ୍ବ ପୋଲିସ କ୍ୟାମ୍ପରେ ରହିବା ପରେ ଗୁରୁବାର ସକାଳେ ନିଜ ନିଜର ବୁଥକୁ ଯିବେ। ତେବେ ଦୂରଦୂରାନ୍ତର ବୁଥକୁ ପୋଲିଂ ପାର୍ଟିଙ୍କୁ ନେବା ପାଇଁ ସ୍ୱତନ୍ତ୍ର ଲଞ୍ଚ


हେଲିକପ୍ଟରରେ ପୋଲିଂ ପାର୍ଟିକୁ ସ୍ୱାଭିମାନ ଅଞ୍ଚଳକୁ ନିଆଯାଉଛି ।

ଓ ମୋଟର ବୋଟର ବ୍ୟବସ୍ଥା ହୋଇଛି। ଇତି ମଧ୍ୟରେ ସହରାଞ୍ଚଳ ଓ ଆଖପାଖ ଗ୍ରାମର ପୋଲିଂ ପାର୍ଟିମାନେ ନିଜ ନିଜ ବୁଥକୁ ଯାଇଛନ୍ତି । ମାଲକାନଗିରି ଜିଲାରେ ଭୋଟ ଗ୍ରହଣ ପାଇଁ ସକାଳ ୭ଟାରୁ ଅପରାହ୍ନ ପର୍ଯ୍ୟନ୍ତ ସମୟ ନିର୍ଦ୍ଧାରଣ କରାଯାଇଛି । ଏହି ୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ୪ ଲକ୍ଷ ୨୦ ହଜାର ୩୫୮ ଜଣ ଭୋଟର ସେମାନଙ୍କର ମତଦାନ ସାବ୍ୟସ୍ତ କରିବେ । ମାଲକାନଗିରି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ୨ ଲକ୍ଷ ୩୧ ହଜାର ୪୪୪ ଜଣ ଭୋଟର ଥିବା ବେଳେ ସେଥିରୁ ୨୩୧୪ ଜଣ ନୂତନ ଭୋଟର ଚଳିତ ଥର ସାମିଲ ହୋଇଛନ୍ତି। ୩୮୯୧ ଭିନ୍ନକ୍ଷମ ଭୋଟର ରହିଛନ୍ତି । ସେହିପରି ଚିତ୍ରକୋଣ୍ଡା ଆସନରେ ମୋଟ ୧ ଲକ୍ଷ ୮୮ ହଜାର ୯୧୪ ଜଣ ଭୋଟର ରହିଛନ୍ତି। ସେଥିରୁ ୨୧୭୪ ଜଣ ନୂତନ ଭୋଟର ରହିଛନ୍ତି। ୧୬୯୬ ଭିନ୍ନକ୍ଷମ ଭୋଟର ଅଛନ୍ତି। ନିର୍ବାଚନ ପାଇଁ ମାଓବାଦୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯିବା ସହ ଗୋଇନ୍ଦା ବିଭାଗକୁ ସକ୍ରିୟ କରାଯାଇଛି। ବି.ଏସ.ଏଫ, ଆଇ.ଆର.ବି.ଏନ., ଏସ.ଓ.ଜି, ଡି.ଭି.ଏଫ. ଯବାନଙ୍କୁ ମୁତୟନ କରାଯାଇଛି । ଚଳିତ ବର୍ଷ ପ୍ରଥମ ଥର ପାଇଁ ଟ୍ରକ ବଦଳରେ ଅଧିକ ପରିମାଣର ବସ ଓ ଅନ୍ୟାନ୍ୟ ୪ ଚକିଆ ଯାନର ବ୍ୟବସ୍ଥା ହୋଇଛି । ଜିଲାରେ ମୋଟ ୩୨୪୦ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିବା ବେଳେ ୪୧୮ ଜଣଙ୍କୁ ସଂରକ୍ଷିତ ରଖାଯାଇଛି । ମୋଟ ୨୬୨ଟି ବସ, ୨୪୪ଟି ବୋଲେରୋ, ୫୦ଟି ମିନି ଟ୍ରକ, ୫୦ଟି କମାଣ୍ଡର ସମେତ ମୋଟ ୮ ଶହଟି ଗାଡ଼ିକୁ ନିୟୋଜିତ କରାଯାଇଛି। ବରିଷ୍ଠ ନାଗରିକ , ଦିବ୍ୟାଙ୍ଗ ଭୋଟରଙ୍କୁ ବୁଥକୁ ନେବା ଆଣିବା ପାଇଁ ୨୪୦ଟି ଅଟୋ ନିୟୋଜିତ ହୋଇଛି । ଚିତ୍ରକୋଣ୍ଡା ଜଳଭଣ୍ଡାର ଅପର ପାର୍ଶ୍ୱରେ ଥିବା ମତଦାନ କେନ୍ଦ୍ରକୁ ପୋଲିସ କ୍ୟାମ୍ପରୁ ନେବା ପାଇଁ ୬ଟି ମୋଟର ଲଞ୍ଚର ବ୍ୟବସ୍ଥା କରାଯାଇଛି । ଜିଲାରେ ୨ଟି ପିଙ୍କ୍ ମହିଳା ମତଦାନ କେନ୍ଦ୍ର ହୋଇଛି । ମୋଟ ୧୨୬ଟି ଅତିସମ୍ବେଦନଶୀଳ ମାଓବାଦୀ ଉପଦ୍ରୁତ ଅଞ୍ଚଳ ବୁଥ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ମଙ୍ଗଳବାର ପଡୋଶୀ ଛତିଶଗଡ଼ର ଦାନ୍ତେୱାଡ଼ା ଜିଲାରେ ମାଓବାଦୀଙ୍କ ପକ୍ଷରୁ ହିଂସାକାଣ୍ଡ ଘଟାଯାଇଛି। ଏହାକୁ ଦୃଷ୍ଟିରେ ରଖି ଜିଲାର ସୀମାକୁ ସିଲ କରାଯାଇଛି । ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ ସହ ମିଶି କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି ବୋଲି ମାଲକାନଗିରି ଏସପି ଜଗମୋହନ ମୀନା କହିଛନ୍ତି।

## ସଂକ୍ଷେପରେ

### ବାଲିମେଳାରେ ଭୋଟ ଦେବେ ୭୯୩୧ ମତଦାତା

ବାଲିମେଳା, ୧୦।୪-(ଡି.ଏନ.ଏ.)- ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦରେ ଗୁରୁବାର ହେବାକୁ ଥିବା ଲୋକସଭା ଓ ବିଧାନସଭା ଆସନ ପାଇଁ ମତଦାନ ଲାଗି ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ବାଲିମେଳା ଏନଏସିରେ ମୋଟ ୧୦ଟି ବୁଥ ହୋଇଥିବାବେଳେ ମୋଟ ଭୋଟରଙ୍କ ସଂଖ୍ୟା ୭୯୩୧ । ସେଥିରୁ ପୁରୁଷ ଭୋଟର ସଂଖ୍ୟା ୩୮୮୮,ମହିଳା ଭୋଟର ସଂଖ୍ୟା ୪୦୪୦ ହୋଇଥିବା ବେଳେ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି ୩ଜଣ। ସମସ୍ତ ବୁଥଗୁଡିକରେ ପୋଲିଂ କର୍ମଚାରୀ ପହଞ୍ଚି ସାରିଲେଣି। ବୁଥଗୁଡିକ ୟୁଜିଏମଇ ସ୍କୁଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ୪ଟି, ଡ୍ରଗଲାଇନ ୟୁପି ବିଦ୍ୟାଳୟରେ ୩ଟି, ପିଙ୍କ୍ ବୁଥ ରୂପେ ୧୨ନମ୍ବର ୱାର୍ଡର କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହୋଇଛି ବୋଲି ବାଲିମେଳା ଏନଏସି ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ କହିଛନ୍ତି। ବାଲିମେଳା ମାଓବାଦୀ ଉପଦ୍ରୁତ ଅଞ୍ଚଳ ହୋଇଥିବାରୁ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯିବ। ସମସ୍ତ ବୁଥଗୁଡିକରେ ସିସି କ୍ୟାମେରା, ପାନୀୟଜଳ ଓ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଓର୍କେଲ ପୋଲିସ ଓ ବିଏସଏଫ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ଥାନା ଅଧିକାରୀ ଜଗଦିଶ ବାରା କହିଛନ୍ତି।

### ପହଞ୍ଚିଲେଣି ପୋଲିଂ ଅଧିକାରୀ

ଚିତ୍ରକୋଣ୍ଡା, ୧୦।୪ (ଡି.ଏନ୍.ଏ.)ଆନ୍ଧ୍ର-ଓଡ଼ିଶା ସୀମାନ୍ତ ମାଓବାଦୀ ଉପଦ୍ରୁତ ତଥା ଆଦିବାସୀ ବହୁଳ ଚିତ୍ରକୋଣ୍ଡା ଅଞ୍ଚଳର୧୮ଟି ପଞ୍ଚାୟତରେ ଗୁରୁବାର ଉଭୟ ଲୋକସଭା ଓ ଚିତ୍ରକୋଣ୍ଡା ବିଧାନସଭା ଆସନରେ ଭୋଟ ଗ୍ରହଣ ପାଇଁ ପୋଲିଂ ପାର୍ଟି ପହଞ୍ଚିଛନ୍ତି। ୫୦ଟି ସମ୍ବେଦନଶୀଳ ଏବଂ ୫୪ଟି ଅତି ସମ୍ବେଦନଶୀଳ ବୁଥ୍‌ରେ ପ୍ରିଜାଇଡିଂ ଅଧିକାରୀ ମାନେ ପହଞ୍ଚି ମତଦାନ ଲାଗି ସମସ୍ତ ପ୍ରସ୍ତୁତି କରିଛନ୍ତି। ସେହିପରି ଚିତ୍ରକୋଣ୍ଡା ପଞ୍ଚାୟତ ଅଧୀନ ୧୬ଟି ୱାର୍ଡରେ ମଧ୍ୟ ୭ଟି ସମ୍ବେଦନଶୀଳ ବୁଥ୍ ପାଇଁ ପୋଲିଂ ପାର୍ଟି ପହଞ୍ଚିଥିବା ଜଣାପଡିଛି।

# ୧୩ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ଆଜି

ମାଲକାନଗିରି,୧୦।୪(ଡି.ଏନ.ଏ.)

୨୦୧୯ ସାଧାରଣ ନିର୍ବାଚନ ଆଉ ୧୨ ଘଣ୍ଟା ବାକି ରହିଛି। ମାଲକାନଗିରି ଓ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ପାଇଁ ଗୁରୁବାର ୧୩ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ଭୋଟର। ସକାଳ ୭ଟାରୁ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇ ଅପରାହ୍ନ ୪ଟା ଯାଏଁ ଚାଲିବ । ମାଲକାନଗିରି ନିର୍ବାଚନ ମଣ୍ଡଳୀରେ ୭ ଓ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ୬ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ମାଲକାନଗିରିରେ ବିଜେଡି ମୁକୁନ୍ଦ ସୋଡି, କଂଗ୍ରେସ ମାଲା ମାଢି, ଭାଜପା ଆଦିତ୍ୟ ମାଢି, ବହୁଜନ ସମାଜ ପାର୍ଟି ଜରାଶବର ମାଢି, ହିନ୍ଦୁସ୍ଥାନ ନିର୍ମାଣ ସଙ୍ଗଠନ ଅଜୟ କୁମାର ନାୟକଙ୍କୁ ପ୍ରାର୍ଥୀ କରିଛି। ସ୍ୱାଧୀନ ପ୍ରାର୍ଥୀ ଭାବେ ପାର୍ବତୀ ନାୟକ, ଉଦୟ ବୁରୁଦା ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ବିଜେଡି ପୂର୍ଣ୍ଣଚନ୍ଦ୍ର ବାକା, କଂଗ୍ରେସ ଲକ୍ଷ୍ମୀପ୍ରିୟା ନାୟକ, ଭାଜପା ପଦୁ ମାଝୀ, ସମତାକ୍ରାନ୍ତି ଘେନୁ ମୁଦୁଲି, ବହୁଜନ ସମାଜ ପାର୍ଟି ସନାତନ କବାସୀଙ୍କୁ ପ୍ରାର୍ଥୀ କରିଛି। ଏଠାରେ ମଧ୍ୟ ସ୍ୱାଧୀନ ପ୍ରାର୍ଥୀ ରୂପେ ବାଲାରାଜୁ କପେ ନିର୍ବାଚନ ମଇଦାନରେ ଅଛନ୍ତି। ଭୋଟରମାନଙ୍କୁ ନିଜ ସପକ୍ଷରେ ନେବାପାଇଁ ପ୍ରାର୍ଥୀମାନେ ଦିନରାତି ଏକ କରି ପ୍ରଚାର କରିଛନ୍ତି। ଲୋଭନୀୟ ପ୍ରତିଶ୍ରୁତିମାନ ଦେଇଛନ୍ତି। ସମସ୍ତେ ନିଜ ନିର୍ବାଚନ ମଣ୍ଡଳୀର ବିକାଶ ଓ ଗରିବଙ୍କ ଉନ୍ନତି ଲାଗି କହିଛନ୍ତି। ଏହାଦ୍ୱାରା ଭୋଟରମାନେ କେତେ ଦୂର ପ୍ରଭାବିତ ହୋଇଛନ୍ତି ତାର ଜବାବ ଗୁରୁବାର ନିଜ ଭୋଟରେ ପ୍ରତିଫଳିତ କରିବେ। ସୂଚନାଯୋଗ୍ୟ ଏହି ୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ୪ ଲକ୍ଷ ୨୦ ହଜାର ୩୫୮ ଜଣ ଭୋଟର ରହିଛନ୍ତି।

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd.Office: Janapath Bhubaneswar-751022
OFFICE OF THE G.M. (ELECT.) E.H.T.(O&M) CIRCLE, JAJPUR ROAD
AT-TTS COLONY, PO-SOBRA, JAJPUR ROAD, DIST-JAJPUR, PIN- 755019 (ODISHA), PHONE/FAX NO- 06726-220965(off), E-mail-ehtm.cle.jjp@optcl.co.in , CIN- U40102OR2004SGC007553.

No. Tech/WO-41/ OT-01(19-20)/ 496 Dated.09.04.19

TENDER CALL NOTICE NO.01/2019-20

Sealed tenders are invited from the registered travel agency/Private organization/Individual/ owner of the vehicle having GST registration certificate, PAN card for supply of 01 no. Diesel run hired vehicles 05 seated A.C Indigo or equivalent not older than 03 years for D.G.M (Elct), EHT (O&M) Division, Bhadrak. Cost of tender paper is **Rs.2,000.00+GST @12% =Rs.2,240/-** (**Including GST**), EMD =**Rs.2,700/-**. Sale of tender documents is from Dated 11.04.2019 to Dated 20.04.2019 (during office hours). Last date of submission of tender is Date 22.04.2019 up to 01:00 PM. Date of opening of tender is Date 22.04.2019 at 3:00 PM. For details visit our website **www.optcl.co.in.** Corrigendum if any will be published in the OPTCL website only.

**Sd./- General Manager (Elect) EHT (O&M) Circle, Jajpur Road**

## ■ ନିର୍ବାଚନୀ ଚଢ଼ାଉ

# ୧୦ ଲକ୍ଷ ଟଙ୍କାର ମଦ, ଗଞ୍ଜେଇ ଜବତ, ୬୨ ଗିରଫ

ମାଲକାନଗିରି,୧୦।୪(ଡି.ଏନ.ଏ.)– ମାଲକାନଗିରି ଜିଲାରେ ନିର୍ବାଚନ ପୂର୍ବରୁ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ନିଶାଦ୍ରବ୍ୟ ବହୁଳ ମାତ୍ରାରେ ବ୍ୟବହାର ହୋଇଥାଏ । ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ନିଶା କାରବାର ଉପରେ କଟକଣା ଜାରି ହୋଇଛି। ଏହି ମାସକ ମଧ୍ୟରେ ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢାଉ କରି ୧୦ ଲକ୍ଷ ଟଙ୍କାର ମଦ ଓ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୬୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ମାଲକନଗିରି ଜିଲାପାଳ ମନୀଷ ଅଗ୍ରୱାଲଙ୍କ ନିର୍ଦ୍ଦେଶରେ ଜିଲା ଅବକାରୀ ବିଭାଗ ଅଧୀକ୍ଷକ ଅଶୋକ କୁମାର ସେଠଙ୍କ ନେତୃତ୍ୱରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ମାଲକାନଗିରି ଏବଂ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳରେ ଚଢାଉ କରିଥିଲେ। ଗତ ମାର୍ଚ୍ଚମାସଠାରୁ ଏପର୍ଯ୍ୟନ୍ତ ବିଭାଗ ତରଫରୁ ୮୩ଟି ଅବକାରୀ ମାମଲା ରୁଜୁ ହୋଇଛି। ୧୯୪୦ ଲିଟର ଦେଶୀ ମଦ, ୩୨ ଲିଟର ବିଦେଶୀ ମଦ, ୮ ଲିଟର ବିୟର, ୬୮୩୦ କେଜି ମହୁଲ ପୋଚ, ୭୭ କେଜି ଗଞ୍ଜେଇ, ୮ ଲିଟର ଖଜୁରି ରସ, ୯ କୁଇଣ୍ଟାଲ ୬୦ କେଜି ମହୁଲ, ଗୋଟିଏ


ଗିରଫ ହୋଇଥିବା ଜଣେ ଅଭିଯୁକ୍ତ ।

ବୋଲେରୋ ଗାଡି ଓ ଗୋଟିଏ ବାଇକ୍ ଜବତ ହୋଇଛି। ଜବତ ମଦ ଓ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅଧୀକ୍ଷକ ସେଠ କହିଛନ୍ତି। ମଙ୍ଗଳବାର ଅବକାରୀ ବିଭାଗ ଚଢାଉ କରି ନବୀନ ବାଘ, କାଞ୍ଚଲାମ୍ବ ବାଘ, ମାଲା ମାଡକାମିଙ୍କ ନିକଟରୁ ୧୯ ଲିଟର ବିଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

ODISHA HYDRO POWER CORPORATION LTD.
(A Govt. of Odisha Undertaking)
ODISHA NEW OPPORTUNITIES
OHPC
Regd. Off.: Odisha State Police Housing & Welfare Corporation Building, Vanivihar Chowk, Janpath, Bhoinagar, Bhubaneswar - 22
Ph. : (0674) 2542983, 2542802, 2545526, 2542826,
Fax: (0674) 2542102.
Email: ohpcltdinvestment@gmail.com/ohpc.co@gmail.com
CIN: U40101OR1995SGC003963

Ref. No. OHPC/AC/9/99/Vol-XXII/3372 Date: 09.04.2019

EXPRESSION OF INTEREST

Sealed bids are invited in the following prescribed format for rate of interest for fixed deposit amounting to **Rs.25-30 Crores (approx.)** (Interest compounded quarterly) from Bhubaneswar based empaneled banks in line with GOO, Finance Deptt. order No. 32648 dated 10.10.2018.

| Sl. No. | Period | (%) Rate of Interest per annum (Non-Callable) |
|---|---|---|
| 1 | One Year | |

The Bid should be superscribed in red "Rate of Interest" & must reach the undersigned in sealed cover by Speed Post / Special Messenger on or before **11:30 AM** on dtd.**15.04.2019** and the same will be opened at **11:45 AM** on the same day at **OHPC's office, Bhubaneswar** in the presence of the representative of the participating Banks. Interest offer of bank shall remain valid up to **16.04.2019** . The interest rate quoted by Bank is final & in no circumstances change of interest rate will be entertained. The decision of the Management with regard to investment will be final. **Bids should be submitted strictly in the above format only without any deviation to the tender condition. Bids not fulfilling the tender condition & submission of bid in other than the earmarked format is liable for rejection.**

Sd/-
SGM(Finance)

N.B.: Detail can be viewed in OHPC official site: www.ohpcltd.com

ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ

ନଂ.୨୭୬୨ ତା.୦୭।୦୪।୨୦୧୯

ନିଲାମ ସ୍ଥଗିତ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀଙ୍କ ଖୋର୍ଦ୍ଧା ଜିଲ୍ଲା ଅଧୀନସ୍ଥ ମାଙ୍କଡା ଓ ମୋରମ ଖାଦାନ ଦୀର୍ଘ ମିଆଦୀ ସୂତ୍ରେ ନିଲାମ ପାଇଁ ପ୍ରକାଶିତ ବିଜ୍ଞାପନ ସଂଖ୍ୟା ୨୫୧୦ ତା୦୮।୦୩।୨୦୧୯ ଏବଂ ୨୫୭୫ ତା ୧୧।୦୩।୨୦୧୯ ମୁତାବକ ପରବର୍ତ୍ତୀ ପ୍ରଗତି ଅନିବାର୍ଯ୍ୟ କାରଣବଶତଃ ଆସନ୍ତା ତା ୩୧।୦୫।୨୦୧୯ରିଖ ପର୍ଯ୍ୟନ୍ତ ସ୍ଥଗିତ କରାଗଲା। ଏହି ସମ୍ବନ୍ଧରେ ପରବର୍ତ୍ତୀ ନିଷ୍ପତ୍ତି ଜୁନ ୨୦୧୯ ମାସ ପ୍ରଥମ ସପ୍ତାହରେ ଜଣାଇ ଦିଆଯିବ।

ସ୍ୱା./- ଉପଜିଲ୍ଲାପାଳ ଏବଂ
କ୍ଷମତା ପ୍ରାପ୍ତ ଅଧିକାରୀ, ଖୋର୍ଦ୍ଧା

## ■ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ସହ ପ୍ରତାରଣା କରିଛନ୍ତି ସରକାର

# ଭୋଟ ମାଧ୍ୟମରେ ଜବାବ ଦେବୁ



ଜମାକାରୀଙ୍କ ବୈଠକ ଚାଲିଛି ।

ମାଲକାନଗିରି,୧୦।୪(ଡି.ଏନ.ଏ.)

ଚିଟଫଣ୍ଡ ଜମାକାରୀମାନେ ସେମାନଙ୍କର ଅର୍ଥ ଫେରି ପାଇବା ପାଇଁ ଗତ ୬ବର୍ଷ ହେଲା ଚାହିଁ ବସିଛନ୍ତି। ଏନେଇ ସେମାନେ ରାଜ୍ୟବ୍ୟାପୀ ଆନ୍ଦୋଳନ କରିଥିଲେ। ମାଲକାନଗିରି ଜିଲାର ଶତାଧିକ ଚିଟଫଣ୍ଡ ଜମାକାରୀ ଏଥିରେ ସାମିଲ ହୋଇଥିଲେ । ଏହି ଅର୍ଥ ଫେରସ୍ତ ପାଇଁ ରାଜ୍ୟ ସରକାର ଗତ ୨୦୧୪ ନିର୍ବାଚନ ପୂର୍ବରୁ ଅର୍ଥ ବ୍ୟବସ୍ଥା କରି ଚିଟଫଣ୍ଡ ଜମାକାରୀଙ୍କୁ ଆଶ୍ୱାସନା ଦେଇଥିଲେ। ବାସ୍ତବରେ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଠକେଇର ଶିକାର ହୋଇଥିବା ଜମାକାରୀ ଟଙ୍କା ପାଇଲେ ନାହିଁ ବୋଲି ଗୁରୁବାର ଏକ ବୈଠକରେ ସେମାନେ ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି ଯେ, ଚଳିତ ନିର୍ବାଚନ ପୂର୍ବରୁ ନିଶ୍ଚିତ ସେମାନଙ୍କ ଟଙ୍କା ସରକାର ଫେରସ୍ତ କରିବେ ବୋଲି ଆଶା ରଖିଥିଲେ। ତାହା ମଧ୍ୟ ହେଲାନାହିଁ। ଆମେ ଜମାକାରୀମାନେ ଏହାର ଜବାବ ଭୋଟରେ ସରକାରଙ୍କୁ ଦେବୁ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଜମାକାରୀ ପ୍ରଦୀପ ମହାରଣା, ଅଖିଳ ତାପାଲି, ସଦାନନ୍ଦ ଗୁଣ୍ଡା, ପଲକିଆ ପୁନିଆ, ରଣଜିତ ସୁନା, ମହାଦେବ ବାଇନ୍, କୃଷ୍ଣ ମାଡକାମି, ମନୋଜ ତାଲୁକଦାର, ପରିମଳ ମଣ୍ଡଳଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଉପସ୍ଥିତ ଥିଲେ।

नालको NALCO
National Aluminium Company Limited
(A Government of India Enterprise)
Nalco Bhawan, Nayapalli, Bhubaneswar-751013, Odisha, India
CIN : L27203OR1981GOI000920
A NAVRATNA COMPANY

NOTICE INVITING TENDER

Digitally signed online bids for **Two Part, Open Tender cum Reverse Action** through Central Public Procurement e-procure Portal are invited on for the following Works.
1.RFP NO. TNCC-006/2019 : **Annual General Insurance Contract for Plant, Machinery, Buildings, Stockyards for Fire, Marine, Theft, Burglary & House Breaking andother Miscellaneous Policies of NALCO.**
**AGM (Elect.), T&C**

OPEN TENDER NOTICE
For HFO,LDO & HSD
No-NBC/MM/01/NIT/HFO-LDO-HSD/2019
Date : 26/03/2019
Online bids are invited for supply of the following materials for our Mines & Alumina Refinery, Damanjodi and Smelter Plant & CPP, Angul from oil producer having refinery in India:
Item Description Tender Quantity : **HFO** : 2,06,857KL+/-5%, **LDO** : 2602KL+/-5%, **HSD** : 10,132 KL +/-5%. **Last date of tender Submission** : 26/04/2019
**GM (Materials)**

Parties can download the tender documents from **www.nalcoindia.com** & **www.eprocure.gov.in.** Any updates / Amendments/ Extension/ Corrigendum will only be hosted inabove websites.

ବିଜ୍ଞପ୍ତି

ଶ୍ରୀ ଅଶୋକ କୁମାର ଭୋଇ, ଉଦ୍ୟାନ ରକ୍ଷକ
ସା:- ଲେଖନପୁର
ପୋ:- ବାଗଲସାହି
ଜି:- କଟକ

**No.01-L:-** ଏତଦ୍ୱାରା ତୁମକୁ ଜଣାଇ ଦିଆଯାଉଅଛି କି ତୁମେ ଗତ ତା.୦୪।୦୭।୨୦୧୭ରିଖଠାରୁ ସହକାରୀ ଉଦ୍ୟାନ ଅଧିକାରୀ, ସାଲେପୁରଙ୍କ କାର୍ଯ୍ୟାଳୟରୁ ବିନା ଛୁଟି ଦରଖାସ୍ତ ଏବଂ ବିନା ଅନୁମତିରେ କେଉଁଆଡେ ଅନ୍ତର୍ଦ୍ଧାନ ହୋଇଯାଇଅଛ। ତୁମକୁ ତା.୦୮।୦୮।୧୮ରିଖରେ ପଞ୍ଜୀକୃତ ଡାକ ଯୋଗେ ଉପରୋକ୍ତ ଠିକଣାରେ ଜଣାଇଥିଲେ ମଧ୍ୟ ଉକ୍ତ ଡାକ ପୁନଶ୍ଚ କାର୍ଯ୍ୟାଳୟକୁ ଫେରସ୍ତ ଆସିଲା। ଏଣୁ ତୁମକୁ ଉକ୍ତ ବିଜ୍ଞପ୍ତି ମାଧ୍ୟମରେ ଜଣାଇ ଦିଆଯାଉଅଛି କି ଉକ୍ତ ବିଜ୍ଞପ୍ତି ପ୍ରକାଶ ପାଇବାର ଏକ ସପ୍ତାହ ମଧ୍ୟରେ ନିଜ କାର୍ଯ୍ୟରେ ଆସି ଯୋଗଦାନ କର, ନଚେତ୍ ତୁମ୍ଭ ବିରୁଦ୍ଧରେ ସରକାରଙ୍କ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ଉପ-ଉଦ୍ୟାନକୃଷି ନିର୍ଦ୍ଦେଶକ**
**କଟକ**

01068/11/0001/1920

Orissa Water Supply & Sewerage Board
Satyanagar, Bhubaneswar - 751007
Phone: (0674) 2570086/ 2571185, Fax : (0674) 2571348
E-mail id: msowssb@gmail.com

CORRIGENDUM-I
Bid Identification No. OWSSB - 05/ 2018-19

**Name of the work: Construction of Septage Treatment Facilities for Twenty Six Towns of Odisha (Consisting of Six Tender Packages)**

In SECTION-III: INSTRUCTIONS TO BIDDERS Cl. 5 (Critical Dates for Bidding), the following extension of the Critical Dates are made.
(a) 5.6:Online Bid Submission End Date-**13.05.19** upto **17.00** hrs.
(b) 5.7:Date for Physical Submission of Documents-**13.05.19** to **17.05.19** upto **17:00** hrs.
(c) 5.8:Bid Opening Date (Technical Bids)-**18.05.19** at **12:00** hrs.

Pursuant to the extension of the above Critical Dates, the corresponding dates mentioned in the Notice Inviting Bids (NIB) stands modified and may be read accordingly.

This corrigendum is applicable independently to all the six tender packages for which bids have been invited by this office vide No. 05/OWSSB of 2018-19.

Member Secretary
OWSSB, Bhubaneswar

### ସୁଧୁରୁନି ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କ ସମସ୍ୟା

ପାରଳାଖେମୁଣ୍ଡି, ୧୦।୪ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କ ସବୁବେଳେ ଅଚଳ ରହୁଥିବା ଅଭିଯୋଗ ହେଉଛି। ଏଥିଯୋଗୁ ବିଭିନ୍ନ କାର୍ଯ୍ୟ ଏକପ୍ରକାର ଠପ୍ ହୋଇପଡୁଛି । ସହରର ବିଭିନ୍ନ ବ୍ୟାଙ୍କ, ବ୍ୟବସାୟ ପ୍ରତିଷ୍ଠାନ, ଏଟିଏମ୍ ଇତ୍ୟାଦି ସ୍ଥାନରେ ନେଟ୍‌ୱର୍କ ସମସ୍ୟା ଯୋଗୁ ଜନସାଧାରଣ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପାରଳାଖେମୁଣ୍ଡି ସହରରେ ବିଏସ୍‌ଏନ୍‌ଏଲ୍ ନେଟ୍‌ୱାର୍କ ବ୍ୟବସ୍ଥାରେ ବାରମ୍ବାର ଏପରି ସମସ୍ୟା ଉପୁଜିଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନାହାନ୍ତି। ଏହି ସମସ୍ୟାର ସଠିକ ସମାଧାନ ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି ।

भारतीय खाद्य निगम
जिला कार्यालय, टिटिलागढ़
FOOD CORPORATION OF INDIA
DISTRICT OFFICE, TITILAGARH

सं./No.S&C/Fire Equip/2019-20 दिनांक/Dated 11.04.2019

निवेदित दर हेतु सूचना/Quotation Call Notice

कृते भारतीय खाद्य निगम की और से क्षेत्र प्रबन्धक, भा.खा.नि., जिला कार्यालय, टिटिलागढ़ की तरफ से प्रतिष्ठित फार्मो/ निर्माताओं/ कंपनियों/ आपूर्ति और अग्निशमन उपकरणों के भरने हेतु कार्यालय/ खाद्य भंडारण डिपो के उपयोग के लिए (आईएसआई मानक) के लिए व्यक्तियों से मोहरबंद निविदाएँ आमंत्रित किया जाता है। इसकी विस्तृत जानकारी जिला कार्यालय, टिटिलागढ़ एवं वेबसाईट- www.fciweb.nic.in पर भी देखी जा सकती है।

For and on behalf of Food Corporation of India, Area Manager, FCI, Dist. Office, Titilagarh invites sealed quotation from reputed firms / manufacturers/ companies / persons for refilling of fire fighting equipments (ISI standard) for use in Office/ Food Storage Depots. The details can be seen in website – www.fciweb.nic.in and/ or obtained from FCI, DO, Titilagarh.

क्षेत्र प्रबन्धक / Area Manager

ADMISSION NOTICE
POST GRADUATE ENTRANCE TEST (PGET - 2019) FOR ADMISSION AT SVNIRTAR
SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH
DEPARTMENT OF EMPOWERMENT FOR PERSONS WITH DISABILITIES (Divyangjan)
MINISTRY OF SOCIAL JUSTICE & EMPOWERMENT, GOVT. OF INDIA
Olatpur, P.O.- Bairoi, Dist.- Cuttack - 754010, Odisha
Mob.: 09438568953, 09937755426 (Within Working Hours)
E-mail: svnirtar.pget2019@gmail.com, dasvnirtar@gmail.com
Website: http://www.svnirtar.nic.in

Applications Online are invited from the eligible candidates on prescribed form to appear Post Graduate Entrance Test (PGET - 2019) for admission into following Courses:

| Name of the Course | Eligibility |
|---|---|
| Master of Physiotherapy (MPT) | Pass in BPT/B.Sc. PT Course |
| Master of Occupational Therapy (MOT) | Pass in BOT/B.Sc. OT Course |
| Master in Prosthetics & Orthotics (MPO) | Pass in BPO/B.Sc. PO Course or equivalent |

IMPORTANT DATES

| | |
|---|---|
| Starting of Online Publication of Application forms | 12.04.2019 |
| Closing date for receive of Application form through Online only. | 31.05.2019 (05.00 P.M.) |
| Post Graduate Entrance Test | 23.06.2019 (Sunday) |

For more details log on to http://www.svnirtar.nic.in

For admission into Bachelor of Physiotherapy (BPT), Bachelor of Occupational Therapy (BOT) and Bachelor of Prosthetics & Orthotics (BPO) Courses at SVNIRTAR, Please visit NILD website: **www.niohkol.nic.in**.

CHAIRMAN, PGET - 2019

# ସୋନାକ୍ଷୀଙ୍କ ମୁହଁରେ ରାଧା ରାଧା



ଦବଙ୍ଗ ଗର୍ଲ ସୋନାକ୍ଷୀ ଏବେ ରାଧା ରାଧା ଜପୁଛନ୍ତି। ହେଲେ ହଠାତ୍ ସେ ଏହାକୁ କାହିଁକି ଜପାମାଳି କରିଛନ୍ତି ଜାଣିବେନି? କଥା କ'ଣ କି, ପୁଣିଥରେ ସଲମାନ-ସୋନାକ୍ଷୀ ଯୋଡ଼ି ଏକାଠି ଅଭିନୟ କରିବାକୁ ଯାଉଛନ୍ତି। ସଲମାନ୍‌ଙ୍କ ହୋମ୍ ବ୍ୟାନରରେ ନିର୍ମିତ ହେବାକୁ ଯାଉଛି ଏକ ନୂଆ ହିନ୍ଦୀ ସିନେମା 'ରାଧା କ୍ୟୁଁ ଗୋରୀ ମେଁ କ୍ୟୁଁ କାଲା'। ଅସଲ କଥା ହେଲା, ଏହାର ଫିମେଲ ଲିଡ୍‌ରେ ସଲମାନଙ୍କ ପ୍ରେମିକା ଲୁଲିୟା ଭାନ୍ତୁର ଅଭିନୟ କରିବାର ଯୋଜନା ଥିଲା। ହେଲେ ରାତାରାତି ଚକ ଏମିତି ଓଲଟିଗଲା ଯେ କାଷ୍ଟିଂରୁ ଲୁଲିୟା ଆଉଟ୍ ଏବଂ ସୋନାକ୍ଷୀ ଇନ୍। ଅନ୍ୟପକ୍ଷରେ ଫିଲ୍ମର ପୋଷ୍ଟରରେ ନିଜର ଗେଟ୍‌ଅପ୍ ଦେଖି ସଲମାନଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି ସୋନାକ୍ଷୀ।

## କୁଲ୍ କୁଲ୍ ପ୍ରିୟଙ୍କା

ପ୍ରିୟଙ୍କା ଚୋପ୍ରା ପଛ କଥାକୁ ଭୁଲି ଯାଇଛନ୍ତି। ଯାହା ଘଟିଗଲା, ତାହାକୁ ଆଉ ମନେପକାଇ ଲାଭ କ'ଣ? ଏଣିକି ଯଦି ସୁଯୋଗ ମିଳେ ତେବେ ଶାହରୁଖ୍‌ଙ୍କ ସହ ଆକ୍ଟିଂ କରିବାକୁ ରାଜି ବୋଲି କହିବୁଲୁଛନ୍ତି ସେ। 'ଡନ୍-୨'ରେ ଅଭିନୟ କରିବା ପରେ କେତେକ କାରଣରୁ ଶାହରୁଖ୍ ଏବଂ ପ୍ରିୟଙ୍କାଙ୍କ ଭିତରେ କୋଲ୍ଡ ୱାର୍ ଆରମ୍ଭ ହୋଇଥିଲା। ଏପରି କି ଶାହରୁଖ୍‌ଙ୍କ ସହ ଅଭିନୟ କରିବାର କେତୋଟି ଅଫରକୁ ସେତେବେଳେ ଏଡ଼ାଇ ଦେଇଥିଲେ ପ୍ରିୟଙ୍କା। ହେଲେ ଏବେ କୁଆଡ଼େ ସେ ଶାହରୁଖ୍‌ଙ୍କ ସହ ଘଟିଥିବା ମନୋମାଳିନ୍ୟକୁ ଭୁଲି ଯାଇଛନ୍ତି। 'ମୋ ମନରେ ଆଉ କିଛି ନାହିଁ। ଏବେ ଯଦି କେହି ମୋତେ ଅଫର ଦିଅନ୍ତି, ତେବେ ମୁଁ ତାଙ୍କ ସହ ଆକ୍ଟିଂ କରିବାକୁ ରାଜି' ବୋଲି କହିଛନ୍ତି ପ୍ରିୟଙ୍କା।

## ଭୋଟ୍

ନିର୍ବାଚନ ବିଷୟବସ୍ତୁକୁ ଆଧାରକରି ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ଭୋଟ୍'। 'ମୁଁ ରାଜା ତୁ ରାଣୀ' ଏବଂ 'ଭଉଁରୀ' ପରେ ରିତୁପ୍ରିୟା ପ୍ରଡକ୍ସନ ପ୍ରା.ଲି. ବ୍ୟାନରରେ ଅତୀଶ ରାଉତଙ୍କ ନିର୍ମିତ ଏହା ହେଉଛି ତୃତୀୟ ଫିଲ୍ମ। 'ଏଭଳି ଏକ ପାରିବାରିକ, ପ୍ରେମଜନିତ ତଥା ରାଜନୈତିକ କାହାଣୀ ଚୟନ ସମୟରେ ଆମକୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଥିଲା। ଏଭଳି ଏକ କାହାଣୀ ଯେପରି ସବୁ ଦୃଷ୍ଟିରୁ ଦର୍ଶକଙ୍କୁ ପ୍ରଭାବିତ କରିବ ସେ ନେଇ ଯଥା ସମ୍ଭବ ଗୁରୁତ୍ୱ ଦିଆଯାଇଛି। ଏହି ଫିଲ୍ମର ସମସ୍ତ କାମ ସିଙ୍କ୍ ସାଉଣ୍ଡରେ କରାଯାଇଛି ବୋଲି କହନ୍ତି ଅତୀଶ।' ଖାସ୍ କଥା ହେଲା ନବାଗତ ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ଗୀତଗୁଡ଼ିକୁ ବିକାଶ ଦାସ ସ୍ୱର ଦେଇଥିବା ବେଳେ ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ପ୍ରଶାନ୍ତକୁ ମହାପାତ୍ର। ଚଳିତବର୍ଷ ମଧ୍ୟ ଭାଗରେ ଅଜିତ ମହାପାତ୍ରଙ୍କ ରଚିତ ଏହି କାହାଣୀ 'ଭୋଟ' ଟାଇଟଲରେ ମଞ୍ଚ ନାଟକ ଭାବରେ ପରିବେଶିତ ହୋଇ ପ୍ରଶଂସିତ ହୋଇଛି। ନବାଗତ ସୁଶାନ୍ତ ଏହି ଫିଲ୍ମର ମେଲ୍ ଲିଡ୍‌ରେ ଅଭିନୟ କରୁଛନ୍ତି। ଏହା ବ୍ୟତୀତ ନବାଗତ ସୌମ୍ୟ, ଶୀତାଂଶୁ, ନାୟିକା ଶ୍ରେୟାଙ୍କ ବ୍ୟତୀତ ପିଙ୍କି ପ୍ରିୟଦର୍ଶିନୀ, ହର ରଥ, ସୂର୍ଯ୍ୟ ମହାନ୍ତି, ଚକ୍ରଧର ଜେନା, ଉଷସୀ ମିଶ୍ର, ରାନୁ ପାଢ଼ୀ, ଦେବୀ ବାରିକ, ସତ୍ୟବ୍ରତ ପାଣିଗ୍ରାହୀ, ମନୋରଞ୍ଜନ ଦାସ ଓ ଟେଲି ଅଭିନେତ୍ରୀ ପ୍ରିୟା ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।


ନୂଆ ସିନେମା

## ଲଭ୍ ଟ୍ୱେଣ୍ଟି ଟ୍ୱେଣ୍ଟି

ଚିତ୍ରା ଫିଲ୍ମସ ଏବଂ ଏକ୍ସେଲ ମୁଭିଜ୍ ବ୍ୟାନରରେ ପ୍ରସ୍ତୁତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଲଭ୍ ଟ୍ୱେଣ୍ଟି ଟ୍ୱେଣ୍ଟି'। ଏକ ନୂଆଧରଣର ପ୍ରେମ କାହାଣୀ ରଚନା କରିଛନ୍ତି ବିଜୟଲକ୍ଷ୍ମୀ ପଣ୍ଡା, ଯାହାକୁ ଆଧାର କରି ସଂଳାପ ଲେଖିଛନ୍ତି ଡ. ରଜନୀ ରଞ୍ଜନ। ଫିଲ୍ମ ସମ୍ପର୍କରେ ଏହାର ପ୍ରଯୋଜକ ରବୀନ୍ଦ୍ର ପଣ୍ଡା କୁହନ୍ତି, 'ଆଜିକାଲି କ୍ରିକେଟ୍‌ରେ ଟ୍ୱେଣ୍ଟି ଟ୍ୱେଣ୍ଟି ମ୍ୟାଚ୍‌ର ଭାରି ଚାହିଦା। ସେହିପରି ପ୍ରେମରେ ଏଭଳି କିଛି ଫଟାଫଟ୍ କ୍ଲାଇମାକ୍ସ ରହିଛି। ବିଶେଷ ଭାବରେ ଯୁବପିଢ଼ି ଏହି ଫିଲ୍ମରୁ ଏକ ଡିଫରେଣ୍ଟ ଟେଷ୍ଟ ପାଇବେ।' ଉକ୍ତ ନୂଆ ସିନେମାର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ଭାସ୍କର ରେଡ୍ଡୀ। ଗୀତଗୁଡ଼ିକୁ ସ୍ୱର ଦେଉଛନ୍ତି ଆଗଧାଡ଼ିର ଅନ୍ୟତମ ସ୍ୱର ସଂଯୋଜକ ବୈଦ୍ୟନାଥ ଦାଶ। ଚିତ୍ରଟିର ପ୍ରାରମ୍ଭିକ କାମ ଏବଂ କାଷ୍ଟିଂ ଚୟନ କାମ ଚାଲୁ ରହିଛି। ମେ' ଦ୍ୱିତୀୟ ସପ୍ତାହରୁ ଶୁଟିଂ ଆରମ୍ଭ ଏବଂ ଚଳିତବର୍ଷ ଗଣେଶ ପୂଜାରେ ରିଲିଜ୍ ହେବାର ଯୋଜନା ରହିଛି ବୋଲି ସୂଚନା ଦେଇଛନ୍ତି ପ୍ରଯୋଜକ।

ଅତୀତରୁ

## ଯଦି ଜିତେନ୍ଦ୍ର ରାଜି ହୋଇ ନ ଥାନ୍ତେ..



ବିଗତ ଦିନର ଅନ୍ୟତମ ଲୋକପ୍ରିୟ ଅଭିନେତା ଜିତେନ୍ଦ୍ର କେବଳ ଆକ୍ଟିଂ ନୁହେଁ, ନିଜର ଡ୍ୟାନ୍ସ ଦ୍ୱାରା ଦର୍ଶକଙ୍କ ହୃଦୟରେ ହାସଲ କରିଥିଲେ ସ୍ୱତନ୍ତ୍ର ସ୍ଥାନ। ବଲିଉଡ୍‌ରେ ତାଙ୍କ ଏଣ୍ଟ୍ରି ଥିଲା ବେଶ୍ କୌତୂହଳପୂର୍ଣ୍ଣ। ସେତେବେଳେ ଜିତେନ୍ଦ୍ରଙ୍କ ବାପା ଇମିଟେଶନ ଜୁଏଲେରି ବିଜ୍‌ନେସ କରୁଥାଆନ୍ତି। ଥରେ ସେ କିଛି ଜୁଏଲେରି ନେଇ ସେ ସମୟରେ ବିଶିଷ୍ଟ ନିର୍ଦ୍ଦେଶକ ଭି. ଶାନ୍ତାରାମଙ୍କ ନିକଟକୁ ଯାଇଥିଲେ। ତାଙ୍କର ଗେଟ୍‌ଅପ ଏବଂ ଲୁକ୍ ଦେଖି ସେ ତାଙ୍କୁ ଆକ୍ଟିଂ କରିବାକୁ ଅଫର ଦେଇଥିଲେ। ୧୯୫୯ରେ ତାଙ୍କ ନିର୍ଦ୍ଦେଶିତ 'ନବରଙ୍ଗ'ର ନାୟିକା ଭୂମିକାରେ ଅଭିନୟ କରୁଥାଆନ୍ତି ସନ୍ଧ୍ୟା। ତାଙ୍କ ବଡି ପାଇଁ ପ୍ରକ୍ସି ଭୂମିକାରେ ଅଭିନୟ କରିବାକୁ ଶାନ୍ତାରାମ କହିବା ପରେ ଜିତେନ୍ଦ୍ର ସେଥିରେ ରାଜି ହୋଇଥିଲେ। କିନ୍ତୁ ଏହା ତାଙ୍କୁ ଆଦୌ ମାଇଲେଜ୍ ଦେଇପାରି ନ ଥିଲା। ୧୯୬୪ରେ ଜିତେନ୍ଦ୍ରଙ୍କୁ ଶାନ୍ତାରାମ ନାୟକ ଭାବରେ ବ୍ରେକ୍ ଦେଇଥିଲେ ଚଳଚ୍ଚିତ୍ର 'ଗୀତ୍ ଗାୟା ପଥରୋଁନେ'ରେ। ବାସ୍, ତା'ପରେ ଆଉ ଏହି ଅଭିନେତା ପଛକୁ ଫେରି ଚାହିଁ ନ ଥିଲେ। ଖାସ୍ କଥା ହେଲା, ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ତାଙ୍କର ପ୍ରକୃତ ନାମ ଥିଲା ରବି କପୁର। ଶାନ୍ତାରାମ ହିଁ ତାଙ୍କ ସ୍କ୍ରିନ୍ ନେମ୍ 'ଜିତେନ୍ଦ୍ର' ଦେଇଥିଲେ।



ରାନୀ ପ୍ରିୟଦର୍ଶିନୀ-ଆର.କେ.

## ଚ୍ୟାଲେଞ୍ଜ ଦେବେ ରାନୀ

ରାନୀ ପ୍ରିୟଦର୍ଶିନୀ। ତାଙ୍କ ଅଭିନୀତ ନୂଆ ଓଡ଼ିଆ ସିନେମା 'କଟି ପତଙ୍ଗ' ଚଳିତ ମାସ ୧୨ରେ ମୁକ୍ତିଲାଭ କରିବାକୁ ଯାଉଛି। ଏଥିରେ ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ରାନୀ। ଏ ସମ୍ପର୍କରେ ସେ କହନ୍ତି, 'ଏଥିରେ ମୋତେ ଏକ ଚ୍ୟାଲେଞ୍ଜିଂ ଭୂମିକା ମିଳିଛି। ତା'ପାଇଁ ମୋତେ ମଧ୍ୟ ବେଶ୍ ପରିଶ୍ରମ କରିବାକୁ ପଡ଼ିଛି। ଆଶା ରଖିଛି, ଦର୍ଶକେ ମୋ ପରିଶ୍ରମର ମୂଲ୍ୟ ବୁଝିବେ। କେବଳ ସେତିକି ନୁହେଁ, ଫିଲ୍ମର କାହାଣୀ ମଧ୍ୟ କୌଣସି ଗୁଣରେ କମ୍ ନୁହେଁ।' ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଆର.କେ.। ପ୍ରେମକୁ ଆଧାର କରି କାହାଣୀ ଆଗେଇଛି। ଜଣେ ଯୁବକ କିପରି ସାମାନ୍ୟ ଭୁଲ ପାଇଁ ନିଜ ଭବିଷ୍ୟତକୁ ଅନ୍ଧକାର ଭିତରକୁ ଠେଲି ଦେଉଛି ଏବଂ ତା'ପରେ କ'ଣ ଘଟୁଛି ତାହା କାହାଣୀରେ ନିହିତ ରହିଛି। ଏକ ଭିନ୍ନଧରଣର କାହାଣୀକୁ ଚଳଚ୍ଚିତ୍ରରେ ରୂପାୟିତ କରାଯାଇଛି ଏବଂ ତାହା ଦର୍ଶକଙ୍କ ମନକୁ ନିଶ୍ଚୟ ଛୁଇଁବ ବୋଲି ଆଶା ରଖିଛନ୍ତି ଏହାର ପ୍ରଯୋଜକ ଦେବେନ୍ଦ୍ର ନାଥ ସାହୁ। ଶକ୍ତି ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଏହି ଫିଲ୍ମର କାହାଣୀ ରଚନା କରିଛନ୍ତି ମଧୁସ୍ମିତା ଦାସ। ସଂଳାପ ଦାୟିତ୍ୱ ତୁଲାଇଛନ୍ତି ଅଜୟ ସାମଲ। ଚିତ୍ରନାଟ୍ୟ ସହ ନିର୍ଦ୍ଦେଶନା ଦେଇଛନ୍ତି ଏସ୍. ଚନ୍ଦ୍ରକାନ୍ତ। ରାନୀ ପ୍ରିୟଦର୍ଶିନୀ-ଆର.କେ. ବ୍ୟତୀତ ଫିଲ୍ମର ବିଭିନ୍ନ ଭୂମିକାରେ ଅଭିଷେକ ରଥ, ଅନନ୍ୟା, ଅସିତ୍ ପତି, ଅଜିତ୍ ଦାସ, ମନୀଷା ମିଶ୍ର, ସରୋଜ ଦାସ, କାଳୀ, କୁଲୁ, ଦେବ, ଅଶୋକ, ପ୍ରତାପ, ପ୍ରିୟଙ୍କା, ପ୍ରିନ୍ସ ଆର୍ଯ୍ୟନ ଏବଂ ବିଷ୍ଣୁ। ତେବେ ଫିଲ୍ମଟି କେତେ ସଫଳତା ହାସଲ କରୁଛି, ତାହା ରିଲିଜ୍ ପରେ ହିଁ ଜଣାପଡ଼ିବ।

ପରଦା ପଛରେ

## ସବ୍ୟସାଚୀଙ୍କ ନୂଆ ଯୋଜନା



ଯୁବ ପ୍ରଯୋଜକ ସବ୍ୟସାଚୀ ଅମତ। ପ୍ରଥମଥର ପାଇଁ ପ୍ରଯୋଜନା ପରି ଏକ ଗୁରୁଦାୟିତ୍ୱ ତୁଲାଇବାକୁ ଯାଉଛନ୍ତି। ଏପରି ଆଭିମୁଖ୍ୟ ସମ୍ପର୍କରେ ସେ କହନ୍ତି, 'ଫିଲ୍ମଟିଏ ପ୍ରଯୋଜନା କରିବା ସହଜ କଥା ନୁହେଁ। କେବଳ ଟଙ୍କା ଇନ୍‌ଭେଷ୍ଟ କଲେ ହେବ ନାହିଁ, ବିଭିନ୍ନ ଦିଗ ପ୍ରତି ସତର୍କ ଦୃଷ୍ଟି ଦେବାକୁ ପଡ଼ିଥାଏ। ଯେହେତୁ ପ୍ରଥମ ଥର ପାଇଁ ଏପରି ରିସ୍କ ଉଠାଉଛି, ତେଣୁ ଯେକୌଣସି ସମସ୍ୟା ଆସିଲେ ତାକୁ ସମ୍ମୁଖୀନ ହେବାକୁ ତୟାର ରହିଛି।' ହୋମ୍ ବ୍ୟାନର ଥ୍ରୀ ଫିଲ୍ମସରେ ସବ୍ୟସାଚୀ ଏକାଥରେ ଦୁଇଟି ସିନେମାର ପ୍ରାରମ୍ଭିକ କାମ ଚାଲୁ ରଖିଛନ୍ତି। ସମାଜର ସବୁ ବର୍ଗର ଦର୍ଶକଙ୍କୁ ଦୃଷ୍ଟିରେ ରଖି କାହାଣୀ ଚୟନ କରାଯିବ। ବିଶେଷକରି କାଷ୍ଟିଂ ସମୟରେ ନୂଆ ମୁହଁଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ସୂଚନା ଦେଇଛନ୍ତି ସେ। କେବଳ କମର୍ସିଆଲ ଫିଲ୍ମ ନୁହେଁ, ନିକଟ ଭବିଷ୍ୟତରେ ଶର୍ଟ ଫିଲ୍ମ କରିବାର ଯୋଜନା ରହିଛି ବୋଲି କହନ୍ତି ଏହି ନବାଗତ ପ୍ରଯୋଜକ।

## ଆଶାରେ କଙ୍ଗନା



ବଲିଉଡ୍‌ରେ କଳାକାରଙ୍କ ରେମ୍ୟୁନିନେଶ ବଢ଼ିବା ଏବଂ ତାହା ଚର୍ଚ୍ଚାର ପରିସରକୁ ଆସିବା ନୂଆ କଥା ନୁହେଁ। 'ପଦ୍ମାବତ୍' ଫିଲ୍ମ ପାଇଁ ଦୀପିକା ପାଦୁକୋନ୍ ୧୨କୋଟି ପାରିଶ୍ରମିକ ଆକାରରେ ନେଇଥିଲେ ଏବଂ ତାଙ୍କୁ ବଲିଉଡ୍‌ର ସର୍ବାଧିକ ପାରିଶ୍ରମିକ ପାଉଥିବା ଅଭିନେତ୍ରୀ ଭାବେ ଗଣନା କରାଯାଉଛି। ହେଲେ ତାଙ୍କୁ ଟପିବାକୁ ଯୋଜନା କରୁଛନ୍ତି କଙ୍ଗନା ରାଣାଓ୍ୱତ। ବର୍ତ୍ତମାନ ସେ ତାମିଲନାଡୁର ପୂର୍ବତନ ତଥା ପରଲୋକଗତ ମୁଖ୍ୟମନ୍ତ୍ରୀ ଜେ. ଜୟଲଳିଥାଙ୍କ ବାୟୋପିକ୍‌ରେ ଅଭିନୟ କରିବାକୁ ଯାଉଛନ୍ତି। ଆଲୋଚନା ହେଉଛି ଯେ ଏହି ଫିଲ୍ମ ପାଇଁ ପାରିଶ୍ରମିକ ଆକାରରେ ସେ ୨୪କୋଟି ଦାବି କରିଛନ୍ତି। ଅନ୍ୟପକ୍ଷରେ ଯଦି ଏହି ଫିଲ୍ମଟି କ୍ଲିକ୍ କରେ ତେବେ ତାହା ତାଙ୍କ କ୍ୟାରିୟର ପାଇଁ ମାଇଲଷ୍ଟୋନ୍ ହେବ ବୋଲି କଙ୍ଗନା କହିବୁଲୁଛନ୍ତି। ଯଦି ତାହା ସତ ହୁଏ ତେବେ ସେ ବଲିଉଡ୍‌ର ସବୁଠାରୁ ଅଧିକ ପାରିଶ୍ରମିକ ପାଉଥିବା ନାୟିକା ଭାବରେ ବିବେଚିତ ହେବେ।

## ସଙ୍ଗୀତଜ୍ଞ ବାସୁଦେବ ରଥଙ୍କ ସ୍ମରଣେ




ଓଡ଼ିଆ ସିନେମା ଜଗତରେ ଅତ୍ୟାଧୁନିକ ବାଦ୍ୟଯନ୍ତ୍ର ମାଧ୍ୟମରେ ସୁନ୍ଦର ସ୍ୱର ସୃଷ୍ଟି କରିବାରେ ସଙ୍ଗୀତଜ୍ଞ ବାସୁଦେବ ରଥଙ୍କ ବିଶେଷତ୍ୱ ରହିଛି। ଏକ ମେଲୋଡ଼ି ପାର୍ଟି କରି ସଫଳ ସଙ୍ଗୀତଜ୍ଞ ଭାବେ ସେ ପ୍ରଭାବଶାଳୀ ହେଲେ। ସେହି ସମୟରେ ସଙ୍ଗୀତଜ୍ଞ ପ୍ରଫୁଲ୍ଲ କର ଓ ଅକ୍ଷୟ ମହାନ୍ତିଙ୍କ ସହ ତାଳ ଦେବା ଦିଗରେ ବାସୁଦେବ ରଥ କୌଣସି ଗୁଣରେ କମ୍ ନ ଥିଲେ।

ଆମ ବଡ଼ଗଡ଼ ଗାଁର ପ୍ରଯୋଜକ ପୂର୍ଣ୍ଣଚନ୍ଦ୍ର ଜେନା। ୧୯୭୭ ମସିହା ବେଳକୁ ଏକ ଓଡ଼ିଆ ଚଳଚ୍ଚିତ୍ର 'ସାକ୍ଷୀ ଗୋପୀନାଥ' ନିର୍ମାଣ କଲେ ବମ୍ବେର ନିର୍ଦ୍ଦେଶକ ଗଣେଶ ମହାପାତ୍ର। ସେଇ ଚଳଚ୍ଚିତ୍ର ନିମନ୍ତେ ସଙ୍ଗୀତ ନିର୍ଦ୍ଦେଶକ ଭାବେ ବାସୁଦେବ ରଥ କାର୍ଯ୍ୟ କରିବା ପାଇଁ ସୁଯୋଗ ପାଇଲେ। ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ଘର ଆମ ଘର ପାଖରେ। ବାସୁଦେବ ରଥ ତାଙ୍କ ଘରକୁ ରିକ୍ସାରେ ଆସନ୍ତି। ତାଙ୍କ ସହ କଥା ହୁଏ। ସେତେବେଳେ ମୁଁ ବାଣୀଚିତ୍ରରେ ସହସମ୍ପାଦକ ଭାବେ ମଧ୍ୟ ଲେଖା ଲେଖୁଥିଲି। ତାହା ସହ ଅନ୍ୟ କିଛି ଖବରକାଗଜରେ ସଙ୍ଗୀତଜ୍ଞ ବାସୁଦେବ ରଥ ଏକ ନିଆରା ବ୍ୟକ୍ତିତ୍ୱ। ତାଙ୍କ ପୋଷାକର ଭିନ୍ନତା ଦେଖିଲେ ଜଣାପଡ଼େ ସେ ଜଣେ କଳାକାର ନିଶ୍ଚିତ ହୋଇଥିବେ। ଭାରି ଖୁସି ମିଜାଜ୍‌ର ବ୍ୟକ୍ତି। ସେହି ଦିନଠାରୁ ତାଙ୍କ ସହ ଦେଖାସାକ୍ଷାତ। ଅନେକ ବର୍ଷ ଧରି ଓଡ଼ିଆ ସିନେମା- 'ସଉତୁଣୀ, ଚିହ୍ନା ଅଚିହ୍ନା, ଆରତି, ଅନୁରାଧା, ଦେଖି ଖବର ରଖି ନଜର, ରାଜା ହରିଶ୍ଚନ୍ଦ୍ର, କାବେରୀ, ପକା କମଳ ପୋତ ଛତା, ନିନାଦ, ପ୍ରତିଶୋଧ ଅପରାଧ ନୁହେଁ, ଅନ୍ୟାୟ ସହିବି ନାହିଁ ଆଦିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଓଡ଼ିଆ ଚଳଚ୍ଚିତ୍ର 'ଆରତି'ର ଗୀତ ପାଇଁ ସେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। କଣ୍ଠଶିଳ୍ପୀ ମାନା ଦେ, ମହେନ୍ଦ୍ର କପୁର, ଅନୁରାଧା ପୌଡୱାଲ, ଆଶା ଭୋସ୍‌ଲେ, ଉଷା ମଙ୍ଗେସ୍‌କର, ବିନୋଦ ରାଠୋର, ଆରତି ମୁଖାର୍ଜୀ, ଚନ୍ଦ୍ରାଣୀ ମୁଖାର୍ଜୀ, ଉଷା ଉଥୁପ୍, ଭୁବନେଶ୍ୱରୀ ମିଶ୍ର, ତାନ୍‌ସେନ୍ ସିଂ ଅନ୍ୟତମ।

ବାସୁଦେବ ୧୦୦ରୁ ଊର୍ଦ୍ଧ୍ୱ ଆଲ୍‌ବମ୍ ସଙ୍ଗୀତର ସ୍ରଷ୍ଟା। ଏତଦ୍‌ବ୍ୟତୀତ କଟକ ଆକାଶବାଣୀରେ ବହୁସୁଗମ ସଙ୍ଗୀତ, ସମବେତ କଣ୍ଠସଙ୍ଗୀତ ପରିବେଷଣ କରି ବିଶେଷ ଖ୍ୟାତି ଅର୍ଜନ କରିଥିଲେ। ଆଡ୍‌ଭୋକେଟ୍ ସୁରେନ୍ଦ୍ର ବିଦ୍ୟାଧର ତାଙ୍କର ବିଶେଷ ପସନ୍ଦଯୋଗ୍ୟ ଗୀତିକାର। ଚଳିତବର୍ଷ ତାଙ୍କର ଅନୁପସ୍ଥିତି ନିଶ୍ଚିତଭାବେ ଶ୍ରୋତା ଓ ଦର୍ଶକେ ଅନୁଭବ କରିବେ। ବାସୁବାବୁ ଜଣେ ଭଲ ମଣିଷ, ସଙ୍ଗୀତ କ୍ଷେତ୍ରରେ ତାଙ୍କ ସହଧର୍ମିଣୀଙ୍କ ପ୍ରେରଣା ବିଶେଷ ଉଲ୍ଲେଖଯୋଗ୍ୟ।

ଆଧୁନିକ ଓଡ଼ିଆ ସଙ୍ଗୀତ କେବଳ ନୁହେଁ, ଚଳଚ୍ଚିତ୍ରରେ ତାଙ୍କର ପ୍ରତିଟି ଗୀତ ପାଇଁ ସେ ଅମର ହୋଇ ରହିବେ। ଓଡ଼ିଆ ଚଳଚ୍ଚିତ୍ର ଜଗତ ସେପରି ବ୍ୟକ୍ତିତ୍ୱ ପ୍ରତି ଅଧିକ ଆଶା କରୁଥିଲା। ହଠାତ୍ ତାଙ୍କ ଦେହାନ୍ତ ନିଶ୍ଚିତ ଭାବେ କେବଳ ଚଳଚ୍ଚିତ୍ର ନୁହେଁ, ସଙ୍ଗୀତ ଜଗତ ପାଇଁ ବ୍ୟାପକ କ୍ଷତି। ସଙ୍ଗୀତକୁ ନୂତନ ରୂପରେଖ ଦେବାରେ ସେ ଥିଲେ ଅନ୍ୟତମ ସାଧକ। ବାସୁଦେବ ରଥ ଆତ୍ମସ୍ୱାଭିମାନ ବ୍ୟକ୍ତିତ୍ୱ। ସେ ସବୁବେଳେ ନିଜକୁ ସଙ୍ଗୀତ ମଧ୍ୟରେ ହଜାଇ ଦେଉଥିଲେ। ଅନେକ କଣ୍ଠଶିଳ୍ପୀଙ୍କୁ ସୁଯୋଗ ଦେଇଛନ୍ତି। ମାତ୍ର ଓଡ଼ିଆ କଣ୍ଠଶିଳ୍ପୀମାନେ ନିଜେ ପ୍ରତିଷ୍ଠା ପାଇଗଲା ପରେ ମୂଳ ବ୍ୟକ୍ତିତ୍ୱକୁ ଭୁଲିଯାଆନ୍ତି। ଏହା ଓଡ଼ିଆ ଚରିତ୍ର ବୋଲି ବିବେଚନା କରିବାକୁ ହେବ। ବାସୁବାବୁ ସଙ୍ଗୀତ ସ୍ମରଣୀୟ ହୋଇ କାଳ କାଳକୁ ରହିବେ। ତାଙ୍କ ଗୀତ ଅମର।

**-ଦିଲିପ ହାଲି,** ଭୁବନେଶ୍ୱର



“ପୂର୍ବ ଓ ଉତ୍ତର – ପୂର୍ବ ଭାରତର ହସ୍ତତନ୍ତ କାରିଗରଙ୍କୁ ସହାୟତା ପ୍ରଦାନ କରିବା ପାଇଁ ମାଇକ୍ରୋସଫ୍ଟ ଇଣ୍ଡିଆ ସହ ଟାଟା ଟ୍ରଷ୍ଟ ଏକ ଚୁକ୍ତି ସ୍ୱାକ୍ଷର କରିଛି।

–ଆର୍ ପବିତ୍ର କୁମାର, ଚିଫ୍ ପ୍ରୋଗ୍ରାମ ଡାଇରେକ୍ଟର, ଟାଟା ଟ୍ରଷ୍ଟ



“ଭାରତରେ ୪ଜି ଭଏସ୍ କଲ୍ ସେବା ପରିଚାଳନା ଲାଗି ନୋକିଆ ଓ ଏରିକସନର ସହାୟତା ନେବ ଭାରତୀ ଏୟାରଟେଲ।

–ରଣଦୀପ ଶେଖନ, ଚିଫ ଟେକ୍ନୋଲୋଜି ଅଫିସର, ଭାରତୀ ଏୟାରଟେଲ

## ସଂକ୍ଷେପରେ

### ଜିପିଏଫ୍ ସୁଧ ହାର ୮%ରେ ଅପରିବର୍ତ୍ତିତ

ନୂଆଦିଲ୍ଲୀ,୧୦-୪: କେନ୍ଦ୍ର ସରକାର ସାମାନ୍ୟ ଭବିଷ୍ୟ ନିଧି(ଜିପିଏଫ୍) ଏବଂ ତତ୍‌ସମ୍ପର୍କିତ ଯୋଜନା ଉପରେ ଏପ୍ରିଲ-ଜୁନ ତ୍ରୈମାସ ଲାଗି ମିଳୁଥିବା ସୁଧ ହାରକୁ ୮%ରେ ଅପରିବର୍ତ୍ତିତ ରଖିଛନ୍ତି। ଏହା ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ(ପିପିଏଫ)ରେ ମିଳୁଥିବା ସୁଧ ହାର ସହ ସମାନ। ଆର୍ଥିକ ବ୍ୟାପାର ବିଭାଗ ପକ୍ଷରୁ ଏ ସମ୍ପର୍କରେ ଏକ ନୋଟିଫିକେଶନ ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ଏପ୍ରିଲ ପହିଲାରୁ ଜୁନ୍ ୩୦ ଯାଏ ଜିପିଏଫ୍ ଉପରେ ୮% ସୁଧ ହାର ପ୍ରଦାନ କରାଯିବ। ଏହି ସୁଧ ହାର କେନ୍ଦ୍ର ସରକାରୀ କର୍ମଚାରୀ, ରେଲୱେ ଏବଂ ସୁରକ୍ଷା ବଳଙ୍କ ଭବିଷ୍ୟନିଧି ଉପରେ ଲାଗୁ ହେବ। ଗତ ମାସରେ ସରକାର ସମସ୍ତ ପ୍ରକାର ସ୍ୱଳ୍ପ ସଞ୍ଚୟ ଯୋଜନା ତଥା ପିପିଏଫ ଉପରେ ସୁଧ ହାର ଅପରିବର୍ତ୍ତିତ ରଖିଛନ୍ତି। ବର୍ତ୍ତମାନ ପିପିଏଫ୍ ଉପରେ ୮% ସୁଧ ହାର ପ୍ରଦାନ କରାଯାଉଛି।

### ଗୁଗଲ୍ ପେ’କୁ ନେଇ ଆର୍‌ବିଆଇକୁ ପ୍ରଶ୍ନ

ନୂଆଦିଲ୍ଲୀ,୧୦-୪: ନିୟାମକ ଅନୁମୋଦନ ବିନା ଗୁଗଲ୍‌ର ମୋବାଇଲ ଦେୟ ପ୍ରଦାନ କରୁଥିବା ଆପ୍ ଗୁଗଲ ପେ’ବା ଜି ପେ’କିପରି ନେଣଦେଣ କରୁଛି ବୋଲି ଦିଲ୍ଲୀ ହାଇକୋର୍ଟ ବୁଧବାର ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)କୁ ପ୍ରଶ୍ନ କରିଛନ୍ତି। ମୁଖ୍ୟ ବିଚାରପତି ରାଜେନ୍ଦ୍ର ମେନନ ଏବଂ ଜଷ୍ଟିସ ଏ.ଜେ. ଭାମଭାନୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଅଭିଜିତ ମିଶ୍ରଙ୍କ ପକ୍ଷରୁ ଆଗତ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା(ପିଆଇଏଲ)ର ଶୁଣାଣି କରୁଛନ୍ତି। ହାଇକୋର୍ଟରେ ଦାଏର ପିଆଇଏଲରେ ଦର୍ଶାଯାଇଛି ଯେ, ଗୁଗଲ ପେ ନେଣଦେଣ ଆଇନର ଉଲ୍ଲଂଘନ କରି ଦେୟ ପ୍ରଦାନକାରୀ ସେବା ପ୍ରଦାନ କରୁଛି। ଏହା ନିକଟରେ କେନ୍ଦ୍ରୀୟ ବ୍ୟାଙ୍କର ଆବଶ୍ୟକୀୟ ଅନୁମୋଦନ ନାହିଁ। ଏହାର ଶୁଣାଣି କରି ଦିଲ୍ଲୀ ହାଇକୋର୍ଟ ଉଭୟ ଆର୍‌ବିଆଇ ଏବଂ ଗୁଗଲ୍ ଇଣ୍ଡିଆକୁ ନୋଟିସ ଜାରି କରିଛନ୍ତି। ଆର୍‌ବିଆଇ ଦ୍ୱାରା ଜାରି ନେଣଦେଣ ପ୍ରଦାନକାରୀଙ୍କ ତାଲିକାରେ ଗୁଗଲ୍ ପେ ନାହିଁ ବୋଲି ଆବେଦନରେ ଦର୍ଶାଯାଇଛି।

■ହ୍ୱାଟ୍ସଆପ୍‌ରେ ନୂଆ ବ୍ୟବସ୍ଥା

### ଏକାଥରକେ ପଠାଇ ହେବ ୩୦ ଅଡିଓ ଫାଇଲ

ନୂଆଦିଲ୍ଲୀ,୧୦-୪: ଫେସ୍‌ବୁକ୍ ଅଧୀନ ଫଟୋ ମେସେଜିଂ ଆପ୍ ହ୍ୱାଟ୍ସଆପ୍‌ରେ ନୂଆ ୟୁଜର ଇଣ୍ଟରଫେସ୍ ସହିତ ‘ଅଡିଓ ପିକର’ ଉପସ୍ଥାପନ କରାଯାଇଛି। ଫଳରେ ୟୁଜର ଗୋଟିଏ ଥରରେ ୩୦ ଅଡିଓ ଫାଇଲ୍‌କୁ ପଠାଇପାରିବେ। ଏଥିପୂର୍ବରୁ ୟୁଜର ଗୋଟିଏ ଥରରେ କେବଳ ଗୋଟିଏ ଅଡିଓ ଫାଇଲ ପଠାଇ ପାରୁଛନ୍ତି। ନୂଆ ଫିଚର ହ୍ୱାଟ୍ସଆପ୍‌ର ୨.୧୯.୮୯ ବିଟା ଅପଡେଟରେ ଆସିଛି। ଏହାପରେ କମ୍ପାନୀ ନିଜର ପ୍ଲାଟଫର୍ମରେ ଅନେକ ଅପଡେଟ କରିଛି। ଏହାଛଡ଼ା ମିଥ୍ୟା ଖବର ପ୍ରଚାରକୁ ରୋକିବା ଲାଗି ହ୍ୱାଟ୍ସଆପ୍ ପକ୍ଷରୁ ‘ଫରୱାର୍ଡିଂ ଇନଫୋ’ ଏବଂ ‘ଫ୍ରିକ୍ୱେଣ୍ଟଲି ଫରୱାର୍ଡେଡ’ ଫିଚର ଲାଗୁ କରାଯାଇଛି। କମ୍ପାନୀ ପକ୍ଷରୁ ଆଉ ଏକ ଫିଚର ଟେଷ୍ଟ କରାଯାଉଛି। ଯାହାଦ୍ୱାରା ଗ୍ରୁପ୍ ଆଡ୍‌ମିନିଷ୍ଟ୍ରେଶନ ୟୁଜରଙ୍କୁ ବାରମ୍ବାର ଫରୱାର୍ଡ ମେସେଜ ପଠାଇବାରୁ ରୋକିପାରିବେ।

### ଭାସ୍‌ମଲର ନୂଆ ପ୍ରଡକ୍ଟ

ଭୁବନେଶ୍ୱର,୧୦-୪

ଭାସମଲ ପକ୍ଷରୁ ନୂଆ ପ୍ରଡକ୍ଟ ଆଡଭାନ୍ସ କ୍ରିମ ହେୟାର କଲର ବଜାରକୁ ଆସିଛି। ଏଥିରେ କୌଣସି କେମିକାଲ ଡେଭଲପର ନ ଥିବା କମ୍ପାନୀ ସୂଚନା ଦେଇଛି।




ସାଧାରଣତଃ କ୍ରିମ ହେୟାର କଲରରେ କଲରାଣ୍ଟ ଏବଂ ଡେଭଲପର ରହିଥାଏ। ଡେଭଲପରରେ ହାଇଡ୍ରୋଜେନ ପେରୋକ୍ସାଇଡ ଭଳି କେମିକାଲ ବ୍ୟବହାର ହୋଇଥାଏ। ଏହା କେଶ ଲାଗି ବ୍ଲିଚ ଭଳି କାମ କରେ। ଯେଉଁ କେଶ କଳା ରହିଥାଏ ଏହା ତାକୁ ମଧ ଧଳା କରିଦିଏ। ସେହିଭଳି କେଶକୁ ରୁକ୍ଷ ଏବଂ ଝଡିବା ଭଳି ସମସ୍ୟା ଉପୁଜାଇଥାଏ। ଏଭଳି ସମସ୍ୟାକୁ ନଜରରେ ରଖି ଭାସମଲ ଆଡଭାନ୍ସ କ୍ରିମରେ କୌଣସି କ୍ଷତିକାରକ ଉପାଦାନ ସ୍ଥାନିତ କରାଯାଇ ନାହିଁ। ୩୦ ମିନିଟ ସମୟ ମଧ୍ୟରେ ବିନା ବ୍ଲିଚିଂରେ ଏହା କେଶକୁ କଳା କରିଥାଏ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

■ନୂଆ ସରକାର ପାଇଁ ରାଜନଙ୍କ ପରାମର୍ଶ

# ନୂତନ ପିଢ଼ିର ଆର୍ଥିକ ସଂସ୍କାର ଆବଶ୍ୟକ

ନୂଆଦିଲ୍ଲୀ,୧୦-୪



ରଘୁରାମ ରାଜନ୍।

ଆଉ ମାସାଧିକ ସମୟ ପରେ କେନ୍ଦ୍ରରେ ଏକ ନୂଆ ସରକାର ଗଠନ ହେବ। ଏହି ସରକାରଙ୍କ ପାଇଁ ଆର୍ଥିକ ନୀତି କ’ଣ ହେବା ଉଚିତ୍ ସେ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ପୂର୍ବତନ ଗଭର୍ନର ରଘୁରାମ ରାଜନ୍ କିଛି ପରାମର୍ଶ ଦେଇଛନ୍ତି। ଜାତୀୟତାବାଦ ଏବଂ ରୋଜଗାର ସୃଷ୍ଟିକାରୀ ଅର୍ଥନୀତି ଭିନ୍ନ ନୁହେଁ,ବରଂ ଏହା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ କୁହାଯାଇପାରେ। ବିଗତ ଦିନର ସରକାରଗୁଡ଼ିକ ନେଇଥିବା ଆର୍ଥିକ ସଂସ୍କାର ପ୍ରତି ତାଙ୍କର ଆସ୍ଥା ନ ଥିବା ଦର୍ଶାଇ ଦେଶର ଅର୍ଥନୀତି ସହ ରୋଜଗାର ସୃଷ୍ଟି କରିବାକୁ ହେଲେ ନୂଆ ପିଢ଼ିର ଆର୍ଥିକ ସଂସ୍କାର ଆଣିବାକୁ ହେବ ବୋଲି ପରାମର୍ଶ ଦେଇଛନ୍ତି।

■ଜାତୀୟତାବାଦ, ରୋଜଗାର ସୃଷ୍ଟିକାରୀ ଅର୍ଥନୀତି ଭିନ୍ନ ନୁହେଁ

■କନ୍‌ଷ୍ଟ୍ରକ୍‌ଶନ କ୍ଷେତ୍ରରେ ଭାରି ସଂଖ୍ୟାରେ ନିଯୁକ୍ତି ସୃଷ୍ଟି ସମ୍ଭବ

■ରୋଜଗାରସୃଷ୍ଟିକାରୀ ଅର୍ଥନୀତି ଅଭିବୃଦ୍ଧି ନ ହେଲେ ରାଜନୈତିକ ଭୂମିକମ୍ପ ହେବ

ଏକ ଇଂଲିଶ୍ ଖବରକାଗଜରେ ରାଜନ ଲେଖିଛନ୍ତି ଯେ, ଆଗାମୀ ବର୍ଷଗୁଡ଼ିକରେ ଭାରତ ଯଥେଷ୍ଟ ସଂଖ୍ୟାରେ ନିଯୁକ୍ତି ସୃଷ୍ଟିକାରୀ ଆର୍ଥିକ ଅଭିବୃଦ୍ଧି ହାସଲ ନ କଲେ ଏକାଧିକ କ୍ଷେତ୍ରରେ ଦେଶ ପଛେଇ ଯିବ। ନିଯୁକ୍ତି ସୃଷ୍ଟିର ଉପାୟ ମଧ ସେ କହିଛନ୍ତି। ତାଙ୍କର କହିବାନୁଯାୟୀ ଏକମାତ୍ର କନଷ୍ଟ୍ରକ୍‌ଶନ କ୍ଷେତ୍ରରେ ଭାରି ସଂଖ୍ୟାରେ ନିଯୁକ୍ତି ସୃଷ୍ଟି ସମ୍ଭବ। ସେ ଲେଖିଛନ୍ତି ଯେ, ସେନାବାହିନୀ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ରର ଆଧୁନିକୀକରଣ ଲାଗି ସମ୍ବଳ ନାହିଁ। ଆମ ନିକଟରେ ଏଭଳି ଆର୍ଥିକ କ୍ଷମତା ନାହିଁ ଯେ, ଦେଶକୁ ଆକ୍ରମଣ କରି ଫେରାର ହୋଇ ଯାଉଥିବା ଆତଙ୍କବାଦୀଙ୍କୁ ଧରି ହସ୍ତାନ୍ତର ପାଇଁ ଆମେ କୌଣସି ଦେଶକୁ ରାଜି କରାଇପାରିବା ନାହିଁ। ସେ ଲେଖିଛନ୍ତି ଯେ, ରୋଜଗାର ସୃଷ୍ଟିକାରୀ ଆର୍ଥିକ ଅଭିବୃଦ୍ଧି ହାସଲ ହୋଇ ନ ପାରିଲେ ଦେଶ ଭିତରେ ରାଜନୈତିକ ଭୂମିକମ୍ପ ସୃଷ୍ଟି ହୋଇଯିବ, କାରଣ ବେକାର ଯୁବତୀଯୁବକ ନିଜର ଆକ୍ରୋଶ ବାହାର କରିବେ। ରୋଜଗାର ସୃଷ୍ଟିକାରୀ ଆର୍ଥିକ ବିକାଶ ବିନା ଯଥାଯଥ ରାଷ୍ଟ୍ରୀୟ ସୁରକ୍ଷା ସମ୍ଭବ ନୁହେଁ। ସେ କହିଛନ୍ତି ଯେ, ନୂଆ ପିଢ଼ିର ଆର୍ଥିକ ସଂସ୍କାର ଜରିଆରେ ନୂତନ ନିଯୁକ୍ତି ସୃଷ୍ଟି କରାଯାଇପାରିବ। କାରଣ ପୁରୁଣା ପଦ୍ଧତି ବେକାର ହୋଇଗଲାଣି। କେବଳ କନ୍‌ଷ୍ଟ୍ରକ୍‌ଶନ କ୍ଷେତ୍ରରେ ଭାରି ସଂଖ୍ୟାରେ ରୋଜଗାର ସୃଷ୍ଟି ହୋଇପାରିବ ବୋଲି ସେ କହିଛନ୍ତି। ତାଙ୍କ ମତରେ ସୁଲଭ ଘର, ସଡ଼କ, ରେଲୱେ, ବନ୍ଦର, ବିମାନ ବନ୍ଦର ଏବଂ ବାଣିଜ୍ୟିକ ରିୟଲ ଇଷ୍ଟେଟରେ ଅର୍ଦ୍ଧକୁଶଳୀ ନାଗରିକଙ୍କୁ ବହୁସଂଖ୍ୟାରେ ନିଯୁକ୍ତି ଦିଆଯାଇପାରିବ। କିନ୍ତୁ ଜମି ଅଧିଗ୍ରହଣର ଜଟିଳ ପ୍ରକ୍ରିୟା ଏବଂ ସୀମିତ ଋଣ ପ୍ରଦାନ ଏହି ସେକ୍ଟରର ଗତିକୁ ଆଶାଠାରୁ ଧିମା କରିଦେଇଛି। ନୂଆ ସରକାରଙ୍କୁ ଏହି ଅଭାବ ଦୂର କରିବାକୁ ହେବ। ଏହାବ୍ୟତୀତ ଡିଜିଟାଲ ମ୍ୟାପିଂର ଉନ୍ନତ ବ୍ୟବସ୍ଥା ଓ ଜମି ମାଲିକାନା ଦାବି ସମ୍ପର୍କିତ ଆଇନରେ ସଂଶୋଧନର ଆବଶ୍ୟକତା ରହିଛି। ଏହାଦ୍ୱାରା ଜମି ବିକ୍ରି ତଥା ଜମିକୁ ଲିଜ୍‌ରେ ଦେବା ପ୍ରକ୍ରିୟା ସହଜ ତଥା ସରଳ ହେବ। ଏହାଦ୍ୱାରା ବହୁ ଚାଷୀ ଚାଷ ଛାଡ଼ି ନିଜ ଜମି ବାବଦରେ ଭଡ଼ା ପାଇପାରିବେ। ମୋଦି ସରକାର ଇଜ୍ ଅଫ୍ ଡୁଇଂ ବିଜନେସ ଆପଣାଇଥିବା ବେଳେ ଏହାକୁ ପରିତ୍ୟାଗ କରିବାକୁ ହେବ ବୋଲି ରାଜନ କହିଛନ୍ତି। ବିଶ୍ୱବ୍ୟାଙ୍କର ମାନଦଣ୍ଡ ଆଧାରିତ ଇଜ୍ ଅଫ୍ ଡୁଇଂ ଛାଡ଼ି ଦେଶର ଆବଶ୍ୟକତା ଅନୁଯାୟୀ ନିଜର ମାନଦଣ୍ଡ ତିଆରି କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ବ୍ୟବସାୟ ଆରମ୍ଭ କରିବା ନେଇ ଥିବା ଅସୁବିଧାକୁ ଯେତେଦୂର ସମ୍ଭବ ଦୂର କରିବା ଉପରେ ସେ ଜୋର୍ ଦେଇଛନ୍ତି। କନଷ୍ଟ୍ରକ୍‌ଶନ କ୍ଷେତ୍ରରେ ବ୍ୟାପକ ସୁଧାର କରାଯିବାର ଆବଶ୍ୟକତା ରହିଛି ବୋଲି ଆର୍‌ବିଆଇର ପୂର୍ବତନ ଗଭର୍ନର କହିଛନ୍ତି। ତାଙ୍କର କହିବାନୁଯାୟୀ, ବ୍ୟାଙ୍କଗୁଡ଼ିକ ଏହି କ୍ଷେତ୍ରକୁ ଋଣ ଦେବା ପାଇଁ ପଛଘୁଞ୍ଚା ଦିଅନ୍ତି। ଏହାକୁ ଆର୍ଥିକ ସଂସ୍ଥାଗୁଡ଼ିକ ପୂରଣ କଲେ। କିନ୍ତୁ ଏବେ ସେମାନେ ଅସୁବିଧାରେ ପଡିଲେଣି। କନଷ୍ଟ୍ରକ୍‌ଶନ ସେକ୍ଟରରେ ସୁଧାର ହେଲେ ବ୍ୟାଙ୍କ ଋଣ ପ୍ରଦାନ କରିବାରେ ଅସୁବିଧା ହେବ ନାହିଁ। ନିଯୁକ୍ତି ସୃଷ୍ଟିକାରୀ କରିବାକୁ ହେଲେ ନୂଆ ସରକାରଙ୍କୁ ବହୁ କ୍ଷେତ୍ରରେ ସଂସ୍କାର ଆଣିବାକୁ ହେବ। ଅତୀତରୁ ଶିକ୍ଷା ଲାଭ କରି ନୂଆ ସରକାର ସୁଧାର କାର୍ଯ୍ୟକ୍ରମ ହାତକୁ ନେବା ବେଳେ ରାଜ୍ୟ ସରକାରଗୁଡ଼ିକ ସହ ଆଲୋଚନା କରିବା ଦରକାର। ରାଜନୈତିକ ଦଳଗୁଡ଼ିକୁ ପରାମର୍ଶ ଦେଇ ରାଜନ କହିଛନ୍ତି ଯେ, ଆମକୁ ସମାଜର କୌଣସି ଏକ ନାଗରିକ ଗୋଷ୍ଠୀକୁ ଅଣଦେଖା କରିବା ଅନୁଚିତ୍ ହେବ। କାରଣ ଏହାଦ୍ୱାରା ଦେଶର ବିକାଶ ହେବ ନାହିଁ କି ଦେଶର ସୁରକ୍ଷା ଦୃଢ଼ୀଭୂତ ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

## ଆସିଲା ନୂଆ ବଜାଜ ଡୋମିନାର ୪୦୦



ଭୁବନେଶ୍ୱର,୧୦-୪(ବ୍ୟୁରୋ)

ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା ବଜାଜ ଅଟୋ ପକ୍ଷରୁ ନୂଆ ଡୋମିନାର ୪୦୦ ବଜାରକୁ ଆସିଛି । ଏଥିରେ ଗ୍ରାହକମାନେ ଶକ୍ତିଶାଳୀ ଇଞ୍ଜିନ, ଅତ୍ୟାଧୁନିକ ଟେକ୍ନୋଲୋଜି ଫିଚର ପାଇପାରିବେ। ୨୦୧୭ରେ ପ୍ରଥମ କରି ବଜାରକୁ ଆସିଥିବା ଡୋମିନାର ମଡେଲ ଏକ ରୋମାଞ୍ଚକର ସ୍ପୋର୍ଟସ ଟୁରର ଭାବେ ନିଜକୁ ପ୍ରତିପାଦିତ କରିପାରିଛି। ଦ୍ରୁତତ୍ୱ ବିଶିଷ୍ଟ ପ୍ରଦର୍ଶନରେ ଏହା ନିଜର ଦକ୍ଷତା ଦେଖାଇବା ସହ ଏକ ଟୁରିଂ ମୋଟର ସାଇକେଲ ଭାବେ ଗ୍ରାହକଙ୍କର ଅତିପ୍ରିୟ ହେବାକୁ ସକ୍ଷମ ହୋଇଛି ବୋଲି କମ୍ପାନୀ କହିଛି। ଭୁବନେଶ୍ୱର ନୟାପଲ୍ଲୀ ସ୍ଥିତ ଭାରତ ବଜାଜ ଶୋ’ରୁମ ଠାରେ ଏହାର ଉନ୍ମୋଚନ କରାଯାଇଛି। ଭାରତ ବଜାରର ଏମ୍‌ଡି ସୁଶାନ୍ତ ମହାରଣା ଏହାକୁ ବଜାର ପ୍ରବେଶ କରାଇଛନ୍ତି। ପ୍ରିମିୟମ ବାଇକ ପାଇଁ ଭୁବନେଶ୍ୱର ଏକ ପ୍ରମୁଖ ବଜାର ହୋଇଥିବା ବେଳେ ନୂଆ ଲଞ୍ଚ ଭଲ ରେସପନ୍ସ ପ୍ରଦାନ କରିବ ବୋଲି ଏମ୍‌ଡି ମହାରଣା କହିଛନ୍ତି। ଏହା ୩୭୩ ସିସି ଡିଓଏଚ୍‌ସି ଲିକ୍ୟୁଡ କୁଲ୍ଡ ଇଞ୍ଜିନ ସହ ଆସୁଛି ଯାହା ୪୦ ପିଏସ୍ ପାୱାର ପ୍ରଦାନ କରିବ। ଏହାବାଦ ଏଥିରେ ଅନ୍ୟାନ୍ୟ ପ୍ରମୁଖ ଫିଚର ଗ୍ରାହକ ଲାଭ ପାଇ ପାରିବେ। ଏହା ବଜାଜର ଡିଲରଶିପଗୁଡ଼ିକରେ ଡୁଆଲ ଚ୍ୟାନେଲ ଏବିଏସ୍ ଭାରିଆଣ୍ଟରେ ଉପଲବ୍ଧ। ଅରୋରା ଗ୍ରୀପ ଏବଂ ଭାଇନ ବ୍ଲାକ ରଙ୍ଗରେ ମଡେଲଟି ଆସୁଛି। ଏହାର ଏକ୍ସଶୋରୁମ ଭୁବନେଶ୍ୱର ମୂଲ୍ୟ ୧.୭୩ ଲକ୍ଷ ଟଙ୍କା ରହିଛି।

**ବଜାର ମୂଲ୍ୟ ୧.୭୩ ଲକ୍ଷ ଟଙ୍କା**

## ଏନ୍‌ଆଇଆର୍‌ଏଫ୍ ର୍ୟାଙ୍କିଙ୍ଗ୍‌ରେ ସିଭି ରମଣ

ଭୁବନେଶ୍ୱର,୧୦-୪

ନ୍ୟାଶନାଲ ଇନଷ୍ଟିଚ୍ୟୁଶନାଲ ର୍ୟାଙ୍କିଙ୍ଗ୍ ଫ୍ରେମୱାର୍କରେ ସିଭି ରମଣ କଲେଜ ଅଫ୍ ଇଞ୍ଜିନିୟରିଂ ଚତୁର୍ଥ ଥର ଲାଗି ପ୍ରମୁଖ ୧୦୦ ଇଞ୍ଜିନିୟରିଂ କଲେଜ ମଧ୍ୟରେ ସ୍ଥାନିତ ହୋଇଛି। କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଏହା ପ୍ରକାଶିତ ହେଉଥିବା ବେଳେ ସିଭି ରମଣ ଚଳିତ ଥର ୯୪ତମ ସ୍ଥାନରେ ରହିଛି। ଏହା ଦ୍ୱାରା ପ୍ରତିଷ୍ଠାନ ସରକାରୀ ଏବଂ ବେସରକାରୀ କଲେଜମାନଙ୍କ ମଧ୍ୟରେ ନିଜକୁ ପ୍ରତିଷ୍ଠିତ କରାଇ ପାରିଥିବା ପ୍ରକାଶ କରିଛି। ଚଳିତ ବର୍ଷ କଲେଜର ଛାତ୍ରୀଛାତ୍ରମାନେ ଜାତୀୟ ହାକାଥନରେ ୪ଟି ଚାମ୍ପିୟନଶିପ ଜିତିବାକୁ ସକ୍ଷମ ହୋଇଥିବା କଲେଜର ଚେୟାରମ୍ୟାନ ସଞ୍ଜୀବ କୁମାର ରାଉତ କହିଛନ୍ତି। ଏହା ସହ ସ୍କିଲ ପ୍ରତିଯୋଗିତାରେ ୱାଟର ଟେକ୍ନୋଲୋଜି, ୱେବ ଡିଜାଇନିଂରେ ଛାତ୍ରୀଛାତ୍ର ନିଜର ପାରଦର୍ଶିତା ଦେଖାଇଥିବା ରାଉତ କହିଛନ୍ତି। ସେକ୍ଟର ସ୍କିଲ ମାନଙ୍କ ସହ ଆଧୁନିକ ଉଦ୍ୟୋଗିଭିତ୍ତିକ ପାଠ୍ୟକ୍ରମ, ସେଣ୍ଟର ଫର ଏକ୍ସଲେନ୍ସ ସ୍ଥାପନା ଏହି ସଫଳତା ଲାଗି ବିଶେଷ ଭୂମିକା ନେଇଥିବା ସେ ମତ ରଖିଛନ୍ତି।

# ନେଦରଲାଣ୍ଡରେ ଜବତ ହେଲା ଜେଟ୍ ବିମାନ

ନୂଆଦିଲ୍ଲୀ,୧୦-୪




**ବକେୟା ପାଇଁ ୟୁରୋପୀୟ କାର୍ଗୋ କମ୍ପାନୀର କାର୍ଯ୍ୟାନୁଷ୍ଠାନ**

ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଜେଟ୍ ଏୟାରୱେଜର ମୁଣ୍ଡବ୍ୟଥା ବଢ଼ିବାରେ ଲାଗିଛି। ୟୁରୋପରେ ଏକ କାର୍ଗୋ ସର୍ଭିସ ଦେଉଥିବା କମ୍ପାନୀ ବକେୟାକୁ ନେଇ ଜେଟ୍‌ର ଏକ ବୋଇଂ ବିମାନକୁ ନେଦରଲାଣ୍ଡର ଆମଷ୍ଟରଡମରେ ଜବତ କରିଛି। କୌଣସି ଘରୋଇ ବିମାନ ଇତିହାସରେ ଏହା ପ୍ରଥମ ଘଟଣା। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଜବତ ବିମାନ ଜରିଆରେ ଗୁରୁବାର ଆମଷ୍ଟରଡମରୁ ମୁମ୍ବାଇ ଲାଗି ଉଡ଼ାଣ(୯ଡବ୍ଲ୍ୟୁ୩୨୧) ସେବା ପରିଚାଳନା କରାଯିବାର ଥିଲା। କାର୍ଗୋ ଏଜେଣ୍ଟ ବକେୟା ନ ପାଇବାକୁ ନେଇ ଜେଟ୍ ଏୟାରୱେଜର ବୋଇଂ ୭୭୭-୩୦୦ଇଆର୍(ଭିଟି-ଜେଇଡବ୍ଲ୍ୟୁ)କୁ କବ୍‌ଜା କରିନେଇଥିଲା। ଏହି ବିମାନଟି ମଙ୍ଗଳବାର ମୁମ୍ବାଇରୁ ଆମଷ୍ଟରଡମ ଯାଇଥିଲା ଓ ଗୁରୁବାର ଏହା ଫେରିଥାନ୍ତା। ସୂଚନାଥାଉ କି, ବକେୟା ପ୍ରଦାନ ନ କରିବା କାରଣରୁ ଜେଟ୍‌ର ପ୍ରାୟ ୭୫%ରୁ ଅଧିକ ବିମାନ ଏବେ ଛିଡ଼ା ହୋଇଛି। ନଗଦ ସଙ୍କଟ କାରଣରୁ ଏୟାରଲାଇନ୍ସ ଏବେ ପାଇଲଟଙ୍କୁ ଦରମା ଦେଇପାରିନାହିଁ।

## ଦାବି ସ୍ଥିତି ଜଣାଇବେ ବୀମା କମ୍ପାନୀ

ନୂଆଦିଲ୍ଲୀ,୧୦-୪

ବୀମା ପଲିସୀ ଦାବିରେ ସ୍ୱଚ୍ଛତା ଆଣିବା ଲାଗି ବୀମା ନିୟାମକ ଆଇଆର୍‌ଡିଏ ପକ୍ଷରୁ ଏକ ନୂଆ ନିୟମ ପ୍ରଣୟନ କରାଯାଇଛି। ଜୁଲାଇ ପହିଲାରୁ ବୀମା କମ୍ପାନୀମାନେ ପଲିସିଧାରୀଙ୍କ ଦାବିର ସ୍ଥିତି ଜଣାଇବାକୁ ବାଧ୍ୟ ରହିବେ। ପଲିସୀଧାରୀଙ୍କ ହିତକୁ ଦୃଷ୍ଟିରେ ରଖି ବୀମା କ୍ଷେତ୍ରରେ ସ୍ପଷ୍ଟତା ତଥା ସ୍ୱଚ୍ଛତା ନୀତି ଆପଣାଯିବାର ଆବଶ୍ୟକତା ରହିଛି। ବୀମା ଦାବି କେଉଁ ସ୍ଥିତିରେ ଅଛି ତାହା ଜାଣିବାର ଅଧିକାର ପଲିସୀଧାରୀଙ୍କ ରହିଛି ଏବଂ ଏଭଳି ଏକ ବ୍ୟବସ୍ଥା ହେବା ଉଚିତ୍ ବୋଲି ବୀମା ନିୟାମକ କହିଛନ୍ତି। ଜୁଲାଇ ପହିଲାରୁ ବୀମା କମ୍ପାନୀମାନେ ପଲିସୀଧାରୀଙ୍କୁ ସେମାନଙ୍କ ଦାବି କେଉଁ ପର୍ଯ୍ୟାୟରେ ପ୍ରକ୍ରିୟାରତ ରହିଛି ତାହା ଜଣାଇବେ।

## ବଜାରରେ ସାମ୍‌ସଙ୍ଗର ନୂଆ ସ୍ମାର୍ଟ ଟିଭି

ଭୁବନେଶ୍ୱର,୧୦-୪

ସାମ୍‌ସଙ୍ଗ ଇଣ୍ଡିଆ ପକ୍ଷରୁ ନୂଆ ସ୍ମାର୍ଟ ଟିଭି ବଜାରକୁ ଆସିଛି। ଏହା ହୋମ ଏଣ୍ଟରଟେନମେଣ୍ଟ ଅଭିଜ୍ଞତାକୁ ଏକ ପରବର୍ତ୍ତୀ ପର୍ଯ୍ୟାୟକୁ ନେବ ବୋଲି କମ୍ପାନୀ ପ୍ରକାଶ କରିଛି। ‘ଅନ୍‌ବକ୍ସ ମ୍ୟାଜିକ ଏଭ୍ରିଡେ’ ଅଭିଯାନ ଅନ୍ତର୍ଗତ ଏହି ପ୍ରଡକ୍ଟକୁ କମ୍ପାନୀ ବଜାରକୁ ଆଣିଛି। ସରକାରଙ୍କ ମେକ୍ ଫର ଇଣ୍ଡିଆ କାର୍ଯ୍ୟକ୍ରମରେ କମ୍ପାନୀ ଏହି ପ୍ରଡକ୍ଟକୁ ପ୍ରସ୍ତୁତ କରିଛି। ଭାରତୀୟ ଗ୍ରାହକଙ୍କ ବର୍ଦ୍ଧିତ ଚାହିଦା ପୂରଣ ସହ ଟେଲିଭିଜନକୁ ସ୍ମାର୍ଟ ଡିଭାଇସ ସହ ଯୋଡିବାକୁ ସକ୍ଷମ ହେବେ ବୋଲି କମ୍ପାନୀ ପ୍ରକାଶ କରିଛି। ଏଥିରେ ଗ୍ରାହକମାନେ ଅତୁଳନୀୟ ପିକ୍ସର କ୍ୱାଲିଟି, ହାଇଡେଫିନିଶନ ରେଞ୍ଜ, ଅଲଟ୍ରା ପିକ୍ସ ଟେକ୍ନୋଲୋଜି, ଅଲଟ୍ରା ହାଇ ଡେଫିନିଶନ ୪କେ ମଡେଲ ଭଳି ବୈଶିଷ୍ଟ୍ୟ ଗ୍ରାହକ ପାଇ ପାରିବେ। ସର୍ବୋତ୍ତମ ପ୍ରଡକ୍ଟ ଯୋଗାଣ ନେଇ ରହିଥିବା ପ୍ରତିବଦ୍ଧତା ପାଳନ ସ୍ୱରୂପ ଏଭଳି ମଡେଲ ବଜାରକୁ ଆଣିଥିବା କମ୍ପାନୀର ବରିଷ୍ଠ ଉପସଭାପତି ରାଜୁ ପୁଲାନ କହିଛନ୍ତି।

## ଭାରତର ଡିଜିଟାଲ ପଦକ୍ଷେପକୁ ଆଇଏମ୍‌ଏଫର ପ୍ରଶଂସା

ୱାଶିଂଟନ,୧୦-୪



**ଜାଲିଆତି ଅନେକାଂଶରେ କମିଛି**

ଡିଜିଟାଲୀକରଣକୁ ନେଇ ଭାରତର ପଦକ୍ଷେପକୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ପ୍ରଶଂସା କରିଛି। ରାଜସ୍ୱ ନିରୀକ୍ଷଣ ରିପୋର୍ଟରେ କୁହାଯାଇଛି ଯେ, ଭାରତ ଓ ଇଣ୍ଡୋନେସିଆ କଲ୍ୟାଣକାରୀ ଯୋଜନାଗୁଡ଼ିକ ଲାଗି ଇ-କ୍ରୟ ଆରମ୍ଭ କରିବା ଯୋଗୁ ପ୍ରତିଯୋଗିତା ଏବଂ ନିର୍ମାଣ ଗୁଣବତ୍ତା ବୃଦ୍ଧି ପାଇଛି। ବିଶ୍ୱ ବ୍ୟାଙ୍କ ସହ ବୈଠକ ପୂର୍ବରୁ ଜାରି ରିପୋର୍ଟରେ ଆଇଏମ୍‌ଏଫ୍ କହିଛି ଯେ, ଭାରତରେ କେତେକ ଗୁରୁତ୍ୱପୂର୍ଣ୍ଣ ସୁଧାର କାର୍ଯ୍ୟକ୍ରମର ଡିଜିଟାଲୀକରଣ ହାତକୁ ନିଆଯିବା ପରେ ଜାଲିଆତି ମାମଲା ଅନେକାଂଶରେ ହ୍ରାସ ପାଇଛି। ଭାରତରେ ସାମାଜିକ ସହାୟତା କାର୍ଯ୍ୟକ୍ରମଗୁଡ଼ିକର ପରିଚାଳନାକୁ ଇଲେକ୍ଟ୍ରୋନିକ ପ୍ଲାଟଫର୍ମକୁ ଆପଣାଯିବାରୁ ଖର୍ଚ୍ଚ ୧୭% ହ୍ରାସ ପାଇଛି ସତ ଲାଭ ହ୍ରାସ ପାଇ ନାହିଁ।

# ଋଣ ପ୍ରଦାନରେ ହୁଡ୍‌କୋର ସଫଳତା

ଭୁବନେଶ୍ୱର,୧୦-୪

■ଋଣ ଅଭିବୃଦ୍ଧି ୮୭% ଛୁଇଁଲା

■ଓଡିଶା ସହରାଞ୍ଚଳ ଭିତ୍ତିଭୂମି ଫଣ୍ଡକୁ ଦେଇଛି ୨,୧୭୫ କୋଟି



ଏମ୍.ରବି କାନ୍ତ।

୨୦୧୮-୧୯ ଆର୍ଥିକ ବର୍ଷରେ ହାଉସିଂ ଆଣ୍ଡ ଅର୍ବାନ ଡେଭଲପମେଣ୍ଟ କର୍ପୋରେଶନ(ହୁଡକୋ) ଋଣ ପ୍ରଦାନ ଧାରା ବେଶ ଉନ୍ନତି ରହିଛି। ବର୍ତ୍ତମାନ ସୁଦ୍ଧା ହୁଡ୍‌କୋ ଋଣ ପ୍ରଦାନରେ ୮୭% ପର୍ଯ୍ୟନ୍ତ ଅଭିବୃଦ୍ଧି କରିଥିବା ଏହାର ସିଏମ୍‌ଡି ଏମ୍.ରବି କାନ୍ତ ସୂଚନା ଦେଇଛନ୍ତି। ହୁଡ୍‌କୋ ସ୍ଥାପନ ହେବା ପରଠାରୁ ୧୭,୧୦୦ ହାଉସିଂ ଏବଂ ଭିତ୍ତିଭୂମି ପ୍ରକଳ୍ପକୁ ଋଣ ପ୍ରଦାନ କରିଛି। ଏହି ପ୍ରକଳ୍ପଗୁଡିକ ଲାଗି ମୋଟ ୨.୦୧ ଲକ୍ଷ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ହୁଡ୍‌କୋ ୧.୬୬ ଲକ୍ଷ କୋଟି ଟଙ୍କା ପ୍ରଦାନ କରିଛି। ସାରା ଦେଶରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ୧୯.୩୪ ନିୟୁତ ବାସଗୃହ ନିର୍ମାଣରେ ଏହା ଯୋଗଦାନ ରଖିଛି। ଏଭଳି ସଫଳତା ସହ ହାଉସିଂ ପ୍ରଦାନରେ ହୁଡ୍‌କୋ ଏକ ପ୍ରମୁଖ ଫାସିଲିଟେଟର ଭାବେ ପରିଗଣିତ ହୋଇଛି।

୨୦୧୮-୧୯ରେ ଏଲଆଇଜି ଏବଂ ଇଡବ୍ଲୁଏସ୍ ବର୍ଗରେ ମୋଟ ୨୦.୬ ଲକ୍ଷ ୟୁନିଟ ବାସଗୃହକୁ ମଞ୍ଜୁରୀ ମିଳିଛି। ବିଭିନ୍ନ ଆନୁଷଙ୍ଗିକ ପ୍ରକଳ୍ପ ବାବଦକୁ ୧୬,୫୬୫ କୋଟି ଟଙ୍କା ପ୍ରଦାନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଏହା ୩୧,୦୧୦ କୋଟି ଟଙ୍କା ଋଣ ଦେବାକୁ ସକ୍ଷମ ହୋଇଛି। ଗତ ବର୍ଷ ପ୍ରଦାନ କରାଯାଇଥିବା ଋଣ ତୁଳନାରେ ଅଭିବୃଦ୍ଧି ୮୭% ରହିଛି। ୨୦୧୭ରେ ଏହା ଷ୍ଟକ ବଜାରରେ ପଞ୍ଜୀକୃତ ହୋଇଥିବା ବେଳେ ଟ୍ରିପଲ ଏ ରେଟିଂ ମାନ୍ୟତାକୁ ବଜାୟ ରଖିଛି। ୨୦୧୮ ଡିସେମ୍ବର ସୁଦ୍ଧା ହୁଡକୋର ମୋଟ ଏନ୍‌ପିଏ ୫.୮୨% ଏବଂ ନେଟ ଏନପିଏ ୦.୮୦% ରହିଛି। ଗୁଣବତ୍ତା ସହରାଞ୍ଚଳ ଭିତ୍ତିଭୂମି ବିକାଶ ଦିଗରେ ଏହା ନିରନ୍ତର ଭାବେ ଯୋଗଦାନ ରଖିଛି। ଏହାର ସାମାଜିକ ଏବଂ ବାଣିଜ୍ୟିକ ଭିତ୍ତିଭୂମି କ୍ଷେତ୍ରରେ ପ୍ରାୟ ୨୨୦୦ ଭିତ୍ତିଭୂମି ପ୍ରକଳ୍ପ ରହିଛି। ହୁଡ୍‌କୋ ପକ୍ଷରୁ ଓଡିଶା ସହରାଞ୍ଚଳ ଭିତ୍ତିଭୂମି ଫଣ୍ଡ ବୋର୍ଡକୁ ୨,୧୭୫ କୋଟି ଟଙ୍କାର ଋଣ ଦିଆଯାଇଥିବା ସୂଚନା ଦେଇଛି।

### ସିଇଓଙ୍କ କାର୍ଯ୍ୟାଳୟକୁ ଧସେଇ ପଶିବାକୁ ଉଦ୍ୟମ
## ୬୦ ଚାଷୀଙ୍କୁ ଗିରଫ କଲା ପୋଲିସ

ଭୁବନେଶ୍ୱର,୧୦।୪(ବ୍ୟୁରୋ): ଚାଷୀଙ୍କୁ ଅବହେଳା ଓ ଅଣଦେଖା କରୁଥିବା ରାଜନୈତିକ ଦଳ ବିରୋଧରେ ଅଭିଯୋଗ କରିବା ପାଇଁ ଦୀର୍ଘଦିନ ଧରି ଆନ୍ଦୋଳନ ଚଳାଇଥିବା ନବ ନିର୍ମାଣ କୃଷକ ସଂଗଠନର ସହାୟତାରେ ଆସିଥିବା କୃଷକମାନେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ସାକ୍ଷାତ୍ କରିବାକୁ ଚାହୁଁଥିଲେ । ମାତ୍ର ଏ ନେଇ ସମସ୍ତଙ୍କୁ ଅନୁମତି ମିଳି ନ ଥିଲା। ଅନୁମତି ନ ମିଳିବାରୁ ୬୦ରୁ ଊର୍ଦ୍ଧ୍ୱ ଚାଷୀ ସିଇଓଙ୍କ କାର୍ଯ୍ୟାଳୟକୁ ଧସେଇ ପଶିବାକୁ ଉଦ୍ୟମ କରିବାରୁ ପୋଲିସ ସେମାନଙ୍କୁ ଗିରଫ କରିଛି। ଗିରଫ ବେଳେ ଚାଷୀମାନଙ୍କ ସହ ପୋଲିସର ଧସ୍ତାଧସ୍ତି ହୋଇଥିଲା। ବହୁ ସଂଖ୍ୟାରେ ଚାଷୀ ନ ଆସି ଏକ ପ୍ରତିନିଧି ମଣ୍ଡଳୀକୁ ପଠାଇବା ପାଇଁ ସିଇଓ ଅନୁମତି ଦେଇଥିଲେ । ମାତ୍ର ସମସ୍ତ ଚାଷୀ ସିଇଓଙ୍କୁ ସାକ୍ଷାତ୍ କରିବାକୁ ଚାହୁଁଥିଲେ। ସମସ୍ତ ଚାଷୀଙ୍କୁ ଭେଟିବାକୁ ଅନୁମତି ମିଳି ନ ଥିଲା। ନବ ନିର୍ମାଣ କୃଷକ ସଂଗଠନ ମଧ ନିଜ ଜିଦ୍‌ରେ ଅଟଳ ରହି ସମସ୍ତ ଚାଷୀଙ୍କ ସହ ସିଇଓଙ୍କ ଆଲୋଚନା ଦାବି କରିଥିଲା। ନ ମାନିବାରୁ ସେମାନଙ୍କୁ ଗିରଫ କରାଯାଇଛି ବୋଲି ଭୁବନେଶ୍ୱର ଡିସିପି ଅନୁପ ସାହୁ କହିଛନ୍ତି। ନବ ନିର୍ମାଣ କୃଷକ ସଂଗଠନ ଚାଷୀଙ୍କୁ ପ୍ରାଇସ୍, ପ୍ରେସ୍ଟିଜ ଓ ପେନ୍‌ସନ ଦାବିରେ ବହୁଦିନରୁ ଆନ୍ଦୋଳନ ଚଳାଇ ଆସୁଛି। ନେତାମାନେ ସେମାନଙ୍କ ଦାବି ମାନୁ ନ ଥିବା ବେଳେ ଭୋଟ ପାଇଁ ଆସୁଛନ୍ତି।

### ■ ସୁନ୍ଦରଗଡ଼ରେ ନବୀନଙ୍କ ମାରାଥନ ପ୍ରଚାର
# ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କ ସେବା କରିବି

ସୁନ୍ଦରଗଡ଼ /ହେମଗିର/ବାଲିଶଙ୍କରା, ୧୦।୪ (ଡି.ଏନ୍.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସୁନ୍ଦରଗଡ଼ ଲୋକ ସଭା ଓ ଏହା ଅଧୀନ ୭ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ମାରାଥନ ପ୍ରଚାର କରିଛନ୍ତି। ଓଡ଼ିଶାବାସୀଙ୍କ ଆଶୀର୍ବାଦ ମିଳିଲେ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେମାନଙ୍କ ସେବା କରିବି ବୋଲି ନବୀନ କହିଛନ୍ତି। ସେ ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଝାରସୁଗୁଡ଼ାରେ ପହଞ୍ଚି ସେଠାରୁ ଏକ ସ୍ୱତନ୍ତ୍ର ହେଲିକେପ୍ଟର ଯୋଗେ ସୁନ୍ଦରଗଡ଼ ଜିଲା ହେମଗିରରେ ୧୦ଟା ୫୫ରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ନିର୍ବାଚନୀ ସଭାରେ ସୁନ୍ଦରଗଡ଼ ଲୋକ ସଭା ପ୍ରାର୍ଥୀ ସୁନିତା ବିଶ୍ୱାଳ ଓ ସୁନ୍ଦରଗଡ଼ ବିଧାନସଭା ପ୍ରାର୍ଥୀ ଯୋଗେଶ ସିଂଙ୍କ ସପକ୍ଷରେ ପ୍ରଚାର କରି ଭୋଟ ଭିକ୍ଷା କରିଥିଲେ। ଏହାପରେ ୧୧ଟା ୪୧ରେ ସେ ତଳସରା ନିର୍ବାଚନମଣ୍ଡଳୀର ତିଲେଇକାନି ଖେଳପଡିଆଠାରେ ଆୟୋଜିତ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ଆହୁରି କହିଥିଲେ, ସୁନ୍ଦରଗଡ଼ ହେଉଛି ହକିର ଜନ୍ମଭୂମି। ସାରା ବିଶ୍ୱରେ ଭାରତ ହକି ପାଇଁ ଗୌରବ ବଢାଇଛି। ଓଡ଼ିଶାରେ ତାଙ୍କ ସରକାର ବିଶ୍ୱକପ୍ ହକିର ଆୟୋଜନ କରିଥିଲା । କାଳିଆ ଯୋଜନାରେ ୪୦ଲକ୍ଷ ଚାଷୀ ସହାୟତା ପାଇଲେଣି। କିନ୍ତୁ କେନ୍ଦ୍ର ସରକାର ଏହି ଯୋଜନାକୁ ବନ୍ଦ ପାଇଁ ଚକ୍ରାନ୍ତ କରୁଛି। ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ଏହି କାଳିଆ ଯୋଜନାକୁ କେହି ବନ୍ଦ କରିପାରିବେ ନାହିଁ। ବିଜୁ ଜନତା ଦଳ ସରକାର ଚଳିତ ନିର୍ବାଚନରେ କ୍ଷମତାକୁ ଆସିବାର ପ୍ରଥମ ଦିନରେ ରାଜ୍ୟର ସବୁ ଚାଷୀ ଦ୍ୱିତୀୟ କିସ୍ତି ପାଇବେ। କେନ୍ଦ୍ରର ବଡ ବଡ ନେତା ଘନଘନ ଓଡିଶା ଗସ୍ତ କରି କେବଳ ମିଥ୍ୟା ପ୍ରତିଶ୍ରୁତି ଦେଇ ଭୁଆଁ ବୁଲାଉଛନ୍ତି। ନିର୍ବାଚନ ଆସିଲେ କେବଳ ସେତେବେଳେ ଓଡ଼ିଶାର ବିକାଶ କଥା ମନେପଡେ। ଗତ ୫ବର୍ଷରେ ସେମାନେ ଦେଇଥିବା ପ୍ରତିଶ୍ରୁତି ରାଉରକେଲାରେ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ଓ ସୁପର ସ୍ପେଶାଲିଟି ହସ୍ପିଟାଲ କୁଆଡେ ଗଲା ବୋଲି ସେ ପ୍ରଶ୍ନ କରିଥିଲେ। ସେହିପରି ଏସସି, ଏସଟି ପିଲାଙ୍କର ଷ୍ଟାଇପେଣ୍ଡ କେନ୍ଦ୍ର କାହିଁକି ବନ୍ଦ କରିଦେଲା। ଚାଷୀ ବୀମା କରି କାହିଁକି ହଇରାଣ ହେଉଛନ୍ତି। କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ଓଡିଶାର ସୁନ୍ଦରଗଡର ଜଣେ କ୍ୟାବିନେଟ ମନ୍ତ୍ରୀ ଅଛନ୍ତି। ସେ ସବୁ ଜାଣିଛନ୍ତି। ମାତ୍ର ସେ ତାଙ୍କ ହାଇକମାଣ୍ଡଙ୍କ ସକାଶେ ମୁହଁ ବନ୍ଦ କରି ବସିଛନ୍ତି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ତାଙ୍କର କେହି ହାଇକମାଣ୍ଡ ନାହାନ୍ତି। ତାଙ୍କର ହାଇକମାଣ୍ଡ ହେଉଛନ୍ତି ତାଙ୍କର ପ୍ରିୟ ଓଡିଶାବାସୀ।

ହେମଗିରଠାରେ ଆୟୋଜିତ ନିର୍ବାଚନୀ ସଭାରେ ଲୋକ ସଭା ପ୍ରାର୍ଥିନୀ ସୁନିତା ବିଶ୍ୱାଳ, ସୁନ୍ଦରଗଡ ବିଧାୟକ ପ୍ରାର୍ଥୀ ଯୋଗେଶ କୁମାର ସିଂ, ପଶ୍ଚିମ ଓଡିଶା ବିକାଶ ପରିଷଦର ପୂର୍ବତନ ଅଧ୍ୟକ୍ଷା ରାଣୀ ପଦ୍ମିନୀ ଶେଖର ଦେଓ, ବିଜେଡି ଛାତ୍ର ନେତା ବୈକୁଣ୍ଠ ନାଏକ, ଲଲାଟ ପରିଡା, ସୁକାନ୍ତ ପତି, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ସୁମନ୍ତ ପଣ୍ଡା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ତଳସରା ନିର୍ବାଚନ ମଣ୍ଡଳୀ ତିଲେଇକାନିଠାରେ ଆୟୋଜିତ ନିର୍ବାଚନୀ ସଭାରେ ଲୋକ ସଭା ପ୍ରାର୍ଥିନୀ ବିଶ୍ୱାଳଙ୍କ ସମେତ ତଳସରା ବିଜେଡି ବିଧାୟକ ପ୍ରାର୍ଥୀ ଷ୍ଟିପେନ ଉଇଲସନ ସୋରେଙ୍ଗ, ଜିଲାଯୁବ ବିଜେଡି ସଭାପତି ଦେବେନ୍ଦ୍ର ମାଝି, ବିନୟ ଟପ୍ପୋ, ଶିଶିର କୁମାର ସାହୁ , ବିନୋଦ କୁଜୁର, ମନୋଜ ପଟେଲ, ଜୟନ୍ତୀ ଏକ୍କା, ରାଜକୁମାର ଶତପଥୀ, ଜନସନ ସୋରେଙ୍ଗ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହା ପରେ ରାଜଗାଙ୍ଗପୁର ନିର୍ବାଚନମଣ୍ଡଳୀର ଜାମପାଲି, ବଣାଇ ନିର୍ବାଚନମଣ୍ଡଳୀ, ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ରାଏବଗାଠାରେ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା ପରେ ରାଉରକେଲାରେ ରୋଡ ଶୋ ମାଧ୍ୟମରେ ରାଉରକେଲା ଓ ରଘୁନାଥପାଲି ନିର୍ବାଚନମଣ୍ଡଳୀର ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ହାଇଟେକ ପ୍ରଚାର କରିଥିଲେ।


ହେମଗିର ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

# ପୂର୍ବତନ କର୍ପୋରେଟରଙ୍କ ସମେତ ୨ ଗିରଫ


ପୋଲିସ ପୂର୍ବତନ କର୍ପୋରେଟର ରଞ୍ଜିତା ବିଶ୍ୱାଳ ଓ ଆଲୋକ ପୃଷ୍ଟିଙ୍କୁ କୋର୍ଟକୁ ନେଉଛି।

**ଡି ବ୍ରଦର୍ସ ଲିଙ୍କ୍**

- ଜେଲ୍‌ରେ ରହି ରଞ୍ଜିତାଙ୍କ ମାଧମରେ ଚଳାଉଥିଲେ ଆପରାଧିକ କାରବାର
- ୩ ବନ୍ଧୁକ, ୭ ଗୁଳି, ଲୁହା ବ୍ୟାରେଲ ଜବତ
- ଅପରାଧୀଙ୍କୁ ବନ୍ଧୁକ ଯୋଗାଉ ଥିଲେ ରଞ୍ଜିତା


ଜବତ ହୋଇଥିବା ବନ୍ଧୁକ ଓ ଗୁଳି।

କଟକ ଅଫିସ, ୧୦।୪

୨୦୧୬ ଜୁନ୍ ମାସରେ କମିଶନରେଟ୍ ପୋଲିସ ବେଆଇନ ଅସ୍ତ୍ରଶସ୍ତ୍ର କାରବାର ଓ ବିଭିନ୍ନ ଆପରାଧିକ ମାମଲାରେ ସୁଶୀଲ ଧଳସାମନ୍ତ ଓ ସୁଶାନ୍ତ ଧଳସାମନ୍ତ (ଡି ବ୍ରଦର୍ସ)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେମାନେ ସେବେଠାରୁ ଜେଲରେ ଅଛନ୍ତି। ହେଲେ ସେଠାରେ ରହି ମଧ ଡି ବ୍ରଦର୍ସ ସେମାନଙ୍କର ଆପରାଧିକ କାରବାର ଚଳାଉଛନ୍ତି। ଯାହା ବୁଧବାର କମିଶନରେଟ୍ ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ ଏବଂ ଚାଉଳିଆଗଞ୍ଜ ପୋଲିସ ମିଳିତ ଭାବେ ଗିରଫ କରିଥିବା ଦୁଇ ଅଭିଯୁକ୍ତଙ୍କୁ ପଚରାଉଚରା ପରେ ସ୍ପଷ୍ଟ ହୋଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ କଟକ ମହାନଗର ନିଗମ(ସିଏମ୍‌ସି) ୭ ନଂ. ୱାର୍ଡର ପୂର୍ବତନ କର୍ପୋରେଟର ରଞ୍ଜିତା ବିଶ୍ୱାଳ(୨୯) ଓ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ମଙ୍ଗଳାସାହି ଅଞ୍ଚଳର ଆଲୋକ ପୃଷ୍ଟି(୨୭)। ପୋଲିସ ସେମାନଙ୍କଠାରୁ ବନ୍ଧୁକ, ଗୁଳି ଓ ଏକ ଲୁହା ବ୍ୟାରେଲ ଜବତ କରିଛି। ଏ ନେଇ ପୋଲିସ ଆର୍ମ୍ସ ଆକ୍ଟ ୨୫(୧)(ଏ)(ଆଇ-ଏ)ରେ ଏକ ମାମଲା(ନଂ.୧୧୦/୧୯) ରୁଜୁ କରିଛି। ଗିରଫ ପରେ ଉଭୟ ଅଭିଯୁକ୍ତଙ୍କୁ କଟକ ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ସେଠାରେ ସେମାନଙ୍କ ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି। ତେବେ ଉଭୟ ଅଭିଯୁକ୍ତ ଡି ବ୍ରଦର୍ସ ଲିଙ୍କ୍‌ରେ ଥିବାବେଳେ ରଞ୍ଜିତା ମାଷ୍ଟରମାଇଣ୍ଡ ଥିବା ପୋଲିସ ସୂଚନା ଦେଇଛି। ରଞ୍ଜିତାଙ୍କ ମାଧ୍ୟମରେ ଡି ବ୍ରଦର୍ସ ଜେଲରେ ରହି ସେମାନଙ୍କ ଆପରାଧିକ କାରବାର ଚଳାଉଥିବା ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି। ଏହି ଲିଙ୍କ୍‌ରେ ଆଉ କେତେଜଣ ଅଭିଯୁକ୍ତ ସାମିଲ ଥିବା ଜଣାପଡିଛି। ସେମାନଙ୍କୁ ଧରିବା ପାଇଁ ପୋଲିସ ଚଢାଉ ଜାରି ରଖିଥିବା ଡିସିପି କହିଛନ୍ତି।

ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅପରେଶନ ଜାରି ରହିଥିବାବେଳେ ପୋଲିସ ଅଭିଯୁକ୍ତ ଆଲୋକଙ୍କ ଉପରେ କଡା ନଜର ରଖିଥିଲା। ଆଲୋକଙ୍କ ପାଖରେ କିଛି ମାରଣାସ୍ତ୍ର ଥିବା ମଙ୍ଗଳବାର ବିଳମ୍ବିତ ରାତିରେ ପୋଲିସ ସୂଚନା ପାଇଥିଲା। ପରେ କମିଶନରେଟ୍ ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ ଏବଂ ଚାଉଳିଆଗଞ୍ଜ ପୋଲିସ ମିଳିତ ଭାବେ ଆଲୋକଙ୍କ ଘରେ ଚଢାଉ କରିଥିଲେ। ଯାଞ୍ଚବେଳେ ଆଲୋକଙ୍କ ପାଖରୁ ଏକ ବନ୍ଧୁକ, ଦୁଇଟି ଗୁଳି ଓ ଏକ ଲୁହା ବ୍ୟାରେଲ ଜବତ କରାଯାଇଥିଲା। ପରେ ତାଙ୍କୁ ପଚରାଉଚରା କରାଯିବାରୁ ସେ ଡି ବ୍ରଦର୍ସ ଲିଙ୍କ୍‌ରେ ରହିଥିବା ପୋଲିସ ନିକଟରେ ମାନିଥିବାବେଳେ ଉକ୍ତ ବନ୍ଧୁକ ସେ ରଞ୍ଜିତାଙ୍କ ଠାରୁ ଆଣିଥିବା କହିଥିଲେ। ଏହାପରେ ପୋଲିସ ବିଡାନାସୀ ସ୍ଥିତ ରଞ୍ଜିତାଙ୍କ ଘର ଉପରେ ଚଢାଉ କରି ୯ ଏମ୍‌ଏମ୍, ୭ ଏମ୍‌ଏମ୍‌ର ଦୁଇଟି ବନ୍ଧୁକ ସହ ୫ଟି ଗୁଳି ଜବତ କରିଥିଲା। ଉଭୟଙ୍କୁ ପୋଲିସ ଗିରଫ କରି ପଚରାଉଚରା କରିବାରୁ ଜଣାପଡିଥିଲା ଯେ, ଡି ବ୍ରଦର୍ସଙ୍କ ସହଯୋଗୀ ଭାବେ ସେମାନେ କାର୍ଯ୍ୟ କରୁଥିଲେ। ଡି ବ୍ରଦର୍ସ ରଞ୍ଜିତାଙ୍କ ସହ ପ୍ରତ୍ୟକ୍ଷ ଯୋଗାଯୋଗରେ ରହି ତାଙ୍କ ଦ୍ୱାରା ସେମାନେ ଆପରାଧିକ କାରବାର ଚଳାଉଥିଲେ। ଟେଣ୍ଡର ଫିକ୍ସିଂ, ଡକାୟତି, ଦାଦାବଟି, ଯୁବପିଢିଙ୍କୁ ଆପରାଧିକ କାରବାରରେ ସାମିଲ ଆଦି କାର୍ଯ୍ୟ ସେମାନେ ଚଳାଉଥିଲେ। କେତେବେଳେ, କେଉଁଠି, କ'ଣ କାରବାର କରାଯିବ ରଞ୍ଜିତାଙ୍କ ମାଧ୍ୟମରେ ଡି ବ୍ରଦର୍ସ ତାଙ୍କ ଗ୍ୟାଙ୍ଗର ସହଯୋଗୀମାନଙ୍କୁ ସୂଚନା ଦେଉଥିଲେ। ଗ୍ୟାଙ୍ଗର ସହଯୋଗୀମାନେ କୌଣସି ଆପରାଧିକ କାର୍ଯ୍ୟ କରିବା ପାଇଁ ରଞ୍ଜିତାଙ୍କ ଠାରୁ ବନ୍ଧୁକ ନେଉଥିଲେ। କାର୍ଯ୍ୟ ସରିବା ପରେ ପୁଣି ଆଣି ରଞ୍ଜିତାଙ୍କୁ ବନ୍ଧୁକ ଫେରାଇ ଦେଉଥିଲେ। ତେବେ ଏହି ନିର୍ବାଚନ ସମୟରେ ବଳପୂର୍ବକ ଟଙ୍କା ଆଦାୟ କରିବା ପାଇଁ ଡି ବ୍ରଦର୍ସ ଯୋଜନା କରିବା ସହ ଏଥିପାଇଁ ବହୁ ଅସ୍ତ୍ରଶସ୍ତ୍ର ବାହାରୁ ମଗାଇଛନ୍ତି ବୋଲି ସେମାନେ ପୋଲିସ ସମ୍ମୁଖରେ ମାନିଥିଲେ। ତେବେ ସେମାନେ କେଉଁଠୁ ଅସ୍ତ୍ରଶସ୍ତ୍ର ମଗାଉଥିଲେ, ଜେଲ୍‌ରେ ରହି କିପରି ରଞ୍ଜିତାଙ୍କ ସହ ଯୋଗାଯୋଗ କରୁଥିଲେ, କିପରି ଆପରାଧିକ କାରବାର ଚଳାଉଥିଲେ, ଏଥିରେ ଆଉ କାହାର ସମ୍ପୃକ୍ତି ରହିଛି, ଏଭଳି କେତେକ ଦିଗ ଉପରେ ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା ଡିସିପି କହିଛନ୍ତି। ଆଲୋକଙ୍କ ବିରୋଧରେ ଚାଉଳିଆଗଞ୍ଜ ଥାନାରେ ୪, ରଞ୍ଜିତାଙ୍କ ବିରୋଧରେ ସଦର ଏବଂ ଚାଉଳିଆଗଞ୍ଜ ଥାନାରେ ଗୋଟିଏ ଲେଖାଏ ଆପରାଧିକ ମାମଲା ଥିବା ପୋଲିସ ସୂଚନା ଦେଇଛି।

ସୂଚନାଯୋଗ୍ୟ, ୨୦୧୮ ମାର୍ଚ୍ଚରେ କଟକସଦର ପୋଲିସ ଡି ବ୍ରଦର୍ସ ଲିଙ୍କ୍‌ରେ ଥିବା ଅଭିଯୋଗରେ ରଞ୍ଜିତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସେ ଜାମିନରେ ଆସିଥିଲେ।

## ଭାଜପା ସରକାର ଗଢ଼ିବାର ୩ ମାସ ମଧ୍ୟରେ ପେସା ଆଇନ ଲାଗୁହେବ

ଭୁବନେଶ୍ୱର, ୧୦।୪(ବ୍ୟୁରୋ)

ଓଡିଶାରେ ପ୍ରାୟ ୧କୋଟି ଆଦିବାସୀ ବସବାସ କରୁଛନ୍ତି। ହେଲେ ବିଜେଡି ସରକାର ସବୁବେଳେ ସେମାନଙ୍କୁ ଅଣଦେଖା କରିଚାଲିଛି । ଗତ ୧୯ବର୍ଷରେ ବିଜେଡି ସରକାର ପେସା ଆଇନ କାର୍ଯ୍ୟକାରୀ କରିପାରିଲେ ନାହିଁ । ମାତ୍ର ରାଜ୍ୟରେ ଭାଜପା ସରକାର ଆସିବାର ୩ମାସ ମଧ୍ୟରେ ପେସା ଆଇନ ଲାଗୁ କରିବ । ସେହିପରି ଆମ ଗାଁ ଆମ ବିକାଶ, ପିଠା ଯୋଜନାରେ ଆଦିବାସୀ ଅଞ୍ଚଳରେ ଗ୍ରାମସଭାକୁ ଉପେକ୍ଷା କରାଯାଇଛି। ସ୍ଥାୟୀ ଜାତି ପ୍ରମାଣପତ୍ର ପ୍ରଦାନ କରିବାରେ ଅବହେଳା କରାଯାଉଛି । ଜଙ୍ଗଲ ଅଧିକାର ଓ ଅନ୍ୟ ରାଜସ୍ୱ ଆଇନରେ ପଟ୍ଟା ଜମି ଚିହ୍ନଟ, ଖଜଣା, ଧାନବିକ୍ରି, କୃଷିଋଣ ଦିଆଯାଉ ନାହିଁ। ସରକାରକୁ ଆସିଲେ ଜଙ୍ଗଲ ଅଧିକାର ଆଇନର କାର୍ଯ୍ୟକାରିତାକୁ ଆମେ ସୁନିଶ୍ଚିତ କରିବା ସହିତ ଗ୍ରାମସଭାର କ୍ଷମତାକୁ ଗୁରୁତ୍ୱ ଦେବୁ ବୋଲି ଭାଜପା ଅନୁସୂଚିତ ଜନଜାତି ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରିୟବ୍ରତ ମାଝି କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରିୟବ୍ରତ କହିଛନ୍ତି, ନିର୍ବାଚନ ଥିବାରୁ ବିଜେଡି ଆଦିବାସୀମାନଙ୍କ କଥା ଉଠାଉଛି । ଆଦିବାସୀମାନଙ୍କ ବିକାଶ ପାଇଁ କିଛି କରି ନ ଥିବା ବିଜେଡି ଏବେ ଭୋଟ ହାତେଇବା ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । ଆଦିବାସୀ କନ୍ୟାଶ୍ରମ ଓ ଛାତ୍ରୀ ନିବାସ ଗୁଡିକରେ ଅତ୍ୟାଚାର ବଢିଥିବାବେଳେ ରାଜ୍ୟ ସରକାର ଚୁପ ରହିଛନ୍ତି । ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ନିର୍ଭର କରୁଥିବା ଆଦିବାସୀଙ୍କୁ ରାଜ୍ୟ ସରକାର ଉଚିତ୍ ମୂଲ୍ୟ ଦେଉ ନାହାନ୍ତି । ଆମ ସରକାର ଆସିଲେ ଅନାବାଦୀ ଜମିରେ ଚାଷ କରୁଥିବା ଭୂମିହିନ ଆଦିବାସୀଙ୍କୁ ଜମି ପଟ୍ଟା ପ୍ରଦାନ କରିବୁ। ଆଦିବାସୀ ଅଧ୍ୟୁଷିତ ଛୋଟ ପଡ଼ା ଓ ଗାଁକୁ ମୁଖ୍ୟ ସଡ଼କ ସହ ସଂଯୋଗ କରିବା ପାଇଁ ବନବାସୀ କଲ୍ୟାଣ ଗ୍ରାମ ସଡ଼କ ଯୋଜନା ଆରମ୍ଭ କରିବୁ। ମିଶନ ମୋଡ଼ରେ ୨୦୨୨ ସୁଦ୍ଧା ଏହାକୁ ସମ୍ପୂର୍ଣ୍ଣ କରାଯିବ। ଆଦିବାସୀମାନେ ଯେପରି ସେମାନଙ୍କ ଉତ୍ପାଦର ଉପଯୁକ୍ତ ମୂଲ୍ୟ ପାଇପାରିବେ ସେଥିପାଇଁ ଆମେ ସମସ୍ତ ଲଘୁ ବନଜାତ ଦ୍ରବ୍ୟକୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)ରେ କ୍ରୟ କରିବାକୁ ପ୍ରତିଶ୍ରୁତି ଦେଉଛୁ। କ୍ରୟ ହେବାର ଏକ ସପ୍ତାହ ମଧ୍ୟରେ ସହାୟକ ମୂଲ୍ୟ ପ୍ରଦାନକୁ ସୁନିଶ୍ଚିତ କରାଯିବ ବୋଲି ପ୍ରିୟବ୍ରତ କହିଛନ୍ତି।


## ମନେ ପଡ଼ନ୍ତି

Sixth Death Anniversary



Late Kishore Chandra Mishra
Assistant Engineer (Civil)
DOB: 25.10.1955
DOD: 16.04.2013
As we struggle to accept that your presence and immense wishdom will no longer be there to guide us. We draw strength & inspiration from the joy and lasting memories that you have left behind in our lives. In grief: Wife-Vijaylaxmi, Daughter-Ranu, Son-Babu, Friends and relatives.
D-58076

୧୮ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ରଥ
(ପଟ୍ଟଯୋଶୀ)
ତିରୋଧାନ: ୩୧ ।୦୩।୨୦୦୧
୧୮ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆପଣଙ୍କ ପ୍ରିୟ ପରିବାରବର୍ଗ ଓ କର୍ମଚାରୀବୃନ୍ଦ Link Industries, Mancheswar Industrial Estate, Bhubaneswar.
D-12073

ଦ୍ୱାଦଶାହ ଉପଲକ୍ଷେ




ଏ ଅନ୍ତର୍ଯ୍ୟାମୀ ଆଚାର୍ଯ୍ୟ
(ଓୟୁଏଟିସ୍ଥ କୃଷି କଲେଜ ପ୍ରଫେସର)
ଫ୍ରେଣ୍ଡସ୍ କଲୋନୀ, ବରମୁଣ୍ଡା, ସତ୍ତୋଷୀରୋଡ୍
ଆବିର୍ଭାବ : ୧୨.୦୧.୧୯୫୨
ତିରୋଧାନ : ୩୧.୦୩.୨୦୧୯
(ରବିବାର)
ଆପଣଙ୍କର ପବିତ୍ର ଆତ୍ମାର ଶାନ୍ତି, ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଆପଣ ଯେଉଁଠି ବି ଥାଆନ୍ତୁ ଭଲରେ ଥାଇ ଆମକୁ ଆଶୀର୍ବାଦ କରନ୍ତୁ।
ଶୋକସନ୍ତପ୍ତ : ଧର୍ମପତ୍ନୀ - ବିଷ୍ଣୁପ୍ରିୟା, ଜ୍ୟେଷ୍ଠପୁତ୍ର - ସୁନୀଲ, ପୁତ୍ରବଧୂ - ରୁଚିପର୍ଣ୍ଣା, କନିଷ୍ଠପୁତ୍ର - ସୁଦୀପ, ପୁତ୍ରବଧୂ - ରେନି, ନାତି - ଅର୍ଜୁନ, ପରିବାର ଓ ଆତ୍ମୀୟସ୍ୱଜନ
D-66123

ଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସାବିତ୍ରୀ ମହାନ୍ତି
ଗେଲୁଟୁଆ, ଭଦ୍ରକ
ଆବିର୍ଭାବ: ୨୮ ।୦୧ ।୧୯୪୮
ତିରୋଧାନ: ୦୨ ।୦୪ ।୨୦୧୯
ପରମ ପୂଜନୀୟା ବୋଉ, ଆପଣଙ୍କୁ କୋଟି କୋଟି ପ୍ରଣାମ। ଆପଣଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ, ଅନାବିଳ ସ୍ନେହ, ନିଷ୍ଠାପର କାର୍ଯ୍ୟ ନିପୁଣତା ଆମ ସମସ୍ତଙ୍କର ଜୀବନର ଧ୍ୟେୟ ହେଉ। ଆପଣଙ୍କ ପ୍ରଦତ୍ତ ଆଲୋକ ରୂପକ ଆଶୀର୍ବାଦରେ ଆଲୋକିତ ହେଉଥାଉ ଏ ପରିବାର। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ଆମ ସମସ୍ତଙ୍କର ବିନମ୍ର ନିବେଦନ। ଇତି ଆପଣଙ୍କର ଶୋକସନ୍ତପ୍ତ: ପରିବାରବର୍ଗ।
ଧ-୧୨୦୬୬

ଦ୍ୱାଦଶାହ ଅବସରରେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ରଞ୍ଜିତା କୁମାରୀ ପାତ୍ର
ପ୍ରଧାନ ଶିକ୍ଷୟିତ୍ରୀ
ରଙ୍ଗବାଲିକୁମ୍ଭା, କୋରାପୁଟ
ଆବିର୍ଭାବ: ତା ୧୫।୦୮।୧୯୬୨
ତିରୋଧାନ: ତା ୩୧ ।୩।୨୦୧୯
ସ୍ୱା: ଶୁଭେନ୍ଦ୍ର କୁମାର ପାତ୍ର
ଏସଡିଓ, କ୍ଷୁଦ୍ର ଜଳସେଚନ ବିଭାଗ, ଲକ୍ଷ୍ମୀପୁର
ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ଧୈର୍ଯ୍ୟ, ସ୍ନେହ, ଶ୍ରଦ୍ଧା, ଭଲପାଇବା, ପରୋପକାରପଣିଆ ତଥା ଶୋଭନୀୟ ମଣିଷପଣିଆ ଆମ୍ଭମାନଙ୍କ ପାଇଁ ଚିରସ୍ମରଣୀୟ ହୋଇରହିବ। ତୁମର ଆଶୀର୍ବାଦ ସଦାସର୍ବଦା ଆମ୍ଭମାନଙ୍କ ଉପରେ ଥାଉ। ଆପଣଙ୍କର ପବିତ୍ର ଅମର ଆତ୍ମା ଚିର ଶାନ୍ତି ଲାଭ କରୁ, ଏହା ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ କୋଟି କୋଟି ପ୍ରାର୍ଥନା। ଶୋକସନ୍ତପ୍ତ: ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୧୨୦୭୦

Your Classified Advertisement published in Dharitri will be listed free in Dharitri Online Edition: www.dharitri.com


# ପାଟଦର୍ହା ଜଙ୍ଗଲରେ ମାଓବାଦୀ ଯବାନ ଗୁଳି ବିନିମୟ

ନୂଆପଡ଼ା ଅଫିସ/ବୋଡେନ,୧୦।୪

ନୂଆପଡ଼ା ଜିଲା ସଦର ମହକୁମାଠାରୁ ୧୦୦ କି.ମି. ଦୂର ବୋଡେନ ଥାନା ପାଟଦର୍ହା ଜଙ୍ଗଲରେ ବୁଧବାର ପୂର୍ବାହ୍ନ ୧୧ଟାରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଯବାନଙ୍କ ଆକ୍ରମଣକୁ ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଛନ୍ତି। ପୋଲିସ ସେଠାରେ ଏକ କ୍ୟାମ୍ପ ଠାବ କରିବା ସହ ମାଓବାଦୀଙ୍କ ବ୍ୟବହୃତ ବହୁ ସାମଗ୍ରୀ ଜବତ କରିଛି। ଏ ନେଇ ନୂଆପଡା ଏସ୍‌ପି ସ୍ମିତ ପରମାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସାଧାରଣ ନିର୍ବାଚନକୁ ବିରୋଧ କରି ଆସୁଥିବା ମାଓବାଦୀଙ୍କ ଉପରେ ପୋଲିସ କଡ଼ା ନଜର ରଖିଥିବା ସେ କହିଛନ୍ତି ।

ବୁଧବାର ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି କହିଛନ୍ତି, ଜିଲାରେ ଅବାଧ ଏବଂ ସ୍ୱଚ୍ଛ ନିର୍ବାଚନ ପରିଚାଳନା ସକାଶେ ନୂଆପଡ଼ା ପୋଲିସ ଜିଲାର ଦୁର୍ଗମ ଏବଂ ଛତିଶଗଡ଼ ସୀମାନ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରିଛି। ଏହି କ୍ରମରେ ପାଟଦର୍ହା ଜଙ୍ଗଲରେ ମଙ୍ଗଳବାର ସନ୍ଧ୍ୟାରେ ସିଆର୍‌ପିଏଫ୍, ଏସ୍‌ଓଜି ଓ ଡିଭିଏଫ୍ ଯବାନମାନେ କୋମ୍ବିଂ ଅପରେଶନ କରୁଥିଲେ। ଏହି ସମୟରେ କୋଦୋଭଟା ଗାଁ ନିକଟରେ ମାଓବାଦୀଙ୍କ ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ମାଓବାଦୀମାନେ ପୋଲିସ ଉପରକୁ ପ୍ରଥମେ ଗୁଳି ଚଳାଇଥିଲେ। ପରେ ଯବାନମାନେ ଏହାର ପାଲଟା ଜବାବ ଦେଇଥିଲେ। ଦୀର୍ଘ ସମୟ ଧରି ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ହେବାପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ୨୫ରୁ ଊର୍ଦ୍ଧ୍ୱ ମାଓବାଦୀ ଏହି ଗୁଳିବିନିମୟରେ ସାମିଲ ହୋଇଥିବା ଅନୁମାନ କରାଯାଉଛି। ସେଠାରେ ଏକ ମାଓବାଦୀ କ୍ୟାମ୍ପ ଠାବ କରାଯାଇଛି। ସେହି କ୍ୟାମ୍ପରୁ ମାଓବାଦୀଙ୍କ ଦ୍ୱାରା ବ୍ୟବହୃତ ବହୁ ୟୁନିଫର୍ମ, ଜିଲୋଟିନ, ଡେଟୋନେଟର, ଇନସାସ ମ୍ୟାଗାଜିନ, ମାଓବାଦୀଙ୍କ ପୁସ୍ତିକା ଆଦି ଜବତ କରାଯାଇଛି।

ସୂଚନାଯୋଗ୍ୟ, ଜିଲାର ୬୮ ବୁଥକୁ ମାଓବାଦୀ ପ୍ରଭାବିତ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି। ଉପରୋକ୍ତ ଅଞ୍ଚଳରେ ସୁରକ୍ଷିତ ନିର୍ବାଚନ ଏବଂ ଶାନ୍ତିର ବାତାବରଣ ଫେରାଇ ଆଣିବାକୁ ୪୭ଟି ଟିମକୁ ନେଇ କୋମ୍ବିଂ ଅପରେଶନ ଚାଲୁ ରହିଛି। ଦିନରାତି ଜିଲାର ସୀମାନ୍ତବର୍ତ୍ତୀ ଅଞ୍ଚଳଗୁଡିକରେ ଯବାନମାନେ ପ୍ରହରା ଦେଉଥିବା ଏସ୍‌ପି କହିଛନ୍ତି।


କ୍ୟାମ୍ପରୁ ଉଦ୍ଧାର କରାଯାଇଥିବା ମାଓବାଦୀଙ୍କ ବିଭିନ୍ନ ସାମଗ୍ରୀ।

**କ୍ୟାମ୍ପ ଠାବ, ବହୁ ସାମଗ୍ରୀ ଜବତ**

## ଆଜିର ମ୍ୟାଚ



ରାଜସ୍ଥାନ ରୟାଲ୍ସ
ବନାମ
ଚେନ୍ନାଇ ସୁପରକିଙ୍ଗ୍ସ

ପ୍ରସାରଣ
ସ୍ଥାନ : ଜୟପୁର
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

“ ଦିଲ୍ଲୀ କ୍ୟାପିଟାଲ୍ସ ଏକ ଯୁବ ଦଳ। ମ୍ୟାଚ୍ ଫିନିଶିଂ କରିବାର ଦକ୍ଷତା ସେମାନଙ୍କ ନିକଟରେ ଅଭାବ ରହିଛି। ଗୁରୁତ୍ୱପୂର୍ଣ୍ଣ ସମୟକୁ କବ୍‌ଜା କରିପାରିଲେ ଆମେ ନିଶ୍ଚୟ ମ୍ୟାଚ୍ ଜିତିପାରିବୁ।

– କାଗିସୋ ରାବାଡା, ଦିଲ୍ଲୀ କ୍ୟାପିଟାଲ୍ସ ଦ୍ରୁତ ବୋଲର



“ ଚେନ୍ନାଇ ସୁପର୍ କିଙ୍ଗ୍ସ ବିପକ୍ଷରେ ଆନ୍ଦ୍ରେ ରସେଲ ଯେଉଁଭଳି ବ୍ୟାଟିଂ ପ୍ରଦର୍ଶନ କଲେ ସମସ୍ତ ଶ୍ରେୟ ତାଙ୍କୁ ଦିଆଯିବ। ଏହି ମ୍ୟାଚ୍‌ରେ ସେ ଜଣେ ଅଭିଜ୍ଞ ବ୍ୟାଟ୍ସମ୍ୟାନ ଭଳି ଖେଳିଥିଲେ ।

– ଦୀନେଶ କାର୍ତ୍ତିକ, କୋଲକାତା ନାଇଟ୍ ରାଇଡର୍ସ ଅଧିନାୟକ




# ଶୀର୍ଷକୁ ଫେରିଲା ଚେନ୍ନାଇ

ଚେନ୍ନାଇ,୧୦।୪(ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୨୩ତମ ମ୍ୟାଚ୍‌ରେ ଘରୋଇ ଚେନ୍ନାଇ ସୁପର କିଙ୍ଗ୍ସ ୧୬ଟି ବଲ ବାକିଥାଇ ୭ ଉଇକେଟରେ କୋଲକାତା ନାଇଟ ରାଇଡର୍ସକୁ ପରାସ୍ତ କରିଛି। ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଏହି ଲୋ- ସ୍କୋରିଂ ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା କୋଲକାତା ୯ ଉଇକେଟ ହରାଇ ୧୦୮ ରନ ସଂଗ୍ରହ କରିଥିଲା। ଜବାବରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଚେନ୍ନାଇ ୧୭.୨ ଓଭରରେ ୩ ଉଇକେଟ ହରାଇ ୧୧୧ ରନ କରି ବିଜୟ ହାସଲ କରିଥିଲା। ଏହି ବିଜୟ ସହ ଚେନ୍ନାଇ ୬ଟି ମ୍ୟାଚ୍ ଖେଳି ୫ଟି ବିଜୟ ଓ ଗୋଟିଏ ପରାଜୟ ସହ ମୋଟ ୧୦ ପଏଣ୍ଟ ହାସଲ କରି ତାଲିକାର ଶୀର୍ଷକୁ ଫେରିଛି। ୨୦ ରନ ଦେଇ ମୂଲ୍ୟବାନ ୩ ଉଇକେଟ ହାସଲ କରିଥିବା ଚେନ୍ନାଇ ବୋଲର ଦୀପକ ଚହର ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୦୯ ରନର ଛୋଟିଆ ବିଜୟ ଲକ୍ଷ୍ୟର ପିଛା କରି ଚେନ୍ନାଇ ସତର୍କତାର ସହ ଆରମ୍ଭ କରିଥିଲା। ଓପନର ଶେନ ୱାଟସନ ୧୭ ଓ ସୁରେଶ ରାଇନା ୧୪ ରନ କରିଥିବା ବେଳେ ସୁନୀଲ ନାରିନଙ୍କ ଦ୍ୱାରା ଆଉଟ ହୋଇଥିଲେ। ଦୁର୍ବଳ ଫର୍ମ ଦେଇ ଗତି କରୁଥିବା ଅମ୍ବାତି ରାୟୁଡୁ ୩୧ଟି ବଲର ସମ୍ମୁଖୀନ ହୋଇ ମାତ୍ର ୨୧ ରନ କରି ପୀୟୂଷ ଚାୱ୍‌ଲାଙ୍କ ଦ୍ୱାର ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ତୃତୀୟ ଉଇକେଟ ଯୋଡିରେ ରାୟୁଡୁ ଓ ଫାଫ ଡୁପ୍ଲେସି ୪୬ ରନ ସଂଗ୍ରହ କରିଥିଲେ। ଡୁପ୍ଲେସି ୪୫ ବଲରୁ ୩ ଚୌକା ସହ ୪୩ ଓ କେଦାର ଯାଦବ ୮ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ଚତୁର୍ଥ ଉଇକେଟ ଯୋଡିରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୧୭ ବଲରୁ ଅପରାଜିତ ୩୦ ରନ ସଂଗ୍ରହ କରିଥିଲେ। ବୋଲିଂରେ କୋଲକାତା ତରଫରୁ ନାରିନ ୨ ଓ ଚାୱ୍‌ଲା ଗୋଟିଏ ଉଇକେଟ ହାସଲ କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଫଳରେ ଦଳ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଥିଲା। ୩ଜଣଙ୍କୁ ବାଦ୍ ଦେଲେ ବାକି ୮ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଦଳ ଏକଦା ୪୭ ରନରେ ୬ ଉଇକେଟ ହରାଇଥିଲା। ତେବେ ଆନ୍ଦ୍ରେ ରସେଲ ଧୈର୍ଯ୍ୟପୂର୍ଣ୍ଣ ୫୦ ରନ (୪୪ ବଲ, ୫ ଚୌକା, ୩ ଛକା)ର ଅପରାଜିତ ଇନିଂସ ଖେଳି ଦଳର ସ୍କୋରକୁ ୧୦୦ ରନ ପାରି କରିଥିଲେ। ଅଧିନାୟକ ଦୀନେଶ କାର୍ତ୍ତିକ ୧୯ ଓ ରବିନ ଉଥପ୍ପା ୧୧ ରନ କରି ପ୍ୟାଭିଲିୟନ ଫେରିଥିଲେ। କ୍ରିସ୍ ଲିନ୍, ଇନ୍‌ଫର୍ମ ନୀତୀଶ ରାଣା, କୁଳଦୀପ ଯାଦବ ଓ ପ୍ରସିଦ୍ଧା କ୍ରିଷ୍ଣା ଖାତା ଖୋଲିପାରି ନ ଥିଲେ। ସୁନୀଲ ନାରିନ ୬, ଶୁବମନ ଗିଲ ୯, ପୀୟୂଷ ଚାୱ୍‌ଲା ୮ ରନକରି ଆଉଟ ହୋଇଥିବା ବେଳେ ହ୍ୟାରୀ ଗର୍ନି ୧ ରନ କରି ଅପରାଜିତ ରହିଥିଲେ। ଦଶମ ଉଇକେଟ ଯୋଡିରେ ରସେଲ ଓ ଗର୍ନି ୨୧ ବଲରୁ ଅପରାଜିତ ୨୯ ରନ ସଂଗ୍ରହ କରିଥିଲେ। ବୋଲିଂରେ ଚେନ୍ନାଇ ତରଫରୁ ଦୀପକ ଚହର ସର୍ବାଧିକ ୩, ହରଭଜନ ସିଂ ଓ ଇମ୍ରାନ ତାହିର ଦୁଇଟି ଲେଖାଏ, ରବୀନ୍ଦ୍ର ଜାଡେଜା ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଦୀପକ ଚହର।

### ସଂକ୍ଷିପ୍ତ ସ୍କୋର

କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୦୮/୯ (ରସେଲ- ୫୦*, କାର୍ତ୍ତିକ- ୧୯, ଉଥାପ୍ପା- ୧୧, ଚହର- ୩/୨୦, ହରଭଜନ-୨/୧୫, ଇମ୍ରାନ ତାହିର- ୨/୨୧ )।

ଚେନ୍ନାଇ ସୁପର କିଙ୍ଗ୍ସ ୧୭.୨ ଓଭରରେ ୧୧୧/୩ (ଡୁପ୍ଲେସି- ୪୩*, ରାୟୁଡୁ- ୨୧, ୱାଟସନ- ୧୭, ରାଇନା- ୧୪, କେଦାର- ୮*, ନାରିନ- ୨/୨୪, ଚାୱ୍‌ଲା- ୧/୨୮)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୬ | ୫ | ୧ | ୧୦ | +୦.୩୧୦ |
| ନାଇଟ ରାଇଡର୍ସ | ୬ | ୪ | ୨ | ୮ | +୦.୬୧୪ |
| କିଙ୍ଗ୍ସ ଇଲେଭେନ | ୬ | ୪ | ୨ | ୮ | -୦.୦୬୧ |
| ସନ୍‌ରାଇଜର୍ସ | ୬ | ୩ | ୩ | ୬ | ୦.୮୧୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୩ | ୨ | ୬ | ୦.୩୪୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୩ | ୩ | ୬ | ୦.୧୩୧ |
| ରାଜସ୍ଥାନ ରୟାଲ୍ସ | ୫ | ୧ | ୪ | ୨ | -୦.୮୪୮ |
| ରୟାଲ ଚ୍ୟାଲେଞ୍ଜର୍ସ | ୬ | ୦ | ୬ | ୦ | -୧.୪୫୩ |

# ୧୧ ବର୍ଷରେ ପ୍ରଥମଥର

ମୁମ୍ବାଇ, ୧୦।୪(ପି.ଟି.)

ଆଇସିସି ବିଶ୍ୱକପ୍ ପାଇଁ ଭାରତୀୟ କ୍ରିକେଟ ଦଳ ଆସନ୍ତା ୧୫ରେ ଘୋଷଣା ହେବ। ତେବେ ଏହାର ୫ ଦିନ ପୂର୍ବରୁ ଦଳର ଉପଅଧିନାୟକ ରୋହିତ୍ ଶର୍ମାଙ୍କ ଆହତ ସମସ୍ୟା ଜାତୀୟ ଚୟନକର୍ତ୍ତାଙ୍କୁ ଚିନ୍ତାରେ ପକାଇଛି। ବୁଧବାର ଆଇପିଏଲ୍‌ରେ ଖେଳାଯାଇଥିବା କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷ ମ୍ୟାଚ୍‌ରୁ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ରୋହିତ୍‌ଙ୍କୁ ବାଦ୍ ଦିଆଯାଇଛି। ରୋହିତ୍‌ଙ୍କ ଡାହାଣ ଗୋଡ଼ର ମାଂସପେଶୀରେ ଆଘାତ ଲାଗିଥିବା ଜଣାପଡ଼ିଛି। ଏଥିସହ ରୋହିତ୍ ଦୀର୍ଘ ୧୧ ବର୍ଷର ବ୍ୟବଧାନ ପରେ ପ୍ରଥମଥର ଲାଗି କୌଣସି ଆଇପିଏଲ୍ ମ୍ୟାଚ୍ ଖେଳିବାରୁ ବଞ୍ଚିତ ହୋଇଛନ୍ତି। ଶେଷଥର ପାଇଁ ସେ ଡେକାନ ଚାର୍ଜର୍ସ ପକ୍ଷରୁ ଖେଳୁଥିବାବେଳେ ରୋହିତ୍ ଏକ ମ୍ୟାଚ୍ ଖେଳିପାରି ନ ଥିଲେ। ‘ମଙ୍ଗଳବାର ଟ୍ରେନିଂ ସମୟରେ ରୋହିତ୍‌ଙ୍କ ଡାହାଣ ଗୋଡ଼ ମାଂସପେଶୀରେ ଆଘାତ ଲାଗିଥିଲା। ତେବେ ଗତ ୨୪ ଘଣ୍ଟା ମଧ୍ୟରେ ସେ ଶୀଘ୍ର ଆରୋଗ୍ୟ ଲାଭ କରୁଥିବା ଜଣାପଡୁଛି। କିନ୍ତୁ କୌଣସି ରିସ୍କ ନ ଉଠାଇବା ଲାଗି ତାଙ୍କୁ ପଞ୍ଜାବ ବିପକ୍ଷ ମ୍ୟାଚ୍‌ରୁ ବିଶ୍ରାମ ଦେବାକୁ ମୁମ୍ବାଇ ଇଣ୍ଡିଆନ୍ସ ମ୍ୟାନେଜମେଣ୍ଟ ନିଷ୍ପତ୍ତି ନେଇଛି’ ବୋଲି ଦଳ ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି। ରୋହିତ୍‌ଙ୍କ ସ୍ଥାନରେ କିରନ ପୋଲାର୍ଡଙ୍କୁ ଏହି ମ୍ୟାଚ୍ ଲାଗି ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ଭାରତୀୟ ଦଳରେ ଅଧିନାୟକ ବିରାଟ କୋହଲିଙ୍କ ପରେ ରୋହିତ୍ ଦ୍ୱିତୀୟ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ପରିଗଣିତ ହେଉଛନ୍ତି। ତେଣୁ ବିଶ୍ୱକପ୍ ପୂର୍ବରୁ କୋଚ୍ ରବି ଶାସ୍ତ୍ରୀ ଓ ଫିଜିଓ ପାଟ୍ରିକ ରୋହିତ୍‌ଙ୍କ ଉପରେ କଡ଼ା ନଜର ରଖୁଛନ୍ତି।



ରୋହିତ ଶର୍ମା

## ସଂକ୍ଷେପରେ

### ଦୀପକ ଚହରଙ୍କ ଅଜବ ରେକର୍ଡ

ଚେନ୍ନାଇ,୧୦।୪- ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ପେସର ଦୀପକ ଚହର ଆଇପିଏଲ ଇତିହାସରେ ଏକ ଇନିଂସରେ ସର୍ବାଧିକ ସଂଖ୍ୟକ ଡଟ୍ ପକାଇବାର ରେକର୍ଡ ଅଧିକାରୀ ହୋଇଛନ୍ତି। ସେ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ବିପକ୍ଷରେ ୪ ଓଭର ବୋଲିଂ କରି ୨୦ ରନ୍ ବ୍ୟୟରେ ୩ ଉଇକେଟ ନେଇଥିଲେ। ତାଙ୍କର ଏହି ସ୍ପେଲରେ ୨୦ଟି ଡଟ୍ ବଲ ସାମିଲ ଥିଲା। ଚହର ସନରାଇଜର୍ସ ହାଇଦ୍ରାବାଦ୍ ସ୍ପିନର ରଶିଦ ଖାଁ ଓ କିଙ୍ଗ୍ସ ଏକାଦଶ ପଞ୍ଜାବ ପେସର ଅଙ୍କିତ ରାଜପୁତଙ୍କ ରେକର୍ଡ ଭାଙ୍ଗିଛନ୍ତି। ଏହି ଦୁଇ ବୋଲର ନିଜ ସ୍ପେଲରେ ୧୮ଟି ଡଟ୍ ବଲ ପକାଇଥିଲେ। ୨୬ ବର୍ଷୀୟ ଚହର କେକେଆର ଦଳର ଟପ୍ ଅର୍ଡରକୁ ଆରମ୍ଭରୁ ଆକ୍ରମଣ କରି କ୍ରିସ ଲିନ, ନୀତିଶ ରାଣା ଓ ରବିନ ଉଥପ୍ପାଙ୍କ ଉଇକେଟ ଅକ୍ତିଆର କରିଥିଲେ। ଚଳିତ ସିଜନରେ ଭଲ ଫର୍ମରେ ଥିବା ଆନ୍ଦ୍ରେ ରସେଲଙ୍କୁ ୨୦ ତମ ଓଭରରେ ଚହର ୫ଟି ଡଟ୍ ପକାଇଥିଲେ। ଏଭଳି ପ୍ରଦର୍ଶନ ଯୋଗୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

### ଟିଟି ବିଶ୍ୱ ଚାମ୍ପିୟନଶିପ୍‌ରେ ଖେଳିବ ଭାରତ


ନୂଆଦିଲ୍ଲୀ,୧୦।୪- ବୁଦାପେଷ୍ଟଠାରେ ହେବାକୁ ଥିବା ଦଳଗତ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତୀୟ ଟିଟି ଦଳର ଅଂଶଗ୍ରହଣ ନେଇ ଥିବା ଅନିଶ୍ଚିତତାର ଅନ୍ତ ଘଟିଛି। କ୍ରୀଡ଼ା ମନ୍ତ୍ରଣାଳୟ ମଙ୍ଗଳବାର ୮ ଜଣିଆ ଭାରତୀୟ ଦଳକୁ ଚଳିତ ମାସ ୨୧ରୁ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଇଭେଣ୍ଟରେ ଭାଗନେବାକୁ ଅନୁମତି ଦେବା ସହ ଅର୍ଥ ମଧ ପ୍ରଦାନ କରାଯାଇଛି। ବିଶ୍ୱ ଚାମ୍ପିୟନଶିପ୍ ଇଭେଣ୍ଟରେ ଭାଗନେବା ଦ୍ୱାରା ଭାରତୀୟ ଦଳକୁ ଗୁରୁତ୍ୱପୂର୍ଣ୍ଣ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ମିଳିବ, ଯାହାକି ୨୦୨୦ ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ଲାଗି ନିହାତି ଆବଶ୍ୟକ। ମନ୍ତ୍ରଣାଳୟ ପକ୍ଷରୁ ଡେନ୍‌ମାର୍କରେ ୯ରୁ ୧୯ ତାରିଖ ପର୍ଯ୍ୟନ୍ତ ଜାତୀୟ ଶିବିର ଲାଗି ମଧ ମଞ୍ଜୁରୀ ପ୍ରଦାନ କରାଯାଇଛି। ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବା ଲାଗି ୫ ତାରିଖକୁ ଅନ୍ତିମ ଦିବସ ଭାବେ ଧାର୍ଯ୍ୟ କରାଯାଇଥିଲା। ହେଲେ ସରକାରଙ୍କ ଅନୁମତି ନ ମିଳିବାରୁ ଭାରତୀୟ ଦଳର ଭାଗନେବା ଉପରେ ପ୍ରଶ୍ନ ଉଠିଥିଲା।

### ଏସୀୟ ଯୁଥ୍ ଚେସ୍ ର୍‍ୟାପିଡ୍‌ରେ ଆରୁଷୀଙ୍କୁ ବ୍ରୋଞ୍ଜ



ଭୁବନେଶ୍ୱର, ୧୦।୪(କ୍ରୀଡ଼ା ପ୍ରତିନିଧି): ଶ୍ରୀଲଙ୍କାରେ ଅନୁଷ୍ଠିତ ଏସୀୟ ଯୁଥ୍ ଚେସ୍ ଚାମ୍ପିୟନଶିପ୍‌ର ୧୦ ବର୍ଷରୁ କମ୍ ବାଳିକା ବିଭାଗ ର୍‍ୟାପିଡ୍‌ରେ ଓଡ଼ିଶାର ଆରୁଷୀ ଶ୍ରୀଚନ୍ଦନ ବ୍ରୋଞ୍ଜ ପଦକଲାଭ କରିଛନ୍ତି। ମୁଖ୍ୟ ପ୍ରତିଯୋଗିତାରେ ୯ ରାଉଣ୍ଡରୁ ୫ ବିଜୟ ଓ ୪ ପରାଜୟ ସହ ୫ ପଏଣ୍ଟ ପାଇଥିବା ଆରୁଷୀ ର୍‍ୟାପିଡ୍‌ରେ କିନ୍ତୁ ବାଜି ମାରିଛନ୍ତି। ଭୁବନେଶ୍ୱର ଦାରୁଠେଙ୍ଗ ନିବାସୀ ସିପ୍ରା ହରିଚନ୍ଦନ ଓ ଅଜିତ ଶ୍ରୀଚନ୍ଦନଙ୍କ କନ୍ୟା ଆରୁଷୀ ଓଡ଼ିଶା ଚେସ୍‌ର ଭବିଷ୍ୟତ ବିବେଚିତ ହେଉଛନ୍ତି। ଏହି ସଫଳତା ପାଇଁ ଏସ୍ଆର୍ ଚେସ୍ ସେଣ୍ଟର ପକ୍ଷରୁ ଆରୁଷୀଙ୍କୁ ଅଭିନନ୍ଦନ ଜଣାଯାଇଛି।

# କୋହଲିଙ୍କୁ ଲଗାତର ତୃତୀୟ ୱିସଡେନ ସମ୍ମାନ



ବିରାଟ କୋହଲି



ସ୍ମୃତି ମନ୍ଧନା

ଲଣ୍ଡନ,୧୦।୪(ପିଟି)

ୱିସଡେନ କ୍ରିକେଟର୍ସ ପୁରସ୍କାରରେ ଭାରତକୁ ଡବଲ ସଫଳତା ମିଳିଛି। ଭାରତୀୟ ଦଳର ଅଧିନାୟକ ବିରାଟ କୋହଲି ଓ ମହିଳା କ୍ରିକେଟର ସ୍ମୃତି ମନ୍ଧାନା ‘ଲିଡିଂ କ୍ରିକେଟର ଅଫ୍ ଦି ଇୟର’ ପୁରସ୍କାର ପାଇଛନ୍ତି। ପୂର୍ବରୁ ଆଇସିସି ପକ୍ଷରୁ କୋହଲି ଓ ମନ୍ଧାନାଙ୍କୁ ଗତବର୍ଷ ଲାଗି ଶ୍ରେଷ୍ଠ କ୍ରିକେଟର ଭାବେ ସମ୍ମାନିତ କରାଯାଇଥିଲା। ମନ୍ଧାନାଙ୍କୁ ଗତ ଡିସେମ୍ବରରେ ଆଇସିସି ଓମ୍ୟାନ କ୍ରିକେଟର ଓ ଓମ୍ୟାନ ଦିନିକିଆ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ମିଳିଥିଲା। ଅନ୍ୟପକ୍ଷରେ କୋହଲି ଟେଷ୍ଟ ଫର୍ମାଟର ଶୀର୍ଷ ର୍‍ୟାଙ୍କଧାରୀ ବ୍ୟାଟ୍ସମ୍ୟାନ ଭାବେ ବର୍ଷ ଶେଷ କରିବା ସହ ଆଇସିସି ଶ୍ରେଷ୍ଠ କ୍ରିକେଟର ସମ୍ମାନ ପାଇଥିଲେ। କୋହଲି କ୍ରମାଗତ ୩ୟ ଥର ଲାଗି ‘ଲିଡିଂ କ୍ରିକେଟର ଅଫ୍ ଦି ଇୟର’ ସମ୍ମାନର ଅଧିକାରୀ ହୋଇଛନ୍ତି। ସେ ଗତ ବର୍ଷ ସମସ୍ତ ଫର୍ମାଟରେ ମୋଟ ୨୭୩୫ ରନ୍ କରିଥିଲେ। ଭାରତୀୟ ଅଧିନାୟକ ୫ ଜଣିଆ ୱିସଡେନ କ୍ରିକେଟର ଅଫ୍ ଦି ଇୟର ତାଲିକାରେ ସ୍ଥାନ ପାଇଛନ୍ତି। ୩୦ ବର୍ଷୀୟ କୋହଲିଙ୍କ ବ୍ୟତୀତ ଇଂଲଣ୍ଡର ଟାମି ବେମାଉଣ୍ଟ, ଜୋସ ବଟଲର, ସାମ କୁରାନ ଓ ରୋରି ବର୍ନ୍ସ। ସର୍ବାଧିକ ଥର ୱିସଡେନ ସମ୍ମାନ ପାଇଥିବା ଖେଳାଳିଙ୍କ ମଧ୍ୟରେ ଭାରତୀୟ ଅଧିନାୟକ ୩ୟ ସ୍ଥାନରେ ଅଛନ୍ତି। କିମ୍ବଦନ୍ତୀ ଡନ ବ୍ରାଡମ୍ୟାନ ୧୦ ଥର ଓ ଜ୍ୟାକ ହବ୍ସ ୮ ଥର ଏହି ସମ୍ମାନ ପାଇଥିଲେ। ଆଫଗାନିସ୍ତାନ ସ୍ପିନର ରଶିଦ ଖାଁ ଟି୨୦ କ୍ରିକେଟର ହେବାର ସୌଭାଗ୍ୟ ପାଇଛନ୍ତି। ୧୮୮୯୦ାରୁ କ୍ରିକେଟରଙ୍କୁ ୱିସଡେନ ପୁରସ୍କାରରେ ସମ୍ମାନିତ କରାଯାଉଛି।

■ ଲାଲରେମସିଆମିଙ୍କ ଗୋଲରେ ମାଲେସିଆ ପରାସ୍ତ

# ଭାରତ ସିରିଜ ବିଜୟୀ

କୁଆଲାଲମ୍ପୁର, ୧୦।୪

ଲାଲରେମସିଆମିଙ୍କ ଗୋଲ ବଳରେ ଭାରତୀୟ ମହିଳା ହକି ଦଳ ବୁଧବାର ମାଲେସିଆକୁ ୧-୦ ଗୋଲରେ ପରାସ୍ତ କରିଛି। ଏଥିସହ ୫ ମ୍ୟାଚ ବିଶିଷ୍ଟ ଦ୍ୱିପାକ୍ଷିକ ସିରିଜକୁ ଭାରତ ଆଗୁଆ ଜିତି ନେଇଛି। ଭାରତ ପ୍ରଥମ ମ୍ୟାଚରେ ୩-୦ ଓ ଦ୍ୱିତୀୟ ମ୍ୟାଚରେ ୫-୦ ଗୋଲରେ ବିଜୟୀ ହୋଇଥିବାବେଳେ ତୃତୀୟ ମ୍ୟାଚଟି ୪-୪ ଗୋଲରେ ଡ୍ର ରହିଥିଲା। ୪ର୍ଥ ମ୍ୟାଚରେ ୧-୦ରେ ବିଜୟ ଅର୍ଥ ଭାରତ ସିରିଜରେ ଏପର୍ଯ୍ୟନ୍ତ ଅପରାଜେୟ ରହିବା ସହ ୩-୦ରେ ଅଗ୍ରଣୀଲାଭ କରିଛି। ଯୁବ ଖେଳାଳି ଲାଲରେମସିଆମି ମ୍ୟାଚର ୫୫ତମ ମିନିଟରେ ଏକମାତ୍ର ଗୋଲଟି ସ୍କୋର କରିଥିଲେ। ସିରିଜର ୫ମ ତଥା ଅନ୍ତିମ ମ୍ୟାଚ ଗୁରୁବାର ଖେଳାଯିବ।

ମାଲେସିଆ ପାଇଁ ଏହି ମ୍ୟାଚ କର ଅବା ମର ପରିସ୍ଥିତି ସୃଷ୍ଟି କରିଥିଲା। ପୂର୍ବ ମ୍ୟାଚ ଅପେକ୍ଷା ଏଥିରେ ଦଳ ଭଲ ପ୍ରଦର୍ଶନ ମଧ କରିଥିଲା। ଆକ୍ରମଣାତ୍ମକ ରଣନୀତି ନେଇ ପଡ଼ିଆକୁ ଓହ୍ଲାଇଥିବା ମାଲେସିଆ ପ୍ରଥମ ମିନିଟରେ ହିଁ ପେନାଲ୍ଟି କର୍ନର ହାସଲ କରିଥିଲା। ମାତ୍ର ଏହି ସିରିଜରେ ଭାରତୀୟ ଦଳର ଅଧିନାୟିକା ଦାୟିତ୍ୱ ତୁଲାଉଥିବା ଗୋଲକିପର ସବିତା ଏହାକୁ ସେଭ୍ କରି ନେଇଥିଲେ। ଏହାର ୧ ମିନିଟ ପରେ ଭାରତ ମଧ ଗୋଟିଏ ପେନାଲ୍ଟି କର୍ନର ପାଇଥିଲା। ମାତ୍ର ତାହା ମଧ ଗୋଲରେ ପରିଣତ ହୋଇପାରି ନ ଥିଲା। ତାରକା ଡ୍ରାଗ୍ ଫ୍ଲିକର ଗୁରଜିତ କୌର ଆହତ ଯୋଗୁ ମାଲେସିଆ ଗସ୍ତରେ ଆସିପାରି ନ ଥିବାରୁ ଭାରତ ପେନାଲ୍ଟି କର୍ନର କନ୍‌ଭରଶନ ପାଇଁ ସଂଘର୍ଷ କରୁଥିବା ପରିଲକ୍ଷିତ ହୋଇଛି। ଏହି ମ୍ୟାଚରେ ଭାରତ ୫ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ଏଥିରୁ ଗୋଟିଏ ହେଲେ ଗୋଲ ଦେଇପାରି ନ ଥିଲା। ମାତ୍ର ମିଡ୍ ଫିଲ୍ଡରେ ଚମତ୍କାର ପ୍ରଦର୍ଶନ କରି ଦଳ ମାଲେସିଆ ଉପରେ ଚାପ ପକାଇବାରେ ସକ୍ଷମ ହୋଇଥିଲା। ଆକ୍ରମଣ ପ୍ରତି ଆକ୍ରମଣ ମଧ୍ୟରେ ପ୍ରଥମ ୩ କ୍ୱାର୍ଟରେ ଗୋଲଶୂନ୍ୟ ରହିବାପରେ ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଭାରତ ପାଇଁ ବିଜୟ ସୂଚକ ଗୋଲ ଦେଇଥିଲେ ଲାଲରେମସିଆମି। ଗୋଲ ପାଇଁ ନଭନୀତ କୌର କ୍ଷେତ୍ର ପ୍ରସ୍ତୁତ କରିଥିବାବେଳେ ଲାଲରେମସିଆମି ଡାଇଭ୍ ମାରି ଏହାକୁ ଅନ୍ତିମ ରୂପ ଦେଇଥିଲେ। ‘‘ ଆମେ ତୃତୀୟ ଓ ୪ର୍ଥ କ୍ୱାର୍ଟରରେ ଭଲ ଖେଳି ଗୋଲ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲୁ। ଆଗାମୀ ମ୍ୟାଚରେ ଦଳ ଅଧିକ ଭଲ ଖେଳିବାକୁ ଚେଷ୍ଟା କରିବ’’ ବୋଲି ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ ପ୍ରକାଶ କରିଛନ୍ତି। ଦଳ ବିଜୟ ହାସଲ କରିଛି ସତ ମାତ୍ର ଯଥା ସମ୍ଭବ କମ୍ ତ୍ରୁଟି ଏବଂ ଉତ୍ସାହର ସହିତ ଖେଳ ମୁଁ ଚାହେଁ। ଆମେ ଯଦି ଠିକ୍‌ଭାବେ ପ୍ରତିପକ୍ଷ ବକ୍ସ ଏରିଆ ମଧ୍ୟରେ ଖେଳିବୁ ତେବେ ବିଜୟ ନିଶ୍ଚିତ ସମ୍ଭବ ହେବ। ଗୁରୁବାର ଶେଷ ମ୍ୟାଚରେ ଆମେ ସେହି ରଣନୀତିରେ ଖେଳିବୁ ବୋଲି ମାରିଜନେ ପ୍ରକାଶ କରିଛନ୍ତି।



ଭାରତ ପକ୍ଷରୁ ମ୍ୟାଚ୍ ବିଜୟୀ ଏକମାତ୍ର ଗୋଲ ସ୍କୋର କରିଥିବା ଲାଲରେମସିଆମି (ବାମ)।

# ସୁପର କପ୍ ଫୁଟବଲ: ଗୋଆ-ଚେନ୍ନାଇନ୍ ଫାଇନାଲ

ଭୁବନେଶ୍ୱର, ୧୦।୪(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲରେ ଏଫସି ଗୋଆ ଓ ଚେନ୍ନାଇନ୍ ଏଫସି ମଧ୍ୟରେ ମୁକାବିଲା ହେବ। ବୁଧବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଚେନ୍ନାଇନ୍ ୨-୦ ଗୋଲରେ ଆଟଲେଟିକୋ ଡି କୋଲକାତା (ଏଟିକେ)କୁ ପରାସ୍ତ କରିଛି। ଏଥିସହ କୋଲକାତା ଦଳର ଅଭିଯାନ ସେମିଫାଇନାଲରୁ ଶେଷ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଏଫସି ଗୋଆ ୩-୦ ଗୋଲରେ ଆଇ-ଲିଗ୍ ଚାମ୍ପିୟନ ଚେନ୍ନାଇ ସିଟିକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା।

ଦ୍ୱିତୀୟ ସେମିଫାଇନାଲ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ଜନ୍ ଗ୍ରେଗୋରିଙ୍କ ପ୍ରଶିକ୍ଷଣପ୍ରାପ୍ତ ଚେନ୍ନାଇନ୍‌କୁ କଡ଼ା ଟକ୍କର ଦେଇଥିଲା ଷ୍ଟିଭ୍ କୋପେଲଙ୍କ କୋଲକାତା। ଉଭୟ ଦଳ ଅନେକ ସୁଯୋଗ ପାଇଥିଲେ ହେଁ ଉପଯୁକ୍ତ ଫିନିଶିଂ ଅଭାବରୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ମ୍ୟାଚ ଗୋଲଶୂନ୍ୟ ରହିଥିଲା। ଉଭୟ ଦଳ ଅଗ୍ରଣୀ ନେବା ଲକ୍ଷ୍ୟରେ ଥିବାରୁ ସ୍ୱାଭାବିକଭାବେ ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଉତ୍ତେଜନାପୂର୍ଣ୍ଣ ରହିଥିଲା। ୫୦ତମ ମିନିଟରେ ସି.କେ. ଭିନିଥ ହେଡ୍ ଜରିଆରେ ଗୋଲ ଦେଇ ଚେନ୍ନାଇନ୍‌କୁ ୧-୦ ଗୋଲରେ ଅଗ୍ରଣୀ କରାଇଥିଲେ। ଗୋଲ ପରିଶୋଧ ପାଇଁ ଏଟିକେ ଆକ୍ରମଣକୁ ଜୋରଦାର କରିଥିଲା। ବଲୱନ୍ତ ସିଂ ଏହାର ନେତୃତ୍ୱ ନେଇଥିଲେ ହେଁ ପ୍ରତିପକ୍ଷ ଦଳର ଦୃଢ଼ ରକ୍ଷଣଭାଗ ଏବଂ ଚମତ୍କାର ଗୋଲକିପିଂ ପାଇଁ ଏଟିକେ ଗୋଲ ଦେଇପାରି ନ ଥିଲା। ୫୮ତମ ମିନିଟରେ ଅନିରୁଦ୍ଧ ଥାପା ଗୋଲ ଦେଇ ଚେନ୍ନାଇନ୍ ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ପରବର୍ତ୍ତୀ ୨୨ ମିନିଟ ଏବଂ ଇଞ୍ଜୁରି ଟାଇମ୍‌ରେ କୋଲକାତା ଶତଚେଷ୍ଟା କରିମଧ ଗୋଲ ପରିଶୋଧ କରିପାରି ନ ଥିଲା। ଗତବର୍ଷ ଅନୁଷ୍ଠିତ ପ୍ରତିଯୋଗିତାର ପ୍ରଥମ ସଂସ୍କରଣରେ ଚେନ୍ନାଇନ୍‌ର ଅଭିଯାନ ପ୍ରି-କ୍ୱାର୍ଟର ଫାଇନାଲରୁ ଶେଷ ହୋଇଥିଲା। ଦଳ ଆଇଜଲ ଏଫସି ବିପକ୍ଷ ମ୍ୟାଚକୁ ୨-୨ରେ ଡ୍ର ରଖିଥିଲେ ହେଁ ପେନାଲ୍ଟି ଶୁଟ୍ ଆଉଟରେ ୩-୫ ଗୋଲରେ ପରାଜିତ ହୋଇଥିଲା। ସେହିପରି ଏଟିକେ ମଧ ପ୍ରି-କ୍ୱାର୍ଟରରେ ଗୋଆଠାରୁ ୧-୩ ଗୋଲରେ ହାରି ବିଦାୟ ନେଇଥିଲା। ଏଥର ଚେନ୍ନାଇନ୍ ବିପକ୍ଷ ଫାଇନାଲିଷ୍ଟ ଏଫସି ଗୋଆ ଗତ ସଂସ୍କରଣର ସେମିଫାଇନାଲରେ ଇଷ୍ଟବେଙ୍ଗଲଠାରୁ ୦-୧ ଗୋଲରେ ହାରି ବିଦା ହୋଇଥିଲା। ଏଥର ଦୁଇ ଦଳ ପ୍ରଥମଥରପାଇଁ ଫାଇନାଲରେ ପ୍ରବେଶ କରିଥିବାରୁ ଶନିବାର ମ୍ୟାଚ ସଂଘର୍ଷପୂର୍ଣ୍ଣ ଏବଂ ରୋମାଞ୍ଚକ ହେବା ଆଶା।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଗୁରୁବାର, ଏପ୍ରିଲ ୧୧/୨୦୧୯ Rayagada, Thursday, April 11/ 2019

■ ଗୋଟିଏ ଦିନରେ ଭୋଟିଂ, ଅକଳରେ କୋଟିଆବାସୀ

# ସକାଳେ ଓଡ଼ିଶା, ମଧ୍ୟାହ୍ନ ପରେ ଆନ୍ଧ୍ରକୁ ଭୋଟ୍

ପଟ୍ଟାଙ୍ଗି,୧୦।୪(ଡି.ଏନ୍.ଏ.)

ଓଡ଼ିଶା ଓ ଆନ୍ଧ୍ରରେ ଗୁରୁବାର ଏକାସାଙ୍ଗରେ ଗୋଟିଏ ଦିନରେ ଭୋଟ୍ ଗ୍ରହଣ ହେଉଛି। ଏହା କୋରାପୁଟ ଜିଲା ପ୍ରଶାସନ ପାଇଁ ଚିନ୍ତାର କାରଣ ପାଲଟିଛି। କାରଣ ସୀମାନ୍ତ ଗ୍ରାମର ଭୋଟର, ବିଶେଷ କରି ବିବାଦୀୟ କୋଟିଆ ଗ୍ରାମପୁଞ୍ଜର ମତଦାତା କାହାକୁ ଭୋଟ୍ ଦେବେ, ସେନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ସେମାନେ ଗୁରୁବାର ସକାଳେ ଓଡ଼ିଶାରେ ଭୋଟ୍ ଦେଇ ମଧ୍ୟାହ୍ନରୁ ଅପରାହ୍ନ ଯାଏଁ ଆନ୍ଧ୍ରରେ ମତଦାନ କରିବା ପାଇଁ ନିଷ୍ପତ୍ତି ନେଇଥିବା ଲୋକଙ୍କ ମୁହଁରୁ ଶୁଣିବାକୁ ମିଳୁଛି।

ସୂଚନା ଅନୁଯାୟୀ, ପଟ୍ଟାଙ୍ଗି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋଟିଆ ପଞ୍ଚାୟତ ଆନ୍ଧ୍ର ସୀମାନ୍ତରେ ରହିଛି। କୋଟିଆ ଗ୍ରାମପୁଞ୍ଜକୁ ନେଇ ଦୀର୍ଘ ଦଶନ୍ଧି ଧରି ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ବିବାଦ ଲାଗି ରହିଆସିଛି। ପ୍ରତି ନିର୍ବାଚନରେ କୋଟିଆବାସୀ ଉଭୟ ରାଜ୍ୟକୁ ଭୋଟ୍ ଦେଇଆସିଛନ୍ତି। କିନ୍ତୁ ଏଥର ଗୋଟିଏ ଦିନରେ ଉଭୟ ରାଜ୍ୟରେ ଭୋଟ୍ ଗ୍ରହଣ ହେଉଥିବାରୁ ନିଜ ମୂଲ୍ୟବାନ ଭୋଟ୍ କାହାକୁ ଦେବେ, ତାହା ସେମାନଙ୍କୁ ଅକଳରେ ପକାଇଛି। କୋଟିଆ ପଞ୍ଚାୟତ ଉପରେ ଜିଲା ପ୍ରଶାସନର ଯେତିକି ନଜର ରହିଛି, ତାଠାରୁ ଦଳୀୟ କର୍ମୀ ଓ ପ୍ରାର୍ଥୀ ଅଧିକ ସତର୍କ ଦୃଷ୍ଟି ରଖିଛନ୍ତି। କୋଟିଆ ପଞ୍ଚାୟତରେ କୋରାପୁଟ ଜିଲା ଓ ବ୍ଲକ ପ୍ରଶାସନ ୯ଟି ବୁଥ୍ ବ୍ୟବସ୍ଥା କରିଛି। ସେଥିରେ ରଣାସଂଗ, ଟାଉପଦର, ଥୁରିଆ, ଗୁମେଲପଦର, ଗଞ୍ଜେଇ ପଦର, ମାଡକାର, ଫଗୁଣସିନେରି, ତଳକାଣ୍ଟି ଓ କୋଟିଆ ରହିଛି। ସେହିପରି ଆନ୍ଧ୍ର ସରକାର କୋଟିଆ ପଞ୍ଚାୟତର ସୀମାନ୍ତବର୍ତ୍ତୀ ଗ୍ରାମ ନେରଡିବାଲସାରେ ଅସ୍ଥାୟୀ ବୁଥ୍ ନିର୍ମାଣ କରିଛନ୍ତି। ଉକ୍ତ ବୁଥ୍



ଜଣେ ମହିଳା ଉଭୟ ରାଜ୍ୟର ଆଧାରକାର୍ଡ ଦେଖାଉଛନ୍ତି।

ଉପରେ ଗଞ୍ଜେଇପଦର, କୋଟିଆ, ତଳ ଗଞ୍ଜେଇ ପଦର, ଦିଗୁବାରୁଡି, କାଗୁରୁଡି, ସିମାଗାଡା, ସୁଲାରି, ଧୂଳିପଦର, ରଣାସଙ୍ଗ, ସାପାଇଙ୍ଗିପାଡୁ, ପାନୁକୁବାଲସା, ନେରଡିବାଲସା, ଗୋଟିପାଡୁ, ଉମାପାଡୁ, ଗାଡିବାଲସା, ରାବଡାବାଲସା, ବାଟିବାଲସା, ବେଖିପାଡୁ, କୁରୁଡିପଦର, ଉପରସେମ୍ଭି, ପୁଲିବାଲସା, ତଳସେମ୍ଭି, ଝୁଗୁବାରୁଡି ଓ ପନିକି ଗ୍ରାମବାସୀ ନିଜ ଭୋଟ୍ ଦେବେ। କୋଟିଆ ପଞ୍ଚାୟତରେ ୯୬ ପ୍ରତିଶତ କନ୍ଧ ସମ୍ପ୍ରଦାୟର ଭୋଟର ରହିଥିବା ବେଳେ ପଛୁଆ ବର୍ଗ ୩ ଏବଂ ଅନୁସୂଚିତ ଜନଜାତି ବର୍ଗରୁ ୧ ପ୍ରତିଶତ ଭୋଟର ରହିଛନ୍ତି। ପଞ୍ଚାୟତର ୯ଟି ବୁଥ୍ ଅଧୀନରେ ୨,୮୮୬ ଜଣ ମହିଳା ଓ ୨,୪୮୯ ପୁରୁଷ ଭୋଟର ଅଛନ୍ତି। ୯ଟି ବୁଥ୍ ମଧ୍ୟରୁ ରଣାସଙ୍ଗକୁ ଯାତାୟତ ପାଇଁ ରାସ୍ତା ସମ୍ପୂର୍ଣ୍ଣ ହୋଇନାହିଁ। ଅନ୍ୟପକ୍ଷରେ ପଟ୍ଟାଙ୍ଗି ବ୍ଲକ ଅଧୀନରେ ୬୮ଟି ବୁଥ୍ ରହିଥିବା ବେଳେ ସେଥିରୁ ୨୩ଟି ଅତି ସମ୍ବେଦନଶୀଳ ଓ ୨୬ଟି ବୁଥ ସମ୍ବେଦନଶୀଳ ରହିଛି। ବୁଥ୍‌ଗୁଡ଼ିକ ଯୋଗାଯୋଗ କରିବା ପାଇଁ ପୋଲିସକୁ ଦାୟିତ୍ୱ ଦିଆଯାଇଥିବା ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ କରୁଣାକର ପ୍ରଧାନ ପ୍ରକାଶ କରିଛନ୍ତି।

# ହେଭିୱେଟ୍‌ଙ୍କ ଭାଗ୍ୟ ପରୀକ୍ଷା ଆଜି

## ଅବିଭକ୍ତ କୋରାପୁଟର ୧୪ ବିଧାନସଭା, ୨ ଲୋକସଭା ଆସନ ପାଇଁ ମତଦାନ

ରାୟଗଡ଼ା ଅଫିସ୍/କୋରାପୁଟ/ମାଲକାନଗିରି/ନବରଙ୍ଗପୁର ୧୦।୪(ସ୍ୱ.ପ୍ର./ଡି.ଏନ୍.ଏ./ବି.ପ୍ର.)

ସାଧାରଣ ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ଗୁରୁବାର ଅବିଭକ୍ତ କୋରାପୁଟର ୧୪ଟି ବିଧାନସଭା ଆସନ ଓ ୨ଟି ଲୋକସଭା ଆସନ ପାଇଁ ଭୋଟ୍ ଗ୍ରହଣ ହେଉଛି। ଏଥିରେ ବିଭିନ୍ନ ରାଜନୈତିକ ଦଳର ଅନେକ ହେଭିୱେଟ୍ ନେତାଙ୍କ ଭାଗ୍ୟ ପରୀକ୍ଷା ହେବ। ସେମାନଙ୍କ ମଧ୍ୟରେ କୋରାପୁଟରୁ ଭାଜପା ଲୋକସଭା ପ୍ରାର୍ଥୀ ଜୟରାମ ପାଙ୍ଗି, ଝରିଗାଁରୁ ଭାଜପାର ବିଧାନସଭା ପ୍ରାର୍ଥୀ ପର୍ଶୁରାମ ମାଝି, ନବରଙ୍ଗପୁର ବିଧାନସଭା ଆସନରୁ କଂଗ୍ରେସର ପ୍ରାର୍ଥୀ ସଦନ ନାୟକ, ଜୟପୁର ଆସନରୁ ବିଜେଡିର ରବିନାରାୟଣ ନନ୍ଦ ଓ କଂଗ୍ରେସର ତାରାପ୍ରସାଦ ବାହିନୀପତି, ନବରଙ୍ଗପୁର ଲୋକସଭା ଆସନରେ ବିଜେଡି ପ୍ରାର୍ଥୀ ରମେଶ ଚନ୍ଦ୍ର ମାଝି, କୋଟପାଡ଼ରୁ କଂଗ୍ରେସର ବିଧାୟକ ପ୍ରାର୍ଥୀ ଚନ୍ଦ୍ରଶେଖର ମାଝି, ଡାବୁଗାଁ ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ଭୁଜବଳ ମାଝି, ରାୟଗଡ଼ା ବିଧାନସଭା ଆସନରୁ ବିଜେଡିର ଲାଲବିହାରୀ ହିମିରିକାଙ୍କ ଭଳି ବରିଷ୍ଠ ନେତା ରହିଛନ୍ତି। ୨୦୧୯ ନିର୍ବାଚନ ଏମାନଙ୍କ ମଧ୍ୟରୁ ଅନେକ ବରିଷ୍ଠ ନେତାଙ୍କ ରାଜନୈତିକ ଭବିଷ୍ୟତ ମଧ୍ୟ ନିର୍ଦ୍ଧାରଣ କରିବ ବୋଲି କୁହାଯାଉଛି। ଅବିଭକ୍ତ କୋରାପୁଟର ୧୪ଟି ବିଧାନସଭା ଆସନ ପାଇଁ ସମୁଦାୟ ୭୯ ଜଣ ପ୍ରାର୍ଥୀ ରହିଛନ୍ତି। ସେଥିରେ ନବରଙ୍ଗପୁରରେ ୪, ଡାବୁଗାଁରେ ୫, ଝରିଗାଁରେ ୪, ଉମରକୋଟରେ ୫, ରାୟଗଡ଼ାରେ ୫, ଗୁଣପୁରରେ ୬, ବିଷମକଟକରେ ୫, ଜୟପୁରରେ ୮, କୋଟପାଡ଼ରେ ୫, କୋରାପୁଟରେ ୮, ପଟ୍ଟାଙ୍ଗିରେ ୬, ଲକ୍ଷ୍ମୀପୁରରେ ୫, ମାଲକାନଗିରିରେ ୭, ଚିତ୍ରକୋଣ୍ଡାରେ ୬ ଜଣ ପ୍ରାର୍ଥୀ ରହିଛନ୍ତି। ସେହିପରି ୨ଟି ଲୋକସଭା ଆସନ ପାଇଁ ୧୧ ଜଣ ପ୍ରାର୍ଥୀ ରହିଥିବା ବେଳେ ସେଥିରୁ ନବରଙ୍ଗପୁରରେ ୪ ଓ କୋରାପୁଟରେ ୭ ପ୍ରାର୍ଥୀ ମଇଦାନରେ ଅଛନ୍ତି।

## ସଂକ୍ଷେପରେ

### ମତଦାନ କେନ୍ଦ୍ରରେ ଭିନ୍ନକ୍ଷମଙ୍କ ପାଇଁ ହ୍ୱିଲ ଚେୟାର



ଜୟପୁର,୧୦।୪(ଡି.ଏନ୍.ଏ.)

ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ ସମସ୍ତ ମତଦାନ କେନ୍ଦ୍ରରେ ଭିନ୍ନକ୍ଷମଙ୍କ ସୁବିଧା ପାଇଁ ହ୍ୱିଲ ଚେୟାର ବ୍ୟବସ୍ଥା କରାଯାଇଛି। ବୁଧବାର ନିୟୋଜିତ ସେକ୍ଟର ଅଧିକାରୀମାନେ ଏହି ହ୍ୱିଲ ଚେୟାର ସମସ୍ତ କେନ୍ଦ୍ରରେ ପହଞ୍ଚାଇବାର ବ୍ୟବସ୍ଥା କରିଥିଲେ। ଏହିପରି ସୂର୍ଯ୍ୟରଶ୍ମି ଶକ୍ତିରେ ପରିଚାଳିତ ଦୁଇଟି ଏଲଇଡି ଲାଇଟର ବ୍ୟବସ୍ଥା କରାଯାଇଛି। ଜୟପୁର ଏବଂ କୋଟପାଡ଼ ନିର୍ବାଚନ ମଣ୍ଡଳୀର ୪୭୮ଟି ଭୋଟଦାନ କେନ୍ଦ୍ର ପାଇଁ ପ୍ରାୟ ୩ ହଜାର ୪୦୦ ଜଣ କର୍ମଚାରୀ ନିୟୋଜିତ ହୋଇଥିବା ବେଳେ ଏହାର ୨୦ ପ୍ରତିଶତ କର୍ମଚାରୀଙ୍କୁ ରିଜର୍ଭ ଭାବେ ରଖାଯାଇଛି। ଆବଶ୍ୟକ ସ୍ଥଳେ ଏହି କର୍ମଚାରୀ ମାନଙ୍କୁ ତୁରନ୍ତ ନିୟୋଜିତ କରାଯିବ।

### ବଜ୍ରପାତରେ ଜଣେ ମୃତ

କୁନ୍ଦୁରା,୧୦।୪(ଡି.ଏନ୍.ଏ.)-କୁନ୍ଦୁରା ବ୍ଲକ ବାଘଗୁଡ଼ାର ବିରେନ ଗଣ୍ଡ ମଙ୍ଗଳବାର ବଜ୍ରପାତରେ ପ୍ରାଣ ହରାଇଛନ୍ତି। ସେ ମଙ୍ଗଳବାର ସନ୍ଧ୍ୟାରେ କୌଣସି କାମରେ ବାହାରକୁ ଯାଇଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ବୁଧବାର ସକାଳ ୮ଟା ବେଳେ ଗ୍ରାମବାସୀ ଥାନା ଅଧିକାରୀ ଭବାନୀ ମୁଦୁଲିଙ୍କୁ ଏନେଇ ଜଣାଇବା ପରେ ସେ ସେଠାରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ବେଳେ ଡାକ୍ତର ବଜ୍ରପାତରେ ତାଙ୍କର ମୃତ୍ୟୁ ଘଟିଥିବା ଘୋଷଣା କରିଥିଲେ। ଏନେଇ ପୋଲିସ କେସ୍ ନଂ ୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରିଛି।

# ୩୨ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା

ଜୟପୁର,୧୦।୪(ନି.ପ୍ର.)

**କୋରାପୁଟ ଜିଲା**

କୋରାପୁଟ ଜିଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଗୁରୁବାର ୩୨ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ। ଜୟପୁର ନିର୍ବାଚନ ମଣ୍ଡଳୀରେ ୨ ଲକ୍ଷ ୫ ହଜାର ୯୪୪ ଜଣ ମତଦାତାଙ୍କ ହାତରେ ୮ ଜଣ ବିଧାନସଭା ପ୍ରାର୍ଥି ଙ୍କ ଭାଗ୍ୟ ନିର୍ଦ୍ଧାରିତ ହେବାକୁଥିବା ବେଳେ କୋଟପାଡ ନିର୍ବାଚନ ମଣ୍ଡଳିର ୧ ଲକ୍ଷ ୯୯ ହଜାର ୫୧୧ ଜଣ ମତଦାତା ହାତରେ ୫ ଜଣଙ୍କ ଭାଗ୍ୟ ଡୋର ରହିଛି। ଜୟପୁର ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ଭାବେ ବିଏସ୍‌ପିର କୃଷ୍ଣ ଚନ୍ଦ୍ର ସଗରିଆ, ଭାଜପାର ଗୌତମ ସାମନ୍ତରାୟ, କଂଗ୍ରେସର ତାରାପ୍ରସାଦ ବାହିନୀପତି, ବିଜେଡିର ରବି ନାରାୟଣ ନନ୍ଦ, ଏପିଆଇ ତରଫରୁ ପ୍ରଦିପ୍ତ ମୋହନ ଟାକ୍ରି, ଅଖିଳ ଭାରତ ହିନ୍ଦୁ ମହାସଭାର ମହେନ୍ଦ୍ର କୁମାର ପାତ୍ର, ସ୍ୱାଧୀନ ପ୍ରାର୍ଥୀ ଭାବେ ସୁବାସ ଚନ୍ଦ୍ର ଗୌଡ଼ ଓ ହରି ରାଓ ମଇଦାନରେ ରହିଛନ୍ତି। ଅବିଭକ୍ତ କୋରାପୁଟ ଜିଲାରେ ରାଜନୈତିକ ସମୀକରଣର ମଇଦାନ କୁହାଯାଉଥିବା ଜୟପୁର ନିର୍ବାଚନ ମଣ୍ଡଳୀ ଏବେ ସବୁ ଦଳ ପାଇଁ ସ୍ୱାଭିମାନର ପ୍ରସଙ୍ଗ ହୋଇଛି। ସେହିପରି କୋଟପାଡ଼ ନିର୍ବାଚନ ମଣ୍ଡଳୀରେ ଭାଜପାରୁ ଖଗେଶ୍ୱର ପୂଜାରୀ, କଂଗ୍ରେସରୁ ଚନ୍ଦ୍ରଶେଖର ମାଝି, ବିଜେଡିରୁ ପଦ୍ମିନୀ ଦିଆନ, ବିଏସ୍‌ପିରୁ ମଙ୍ଗଳ ସାଇ ମାଝି ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ନୀଳକଣ୍ଠ ପୂଜାରୀ ମଇଦାନକୁ ଓହ୍ଲାଇଛନ୍ତି।ଜୟପୁର ନିର୍ବାଚନ ମଣ୍ଡଳୀର ୨୪୩ଟି ବୁଥ୍ ପାଇଁ ୪୮୬ଟି ଇଭିଏମ୍ ଓ ଭିଭିପିଏଟି ଏବଂ ୧୭୦୧ ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସେହିପରି କୋଟପାଡ଼ର ୨୩୫ଟି ମତଦାନ କେନ୍ଦ୍ର ପାଇଁ ୪୭୦ଟି ଇଭିଏମ ଓ ଭିଭିପିଏଟି ଏବଂ ୧୬୪୫ ଜଣ କର୍ମଚାରୀ ନିୟୋଜିତ ରହିଛନ୍ତି। ଜୟପୁର ନିର୍ବାଚନ ମଣ୍ଡଳୀରେ ୪୦ ଓ କୋଟପାଡ଼ ନିର୍ବାଚନ ମଣ୍ଡଳୀରେ ୬୫ଟି ସମ୍ବେଦନଶୀଳ ବୁଥ ରହିଛି। ସେହିପରି ମାଓବାଦୀ ପ୍ରବଣ ଅଞ୍ଚଳରେ ୨୪ଟି ବୁଥ୍ ରହିଛି। କୋରାପୁଟ ଜିଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଥିବା ବେଳେ ୧୧୪୨ଟି ବୁଥ୍ ହୋଇଛି। ଏଥିରୁ ୧୭୦ଟି ମାଓବାଦୀ ପ୍ରଭାବିତ ଅଞ୍ଚଳରେ ରହିଛି। କୋରାପୁଟ ବିଧାନସଭା କ୍ଷେତ୍ରରେ ୮ ଜଣ ପ୍ରାର୍ଥୀ, ପଟ୍ଟାଙ୍ଗିରେ ୬ଜଣ, ଲକ୍ଷ୍ମୀପୁରରେ ୫ ଜଣ, ଜୟପୁରରେ ୮ ଜଣ, କୋଟପାଡ଼ରେ ୫ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ରହିଛନ୍ତି। ଜିଲାରେ ଗୁରୁବାର ୯ ଲକ୍ଷ ୪୮ ହଜାର ୬୬୨ ଜଣ ଭୋଟର ମତଦାନ କରିବେ।

# ବିସ୍ଫୋରଣ ସାଙ୍ଗକୁ ମିଳିଲା ଲ୍ୟାଣ୍ଡମାଇନ୍

■ ସୀମାନ୍ତ ସିଲ୍, କୋମ୍ବିଂ ଜୋର୍‌ଦାର କଲା ପୋଲିସ

■ ସଶସ୍ତ୍ର ପୋଲିସ ବାହିନୀର ୨୭ କମ୍ପାନୀ ମୁତୟନ

କୋରାପୁଟ/ନନ୍ଦପୁର, ୧୦।୪(ସ୍ୱ.ପ୍ର./ଡି.ଏନ୍.ଏ.)

ପ୍ରଥମ ପର୍ଯ୍ୟାୟ ମତଦାନର ଗୋଟିଏ ଦିନ ପୂର୍ବରୁ ବୁଧବାର ମାଓବାଦୀମାନେ ଲ୍ୟାଣ୍ଡମାଇନ ବିସ୍ଫୋରଣ କରି କୋରାପୁଟ ଜିଲା ପୋଲିସ ଓ ସ୍ଥାନୀୟ ଅର୍ଦ୍ଧସାମରିକ ବଳକୁ ଏକ ପ୍ରକାର ଚ୍ୟାଲେଞ୍ଜ ଦେଇଛନ୍ତି। ଜିଲାର ଲମତାପୁଟ ବ୍ଲକ ବାଲେଲ ପଞ୍ଚାୟତ ଅନ୍ତର୍ଗତ ଲୁଗୁମ ଗ୍ରାମଠାରେ ବୁଧବାର ଦିନ ୧୨ଟା ୪୫ ମିନିଟ୍‌ରେ ମାଓବାଦୀ ବିଛାଇଥିବା ଏକ ଶକ୍ତିଶାଳୀ ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଛି। ଏଥିରେ କୌଣସି ମୃତାହତ ଖବର ନଥିବା ବେଳେ ବିସ୍ଫୋରଣ ଏତେ ଜୋରରେ ଥିଲା ଯେ ଏହାର ଶବ୍ଦ ଅନେକ ଗ୍ରାମକୁ ଶୁଣାଯାଇଥିଲା। ପ୍ରଥମେ ଏହାକୁ ଲୋକେ ଭୂମିକମ୍ପ ବୋଲି ଭାବିଥିଲେ। ଲୁଗୁନ ଗ୍ରାମଠାରେ ହୋଇଥିବା ଏକ ମତଦାନ କେନ୍ଦ୍ରରେ ପୋଲିଙ୍ଗ ପାର୍ଟିକୁ ଛାଡ଼ି ଏକ ମିନି ବସ୍ ଲମତାପୁଟ ଆସୁଥିବାବେଳେ ଲୁଗୁମ ଓ କାମେଲ ଗ୍ରାମ ମଧ୍ୟରେ ଏହି ବିସ୍ଫୋରଣ ଘଟିଛି।



ଜିଲାର ସମସ୍ତ ସୀମାକୁ ସିଲ୍ କରାଯିବା ସହ ମାଓବାଦୀ ଉପଦ୍ରୁତ ଅଞ୍ଚଳରେ କୋମ୍ବିଂ ଜୋର୍‌ଦାର କରାଯାଇଛି। ଏପରି ଅଞ୍ଚଳରେ ଅତିରିକ୍ତ ଫୋର୍ସ ମୁତୟନ କରାଯାଇଛି।

**କନୱର ବିଶାଳ ସିଂହ, କୋରାପୁଟ ଏସ୍‌ପି**

ଘଟଣାସ୍ଥଳକୁ ଅନକାଡେଲିସ୍ଥିତ ବିଏସ୍‌ଏଫ୍‌ର ୧୫ ନଂ ବାଟାଲିୟନର ଯବାନମାନେ ପହଞ୍ଚି ତଲାସି ଅଭିଯାନ ଚଳାଇଛନ୍ତି। ଅନ୍ୟପକ୍ଷରେ ନନ୍ଦପୁର ବ୍ଲକ ଜଲାପୁଟ ଗ୍ରାମ ନିକଟ ବିଏସ୍‌ଏଫ୍ କ୍ୟାମ୍ପଠାରୁ ମାତ୍ର ୫୦୦ ମିଟର ଦୂର ଲୁହା ବ୍ରିଜ ନିକଟସ୍ଥ ପମ୍ପ ହାଉସଠାରେ ଏକ ଜୀବନ୍ତ ଲ୍ୟାଣ୍ଡମାଇନ ରହିଥିବା ଜଣାପଡ଼ିଥିଲା। ସଂପୃକ୍ତ ଅଞ୍ଚଳକୁ ସ୍ଥାନୀୟ ବିଏସ୍‌ଏଫ୍ ଯବାନମାନେ ସିଲ୍ କରିବା ସହ ସେହି ରୁଟ୍‌ରେ ଯାନବାହନ ଚଳାଚଳ ବନ୍ଦ କରାଯାଇଛି। ଲ୍ୟାଣ୍ଡମାଇନକୁ ଉଦ୍ଧାର କରି ନିଷ୍କ୍ରିୟ କରିଥିବା ମାଛକୁଣ୍ଡ ଥାନା ଅଧିକାରୀ ଦେବେନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।

ଗୁରୁବାର ଭୋଟ୍ ଗ୍ରହଣ ପୂର୍ବରୁ ମାଓବାଦୀମାନଙ୍କ ଏଭଳି କାଣ୍ଡ ସ୍ଥାନୀୟ ଲୋକମାନଙ୍କୁ ଆତଙ୍କିତ କରିଛି। ଏହାକୁ ଦୃଷ୍ଟିରେ ରଖି କୋରାପୁଟ ଜିଲାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ବୁଧବାର ପୂର୍ବାହ୍ନ ୧୦ଟା ୩୦ରେ ସ୍ଥାନୀୟ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୋରାପୁଟ ଏସ୍‌ପି କନୱର ବିଶାଳ ସିଂହ ସୂଚନା ଦେଇ କହିଛନ୍ତି ଯେ, ଜିଲାରେ ଅବାଧ ଓ ଶୃଙ୍ଖଳିତ ନିର୍ବାଚନ ପାଇଁ ରାଜ୍ୟ ସଶସ୍ତ୍ର ପୋଲିସର ୨୭ଟି କମ୍ପାନୀ ନିୟୋଜିତ କରାଯାଇଛି। ସେମାନଙ୍କୁ ସହଯୋଗ କରିବା ପାଇଁ ବିଏସ୍‌ଏଫ୍‌ର ୨୫ଟି କମ୍ପାନୀ ଜିଲାର ସମସ୍ତ ସ୍ଥାନରେ ମୁତୟନ ହୋଇଛନ୍ତି। ସେହିପରି ଜିଲାର ୧୧୪୧ଟି ବୁଥ୍ ପାଇଁ ଜିଲା ପୋଲିସ, ହୋମଗାର୍ଡ, ଏସ୍‌ଓଜିଙ୍କ ସମେତ ୨ହଜାର ପୋଲିସ କର୍ମଚାରୀ ନିୟୋଜିତ କରାଯାଇଛି। ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ସମସ୍ତ ପ୍ରାର୍ଥୀମାନଙ୍କୁ ଏସ୍‌ଓପି ପାଳନ କରିବାକୁ କୁହାଯାଇଛି। ନିକଟରେ ଛତିଶଗଡ଼ରେ ମାଓବାଦୀଙ୍କ ବିସ୍ଫୋରଣ ଘଟଣା ପରେ ଜିଲାର ସମସ୍ତ ସୀମାକୁ ସିଲ କରାଯିବା ସହ ମାଓବାଦୀ ଉପଦ୍ରୁତ ଅଞ୍ଚଳରେ କୋମ୍ବିଂ ଜୋରଦାର କରାଯାଇଛି। ଏପରି ଅଞ୍ଚଳରେ ଅତିରିକ୍ତ ଫୋର୍ସ ମୁତୟନ କରାଯାଇଥିବା ଏସ୍‌ପି କହିଛନ୍ତି।



# ରବିଧାନ ଫସଲରେ ରୋଗ

ଜୟପୁର,୧୦।୪(ଡି.ଏନ୍.ଏ.)

ଜୟପୁର ବ୍ଲକରେ ରବିଧାନ ଫସଲ ରୋଗାକ୍ରାନ୍ତ ହୋଇ ନଷ୍ଟହେବାରେ ଲାଗିଛି। ବିଭାଗ ନିକଟରେ ଏନେଇ କୌଣସି ଅଭିଯୋଗ ହୋଇ ନଥିବା କୁହାଯାଇଛି। ଅନ୍ୟପକ୍ଷରେ ଜୟପୁର ବ୍ଲକର ରଣ୍ଡାପାଲୀ ପଞ୍ଚାୟତର ହର୍ଦ୍ଧଲୀ, ବଡ଼ଜିଉନାର ସଲପା, ଟାଙ୍କୁଆ ପଞ୍ଚାୟତର ଚାଷ ଜମିରେ ରବିଧାନ ଫସଲରେ ପତ୍ରଫଟା, କାଣ୍ଡବିନ୍ଧା, ପତ୍ରପୋଡ଼ା ରୋଗ ଲାଗିଛି। ଫଳରେ ଗଛରେ ଧାନ ଫଳିବା ପୂର୍ବରୁ ଗଛ ନଷ୍ଟ ହେବାର ଆଶଙ୍କା ବୃଦ୍ଧି ପାଇଛି। ରବିଧାନ ଅମଳ ଉପରେ ଏହାର ପ୍ରଭାବ ପଡ଼ିବ ବୋଲି ଚାଷୀଙ୍କ ଭିତରେ ଭାଳେଣି ପଡ଼ିଲାଣି। କୃଷି ବିଭାଗର ଅଧିକାରୀ ଓ କର୍ମଚାରୀ ରାଜ୍ୟ ସରକାରଙ୍କ କାଳିଆ ଯୋଜନା ଓ ବର୍ତ୍ତମାନ ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତ ଥିବା ଯୋଗୁଁ ସେମାନଙ୍କ ପାଖରେ ଏନେଇ କୌଣସି ସୂଚନା ନାହିଁ। କେତେ ପରିମାଣ ଜମି ଏହି ରୋଗ ଦ୍ୱାରା ପ୍ରଭାବିତ ହୋଇଛି ଓ ଏହାର ପ୍ରତିକାର ବ୍ୟବସ୍ଥା କରାନଗଲେ ଏହି ରୋଗ ବ୍ୟାପିବା ସହ ସ୍ଥିତି ଅଣାୟତ ହେବ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏନେଇ ବ୍ଲକ ସହକାରୀ କୃଷି ଅଧିକାରୀ କେ. ସତ୍ୟନାରାୟଣଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଏନେଇ କୌଣସି ଅଭିଯୋଗ ହୋଇନାହିଁ। ଏହିପରି ରୋଗ ହୋଇଥିଲେ ତୁରନ୍ତ ଏହାର ପ୍ରତିକାର କରାଯିବ।

# ପିକ୍‌ଅପ୍ ଭ୍ୟାନ ଦୁର୍ଘଟଣା: ୫ ଗୁରୁତର



ଦଶମନ୍ତପୁର, ୧୦।୪(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ମୁର୍କାର ପଞ୍ଚାୟତ ତୋଟାଗୁଡ଼ା ଗାଁ ନିକଟରେ ବୁଧବାର ଏକ ପିକ୍‌ଅପ୍ ଭ୍ୟାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଥିବା ସମସ୍ତ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ଜଣ ମହିଳା ଓ ଗାଡି ମାଲିକ ନିରଞ୍ଜନ ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ସେମାନଙ୍କୁ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ପ୍ରକାଶ ଯେ, କେତେକ ଲୋକ ନାରାୟଣପାଟଣାରୁ ଏକ ପିକ୍‌ଅପ ଗାଡ଼ି(ଏପି–୩୫ଟି–୮୪୧୫)ରେ ଲୁଲ୍ଲା ପଞ୍ଚାୟତ ଘାଣ୍ଟାଗୁଡ଼ା ଗାଁକୁ ଏକ ବିବାହ ଭୋଜିରେ ଯୋଗ ଦେବାକୁ ଯାଉଥିଲେ। ଏହି ସମୟରେ ତୋଟାଗୁଡ଼ା ଗାଁ ନିକଟ ଆମ୍ବପଦାଠାରେ ଗାଡିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଥିବା ସମସ୍ତ ଯାତ୍ରୀ ଆହତ ହୋଇଛନ୍ତି। ତୋଟାଗୁଡ଼ା ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଦଶମନ୍ତପୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

# ୨୬,୩୧୪ ହେକ୍ଟର ଜମିରେ ରବିଧାନ ଚାଷ

## ଲକ୍ଷ୍ୟଧାର୍ଯ୍ୟଠାରୁ ଅଧିକ ୧୭ ହେକ୍ଟର

ଜୟପୁର,୧୦।୪(ଡି.ଏନ୍.ଏ.)

କୋରାପୁଟ ଜିଲାରେ ରବିଧାନ ଫସଲ ପାଇଁ ଜମିରେ ବେଉସା କାର୍ଯ୍ୟ ଶେଷ ହୋଇଛି। ଧାନଗଛ ବଢ଼ିବାକୁ ଲାଗିଥିବା ବେଳେ ଜମିରେ ସାରଦେବା କାର୍ଯ୍ୟ ସରିଛି। କୃଷି ବିଭାଗର ତଥ୍ୟ ଅନୁଯାୟୀ ୨୦୧୯ରେ ୨୬ ହଜାର ୨୯୭ ହେକ୍ଟର ଜମିରେ ରବିଧାନ ଚାଷ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। କିନ୍ତୁ ଏହାଠାରୁ ଅଧିକ ୧୭ ହେକ୍ଟର ଚାଷଜମିରେ ରବିଧାନ ଚାଷ କରାଯାଇଛି। ବିଭାଗର ଆକଳନ ଅନୁଯାୟୀ ହେକ୍ଟର ପିଛା ୫୫ କୁଇଣ୍ଟାଲ ଧାନ ଅମଳ ହେଲେ ୧୪ ଲକ୍ଷ ୪୭ ହଜାର ୨୭୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ଅମଳ ହେବାର ଆଶା କରାଯାଇଛି। ସେହିପରି ଧାନର ଉତ୍ତମ ଅମଳ ଓ ବୃଦ୍ଧି, ପାଣିପାଗ ଏବଂ ଗଛର ରୋଗ ଦାଉରୁ ରକ୍ଷା ପାଇବା ଉପରେ ନିର୍ଭର କରୁଛି। ଜିଲାର ଜୟପୁର ବ୍ଲକରେ ସର୍ବାଧିକ ୧୩ ହଜାର ୧୧୦ ହେକ୍ଟର ଜମିରେ ରବିଧାନ ଚାଷ କରାଯାଇଛି। ସେହିପରି କୋଟପାଡ଼ ବ୍ଲକରେ ୪୬୫୬ ହେକ୍ଟର, କୁନ୍ଦୁରାରେ ୨୦୮୦ ହେକ୍ଟର, ବୈପାରୀଗୁଡ଼ାରେ ୬୨ହେକ୍ଟର ଜମିରେ ରବିଧାନ ଚାଷ କରାଯାଇଛି। ଅନ୍ୟ ବ୍ଲକରେ ଲକ୍ଷ୍ୟାଧାର୍ଯ୍ୟ ଅନୁଯାୟୀ ଜମିରେ ଧାନ ଚାଷ କରାଯାଇଛି। ବୋରିଗୁମ୍ମାରେ ୧୩୧୧ ହେକ୍ଟର, କୋରାପୁଟ ୫୦୫ ହେକ୍ଟର, ସେମିଳିଗୁଡ଼ା ୧୦୦୦ ହେକ୍ଟର, ଦଶମନ୍ତପୁର ୩୭୫, ନନ୍ଦପୁର ୧୦୨୦, ଲମତାପୁଟ ୪୮୦, ପଟ୍ଟାଙ୍ଗି ୫୮୦, ନାରାୟଣପାଟଣା ୪୮୦, ଲକ୍ଷ୍ମୀପୁର ୪୬୫ ଏବଂ ବନ୍ଧୁଗାଁ ବ୍ଲକରେ ୧୯୦ ହେକ୍ଟର ଜମିରେ ରବିଧାନ ଚାଷ କରାଯାଇଛି।

# ୧୫ରୁ ପଞ୍ଚପଟ୍ଟମାଳୀ ନାଟ୍ୟ ମହୋତ୍ସବ

ଦାମନଯୋଡ଼ି, ୧୦।୪ (ଡି.ଏନ୍.ଏ.)

ରାଜ୍ୟସ୍ତରୀୟ କ୍ଷୁଦ୍ର ଓଡ଼ିଆ ନାଟକ ପ୍ରତିଯୋଗିତା 'ପଞ୍ଚପଟ୍ଟମାଳୀ ନାଟ୍ୟ ମହୋତ୍ସବ' ଏପ୍ରିଲ ୧୫ରୁ ୨୫ ତାରିଖ ପର୍ଯ୍ୟନ୍ତ ସେକ୍ଟର–୧ ମୁକ୍ତମଞ୍ଚରେ ଅନୁଷ୍ଠିତ ହେବ। ଚଳିତ ବର୍ଷ ରାଜ୍ୟର ବିଭିନ୍ନ ଜିଲାରୁ ୧୭ଟି ନାଟ୍ୟଦଳ ଅଂଶଗ୍ରହଣ କରିବେ। ୧୫ ତାରିଖ ଉଦ୍‌ଘାଟନୀ ସମାରୋହ ସହ ଭୁବନେଶ୍ୱରର 'ପଞ୍ଚଧ୍ୱନି ନାଟ୍ୟ ପରିଷଦ' ପକ୍ଷରୁ ନାଟକ 'ସ୍ରଷ୍ଟା' ମଞ୍ଚସ୍ଥ ହେବ। ୧୬ ତାରିଖ କଟକର ଶ୍ରଦ୍ଧାଞ୍ଜଳି କ୍ଲବର ନାଟକ 'ଅର୍ଜୁନି' ଏବଂ ଭୁବନେଶ୍ୱରର ଉତ୍କଳ ନାଟ୍ୟମ୍ ସଂସ୍ଥାର ନାଟକ 'ପଥର' ମଞ୍ଚସ୍ଥ ହେବ। ୧୮ ତାରିଖ ଅନୁଗୁଳ ନାଲ୍‌କୋ ନଗରର ସାରେଗାମା ନାଟ୍ୟଦଳର ନାଟକ 'ସମ୍ପର୍କ' ଓ ଭୁବନେଶ୍ୱରର ଯାଆଁଳା ସ୍ଥିତ ଇନ୍ଦ୍ରଧନୁ ଥିଏଟରର ନାଟକ




ଖବରଦାତା ସମ୍ମିଳନୀରେ ପଞ୍ଚପଟ୍ଟମାଳୀ ନାଟ୍ୟ ମହୋତ୍ସବର କର୍ମକର୍ତ୍ତା।

'ମରିଚିକା' ପରିବେଷିତ ହେବ। ୧୯ ତାରିଖ ଭୁବନେଶ୍ୱରର ତରଙ୍ଗ ଥିଏଟର ପକ୍ଷରୁ ନାଟକ 'ଗାନ୍ଧୀଙ୍କ ସହ ଗୋଟିଏ ରାତି' ଓ ଢେଙ୍କାନାଳର ସପ୍ତରଙ୍ଗ ପକ୍ଷରୁ ନାଟକ 'ସମ୍ରାଟ ଭିଲୁକେଶ୍ୱର ରାଉଳ', ୨୦ ତାରିଖ ପୁରୀର କବଚ ନାଟ୍ୟଦଳର ନାଟକ 'ଅନ୍ୟ ଆକାଶ' ଏବଂ ଭୁବନେଶ୍ୱର ନାଲକୋ କର୍ପୋରେଟ ଅଫିସ୍‌ର ନାଟକ 'ଭିନ୍ନ ଦୃଷ୍ଟି' ମଞ୍ଚସ୍ଥ ହେବ। ୨୧ ତାରିଖ ନାଟକ ଆଲୋଚନା ଶିବିର 'ଉନ୍ମେଷ–୨୦୧୯' ଏବଂ ୫ଟି ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା କ୍ଷୁଦ୍ର ନାଟକ ପରିବେଷିତ ହେବ। ୨୨ ତାରିଖ ବାଲେଶ୍ୱରର କଳାକାର ନାଟ୍ୟ ସଂସ୍ଥାର ନାଟକ 'ଶ୍ରେଷ୍ଠ ଅବତାର' ଓ ରାଉରକେଲାର ପରିଚୟ ନାଟ୍ୟଦଳର ନାଟକ 'ସନ୍ତାନ' ମଞ୍ଚସ୍ଥ ହେବ। ୨୩ ତାରିଖ ବେଲପାହାଡର ମିରର ଥିଏଟର ପ୍ରାୟୋଜିତ ନାଟକ 'ଏପ୍ରିଲ ୨୭' ଓ ରାଉରକେଲାର କଳାକାର ଏକତା ମଞ୍ଚର ନାଟକ 'ଆଖିଦେଖା କଥା', ୨୪ ତାରିଖ ରାଉରକେଲାର ସଂକଳ୍ପ ନାଟ୍ୟଦଳର ନାଟକ 'ଶେଷ ଇଚ୍ଛା' ଏବଂ ସୋଏଲର ଡ୍ରାମା ଚେତନା ପକ୍ଷରୁ ନାଟକ 'ବାବୁ ଖରଗ' ମଞ୍ଚସ୍ଥ ହେବ। ୨୫ ତାରିଖ ଉଦ୍‌ଯାପନୀ ସମାରୋହ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ରହିଥିବା ଖବରଦାତା ସମ୍ମିଳନୀରେ ଆୟୋଜକ ସୂଚନା ଦେଇଛନ୍ତି। ନାଟକ ସହ ଖାଦ୍ୟ ଓ ହସ୍ତତନ୍ତ ମେଳା ମଧ୍ୟ ଅନୁଷ୍ଠିତ ହେବ। ସମ୍ମିଳନୀରେ ପଞ୍ଚପଟ୍ଟମାଳୀ ନାଟ୍ୟ ମହୋତ୍ସବର ଉପଦେଷ୍ଟା ନେତ୍ରାନନ୍ଦ ମହାରଣା, ସଭାପତି ପି.କେ. ଦାଶ ଓ ସମ୍ପାଦକ ଶିଶିର ମିଶ୍ର, ଯୁଗ୍ମ ସମ୍ପାଦକ ସୁଶାନ୍ତ କର, ବରିଷ୍ଠ ସଦସ୍ୟ ଅଶୋକ କର, ନିର୍ମଳ ରାଉତ, କାର୍ଯ୍ୟାଳୟ ସମ୍ପାଦକ ଚିତ୍ତରଞ୍ଜନ ଦାଶ, ସଦସ୍ୟ ଶ୍ରୀକାନ୍ତ ନାୟକ, ମନୋଜ ପୃଷ୍ଟି ଓ ସଞ୍ଜୟ ବାରିକ ଉପସ୍ଥିତ ଥିଲେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ



### ଦୁଇ ବାଇକ୍ ଧକ୍କା: ୪ ଆହତ

**କାଶୀପୁର, ୧୦।୪(ଡି.ଏନ୍.ଏ.):** ରାୟଗଡା ଜିଲା କାଶୀପୁର ବ୍ଲକ ନକଟିଗୁଡି ମନ୍ଦିର ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୪ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଝିରୁଗୁମା ଗ୍ରାମର ଲକ୍ଷ୍ମଣ ନାଏକ, ପୂର୍ଣ୍ଣଚନ୍ଦ୍ର ମୁଦୁଲି, ପ୍ରତାପ ଝୋଡିଆ, ଭାବେନ୍ଦ୍ର ଝୋଡିଆ। ଆହତଙ୍କୁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଘଟଣା ସମ୍ପର୍କରେ କାଶୀପୁର ପୋଲିସ ତଦନ୍ତ ଚଳାଇଛି।

### ମାଓବାଦୀଙ୍କ ଅଡ଼ିଓ ଟେପ ଜାରି
### ଭୋଟ ବର୍ଜନ କରିବାକୁ ଚେତାବନୀ

**କଲ୍ୟାଣସିଂହପୁର, ୧୦।୪(ଡି.ଏନ୍.ଏ.):** ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ସଦର ମହକୁମାରେ ବୁଧବାର ବାଘୁମା ବଂଶଧାରା ଘୁମୁସରା ନାଗାବଳୀ ଡିଭିଜନ ସିପିଆଇ ମାଓବାଦୀ ଭୋଟ ବର୍ଜନ କରିବାକୁ ପ୍ରେସ ବିଜ୍ଞପ୍ତି ଓ ଅଡିଓ ଟେପ ଜାରି କରିଛି। ପୋଲିସ କୋମ୍ବିଂ ଅପରେଶନ ବନ୍ଦ କରୁ ବୋଲି ଉଲ୍ଲେଖ ରହିଛି। ନିର୍ବାଚନକୁ ଦୃଷ୍ଟରେ ରଖି ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି ବୋଲି କଲ୍ୟାଣସିଂହପୁର ଥାନାଧିକାରୀ କହିଛନ୍ତି।

### ୨ ନବଜାତ ଶିଶୁକନ୍ୟା ଉଦ୍ଧାର

**ସୋର/ ବାସୁଦେବପୁର, ୧୦।୪ (ଡି.ଏନ.ଏ.):** କନ୍ୟା ସନ୍ତାନଙ୍କ ସୁରକ୍ଷା ଲାଗି ସରକାର ବିଭିନ୍ନ ପ୍ରକାର ଯୋଜନା କରୁଥିବାବେଳେ ଏପର୍ଯ୍ୟନ୍ତ ସେଥିରେ ସଫଳ ହୋଇପାରି ନାହାନ୍ତି। ସୋର ଥାନା ଅଧୀନ ଅନନ୍ତପୁର ବାସୁଦେବପୁର-ଗୁଡ଼ ରାସ୍ତା କଡ଼ରେ ଦୁଇ ନବଜାତ ଶିଶୁକନ୍ୟା କାନ୍ଦୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି। ଗୁଡ଼ ଗ୍ରାମର ଉଦ୍ଧବ ନାୟକ ନାମକ ଜଣେ ବ୍ୟକ୍ତି ରାସ୍ତାରେ ଯାଉଥିବାବେଳେ କାନ୍ଦ ଶୁଭିବା ସ୍ଥାନରେ ପହଞ୍ଚିଥିଲେ। ସେଠାରେ ଦୁଇ ଶିଶୁକନ୍ୟାଙ୍କୁ ଦେଖି ଉଭୟଙ୍କୁ ଘରକୁ ନେଇ ଆସିଥିଲେ। ତେବେ ଦୁଇ ଶିଶୁ କନ୍ୟାଙ୍କୁ କିଏ ଏପରି ନିର୍ଜନ ସ୍ଥାନରେ ପକାଇ ଦେଇଛି ଏଥିନେଇ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଶିଶୁ ଦୁହିଁଙ୍କୁ ଦେଖିବା ପାଇଁ ଉଦ୍ଧବଙ୍କ ଘରେ ପ୍ରବଳ ଭିଡ଼ ଜମିଛି।

# ଶୃଙ୍ଖଳିତ ନିର୍ବାଚନ ପାଇଁ ପ୍ରଶାସନ ପ୍ରସ୍ତୁତ

**ରାୟଗଡା ଅଫିସ୍, ୧୦।୪**

**ଆଜି ମତଦାନ**
- ୩୦୦ ବୁଥ୍‌ରେ ସିସିଟିଭି କ୍ୟାମେରା
- ନିର୍ବାଚନ କାମରେ ୧୪୦୦ ପୋଲିସ କର୍ମଚାରୀ
- ୧୧ପ୍ଲାଟୁନ ସିଆର୍‌ପିଏଫ୍, ୨ପ୍ଲାଟୁନ ଲେଖାଏଁ ବିଏସ୍ଏଫ୍ ଓ ଏସ୍ଏସ୍‌ବି ଯବାନ ମଧ ସାମିଲ

ଗୁରୁବାର ରାୟଗଡ଼ାରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ମାଓବାଦୀମାନେ ଗୁରୁବାର ବନ୍ଦ ଡାକରା ଦେବା ସହ ଲୋକମାନଙ୍କୁ ଭୋଟ ବର୍ଜନ କରିବାକୁ ଆହ୍ୱାନ ଦେଇଛନ୍ତି। ତେଣୁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି ବୋଲି ଏସ୍‌ପି ଡା. ଶ୍ରବଣ ବିବେକ ଏମ୍ କହିଛନ୍ତି। ନିର୍ବାଚନ ସୁରୁଖୁରୁରେ କରିବା ପାଇଁ ପ୍ରଶାସନ ପ୍ରସ୍ତୁତ ଥିବାନେଇ ଜିଲାପାଳ ପ୍ରମୋଦ କୁମାର ବେହେରା କହିଛନ୍ତି। ଭୋଟଗ୍ରହଣ ପୂର୍ବରୁ ମକ୍‌ପୋଲ ଅନୁଷ୍ଠିତ ହେବ। ମକ୍‌ପୋଲ ପରେ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟଦାନ କରାଯିବ।

ରାୟଗଡା ଜିଲାର ରାୟଗଡା, ବିଷମକଟକ ଓ ଗୁଣପୁର ନିର୍ବାଚନମଣ୍ଡଳୀରେ ମୋଟ ୧୬ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟର ନିର୍ଦ୍ଧାରଣ କରିବେ। ରାୟଗଡା ନିର୍ବାଚନ ମଣ୍ଡଳୀରେ ୫, ଗୁଣପୁରରେ ୬ ଓ ବିଷମକଟକ ନିର୍ବାଚନ ମଣ୍ଡଳୀରେ ୫ଜଣ ପ୍ରାର୍ଥୀ ରହିଛନ୍ତି । ଏଥିପାଇଁ ଜିଲାର ସମସ୍ତ ୧୧ଟି ବ୍ଲକ୍ ଓ ୩ଟି ସହରାଞ୍ଚଳରେ ୮୭୧ ବୁଥ୍ ପ୍ରସ୍ତୁତ ରହିଛି। ସେଥି ମଧ୍ୟରୁ ୭୮୫ ବୁଥ୍‌କୁ ମଙ୍ଗଳବାର ନିର୍ବାଚନ କର୍ମଚାରୀମାନେ ଯାଇଥିବା ବେଳେ ସମ୍ବେଦନଶୀଳ ଓ ଅତିସମ୍ବେଦନଶୀଳ ୮୬ଟି ବୁଥ୍‌କୁ ବୁଧବାର କର୍ମଚାରୀମାନେ ଯାଇଛନ୍ତି। ସେଥିମଧ୍ୟରୁ ରାୟଗଡା ଓ ଗୁଣପୁରର ୨୪ଟି ଲେଖାଏଁ ବୁଥ୍ ରହିଥିବା ବେଳେ ବିଷମକଟକରେ ରହିଛି ୩୮ଟି ବୁଥ୍। ନିର୍ବାଚନ ଅଧିକାରୀ ଓ କର୍ମଚାରୀଙ୍କୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ବୁଥ୍‌କୁ ନିଆଯାଇଛି। ୮୭୧ବୁଥ୍ ମଧ୍ୟରୁ ରାୟଗଡା ସହରରେ ୫୪, କାଶୀପୁର ବ୍ଲକ୍‌ରେ ସର୍ବାଧିକ ୧୩୨ଟି ବୁଥ୍ ରହିଥିବା ବେଳେ ରାୟଗଡା ବ୍ଲକ୍‌ରେ ୧୧୨, କଲ୍ୟାଣସିଂହପୁରରେ ୫୫, ବିଷମକଟକରେ ୮୬, ପଦ୍ମପୁରରେ ୫୩, କୋଲନରାରେ ୭୧, ମୁନିଗୁଡାରେ ୭୭, ରାମନାଗୁଡାରେ ୬୧, ଚନ୍ଦ୍ରପୁରରେ ୨୭, ଗୁଡାରୀରେ ୭୩ ଓ ଗୁଣପୁର ବ୍ଲକ୍‌ରେ ୭୯ଟି ବୁଥ୍ ରହିଛି। ଜିଲାରେ ମୋଟ ୬ଲକ୍ଷ ୫୯ହଜାର ୪୨୨ଜଣ ମତଦାତା ରହିଛନ୍ତି। ୩୦୦ ବୁଥ୍‌ରେ ସିସିଟିଭି ଖଞ୍ଜାଯାଇଛି। ୮୭୧ ବୁଥ୍ ମଧ୍ୟରୁ ୩୧୩ ସମ୍ବେଦନଶୀଳ ଓ ୮୬ ଅତିସମ୍ବେଦନଶୀଳ ବୁଥ୍ ପୋଲିସ ଚିହ୍ନଟ କରିଛି। ସେହିସବୁ ବୁଥ୍ ଗୁଡିକରେ ୱେବ୍‌କାଷ୍ଟିଂ, ଭିଡିଓଗ୍ରାଫି ଓ ଫଟୋ ଉତ୍ତୋଳନର ବ୍ୟବସ୍ଥା ଜିଲା ନିର୍ବାଚନ ବିଭାଗ ପକ୍ଷରୁ ହୋଇଛି। ୧୪୦୦ ପୋଲିସ କର୍ମଚାରୀ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଏତଦ୍‌ବ୍ୟତୀତ ସୁରକ୍ଷା ଦୃଷ୍ଟିରୁ ୧୧ପ୍ଲାଟୁନ ସିଆର୍‌ପିଏଫ୍ ଓ ୨ପ୍ଲାଟୁନ ଲେଖାଏଁ ବିଏସ୍ଏଫ୍ ଏବଂ ଏସ୍ଏସ୍‌ବି ଯବାନଙ୍କୁ ମୁତୟନ କରାଯାଇଛି। ଗୁରୁବାର ମାଓବାଦୀମାନେ ବନ୍ଦ ଡାକରା ଦେବାସହ ନିର୍ବାଚନ ବର୍ଜନ ପାଇଁ ଆହ୍ୱାନ ଜଣାଇଛନ୍ତି। ସେହି ଦୃଷ୍ଟିକୋଣରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବା ସହ କୋମ୍ବିଂ ଜୋରଦାର କରାଯାଇଛି। ମାଓବାଦୀ ପ୍ରବଣ ଅଞ୍ଚଳରେ ଏସ୍‌ଓଜି ଓ ଡିଭିଏଫ୍ ଯବାନ୍‌ମାନେ ଏହି କୋମ୍ବିଂ ଅପରେଶନରେ ସାମିଲ୍ ହୋଇଛନ୍ତି। ବିଭିନ୍ନ ସ୍ଥାନରେ ଚେକିଂ ଓ ପିକେଟିଂକୁ ଜୋରଦାର କରାଯାଇଛି। ସମସ୍ତ ପ୍ରକାର ସ୍ଥିତିକୁ ମୁକାବିଲା କରାଯିବ ବୋଲି ଏସ୍‌ପି କହିଛନ୍ତି। ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ବୁଥ୍‌ରେ ମାଜିଷ୍ଟ୍ରେଟ ଓ ପାରାମିଲିଟାରୀ ଫୋର୍ସ ମୁତୟନ ହୋଇଛନ୍ତି। ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ କରିବାକୁ ଜିଲା ପ୍ରଶାସନ ପ୍ରସ୍ତୁତ ବୋଲି ଜିଲାପାଳ କହିଛନ୍ତି।



ପୋଲିସ ପକ୍ଷରୁ ପାରଳାଖେମୁଣ୍ଡି ସହରରେ ବୁଧବାର ମକ୍‌ଡ୍ରିଲ କରାଯାଉଛି।

## ମକ୍‌ଡ୍ରିଲ୍ ମାଧ୍ୟମରେ ସଚେତନତାର ବାର୍ତ୍ତା ଦେଲା ପୋଲିସ

**ପାରଳାଖେମୁଣ୍ଡି, ୧୦।୪ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଗୁରୁବାର ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ । ଏହାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ପୋଲିସ ଏବଂ ସିଆର୍‌ପିଏଫ୍‌ର ଯବାନମାନେ ସାମିଲ ହୋଇଥିଲେ। ପାରଳାଖେମୁଣ୍ଡି ଥାନା ସମ୍ମୁଖରୁ ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ପୋଲିସର ଏକ ଟିମ୍ ସହର ପରିକ୍ରମା କରି ଲୋକମାନଙ୍କୁ ଶାନ୍ତିଶୃଙ୍ଖଳାର ସହ ମତଦାନ କରିବାକୁ ପରାମର୍ଶ ଦେଇଥିଲେ। ନିର୍ବାଚନ ପାଇଁ ରହିଥିବା ସମସ୍ତ ନିୟମ ମାନିବା ନେଇ ପୋଲିସ ପକ୍ଷରୁ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## କଳସୀ ଯାତ୍ରାରେ ଦୁଲୁକୁଛି ରାଇଘର

**ରାଇଘର,୧୦।୪(ନି.ପ୍ର)**

ନବରଙ୍ଗପୁର ଜିଲା ରାଇଘରଠାରେ କଳସୀ ଯାତ୍ରା ମଙ୍ଗଳବାର ଆରମ୍ଭ ହୋଇଛି । ୯ଦିନ ଧରି ହୋଇଥିବା ଏହି ଯାତ୍ରାରେ ମା'ଗଙ୍ଗାଦେଇ ଠାକୁରାଣୀଙ୍କ ପ୍ରସିଦ୍ଧ କଳସୀ ଯାତ୍ରାରେ ରାଇଘର ଅଞ୍ଚଳ ଉତ୍ସବମୁଖର ହୋଇ ଉଠିଛି। ଚଳିତ ବର୍ଷ ମଙ୍ଗଳବାର ଏହି ଯାତ୍ରା ଆରମ୍ଭ ହୋଇଛି। ରାଇଘର ଅଞ୍ଚଳର ପ୍ରସିଦ୍ଧ ପର୍ବ କହିଲେ ରାଇଘର ମଣ୍ଡେଇ ଯାତ୍ରା। ବର୍ଷକୁ ଥରେ ଚୈତ୍ର ମାସରେ ହେଉଥିବା ଏହି ଯାତ୍ରା ରାଇଘର ସ୍ଥିତ ଭିତରଗଡ ଗଜଭାରଣ୍ଡଠାରେ ଶତାଧିକ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି । କଳସ ବନ୍ଧା କାର୍ଯ୍ୟରୁ ଏହି ଯାତ୍ରା ଆରମ୍ଭ ହୋଇଥାଏ । ସ୍ୱତନ୍ତ୍ର ଭାବେ ଜଣେ କୁମ୍ଭାର ଉପବାସ ରହି ନଦୀରୁ ମାଟି ଆଣି କଳସ ତିଆରି କରିଥାନ୍ତି। ଚଳିତ ବର୍ଷ କଳସ ଯାତ୍ରା ଆରମ୍ଭ ପୂର୍ବ ଦିନ ସୋମବାର ଠାକୁରାଣୀ ମନ୍ଦିରରେ ଠାକୁରାଣୀ ପୂଜାରୀ, ପେଣ୍ଡ୍ରାଣୀ ପୂଜାରୀ, ମାଟି ଦେବତା ପୂଜାରୀ, ଠାକୁରାଣୀ ଶୀରା, କମଳ ସିଂ ରାଜପୁତ ଗାଉଁଟିଆ (ମୁଖିଆ),ବିଲୁସିଂ ରାଜପୁତ,ମାଳିସିଂ ପାତ୍ର, ଇନ୍ଦୋଲ ରାଜଗଣ୍ଡ, ମହେନ୍ଦ୍ର ରାଜପୁତଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ରହି ମା'ଙ୍କ ପାଇଁ ଆସିଥିବା ବସ୍ତ୍ର, ଅଳଙ୍କାର, ପୂଜା ସାମଗ୍ରୀ, କଳସକୁ ରୀତିନୀତି ଅନୁଯାୟୀ ପୂଜା କରିଥିଲେ। ପରେ ସେହି କଳସକୁ ଭିତରଗଡକୁ ଅଣାଯାଇ ସେଥିରେ ନେଙ୍ଗିକୁଳ, ପାତ୍ରକୁଳ, ଦଣ୍ଡସେନାକୁଳ,ଗଇଁତାକୁଳ, ସୋମରଥକୁଳ, ଶ୍ୟାମପୁରିଆ,ଧୁରୁଆ ଓ ଡେଙ୍ଗୁରମୁଣ୍ଡିଆର ପୂଜାରୀଙ୍କ ଘରୁ ଆସିଥିବା ଧାନ ଓ ଅନ୍ୟ ପୂଜା ସାମଗ୍ରୀ ଆଣି ରଖାଯାଇଥାଏ । ଧାନ,ଗୁଆ,ଫୁଲ ଓ ଦୁବ ପକାଇ କଳସ ବନ୍ଧାଯିବା ପରେ ତାହାକୁ ପୂଜା କରାଯାଇଥାଏ । ଠାକୁରାଣୀଙ୍କ ପୂଜାରୀ ଓ ମାଉଲୀ ମା'ଙ୍କ ପୂଜାରୀ କଳସକୁ ୯ଖିଅ ସୂତାରେ ବାନ୍ଧି ଖଜୁରିପତ୍ରରେ ତିଆରି ହୋଇଥିବା ମୁକୁଟ ଲଗାଇ ସେଥିରେ କାଠଚମ୍ପା ଫୁଲ ମାଳ ଦେଇ ସଜାଇଥାନ୍ତି। ପୂଜାରଣୀ ପିଙ୍ଗଲ ରାଜଗଣ୍ଡ ଏହି କଳସ ଧରୁଥିବାରୁ ତାଙ୍କ ପିନ୍ଧିବା ପାଇଁ ଘାଗରା, କଉଡି ସମସ୍ତ ପ୍ରକାର ଅଳଙ୍କାର ଭିତରଗଡରୁ ପୂଜା ପୀଠକୁ ଅଣାଯାଇଥାଏ । ସେଠାରୁ ପୂଜାରିଣୀ ବସ୍ତ୍ର ଓ ଅଳଙ୍କାର ଧାରଣ କରି ଭିତରଗଡକୁ ଯାଇଥାନ୍ତି। ସେଠାରେ ସୁସଜ୍ଜିତ କଳସକୁ ପୂଜାର୍ଚ୍ଚନା କରିବା ପରେ ପୂଜାରିଣୀ କଳସ ଧରିଥାନ୍ତି। କଳସ ଧରିବା ପରେ ପୂଜାରଣୀ ଓ ପୂଜାରୀଙ୍କ ଉପରେ ହଳଦୀ ପାଣି ଢାଳିବା ପରେ ଗାଁଦାଣ୍ଡ ବୁଲିବାକୁ ବାହାରିଥାନ୍ତି। ସାତପାଲିର ଗାଁ ଲୋକେ ଉପସ୍ଥିତ ରହି ଏହି କଳସ ଯାତ୍ରାର ଶୁଭାରମ୍ଭ କରିଥାନ୍ତି । ଯାତ୍ରାର ମାହାତ୍ମ୍ୟ ପୂଜାରିଣୀ କଳସ ଧରିବା ପରେ ଦୁଇ ଆଖି ବନ୍ଦ କରି ସୁସଜ୍ଜିତ କଳସ ମୁଣ୍ଡରେ ଧରି ଗାଁ ଦାଣ୍ଡରେ ବୁଲନ୍ତି । ପୂଜାରୀ ପରଦେଶୀ ରାଜଗଣ୍ଡ ଓ କଳସ ଧରିଥିବା ପୂଜାରିଣୀ ପ୍ରଥମ ଦିନ ୭ଘର ସାହି ପରିକ୍ରମା କରିଥାନ୍ତି ।ତାହା ପର ଠାରୁ ଠାକୁରାଣୀ ସାହି ପରିକ୍ରମା କରିଥାନ୍ତି । ପ୍ରତିଦିନ ସାହି ପରିକ୍ରମା କରିବା ପୂର୍ବରୁ ଠାକୁରାଣୀ ରାଇଘର ଥାନାରେ ପ୍ରଥମେ ପୂଜା ପାଇଥାନ୍ତି। କାରଣ ପୂର୍ବରୁ ଏଠାରେ ପେଣ୍ଡ୍ରାଣୀ ଠାକୁରାଣୀଙ୍କ ମନ୍ଦିର ରହିଥିଲା। ସାତ ଦିନ ବୁଲିବା ପରେ ୮ମ ଦିନ ବିଶ୍ରାମ ନେଇଥାନ୍ତି। ନବମ ଦିନ ଗାଁ ବୁଲିବା ପରେ ଠାକୁରାଣୀ ତାଙ୍କ ପୀଠକୁ ଫେରିଥାନ୍ତି। ପୀଠରେ କଳସ ଦୁଇ ଦିନ ରହିବା ପରେ ସେହି କଳସକୁ ମା'ଙ୍କ ପୋଖରୀକୁ ପୂଜାରୀ ଓ ୭ଜଣ ସେବାୟତ କନ୍ୟା ନେଇ ଦହି ପଣା, ଫୁଲ ଦୂବ ଓ ଫଳ ପୂଜା କରିବା ପରେ ବିସର୍ଜନ କରିଥାନ୍ତି ।



କଳସୀ ଠାକୁରାଣୀଙ୍କ ପୀଠ ଏବଂ ପୂଜାରିଣୀ କଳସୀ ମୁଣ୍ଡାଇ ଗ୍ରାମ ପରିକ୍ରମା କରୁଛନ୍ତି।

## ଟ୍ରାକ୍ଟର ଓଲଟି ଜଣେ ମୃତ, ରାସ୍ତାରୋକୋ

**ଖଜୁରିପଡା,୧୦।୪(ଡି.ଏନ୍.ଏ.)**

ଖଜୁରିପଡା ବ୍ଲକ ସୁଡୁକୁମ୍ପା ପଞ୍ଚାୟତ ଅଧିନସ୍ତ ବାଘିଆଣ୍ଟ ଠାରେ ଏକ ଟ୍ରାକ୍ଟର ଡାଲା ଅଲଗା ହୋଇ ଓଲଟି ପଡିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବାବେଳେ ୨ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ପରିଚୟ ମିଳିପାରିନାହିଁ। ପ୍ରକାଶ ଯେ, ବୁଧବାର ସନ୍ଧ୍ୟାରେ ଚାରିଛକରୁ ଫୁଲବାଣୀ ଅଭିମୁଖେ ଯାଉଥିବା ସିମେଣ୍ଟ ଓ ଲୁହାଛଡ ବୋଝେଇ ଏକ ନମ୍ବରବିହୀନ ଟ୍ରାକ୍ଟରରୁ ଡାଲା ଅଲଗା ହୋଇ ବାଘିଆଣ୍ଟଠାରେ ଓଲଟି ପଡିଥିଲା। ସିମେଣ୍ଟ ଓ ଲୁହାଛଡ ଡାଲାରେ ବସିଥିବା ୩ଜଣ ଶ୍ରମିକଙ୍କ ଉପରେ ଅଜାଡି ହୋଇ ପଡିଥିଲା। ସ୍ଥାନୀୟଲୋକେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ। ମାତ୍ର ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଯାଇଥିବାବେଳେ ଅନ୍ୟ ୨ଜଣ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ବିଶିପଡା ସଦର ଥାନାଅଧିକାରୀ ରାଧାକାନ୍ତ ସାହୁ ଓ ପୋଲିସ କର୍ମଚାରୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଅବରୋଧ ହଟିଥିଲା। ମୃତଦେହ ଓ ଟ୍ରାକ୍ଟର ଜବତ କରି ପୋଲିସ ତଦନ୍ତ ଚଳାଇଛନ୍ତି।

**ପ୍ରଥମ ପର୍ଯ୍ୟାୟ ନିର୍ବାଚନ**

## ଗଜପତି: ମତଦାନ କରିବେ ୪,୧୮,୧୯୧ ମତଦାତା

**ପାରଳାଖେମୁଣ୍ଡି, ୧୦।୪ (ସ୍ୱ.ପ୍ର.)**

- ମହିଳା ଭୋଟର ୫୧ପ୍ରତିଶତ
- ପୁରୁଷ ଭୋଟର ୪୯ ପ୍ରତିଶତ

ଗଜପତି ଜିଲାର ଦୁଇଟି ବିଧାନସଭା କ୍ଷେତ୍ର ମୋହନା ଓ ପାରଳାଖେମୁଣ୍ଡିରେ ଗୁରୁବାର ବିଧାନସଭା ଏବଂ ବ୍ରହ୍ମପୁର ସାଂସଦୀୟ କ୍ଷେତ୍ର ପାଇଁ ମତଦାନ ହେବ। ଏନେଇ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। ପାରଳାଖେମୁଣ୍ଡି ବିଧାନସଭା ମଣ୍ଡଳୀ ୩ଟି ବ୍ଲକ ଗୋଷାଣୀ, କାଶୀନଗର, ଗୁମ୍ମା ଏବଂ ପାରଳାଖେମୁଣ୍ଡି ପୌରପରିଷଦ ଅଞ୍ଚଳ ସହ କାଶୀନଗର ଏନ୍.ଏ.ସି. ଅଞ୍ଚଳକୁ ନେଇ ଗଠିତ ହୋଇଛି । ଏଠାରେ ମୋଟ ଭୋଟର ସଂଖ୍ୟା ୨ଲକ୍ଷ ୫ ହଜାର ୫୪୬ ରହିଛି। ଏଥିରୁ ପୁରୁଷ ଭୋଟର ୧ଲକ୍ଷ ୧ହଜାର ୨୧୫ ରହିଥିବା ବେଳେ ମହିଳା ଭୋଟର ସଂଖ୍ୟା ୧ଲକ୍ଷ ୪ହଜାର ୩୩୧ ରହିଛନ୍ତି । ସେହିପରି ଜିଲାର ମୋହନା ନିର୍ବାଚନ ମଣ୍ଡଳୀରେ ମୋଟ ଭୋଟର ସଂଖ୍ୟା ୨ଲକ୍ଷ ୧୨ ହଜାର ୬୪୫ ରହିଛି। ସେଥିରୁ ପୁରୁଷ ଭୋଟର ସଂଖ୍ୟା ୧ଲକ୍ଷ ୪ହଜାର ୪ ଏବଂ ମହିଳା ଭୋଟର ସଂଖ୍ୟା ୧ଲକ୍ଷ ୮ ହଜାର ୬୪୧ ରହିଛି । ଏହି ସଂଖ୍ୟା ଅନୁଯାୟୀ ନିର୍ବାଚନ ମଣ୍ଡଳୀରେ ୫୧ ପ୍ରତିଶତ ମହିଳା ଭୋଟର ଏବଂ ୪୯ପ୍ରତିଶତ ପୁରୁଷ ଭୋଟର ରହିଛନ୍ତି। ଏହି ଭୋଟରମାନେ ଉଭୟ ନିର୍ବାଚନମଣ୍ଡଳୀରେ ହୋଇଥିବା ୫୮୩ଟି ବୁଥ୍‌ରେ ମତଦାନ ସାବ୍ୟସ୍ତ କରିବେ। ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ୨୮୬ ଏବଂ ମୋହନା ନିର୍ବାଚନ ମଣ୍ଡଳୀରେ ୨୯୭ଟି ବୁଥ୍ ରହିଛି । ସମସ୍ତ ବୁଥ୍‌କୁ ଅଧିକାରୀମାନଙ୍କୁ ଦାୟିତ୍ୱ ନିର୍ବାହ ପାଇଁ ପଠାଯାଇଛି । ଜିଲାର ମୋଟ ଭୋଟର ସଂଖ୍ୟାର ଶତକଡା ୫୧ ପ୍ରତିଶତ ମହିଳା ଭୋଟ ଦେବାକୁ ଥିବାବେଳେ ୪୯ପ୍ରତିଶତ ପୁରୁଷ ଭୋଟର ରହିଥିବା ଜଣାପଡିଛି।

## ୬୧ ବୁଥ୍‌ରେ ମତଦାନ କରିବେ ୩୭,୧୮୯ ଭୋଟର

**ରାମନାଗୁଡ଼ା, ୧୦।୪(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକରେ ୩୭,୧୮୯ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧୭,୮୨୭ ପୁରୁଷ, ୧୯,୩୪୩ ମହିଳା ଓ ୧୯ କିନ୍ନର ୟ ରହିଛନ୍ତି। ରାମନାଗୁଡ଼ା ବ୍ଲକରେ ମୋଟ ୬୧ଟି ବୁଥ୍ ରହିଛି। ଉକ୍ତ ବୁଥ୍‌ଗୁଡିକ ମଧ୍ୟରୁ ନିଲାମଗୁଡ଼ା ପଞ୍ଚାୟତର ସୁବାଇ, ଗୋଗୁପାଡ଼ ପଞ୍ଚାୟତର ପାଇକିଡାଙ୍ଗ, କାଟିକି, ସୁଲୁପିକୁ ଅତି ସମ୍ବେଦନଶୀଳ ବୁଥ୍‌ଭାବେ ବିବେଚନା କରାଯାଇଛି। ଉକାମ୍ବା, ଭାମିନୀ, ଗୁମଡାଲକ୍ଷ୍ମୀପୁର, ଦେଉଳା, ଗୁଲୁମୁଣ୍ଡା, ରାମନାଗୁଡ଼ା ବୁଥ୍ ସମ୍ବେଦନଶୀଳ ଭାବେ ବିବେଚନା କରାଯାଉଛି। ଦିବ୍ୟାଙ୍ଗ ଓ ଅସହାୟ ଭୋଟରଙ୍କ ପାଇଁ ଗାଡ଼ି ଓ ହୁଇଲ୍ ଚେୟାର ବ୍ୟବସ୍ଥା କରାଯାଇଛି। ସେମାନଙ୍କ ପାଇଁ ପ୍ରତି ବୁଥ୍‌ରେ ୨ଜଣ ଲେଖାଏଁ ନାବାଳକ ସ୍ୱେଚ୍ଛାସେବୀ ଦାୟିତ୍ୱରେ ରହିବେ। କିଛି ଭୋଟରଙ୍କ ନାମ ନିଜ ବୁଥ୍‌ରେ ନଥାଇ ଅନ୍ୟ ଆଡ଼େ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। କଣ୍ଡାକେଶରୀ ଗାଁରେ କିଛି ଭୋଟରଙ୍କ ଚିରୁକୁଟି ପହଞ୍ଚି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ଆଜି ଭୋଟ: ୬ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା

**ଗୁଣପୁର,୧୦।୪(ଡି.ଏନ୍.ଏ.)**

ଗୁରୁବାର ପ୍ରଥମ ପର୍ଯ୍ୟାୟ ମତଦାନ। ଗୁଣପୁର ନିର୍ବାଚନମଣ୍ଡଳୀର ସମସ୍ତ ମତଦାନ କେନ୍ଦ୍ରରେ ପୋଲିଂ ଦଳ ପହଞ୍ଚିଛନ୍ତି। ପୋଲିସ ପ୍ରଶାସନ ଶାନ୍ତିଶୃଙ୍ଖଳାର ସହ ମତଦାନ ପାଇଁ ସମସ୍ତ ପଦକ୍ଷେପ ନେଇଛି। ଗୁଣପୁର ଏବଂ ବିଷମକଟକ ନିର୍ବାଚନମଣ୍ଡଳୀର ଅତି ସମ୍ବେଦନଶୀଳ ମତଦାନ କେନ୍ଦ୍ରରେ ସିସି ଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଛି। ସେପଟେ ଗୁଣପୁର ବିଧାନସଭା ନିର୍ବାଚନ ପାଇଁ ମହିଳା ୧ଲକ୍ଷ ୭ହଜାର ୬୫୮ ଏବଂ ୧ଲକ୍ଷ ୪୯୫ ଜଣ ପୁରୁଷ ଭୋଟର ମତଦାନ କରିବେ। ଗୁଣପୁର ନିର୍ବାଚନ ମଣ୍ଡଳୀ ପାଇଁ ୬ ଜଣ ପ୍ରାର୍ଥୀ ରହିଛନ୍ତି। ଭାଜପାର ଶିଶିର ଗମାଙ୍ଗ, ବିଜେଡିରୁ ଇସ୍ତଫା ଦେଇ ସ୍ୱାଧୀନ ଭାବେ ଲଢୁଥିବା ତ୍ରିନାଥ ଗମାଙ୍ଗ,ବିଜେଡିର ରଘୁନାଥ ଗମାଙ୍ଗ, କଂଗ୍ରେସର ପୁରୁଷୋତ୍ତମ ଗମାଙ୍ଗ, ଭାଜପାର ବିଦ୍ରୋହୀ ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ରାମମୂର୍ତ୍ତି ମୁତ୍ତିକା ଏବଂ ବିଏସ୍‌ପିର କୈଳାସ ଶବରଙ୍କ ଭାଗ୍ୟ ଗୁରୁବାର ଇଭିଏମ୍‌ରେ ବନ୍ଦ ହେବ।

